
# ଆଦିବାସୀ
# ନାଚ ଓ ଗୀତ

## tribal dances & songs

(an exclusive field study on tribal dances & songs of koraput region, Odisha)

ରଂଜନ ପ୍ରଧାନ



ଆମ ଫୁଲ ଫୁଲେସେ
ଚିଡ୍‌ତେ ବିତି ଚିଡେସେ
ଜିଡ୍‌ତେ ବିତି ଜିଡେସେ
ସିରୋଡା ରାଇଦର ଲେଖା
ମାଣ୍ଡ ଝୁଲେସେ

ଧାଙ୍ଗଡ଼ା:
ତେନ୍ତ୍‌ଲି ଫୁଲ୍ ଫୁଲେସେ
ଆମା ଫୁଲ୍ ଫୁଲେସେ
ଚିଡ୍‌ତେ ବିତି ଚିଡେସେ
ଜିଡ୍‌ତେ ବିତି ଜିଡେସେ
ସିରୋଡା ଜେଇତି ଲେଖି
ମାଣ୍ଡ ଝୁଲେସେ

ଧାଙ୍ଗିଡ଼ି:
ତିଲ୍ ଫୁଲ୍ ଫୁଲେସେ
ଆମା ଫୁଲ୍ ଫୁଲେସେ
ଚିଡ୍‌ତେ ବିତି ଚିଡେସେ
ଜି... ବିତି ଜିଡେସେ
ସି... ଶୁକ୍ରା ଲେଖା
... ଲେସେ

... ଫୁଲେସେ
... ଫୁଲେସେ
... ଚିଡେସେ
... ଜିଡେସେ
... ଆଇତି ଲେଖି
... ଫୁଲେସେ

...ାଙ୍ଗିଡ଼ି:
ଅଲ୍‌ସି ଫୁଲ୍ ଫୁଲେସେ
ଆମା ଫୁଲ୍ ଫୁଲେସେ
...ଡ୍‌ତେ ବିତି ଚିଡେସେ
ଜିଡ୍‌ତେ ବିତି ଜିଡେସେ
ସିରୋଡା ରଜନ୍ (ରଞ୍ଜନ) ଲେଖା
ମାଣ୍ଡ ଝୁଲେସେ

ଧାଙ୍ଗଡା:
ବିରି ଫୁଲ୍ ଫୁଲେସେ
ଆମା ଫୁଲ୍ ଫୁଲେସେ



# ଆଦିବାସୀ ନାଚ ଓ ଗୀତ

**tribal dances & songs**

*( an exclusive field study on* tribal dances & songs of koraput region, Odisha)

ରଞ୍ଜନ ପ୍ରଧାନ

Odisha

Digitized by srujanika@gmail.com



ଲେଖକ: ରଞ୍ଜନ ପ୍ରଧାନ

# ଆଦିବାସୀ ନାଚ ଓ ଗୀତ

## tribal dances & songs

( an exclusive field study on tribal dances & songs of koraput region, Odisha)

ପ୍ରକାଶକ : କ୍ରିଏଟିଭ୍ ଓଡ଼ିଶା, ନିଗିନିପୁର, ସାନଜରିଆ,କେନ୍ଦ୍ରାପଡା
ବିତରକ : ପଶ୍ଚିମା ପବ୍ଲିକେଶନ୍‌ସ, ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର-୧୨
ପ୍ରଚ୍ଛଦ : ଅଶୋକ ମହାନ୍ତି, ଫଟୋ : ରଞ୍ଜନ ପ୍ରଧାନ
ମୁଦ୍ରଣ : ଏ.ବି.ଇମେଜିଂ ପ୍ରା.ଲିଃ., ଭୁବନେଶ୍ୱର
ଫଟୋ : ରଂଜନ ପ୍ରଧାନ
ପ୍ରଥମ ମୁଦ୍ରଣ : ୨୦୧୨

ମୂଲ୍ୟ - ୩୯୦ ଟଙ୍କା

Digitized by srujanika@gmail.com

Author : Ranjan Pradhan

**ADIBASI NACHA O' GEETA**
**(tribal dances & songs)**

Published by Creative Odisha, Niginipur, Sanjaria, Kendrapada.
Distribution by Paschima Publications, Bhubaneswar.
Cover : Ashok Mohanty, Photography: Ranjan Pradhan
Printer : A.B.Imaging Pvt. Ltd., Bhubaneswar

1st edition: 2012

Copyright: Author
Photography: Author

**₹ : 390/-**

ISBN - 978-81-89098-62-9

*All rights reserved. No part of this publication may be reproduced or transmitted in any form or by any means, electronic or mechanical, including photocopying, recording or any information storage or retrieval system, without written permission of the copyright owner. No photograph of the book may be reproduced or transmitted in any system without written permission of the author.*

*Author*

Digitized by srujanika@gmail.com

## Some popular quotes on dance, song and music

*Please send me your last pair of shoes, worn out with dancing as you mentioned in your letter, so that I might have something to press against my heart.*

*-Johann Wolfgang von Goethe*

*I would believe only in a God that knows how to dance.*

*-Friedrich Nietzsche*

*Dancing is like dreaming with your feet!*

*-Constanze*

*The truest expression of a people is in its dance and in its music. Bodies never lie.*

*-Agnes de Mille*

*Dancing faces you towards Heaven, whichever direction you turn.*

*-Terri Guillemets*

*Dancers are the messengers of the gods.*

*-Martha Graham*

*Dancing is wonderful training for girls, it's the first way you learn to guess what a man is going to do before he does it.*

*-Christopher Morley, Kitty Foyle*

*Dancing: the vertical expression of a horizontal desire legalized by music.*

*-George Bernard Shaw*

*Dancing with the feet is one thing, but dancing with the heart is another.*

*-Unknown*

*Dancing can reveal all the mystery that music conceals.*

*-Charles Baudelaire*

Digitized by srujanika@gmail.com

*Let us dance in the sun, wearing wild flowers in our hair...*

-Susan Polis Shutz

*Dancing is the poetry of the foot.*

-John Dryden

*Dancing is the loftiest, the most moving, the most beautiful of the arts, because it is not mere translation or abstraction from life; it is life itself.*

-Havelock Ellis

*Dance is the hidden language of the soul.*

-Martha Graham

*Dance is a song of the body. Either of joy or pain.*

-Martha Graham

*The dance is a poem of which each movement is a word.*

-Mata Hari

*Dancing is the world's favorite metaphor.*

-Kristy Nilsson

*Music begins to atrophy when it departs too far from the dance.*

-Ezra Pound

*I see dance being used as communication between body and soul, to express what it too deep to find for words.*

-Ruth St. Denis

*Poetry is to prose as dancing is to walking.*

-John Wain

*They who love dancing too much seem to have more brains in their feet than in their head.*

-Terence

*Socrates learned to dance when he was seventy because he felt that an essential part of himself had been neglected.*

-Source Unknown

*Anyone who says sunshine brings happiness has never danced in the rain.*

-Author Unknown

*The next time you look into the mirror, just look at the way the ears rest next to the head; look at the way the hairline grows; think of all the little bones*

Digitized by srujanika@gmail.com

*in your wrist. It is a miracle. And the dance is a celebration of that miracle.*

*-Martha Graham*

*Dance is the supreme art of the teacher to awaken joy in creative expression and knowledge.*

*-Albert Einstein*

*Learning to walk set you free. Learning to dance gives you the greatest freedom of all: to express with your whole self the person you are.*

*-Melissa Hayden*

*The dance is the mother of the arts. Music and poetry exist in time; painting and architecture in space. But the dance lives at once in time and space.*

*-Curt Sachs*

*"Love is a lot like dancing; you just surrender to the music."*

*-Pierce Brosnon*

*"Dancer's are atgletes of god"*

*-Albert Einstein*

*"Any problem in the world can be solved by dancing."*

*-James Brown*

*The dance is the mother of the arts. Music and poetry exist in time; painting and architecture in space. But the dance lives at once in time and space.*

*-Curt Sachs*

*But let there be spaces in your togetherness and let the winds of the heavens dance between you. Love one another but make not a bond of love: let it rather be a moving sea between the shores of your souls.*

*-Khalil Gibran*

*Never give a sword to a man who can't dance.*

*-Confucius*

*I would rather learn from one bird how to sing than to teach ten thousand stars how not to dance.*

*-e. e. cummings*

*Let your life lightly dance on the edges of Time like dew on the tip of a leaf.*

*-Rabindranath Tagore*

*The dance is strong magic. The dance is a spirit. It turns the body to liquid steel. It makes it vibrate like a guitar. The body can fly without wings. It can*

Digitized by srujanika@gmail.com

*sing without voice. The dance is strong magic. The dance is life.*

*- Pearl Primus*

*Dancing is the body made poetic.*

*- Ernst Bacon*

*Life is one grand, sweet song, so start the music.*

*-Ronald Reagan*

*Most men lead lives of quiet desperation and go to the grave with the song still in them.*

*-Henry David Thoreau*

*Every heart sings a song, incomplete, until another heart whispers back. Those who wish to sing always find a song. At the touch of a lover, everyone becomes a poet.*

*-Plato*

*A bird doesn't sing because it has an answer, it sings because it has a song.*

*-Lou Holtz*

*Life is a song - sing it. Life is a game - play it. Life is a challenge - meet it. Life is a dream - realize it. Life is a sacrifice - offer it. Life is love - enjoy it.*

*-Sai Baba*

*Without a song, each day would be a century.*

*-Mahalia Jackson*

*An honest man's pillow is his peace of mind.*

*- John Cougar Mellencamp, Minutes To Memories*

*And the night shall be filled with music,*
*And the cares that infest the day*
*Shall fold their tents like the Arabs*
*And as silently steal away.*

*-Henry Wadsworth Longfellow*

*He who sings scares away his woes.*

*-Cervantes*

*Music was my refuge. I could crawl into the space between the notes and curl my back to loneliness.*

*-Maya Angelou, Gather Together in My Name*

Digitized by srujanika@gmail.com

*Were it not for music, we might in these days say, the Beautiful is dead.*

-Benjamin Disraeli

*Music is what feelings sound like.*

-Author Unknown

*There's music in the sighing of a reed;*
*There's music in the gushing of a rill;*
*There's music in all things, if men had ears:*
*Their earth is but an echo of the spheres.*

-Lord Byron

*Music is the poetry of the air.*

-Richter

*If I were to begin life again, I would devote it to music. It is the only cheap and unpunished rapture upon earth.*

-Sydney Smith

*Music is the mediator between the spiritual and the sensual life.*

-Ludwig van Beethoven

*I have my own particular sorrows, loves, delights; and you have yours. But sorrow, gladness, yearning, hope, love, belong to all of us, in all times and in all places. Music is the only means whereby we feel these emotions in their universality.*

-H.A. Overstreet

*My idea is that there is music in the air, music all around us; the world is full of it, and you simply take as much as you require.*

-Edward Elgar

*Alas for those that never sing,*
*But die with all their music in them!*

-Oliver Wendell Holmes

*Music is your own experience, your thoughts, your wisdom. If you don't live it, it won't come out of your horn.*

-Charlie Parker

*Music is the wine which inspires one to new generative processes, and I am Bacchus who presses out this glorious wine for mankind and makes them spiritually drunken.*

-Ludwig van Beethoven

*Music is the cup which holds the wine of silence.*

-Robert Fripp

Digitized by srujanika@gmail.com

*Music's the medicine of the mind.*

-John A. Logan

*You are the music while the music lasts.*

-T.S. Eliot

*Music is the universal language of mankind.*

-Henry Wadsworth Longfellow

*Music rots when it gets too far from the dance. Poetry atrophies when it gets too far from music.*

-Ezra Pound

*He who hears music, feels his solitude peopled at once.*

-Robert Browning

*The Irish gave the bagpipes to the Scots as a joke, but the Scots haven't got the joke yet.*

-Oliver Herford

*Music is an outburst of the soul.*

-Frederick Delius

*Music is the art which is most nigh to tears and memory.*

-Oscar Wilde

*Music is what life sounds like.*

-Eric Olson

*Music is the literature of the heart; it commences where speech ends.*

-Alphonse de Lamartine

*When words leave off, music begins.*

-Heinrich Heine

*Music is the shorthand of emotion.*

-Leo Tolstoy

*Music is the medicine of the breaking heart.*

-Leigh Hunt


*Music is love in search of a word.*

-Sidney Lanier

*Music is moonlight in the gloomy night of life.*

-Jean Paul Richter

Digitized by srujanika@gmail.com



# AADI

an exclusive creation of
RANJAN PRADHAN

Digitized by srujanika@gmail.com



ଅବିଭକ୍ତ କୋରାପୁଟ ଜିଲ୍ଲା (ନବରଙ୍ଗପୁର, କୋରାପୁଟ, ମାଲ୍‌କାନ୍‌ଗିରି ଓ ରାୟଗଡ଼ା)ରେ ବସବାସ କରୁଥିବା ବିଭିନ୍ନ ଆଦିବାସୀମାନଙ୍କର ପାରମ୍ପରିକ ନୃତ୍ୟ ଓ ଗୀତ ସମ୍ପର୍କରେ ଏକ ସବିଶେଷ ଅଧ୍ୟୟନ । ଏହି ଚାରୋଟି ଜିଲ୍ଲାରେ ବିଲୁପ୍ତ ହୋଇ ଯାଉଥିବା ଏବଂ ବହୁ ସ୍ୱଳ୍ପଜ୍ଞାତ ଆଦିବାସୀ ନୃତ୍ୟ ସମ୍ପର୍କରେ ଏକ ସବିଶେଷ ତଥ୍ୟଭିତ୍ତିକ ଆକଳନ ଏହି ଅଧ୍ୟୟନରେ ସମ୍ଭବ ହୋଇଛି ।

Digitized by srujanika@gmail.com



ଯେଉଁମାନଙ୍କ ଜୀବନଶୈଳୀ ସଂପର୍କରେ ଅଧିକ ଜାଣିବା ପାଇଁ ମୁଁ ପାଗଳ ହୋଇଛି, ନିଶାସକ୍ତ ହୋଇଛି, ଅଖିଆ ଅପିଆ, ଖରାତରାରେ ବଣ ଡ଼ଙ୍ଗର ବୁଲିଛି, ସେଇ କୋରାପୁଟିଆ ଆଦିମ ଅଧିବାସୀଙ୍କୁ ଓ ସେମାନଙ୍କ ସହ କଟେଇଥିବା ବିରଳ ମୁହୂର୍ତ୍ତମାନଙ୍କୁ...

Digitized by srujanika@gmail.com



# ସୂଚୀପତ୍ର


୧· ନିଜକଥା :
ନାଚ, ଗୀତ ଓ ଆଦିବାସୀଙ୍କ ଗୋଷ୍ଠୀ ଜୀବନ
- ରଞ୍ଜନ ପ୍ରଧାନ : ୨୨

୨· ଢେ଼ମ୍‌ସା ନାଚ : ୩୪

୩· ଦୁରୁଆଙ୍କ 'ଏଡୁ ଏଡୁ' ନାଚ : ୩୮

୪· ଦୁରୁଆମାନଙ୍କ 'ବିର୍ଲି' ନାଚ : ୪୬

୫· ଡ଼ଙ୍ଗରିଆ କନ୍ଧ ନୃତ୍ୟ : ୫୪

୬· ଗଣ୍ଡମାନଙ୍କ ପାରଂପରିକ 'ମାଟି ମନ୍ଦର୍ ନାଚ' : ୬୧

୭· ନବରଙ୍ଗପୁରର ହଂସ ନୃତ୍ୟ : ୭୪

୮· କନ୍ଧ ଓ ପରଜାଙ୍କ 'ଶିକାର ନାଚ' : ୭୭

୯· ମାଲ୍‌କାନ୍‌ଗିରିର କୋୟା ନୃତ୍ୟ : ୮୫

୧୦· ଗାଦ୍‌ବା ନୃତ୍ୟ : ୯୩

୧୧· ବଣ୍ଡା ନୃତ୍ୟ : ୧୦୪

୧୨· ବିରଳ ନୃତ୍ୟ: ନବରଙ୍ଗପୁରର ଘୁଡୁକି ନାଚ : ୧୧୧

୧୩· ନବରଙ୍ଗପୁରର ଲୋକ ନୃତ୍ୟ: 'ଖଣିଙ୍ଗି ନାଚ' : ୧୧୪

୧୪· ନବରଙ୍ଗପୁର ଜିଲ୍ଲାର ଲୋକପ୍ରିୟ 'ଗୁରୁଣ୍ଡି' ନାଚ :୧୧୭


Digitized by srujanika@gmail.com

୧୫· ଶିଙ୍ଗ ବାଇଦ ନାଚ : ୧୨୪
୧୬· ଦଣ୍ଡାରି ନାଚ (କାଠି ନାଚ) : ୧୨୯
୧୭· ନବରଙ୍ଗପୁର ଜିଲ୍ଲାର ଖଟ୍‌ଲା ବାଜା ନାଚ : ୧୩୫
୧୮· ନବରଙ୍ଗପୁର ଜିଲ୍ଲାର ପ୍ରସିଦ୍ଧ 'ପେଟାପର୍ଣ୍ଣୁ ନାଚ' : ୧୩୮
୧୯· ନବରଙ୍ଗପୁରର ପ୍ରସିଦ୍ଧ 'ମାଢ଼ିଆ ନାଚ' : ୧୪୩
୨୦· 'ଶବର ଶବରୁଣୀ' ନାଚ : ୧୪୭
୨୧· ଧୁଡ୍ରା ନାଚ : ୧୫୧
୨୨· ଗୀତ କୁଡ଼ିଆ ଓ ଗୀତ କୁଡ଼ିଆଣୀ: ଗୀତରେ ଗୀତରେ ପ୍ରତିଯୋଗିତା : ୧୫୫
୨୩· ଚଇତ୍ ପରବ୍ ଗୀତ: ଚୈତ୍ର ଗାନ (କିନ୍ତ୍ରି ଗୀତ) : ୧୬୪
୨୪· ପୁଷ୍ ପୁନେଇଁ ନୃତ୍ୟ ଓ ଗୀତ : ୧୭୭
୨୫· ପାନିଆ ଜୁନିଆ ଗୀତ: : ୧୮୨
୨୬· ଛେର୍‌ଛେରା ଗୀତ : ୧୯୧
୨୭· ଲୋକ ଗୀତ: ସାଇଁଲୋଡ଼ି : ୧୯୬
୨୮· କାନ୍ଦୁଲ ଭଜା ଗୀତ : ୨୦୭
୨୯· ଆଦିବାସୀ ସଂସ୍କୃତିରେ 'ଦେଶିଆ ନାଟ' : ୨୦୭
୩୦· ଆଦିବାସୀଙ୍କ ପ୍ରମୁଖ ବାଦ୍ୟଯନ୍ତ୍ର : ୨୧୨
ତୁଙ୍ଗୁତୁଙ୍ଗା : ୨୧୩
ମାଦଲ୍ : ୨୧୪
ଟାମକ୍ : ୨୧୪
ଟଇଁଲା : ୨୧୫
ଢୋଲ : ୨୧୬
ଡିଡ଼ିବିଡ଼ି : ୨୧୭
ଶିଙ୍ଗବାଇଦ : ୨୧୭
ନାଙ୍ଗରାବାଜା : ୨୧୮
ମହୁରୀ : ୨୧୯
ବାଁସି : ୨୧୯

Digitized by srujanika@gmail.com

ଢ଼ାପୁ : ୨୨୦
ଡପା : ୨୨୧
ଝୁମୁକା : ୨୨୧
ଧୁଡୁରା : ୨୨୨
ଚିଟ୍‌କଲି : ୨୨୩
ଖଟ୍‌ଲା : ୨୨୩
ଝିକା : ୨୨୪
ଶିଂଗା : ୨୨୪
କିଡ଼ିଙ୍ଗ : ୨୨୫
ପିନେ : ୨୨୫
ଗୁନୁଙ୍ଗ୍ : ୨୨୬
ଡୁନରକୁପ : ୨୨୬
ନେପ : ୨୨୭
ଗୁଜୁଡୁ ଡୁଡୁ : ୨୨୭

୩୭. Reference : ୨୨୮
୩୮. ରଂଜନ ପ୍ରଧାନଙ୍କ 'ଆଦିବାସୀ ନାଚ ଓ ଗୀତ' ଏକ ଅମୂଲ୍ୟ କୃତୀ
ଡ. ପରମାନନ୍ଦ ପଟେଲ : ୨୩୨

Digitized by srujanika@gmail.com



ଦୁରୁଆ ଗାଁରେ ଲେଖକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ଦୁରୁଆ ଯୁବତୀଙ୍କ ସହ ଲେଖକ

Digitized by srujanika@gmail.com



ଗାଦବା ଯୁବତୀଙ୍କ ସହ ଲେଖକ



ଡଙ୍ଗରିଆ କନ୍ଧ ଯୁବକ ଯୁବତୀଙ୍କ ଗହଣରେ ଲେଖକ

Digitized by srujanika@gmail.com




ଦୁରୁଆ ଯୁବତୀଙ୍କ ସହ ଲେଖକ ଏକ ସୁଖଦ ମୁହୂର୍ତ୍ତରେ ...



ନୃତ୍ୟରତା ବଣ୍ଡା ଯୁବତୀଙ୍କ ସହ ଲେଖକ

Digitized by srujanika@gmail.com

# ନିଜ କଥା



## ନାଚ, ଗୀତ ଓ ଆଦିବାସୀଙ୍କ ଗୋଷ୍ଠୀ ଜୀବନ

ନାଚ ହେଉଛି ପାଦର ଛନ୍ଦ କବିତା । ପାଦକୁ ନେଇ ସ୍ୱପ୍ନ ଦେଖୁଥିବା ମଣିଷ ହିଁ ଭଲ ନାଚିପାରେ । ମାତ୍ର, ବିନା ପାଦରେ କ'ଣ ଜଣେ ଚମତ୍କାର ନୃତ୍ୟ କରିପାରେ ନାହିଁକି? ନାଚିବା ପାଇଁ କେବଳ ଭଲ ପାଦ ଦୁଇଟି ଜରୁରୀ ନୁହେଁ; ଟିକିଏ ବିଭୋରପଣ ଓ ଖୋଲା ହୃଦୟ ଦରକାର । 'ନୃତ୍ୟ ହେଉଛି ଶରୀର ରୂପକ ଅର୍କେଷ୍ଟ୍ରାର ମଧୁମୟ ସଂଗୀତ ଆଉ ଆତ୍ମାର ଗୋପନ ପରିଭାଷା' । ପୁଣି ମଧ୍ୟ ନୃତ୍ୟ ହେଉଛି, ଶରୀରକୁ ଆତ୍ମା ସହ ସଂଯୋଗ କରୁଥିବା ହାଓଡ଼ା ବ୍ରିଜ୍ । ସେହିଭଳି ସଂଗୀତ ହେଉଛି ସଫା ଜହ୍ନରାତି, ପ୍ରେମ ଓ ପ୍ରଣୟର ଶାକାହାର ଓ ଭଂଗା ହୃଦୟକୁ ଯୋଡିବାର ଅବ୍ୟର୍ଥ ଔଷଧ । ନୃତ୍ୟ

Digitized by srujanika@gmail.com

ଓ ସଂଗୀତ ବିନା ମଣିଷର ଜୀବନ ଅଧୁରା କହିଲେ ଠିକ୍ ହେବ । ତେବେ ମଣିଷ କାହିଁକି ନାଚେ? କାହିଁକି ଗୀତ ଗାଏ? ଏହାକୁ ନେଇ ମନରେ ସ୍ୱାଭାବିକ ପ୍ରଶ୍ନଟିଏ ଉଠେ ।

ଅନେକ ଲୋକ ବିନା କିଛି କାରଣରେ ଓ ବିନା କିଛି ଉଦ୍ଦେଶ୍ୟରେ କୌତୁକବଶତଃ ନାଚିଥା'ନ୍ତି ଓ ଗୁଣୁଗୁଣେଇ ଗୀତ ବୋଲିଥାନ୍ତି । ଆଉ କିଛି ଅନ୍ୟମାନଙ୍କୁ ଖୁସି କରିବା ଉଦ୍ଦେଶ୍ୟରେ ବେସୁରା ଗୀତ ଗାଇ ମାହାଳିଆ ନାଚିଥାନ୍ତି । ପ୍ରଥମ ପ୍ରେମର ପହିଲି ସ୍ପର୍ଶରେ ପ୍ରେମିକଟିଏ ଆତ୍ମହରା ହୋଇ ଗୁଣୁଗୁଣେଇ ଗୀତ ଗାଇବା ସାଙ୍ଗକୁ ଦୁଇ ଘେରା ନାଚିଯାଏ । ପ୍ରେମ ପୀଡିତା ତରୁଣୀଟି ମନରେ ମଧ୍ୟ ସମାନୁଭୂତି ସୃଷ୍ଟି ହୋଇଥାଏ । ତା' ଛାତି ତଳର ରଙ୍ଗମଞ୍ଚରେ ନିୟମିତ ନାଚ, ଗୀତର ଆସର ଜମୁଥାଏ । କହିବାକୁ ଗଲେ, ନାଚ ଓ ଗୀତ ପ୍ରେମ ଜୀବନକୁ ଅଧିକ ରଙ୍ଗୀନ ଓ ସୁଖମୟ କରିଥାଏ । ନିଜର ସଫଳତାରେ ଆତ୍ମବିଭୋର ହୋଇ କିଛି ଲୋକ ନାଚି ପକାନ୍ତି । ଚାଷୀଟିଏ, ତା' କ୍ଷେତରେ ହୋଇଥିବା ଭଲ ଫସଲକୁ ଦେଖି ଆନନ୍ଦରେ ନାଚି ଉଠେ । ବିଭାଘର, ବ୍ରତଘର ଭଳି ସାମାଜିକ ଉ ବମାନଙ୍କରେ ଖୁସି ମନେଇବାକୁ ଯାଇ ଆଉ କିଛି ଲୋକ ସୁରା ପାନ ପୂର୍ବକ ନାଚିନାଚି ଥକି ପଡନ୍ତି । ଉ ବ, ପର୍ବପର୍ବାଣୀମାନଙ୍କରେ ସାଧାରଣତଃ ନାଚଗୀତର ଆୟୋଜନ ହୋଇଥାଏ । ପ୍ରାଚୀନ ସଭ୍ୟତାମାନଙ୍କର ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ, ଦେବଦେବୀଙ୍କ ନିକଟରେ ନୃତ୍ୟ ପରିବେଷଣ କରିବା ତତ୍କାଳୀନ ସାମାଜିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପରଂପରା ରହିଥିଲା । ପ୍ରାଚୀନ ଗ୍ରୀକ୍ ସଭ୍ୟତାରେ ମନ୍ଦିର ପରିସରରେ ଉଭୟ ପୁରୁଷ ଓ ମହିଳା ପୂଜକମାନେ ଦେବଦେବୀଙ୍କ ସମ୍ମୁଖରେ ନୃତ୍ୟଗୀତ ପରିବେଷଣ କରୁଥିଲେ । ନୃତ୍ୟ ଓ ଗୀତ ଆଦିମ କାଳରୁ ମଣିଷ ସଭ୍ୟତା ସହ ଯୋଡି ହୋଇ ରହିଛି । ପ୍ରାଚୀନ ଗ୍ରୀକ୍ ସମାଜରେ, ଚାଷୀମାନେ ଫସଲ ଅମଳ (ବିଶେଷକରି ଅଙ୍ଗୁର) କରିବା ପରେ ଦେବତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଚାଷୀ ଓ ଗ୍ରାମବାସୀମାନେ

Digitized by srujanika@gmail.com

ପ୍ରଚୁର ମଦ ପାନ କରି ନୃତ୍ୟର ଆସର ଜମେଇଥାନ୍ତି । ସେମାନେ ଗ୍ରୀସ୍‌ର ପ୍ରସିଦ୍ଧ ଦେବତା 'ଡିଓନିସସ୍' *(god of wine)*ଙ୍କ ସମ୍ମାନାର୍ଥେ ଅଙ୍ଗୁର ମଦ ପିଇ ନାଚିନାଚି ବେଦମ୍ ହୋଇପଡନ୍ତି । ଭାରତରେ ମଧ୍ୟ ଅନେକ ହିନ୍ଦୁ ମନ୍ଦିରରେ ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ନୃତ୍ୟ ଓ ଗୀତର ପରଂପରା ରହି ଆସିଛି । ଭାରତ ପ୍ରସିଦ୍ଧ 'ଭାରତ ନାଟ୍ୟମ୍', ଓଡ଼ିଶାର 'ମାହାରୀ ନୃତ୍ୟ' ଏହାର ଗୋଟିଏ ଗୋଟିଏ ଉଦାହରଣ । ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀ ବେଳକୁ ଗ୍ରୀସ୍‌ରେ ଆରଂଭ ହୋଇଥିବା 'ଅଲଂପିଆ କ୍ରୀଡା'ର ଉଦ୍‌ଘାଟନୀ ଉ ବରେ ନୃତ୍ୟ ଓ ଗୀତର ପରିବେଷଣ କରାଯାଉଥିଲା । ଆଉ ସେହି ନୃତ୍ୟ ପରଂପରା ଗତ ବେଜିଂ ଅଲଂପିକ୍ କ୍ରୀଡା ଉ ବରେ ମଧ୍ୟ ବଳବତ୍ତର ରହିଥିବା ଦେଖିବାକୁ ମିଳିଥିଲା । ପ୍ରାଚୀନ ଗ୍ରୀକ୍ ସଭ୍ୟତାରେ (ଖ୍ରୀଷ୍ଟପୂର୍ବ ୧୪୦୦ ଶତାବ୍ଦୀ) ଚିତ୍ରକଳା ଓ ପଥର ଖୋଦେଇ କାରୁକାର୍ଯ୍ୟଗୁଡିକ ବିଶେଷକରି ନୃତ୍ୟର ବିଭିନ୍ନ ଭଂଗୀ, ମୁଦ୍ରାକୁ ନେଇ ସମୃଦ୍ଧ ଥିଲା । ନୃତ୍ୟ ଓ ଗୀତ ସେତେବେଳେ ସମାଜରେ ପ୍ରଧାନ ଅଙ୍ଗ ଥିବା କଥା ପ୍ରାଚୀନ ଗ୍ରୀକ୍ ସଭ୍ୟତାରୁ ମିଳିଥିବା ଅନେକ *Greek paintings* ରୁ ଜଣାପଡେ । ନୃତ୍ୟର ବିଭିନ୍ନ ମୁଦ୍ରାରେ ଗ୍ରୀକ୍ ରମଣୀଙ୍କୁ ନେଇ ପ୍ରାଚୀନ ଗ୍ରୀକ୍‌ର ଏହି *painting* ଗୁଡିକ ଆଜି ବି ବେଶ୍ ଆକର୍ଷଣୀୟ ମନେହୁଏ । ପ୍ରାଚୀନ କାଳରେ 'ନାଚ' ହିଁ ଜୀବନକୁ ଉପଭୋଗ କରିବାର ଅନ୍ୟ ଏକ ମାଧ୍ୟମ ଥିଲା କହିଲେ ଠିକ୍ ହେବ । ସର୍ବସାଧାରଣରେ ନୃତ୍ୟ, ଗୀତ ପରିବେଷଣ କରି ସାଧାରଣ ଜନତାଙ୍କୁ ଆନନ୍ଦ ପ୍ରଦାନ କରିବା ଥିଲା ତତ୍କାଳୀନ ୟୁରୋପିୟ ସମାଜର ଏକ ପ୍ରମୁଖ ବ୍ୟବସ୍ଥା । ଏହି ବ୍ୟବସ୍ଥାରୁ ହିଁ *European Ballet*ର ସୃଷ୍ଟି ହୋଇଛି ।

ନୃତ୍ୟ ଓ ଗୀତକୁ ବାଦ୍ ଦେଇ ଆଦିବାସୀଙ୍କ ସଂପର୍କରେ କିଛି ବି ଚିନ୍ତା କରାଯାଇ ନ ପାରେ । ନୃତ୍ୟ ଓ ଗୀତ ଆଦିବାସୀ ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ । ବଣ ଜଂଗଲରେ ବସବାସ କରୁଥିବା ଆଦିମ ଅଧିବାସୀମାନେ ପାରଂପରିକ ଉ ବରେ ନାଚ, ଗୀତର ଆସର

Digitized by srujanika@gmail.com

ଜମେଇଥାନ୍ତି । ପାରଂପରିକ ପାନୀୟ ଲନ୍ଦା ହେଉ କି ପେଣ୍ଡମ୍, ମହୁଲି ଟିକେ ମାରିଦେଇ ଆଦିବାସୀମାନେ ନିଜର ଦୁନିଆକୁ ରଙ୍ଗମୟ କରି ଦିଅନ୍ତି । ନାଚିନାଚି ଥକି ପଡନ୍ତି । ସଂଜ ନଇଁଗଲାବେଳକୁ ଆଦିବାସୀ ଗାଁମାନଙ୍କରୁ ତୁଂଗୁତୁଂଗା, ଟଇଁଲା ଓ ମାଦଳରୁ ମଧୁର ଶବ୍ଦର ମୂର୍ଚ୍ଛନା ପବନରେ ଭାସିଆସେ । ଏହା ସହିତ ଭୂତପ୍ରେତଙ୍କୁ ଭଗେଇବା ପାଇଁ ହେଉ କି ଦେବତାଙ୍କୁ ଆବାହନ କରିବା ପାଇଁ ଆଦିବାସୀମାନେ ନୃତ୍ୟ ଓ ଗୀତର ଆସର ଜମେଇଥାନ୍ତି । କାଳିସୀମାନଙ୍କ ଦେହରେ ଦେବଦେବୀଙ୍କ ଆତ୍ମା ସବାର ହେଲେ ସେମାନେ ମୁଣ୍ଡ ବାଳକୁ ମୁକୁଳା କରି ନାଚିଥାନ୍ତି । ଆଦିବାସୀ ଗାଁରେ ପର୍ବପର୍ବାଣୀ ସମୟରେ ଗୁରୁମାଇ ଦେହରେ ଦେବତା ଚେଗିଲେ ସେ ମଧ୍ୟ ଉଦଣ୍ଡ ନାଚ ନାଚିଥାଏ ।

ବୁଝିବାକୁ ଗଲେ ନାଚ, ଗୀତ ଓ ସୁରା, ଏ ତିନିହେଁ କେହି କାହାରିକୁ ଛାଡି ରହି ପାରିବେ ନାହିଁ । ପୁରାଣ କାଳରୁ ଆରମ୍ଭ କରି ଆଜିର ସଭ୍ୟ ସମାଜ ପର୍ଯ୍ୟନ୍ତ, ସବୁଠି ଏମାନଙ୍କର ଆବଶ୍ୟକତା ଅନୁଭବ କରିହୁଏ । ସେ ହୋଇପାରେ ସ୍ୱର୍ଗର ରାଜା ଇନ୍ଦ୍ରଙ୍କ ରାଜସଭାରେ ନୃତ୍ୟରତା ଉର୍ବଶୀ, ରମ୍ଭା ଓ ମେନକାଙ୍କ କାହାଣୀ କିମ୍ବା ବର୍ତ୍ତମାନର ତାରକା ହୋଟେଲ୍‌ମାନଙ୍କରେ ବାର୍ ଗାର୍ଲଙ୍କ ଦ୍ୱାରା ପରିବେଷିତ ବାର୍ ଡ୍ୟାନ୍‌ସ । ଏମିତିକି ବିନା ମହୁଲି, ସଲପ, ଲନ୍ଦା କି ପେଣ୍ଡମ୍‌ରେ ଆଦିବାସୀଙ୍କ ନାଚ, ଗୀତ କ'ଣ ଜମିପାରେ? ଏହା ବିତର୍କସାପେକ୍ଷ ।

ନୃତ୍ୟ ଓ ଗୀତ, ଆଦିବାସୀଙ୍କ ଜୀବନଚର୍ଯ୍ୟାର ଏକ ପ୍ରମୁଖ ଅଂଶ । ପ୍ରକୃତପକ୍ଷେ କହିବାକୁ ଗଲେ ପୃଥିବୀ ପୃଷ୍ଠରେ ଜୀବଜଗତ ସୃଷ୍ଟି ହେଲା ବେଳକୁ ନୃତ୍ୟ ଓ ଗୀତ ସଂପର୍କରେ ମଣିଷର କିଛି ବି ଜ୍ଞାନ/ଧାରଣା ସୃଷ୍ଟି ହୋଇ ନଥିଲା । ମାନବ ଜାତିର କ୍ରମବିକାଶ ସାଥୀରେ ନୃତ୍ୟ, ଗୀତର ବିକାଶ ଘଟିଛି ବୋଲି ଅନୁମାନ କରାଯାଏ । ତେବେ ଏହି ନୃତ୍ୟ ଓ ଗୀତ, ବିଶେଷକରି ବଣ ଜଙ୍ଗଲରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କ ଦ୍ୱାରା

Digitized by srujanika@gmail.com

ସୃଷ୍ଟି ହୋଇଛି ବୋଲି କିଛି କିଛି ଗବେଷକ ମତ ଦିଅନ୍ତି । ଆଜିର ସଭ୍ୟ ମଣିଷ ଯେଉଁ ନୃତ୍ୟ ଗୀତକୁ ନେଇ ଗର୍ବ କରୁଛି ଏବଂ ଚର୍ଚ୍ଚା କରୁଛି, ପ୍ରକୃତରେ ତାହାର ସୃଷ୍ଟିକର୍ତ୍ତା ହେଉଛନ୍ତି ବଣ ଜଙ୍ଗଲରେ ବାସ କରୁଥିବା ଏଇ ଆଦିମ ଅଧିବାସୀ ।

ଯେତେବେଳେ ସଭ୍ୟତାର ବିକାଶ ଘଟି ନଥିଲା, ଶିଳ୍ପ ବିପ୍ଳବ, ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ, ନୀଳ ବିପ୍ଳବ, ଓ ସର୍ବୋପରି ବଜାର, ପୁଞ୍ଜି, ଷ୍ଟକ୍ ମାର୍କେଟ୍, ସଫ୍ଟଓୟାର, ଇଣ୍ଟରନେଟ୍, ବ୍ୟାଙ୍କିଙ୍ଗ୍; ଏସବୁ କୌଣସି ଥିଓରିର ମଧ୍ୟ ଅଭ୍ୟୁଦୟ ଘଟି ନଥିଲା; ସେତେବେଳେ ମଣିଷର ଜୀବନଶୈଳୀ କିଭଳି ଥିଲା? ଏହି ସ୍ୱାଭାବିକ ପ୍ରଶ୍ନଟିଏ ମଣିଷ ମନକୁ ଆନ୍ଦୋଳିତ କରେ । ମଣିଷ ବଣ ଜଙ୍ଗଲରେ ରହୁଥିଲା ଏବଂ ତା' ପାଇଁ ସବୁବେଳେ ହିଂସ୍ରଜନ୍ତୁ ଆକ୍ରମଣର ଭୟ ଥିଲା । ତେଣୁ ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ମଣିଷ ବିଭିନ୍ନ ଉପାୟମାନ ଚିନ୍ତା କଲା । ଏକଲା ମଣିଷଟିଏ ହିଂସ୍ରଜନ୍ତୁଙ୍କ ଆକ୍ରମଣର ମୁକାବିଲା କରିବାକୁ ସକ୍ଷମ ନ ହେବାରୁ କ୍ରମେ ସେ ସଂଘବଦ୍ଧ ହେଲା । ବିଶେଷକରି, ରାତ୍ରୀ କାଳ ହିଁ ଜଙ୍ଗଲରେ ବସବାସ କରୁଥିବା ମଣିଷ ପାଇଁ ସବୁଠୁ ବିପଦପୂର୍ଣ୍ଣ ଥିଲା । ହିଂସ୍ରଜନ୍ତୁଙ୍କୁ ମୁକାବିଲା କରିବା ପାଇଁ ମଣିଷ ବସତି ସ୍ଥାପନ କଲା । କ୍ରମେ ପୁରପଲ୍ଲୀ ସୃଷ୍ଟି ହେଲା । ବନ୍ୟଜନ୍ତୁଙ୍କୁ ଘଉଡାଇବା ପାଇଁ ମଣିଷ ନିଆଁ ଜାଳିଲା । ଏହା ସହିତ ହିଂସ୍ରଜନ୍ତୁଙ୍କୁ ଘଉଡାଇବା ପାଇଁ ମଣିଷ ବିଭିନ୍ନ ଶବ୍ଦର ସାହାରା ନେଲା । ତେବେ ଅଧିକ ସମୟ ପାଟିତୁଣ୍ଡ କରି କରି ମଣିଷ କ୍ରମେ ଥକି ପଡିଲା । ଏହା ପରେ ମଣିଷ ନାନା ପ୍ରକାର ଶବ୍ଦ ସୃଷ୍ଟି ରକିବା ଉଦ୍ଦେଶ୍ୟରେ ବାଦ୍ୟ ଯନ୍ତ୍ରର ଉଦ୍ଭାବନ କଲା । ନିଜକୁ ରାତି ସମୟରେ ସଜାଗ ରଖିବା ପାଇଁ ବାଦ୍ୟଯନ୍ତ୍ରରୁ ବିଭିନ୍ନ ପ୍ରକାର ଶବ୍ଦ ସୃଷ୍ଟି କରିବା ସହିତ ନିଜେ ଅଙ୍ଗଭଂଗୀ ପ୍ରଦର୍ଶନ କରି ନାଚିଲା । କ୍ରମେ ମଣିଷ ବିଭିନ୍ନ ଜଙ୍ଗଲୀ ଜୀବଜନ୍ତୁର ଭାବ ଭଂଗୀକୁ ନେଇ ନାଚ ଆରମ୍ଭ କରିଦେଲା । ଏହି ପ୍ରକାର ନୃତ୍ୟ ବେଶ୍ ଆନନ୍ଦଦାୟକ ମନେହେଲା । କ୍ରମେ ଏଥିରୁ

Digitized by srujanika@gmail.com

ବିଭିନ୍ନ ପ୍ରକାର ପଶୁ ନୃତ୍ୟ *(Animal Dance)*ର ବିକାଶ ଘଟିଲା । ଏବେ ବି ଅବିଭକ୍ତ କୋରାପୁଟ ଜିଲ୍ଲାର ବାଘ ନାଚ, ମିରିଗ ନାଚ, ହଂସ ନାଚ, ମୟୂର ନାଚ, ଶୁଆ ନାଚ, ଘୋଡା ନାଚ ପ୍ରମୁଖ ପଶୁପକ୍ଷୀ ପର୍ଯ୍ୟବସିତ ନୃତ୍ୟ ଏ ଅଞ୍ଚଳରେ ବେଶ୍ ଲୋକପ୍ରିୟ ହୋଇ ରହିଛି ।

ଆଦିବାସୀଙ୍କର ନାଚ, ଗୀତରେ ଏମିତି କିଛି ଦିନ ମଜ୍ଜିଯାଇଥିଲି, ଦିନେ ରାତିରେ ମୁଁ ସ୍ୱପ୍ନଟିଏ ଦେଖିଲି । ଗୋଟିଏ ଆଦିବାସୀ ଗାଁରେ ସାପ ନୃତ୍ୟ ଚାଲିଛି । ମୁଁ ସେହି ନୃତ୍ୟକୁ ମୋ କ୍ୟାମେରାରେ ରେକର୍ଡ କରୁଛି । ଆଦିବାସୀଙ୍କଠାରୁ ସର୍ପ ନୃତ୍ୟ ସଂପର୍କରେ ତଥ୍ୟ ସଂଗ୍ରହ କରୁଛି । ହଠାତ୍ ମୋ ନିଦ ଭାଙ୍ଗିଗଲା । ପ୍ରକୃତରେ ଆଦିବାସୀମାନଙ୍କର ଏମିତି ଏକ 'ସର୍ପ ନୃତ୍ୟ' କ'ଣ ରହିଛି? ଏହା ମୋତେ ବେଶ୍ କିଛି ଦିନ ଆନ୍ଦୋଳିତ କରିଥିଲା । ତେବେ ମୁଁ ଆଜି ପର୍ଯ୍ୟନ୍ତ ବି ସ୍ୱପ୍ନରେ ଦେଖିଥିବା ସେହି 'ସର୍ପ ନୃତ୍ୟ' ସଂପର୍କରେ କିଛି ବି ସୂଚନା ପାଇ ପାରିନାହିଁ । ମୋତେ ଲାଗୁଛି, କୌଣସି ନା କୌଣସି ଆଦିବାସୀ ଗାଁରେ ଏହି 'ସର୍ପ ନୃତ୍ୟ' ପରଂପରା ନିଶ୍ଚିତ ରହିଥିବ ।

ନୃତ୍ୟ ଓ ଗୀତକୁ ବାଦ୍ ଦେଇ ଆଦିବାସୀଙ୍କ ସଂପର୍କରେ କିଛି ବି ଚିନ୍ତା କରାଯାଇ ନ ପାରେ । ଶିକ୍ଷା କ୍ଷେତ୍ରରେ ବହୁ ପଛରେ ଥାଇ ମଧ୍ୟ ଆଦିବାସୀମାନେ ନୃତ୍ୟ ଓ ଗୀତ ମାଧ୍ୟମରେ ଜୀବନକୁ ଉପଭୋଗ କରିଥାନ୍ତି । ନୃତ୍ୟ ଓ ଗୀତ ମାଧ୍ୟମରେ ଆଦିବାସୀଙ୍କ ଗୋଷ୍ଠୀ ଜୀବନ *(community life)* ବେଶ୍ ସମୃଦ୍ଧ ହୋଇଥାଏ । ବିଭାଘର ହେଉକି ଦଶାଘର; ଆଦିବାସୀ ପରିବାରରେ ଶିଶୁଟିଏ ଜନ୍ମ ନେଲେ କିମ୍ବା ମଣିଷର ମୃତ୍ୟୁ ହେଲେ; ସେହିପରି ଚାଷ କାମ, ଧାନ ରୂଆ, ଉପଡା, ଶିକାର, ଫସଲ ଅମଳ, ଭୋଜିଭାତ, ପର୍ବପର୍ବାଣୀମାନଙ୍କରେ 'ନୃତ୍ୟ'ର ନିଶ୍ଚିତ ଆବଶ୍ୟକତା ଥାଏ । ନୃତ୍ୟ ବିନା ଆଦିବାସୀମାନେ ଏସବୁକୁ କ'ଣ ଭଲ ଭାବେ ଉପଭୋଗ କରିପାରିବେ? ଲୋକ ଗୀତ *(folk song)*, ଲୋକ ନୃତ୍ୟ *(folk*

Digitized by srujanika@gmail.com

*dance)* ଓ ଲୋକ ସଂଗୀତ *(folk music)* ହେଉଛି ଆଦିବାସୀ ସଂସ୍କୃତିର ଗୋଟିଏ ଗୋଟିଏ ପ୍ରମୁଖ ଅଂଗ ।

ଦିନସାରା କଠିନ ପରିଶ୍ରମ କରି ଘରକୁ ଫେରିବା ପରେ ଆଦିବାସୀ ଗାଁରେ ସଞ୍ଜ ନଇଁ ଆସେ । ପରଜା, ଗାଦବା, କନ୍ଧ, ଗଣ୍ଡ, ବଣ୍ଡା, କୋୟା ଧାଙ୍ଗଡା, ଧାଙ୍ଗିଡି ନାଚ କରିବାକୁ ଗାଁର ମଧ୍ୟ ସ୍ଥଳ (ବେରଣମୁଣ୍ଡା)ରେ ହାଜର ହୁଅନ୍ତି । ଧାଙ୍ଗଡାମାନେ ସେମାନଙ୍କ ପାରଂପରିକ ବାଦ୍ୟ ଯନ୍ତ୍ରକୁ ସଜାଡ଼ିବାରେ ଲାଗି ପଡନ୍ତି । ପରେପରେ ସନ୍ଧ୍ୟା ତମାମ୍ ନାଚ ଗୀତରେ ମୁଖରିତ ହୋଇ ପଡେ ଆଦିବାସୀ ପଲ୍ଲୀଭୂଇଁ । ନୃତ୍ୟର ତାଳେତାଳେ ଆଦିବାସୀ ଗାଁଗୁଡିକ ପ୍ରକଂପିତ ହୋଇ ଉଠେ । ପ୍ରକୃତରେ ଏ ଦୃଶ୍ୟ ଓ ମୁହୂର୍ତ୍ତସବୁ ବିରଳ ଓ ମୂଲ୍ୟବାନ୍ । ଆଜିର ଏ ବିଚିତ୍ର ଦୁନିଆରେ କେତେଜଣ ତଥାକଥିତ ବୁଦ୍ଧିଜୀବି ଏସବୁର ଧାର ଧାରନ୍ତି? ସେୟାର୍ ମାର୍କେଟ୍, ଟଙ୍କା, ଗାଡି, ବଙ୍ଗଳା, ଧନ ପଛରେ ଧାଇଁ ଧାଇଁ ଆଜିର ମଣିଷ ନିଜେ ଏକ ମେସିନ୍ ପାଲଟିଛି । ଆଜି ମଣିଷ ପାଖରେ ସମୟ ନାହିଁ କୁଆଁର ପୂନେଇଁର ଗୋଲ୍ ଜହ୍ନକୁ ଦେଖିବାକୁ । ସନ୍ଧ୍ୟାରେ ସୂର୍ଯ୍ୟ ବୁଡି ଯାଉଥିବାର ଦୃଶ୍ୟ ହେଉକି ଚାଳରେ ବସିଥିବା ଘରଚଟିଆ, ପାଚିଲା ଧାନ କ୍ଷେତ, ଧାନଖଳାରେ ମଡ଼ା ଯାଇଥିବା ସୁନ୍ଦର ସୁନ୍ଦର ଧାନଗଦା, ଧାନ ସାଉଁଟା, ମାଛଧରା ଦୃଶ୍ୟ ଦେଖିବାକୁ କେତେ ଲୋକଙ୍କ ପାଖରେ ସମୟ ଅଛି? ସବୁବେଳେ କଂପ୍ୟୁଟର ସାମ୍ନାରେ ବସି, ଫାଇଲ୍ ଭିତରେ ବୁଡି ରହି, ଗେମ୍ ଖେଳି ହେଉ କି ଅଜଣା ବାନ୍ଧବୀ ସହ ଇଣ୍ଟରନେଟ୍ ଚାର୍ଟିଂ କରି ସମୟତକ ସାରି ଦିଅନ୍ତି ଆଜିର ଆଇ.ଟି (କଂପ୍ୟୁଟର) ମଣିଷମାନେ । ମୁଁ ଆଇ.ଟିକୁ ବିରୋଧ କରୁନି । ତା' ବିନା ମଣିଷର ବିକାଶ ଅସମ୍ଭବ । ତେବେ ସୂର୍ଯ୍ୟ ବୁଡି ଯାଉଥିବା ଦୃଶ୍ୟ ଦେଖିବା କ'ଣ ପାପ? ଆଜିର ମଣିଷ ପାଖରେ ସମୟ ନାହିଁ ପ୍ରକୃତିର ଏହିସବୁ ଅଫୁରନ୍ତ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ । ସତରେ କେତେ ଅସହାୟ ଆଜିର ସଭ୍ୟ ମଣିଷ । ସେ ଦୃଷ୍ଟିରୁ ଦେଖିବାକୁ ଗଲେ ବଣ ଜଙ୍ଗଲରେ ରହୁଥିବା

Digitized by srujanika@gmail.com

ବନବାସୀ, ଆଦିବାସୀମାନେ ବେଶ୍ ସୁଖୀ ଓ ଭାଗ୍ୟବାନ୍ । ବଣ, ଜଙ୍ଗଲରେ ଏହି ବନବାସୀଙ୍କ ସହ କାମ କଲାବେଳେ ମୁଁ ଅନେକବାର ଏମାନଙ୍କ ଭଳି ବନବାସୀ ହୋଇଯିବାକୁ ଇଚ୍ଛା କରିଛି । ପ୍ରକୃତରେ ଏ ଜନ୍ମରେ ତାହା କ'ଣ ସମ୍ଭବ? ଯଦି ହୋଇପାରେ ଆର ଜନ୍ମରେ!

ନୃତ୍ୟ ଓ ଗୀତ ବିନା ବନବାସୀ, ଆଦିମ ଅଧିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନ ଅସଂପୂର୍ଣ୍ଣ ।

ଆଦିବାସୀଙ୍କ ନୃତ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ-

୧· ଧାର୍ମିକ ଅନୁଷ୍ଠାନରେ ପରିବେଷିତ ନୃତ୍ୟ

୨· ମନୋରଞ୍ଜନଧର୍ମୀ ନୃତ୍ୟ

ପରଜାଙ୍କ ଚଇତ୍ ପରବ୍, ବେଣ୍ଟ ଯାତ୍ରା, ପୁଷ୍ ପୂନେଇଁ ହେଉ କି କୋୟାମାନଙ୍କ ବିଜା ପାଣ୍ଡୁମ୍ (ଚଇତ୍ ପରବ୍) କିମ୍ବା କର୍ଡ଼ା ପାଣ୍ଡୁମ୍ (ନୂଆଖିଆ ପରବ୍) ଆଦି ନୃତ୍ୟ ଧାର୍ମିକ ଅନୁଷ୍ଠାନରେ ପରିବେଷିତ ନୃତ୍ୟ ଶ୍ରେଣୀର ଅନ୍ତର୍ଭୁକ୍ତ । ଏହି ନାଚସବୁ ପର୍ବପର୍ବାଣୀ ସମୟରେ ପରିବେଷଣ କରାଯାଇଥାଏ । ପରବ୍ ସମୟରେ ମୁଖ୍ୟତଃ ଶିରା ଯାତ୍ରା, ଗୁରୁମାଇ, ବେଜୁଣୀ ନାଚର ଆୟୋଜନ କରାଯାଇଥାଏ । ନବରଙ୍ଗପୁର ଓ କୋରାପୁଟ ଅଞ୍ଚଳର ଆଦିବାସୀ ଗାଁମାନଙ୍କରେ ପ୍ରତି ଦୁଇ ତିନି ବର୍ଷରେ ଥରେ ବାଲି ଯାତ୍ରା ପାଳନ କରାଯାଇଥାଏ । ବାଲିଯାତ୍ରା ଏଠାକାର ଅଧିବାସୀଙ୍କର ଏକ ପ୍ରମୁଖ ଧାର୍ମିକ ଉ   ବ । ଏଥିରେ କାଳିସୀମାନେ ମୁଣ୍ଡ ବାଳକୁ ମୁକୁଳା କରି ବାଦ୍ୟର ତାଳେତାଳେ ନାଚିଥାନ୍ତି । ଏହାକୁ 'କାଳିସୀ ନାଚ' କୁହାଯାଏ । 'କାଳିସୀ ନାଚ' ମାଧ୍ୟମରେ ଦେବଦେବୀଙ୍କୁ ଆବାହନ କରାଯାଏ ।

ଅପରପକ୍ଷେ, ନୃତ୍ୟର ଗଠନ *(formation)* ଦୃଷ୍ଟିରୁ ଅବିଭକ୍ତ କୋରାପୁଟ ଅଞ୍ଚଳର ଆଦିବାସୀ ନୃତ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇପାରେ

କ) ଦଳଗତ ନୃତ୍ୟ *(group dance)*

Digitized by srujanika@gmail.com

ଖ) ଯୋଡି ନୃତ୍ୟ *(couple dance)*

ଖ) ଏକକ ନୃତ୍ୟ *(single dance)*

ଅବିଭକ୍ତ କୋରାପୁଟ ଅଞ୍ଚଳର ପ୍ରସିଦ୍ଧ ଆଦିବାସୀ ନୃତ୍ୟ 'ଢେମ୍‌ସା' ହେଉଛି ଏକ ଦଳଗତ ନୃତ୍ୟ । ସେହିପରି କୋୟା ନୃତ୍ୟ, ବଣ୍ଡା ନୃତ୍ୟ, ଗଣ୍ଡମାନଙ୍କର 'ମାଟିମନ୍ଦର ନୃତ୍ୟ' ଡ଼ଙ୍ଗରିଆ କନ୍ଧ ନୃତ୍ୟ ଆଦି ବିଭିନ୍ନ ଦଳଗତ ନୃତ୍ୟର ଉଦାହରଣ । ଶବର-ଶବରୁଣୀ ନୃତ୍ୟ, ହଂସ ନୃତ୍ୟ, ନବରଙ୍ଗପୁରର ଖଣିଙ୍ଗି ନୃତ୍ୟ, ଘୁଡୁକି ନୃତ୍ୟ ଭଳି କିଛି ନୃତ୍ୟ 'ଯୋଡି ନୃତ୍ୟ' ପର୍ଯ୍ୟାୟର । ଏହି ଧରଣର ନାଚରେ ଦୁଇ ଜଣ ପ୍ରମୁଖ ସଦସ୍ୟ ମଞ୍ଚ ଉପରେ କିମ୍ବା ଖୋଲା ପଡିଆରେ ନୃତ୍ୟ ପରିବେଷଣ କରିଥାନ୍ତି । ତେବେ 'ଏକକ ନୃତ୍ୟ' କୋରାପୁଟ ଅଞ୍ଚଳର ଆଦିବାସୀ ସମାଜରେ କେଉଁଠି ଦୃଶ୍ୟ ହୋଇ ନଥାଏ । କାରଣ ପୂର୍ବରୁ କୁହାଯାଇଛି, ଆଦିବାସୀଙ୍କର ନୃତ୍ୟ ମୁଖ୍ୟତଃ ଗୋଷ୍ଠୀଗତ ନୃତ୍ୟ ପର୍ଯ୍ୟାୟର । ନୃତ୍ୟ ମାଧ୍ୟମରେ ହିଁ ସେମାନଙ୍କର ଗୋଷ୍ଠୀ ଜୀବନ ସମୃଦ୍ଧ ହୋଇଥାଏ ।

ଅବିଭକ୍ତ କୋରାପୁଟ ଅଞ୍ଚଳର ଆଦିବାସୀମାନେ ଆଉ କିଛି ନୃତ୍ୟ, ବର୍ଷର ବିଭିନ୍ନ ସମୟରେ ପରିବେଷଣ କରିଥାନ୍ତି । ନିଜ ଅଞ୍ଚଳକୁ କେହି ରାଜନେତା କିମ୍ବା ରାଜ ପାରିଷଦ ଭ୍ରମଣରେ ଆସିଥିଲେ, ତାଙ୍କ ସମ୍ମାନାର୍ଥେ ଆଦିବାସୀମାନେ ନୃତ୍ୟ, ଗୀତର ଆୟୋଜନ କରିଥାନ୍ତି । ବିଭିନ୍ନ ପ୍ରକାର ଯାନିଯାତରା; ନବରଙ୍ଗପୁରର ଲୋକ ମହୋ ବ 'ମଣ୍ଡେଇ' ହେଉ କି କୋରାପୁଟର 'ପରବ୍‌', ମାଲ୍‌କାନଗିରିର 'ମାଲ୍ୟବନ୍ତ ମହୋ ବ' ଏସବୁ ସମୟରେ ଆଦିବାସୀମାନେ ସେମାନଙ୍କ ନୃତ୍ୟ ଗୀତର ଆୟୋଜନ କରିଥାନ୍ତି । ଏହା ଛଡା ବିଭାଘର, ଦଶାଘର, ଶିଶୁ ଜନ୍ମ ଉ ବମାନଙ୍କରେ ଆଦିବାସୀମାନେ ସେମାନଙ୍କର ପାରଂପରିକ ନୃତ୍ୟ ପରିବେଷଣ କରିଥାନ୍ତି ।

ଏସବୁ ନୃତ୍ୟ ପର୍ଯ୍ୟାୟ ବ୍ୟତୀତ ଅବିଭକ୍ତ କୋରାପୁଟ ଅଞ୍ଚଳର ଆଦିବାସୀମାନଙ୍କ ନୃତ୍ୟଗୁଡିକୁ ନିମ୍ନୋକ୍ତ ଶ୍ରେଣୀରେ ବିଭକ୍ତ

Digitized by srujanika@gmail.com

କରାଯାଇପାରେ-

୧· ଶିକାର ନୃତ୍ୟ *(war & hunt dance)*

୨· ପର୍ବଭିତ୍ତିକ ନୃତ୍ୟ *(sacred dance)*

୩· ସାମାଜିକ ନୃତ୍ୟ *(social dance)*

୪· ବିବାହ ନୃତ୍ୟ *(marriage dance)*

୫· ମୃତ୍ୟୁକାଳୀନ ନୃତ୍ୟ *(funeral dance)*

୬· ପଶୁପକ୍ଷୀ ନୃତ୍ୟ *(animal & bird dance)*

୭· ଋତୁଭିତ୍ତିକ ନୃତ୍ୟ *(seasonal dance)*

ଆଦିବାସୀମାନଙ୍କର ପାରଂପରିକ ନୃତ୍ୟ ଓ ଅନ୍ୟାନ୍ୟ ସାଧାରଣ ବର୍ଗଙ୍କ ନୃତ୍ୟ ମଧ୍ୟରେ ଅନେକ କିଛି ସାମଞ୍ଜସ୍ୟ ଲକ୍ଷ୍ୟ କରିହୁଏ । ସାଧାରଣ ନୃତ୍ୟରେ ତାଳ *(beats)* ଓ ଲୟ *(tempo)* ମଧ୍ୟରେ ଯେପରି ଉତ୍ତମ ସଂଯୋଗ ରହିଥାଏ, ସେମିତି ଆଦିବାସୀଙ୍କ ନାଚରେ ତାଳ ଓ ଲୟ ମଧ୍ୟରେ ଉତ୍ତମ ବୁଝାମଣା ଲକ୍ଷ୍ୟ କରାଯାଏ । ଆଦିବାସୀଙ୍କ ନାଚରେ ପଦପାତ *(steps)* ଓ ପଦଚାଳନା *(footwork)* ମଧ୍ୟରେ ଉତ୍ତମ ସଂପର୍କ ରକ୍ଷା କରାଯାଇଥାଏ । ଯଦିଓ ଆଦିବାସୀମାନେ ଅଶିକ୍ଷିତ ଓ ପାରଂପରିକ, ତଥାପି ସେମାନଙ୍କ ନୃତ୍ୟ ବିଜ୍ଞାନସମ୍ମତ । 'ଓଡ଼ିଶୀ ନୃତ୍ୟ'ରେ ନର୍ତ୍ତକ, ନର୍ତ୍ତକୀମାନେ ଘୁଂଗୁର ବ୍ୟବହାର କରୁଥିବାବେଳେ ଆଦିବାସୀଙ୍କ ଅଧିକାଂଶ ନୃତ୍ୟରେ ଘୁଂଗୁରର ବ୍ୟବହାର ହୋଇଥାଏ । ଅନ୍ୟ ଆଧୁନିକ ନୃତ୍ୟ ଭଳି ଆଦିବାସୀମାନେ ମଧ୍ୟ ବିଭିନ୍ନ ମୁଦ୍ରା *(mudra)*ରେ ନୃତ୍ୟ ପରିବେଷଣ କରିଥାନ୍ତି ।

ଅବିଭକ୍ତ କୋରାପୁଟ ଅଞ୍ଚଳର ଆଦିବାସୀମାନଙ୍କର ସଂସ୍କୃତି, ପରଂପରା, ରୀତିନୀତି, ପାରଂପରିକ ନୃତ୍ୟ, ଲୋକ ଗୀତ ସଂଗ୍ରହ, ହଜି ଯାଉଥିବା କିଛି ବିରଳ ନୃତ୍ୟ, ସେମାନଙ୍କର ବାଦ୍ୟଯନ୍ତ୍ର ସଂପର୍କରେ ଏକ ପ୍ରାଞ୍ଜଳ ଅଧ୍ୟୟନ ଏହି ଗ୍ରନ୍ଥରେ ସମ୍ଭବ ହୋଇଛି । ଆଦିବାସୀ ସମାଜରେ ବିଭିନ୍ନ ପ୍ରକାର ଗୀତ ରହିଛି । ବିଭାଘର ଗୀତ, ଦଶାଘର ଗୀତ, ଶିଶୁ ଜନ୍ମ ଗୀତ, ବର୍ଷା ଗୀତ, ପୁଷ୍ ପୁନେଇଁ

Digitized by srujanika@gmail.com

ଗୀତ, ପାନିଆଜୁନିଆ ଗୀତ, ଛେର୍‌ଛେରା ଗୀତ, ଚଇତ ପରବ୍ ଗୀତ, ଶିକାର ଗୀତ, ଧାନ ରୁଆ ଗୀତ ଆଦି ବିଭିନ୍ନ ପ୍ରକାର ପାରଂପରିକ ଗୀତ ଆଦିବାସୀ ସମାଜରେ ଦେଖିବାକୁ ମିଳିଥାଏ । ଏହି ଗ୍ରନ୍ଥରେ ବିଭିନ୍ନ ପ୍ରକାର ନୃତ୍ୟ ସମ୍ବଳିତ କିଛି ସୁନିର୍ବାଚିତ ଗୀତ ସଂଗ୍ରହ ସମୃଦ୍ଧ ହୋଇଛି । ସବୁଠୁ ବଡ଼ ଦୁଃଖର କଥା ହେଉଛି, ଆଦିବାସୀଙ୍କ ଏହି ବିରଳ ନୃତ୍ୟ ଓ ଗୀତ ଆଜି ବିଲୁପ୍ତ ହୋଇଯିବାକୁ ବସିଛି । ପାରଂପରିକ ଲୋକନୃତ୍ୟ, ଗୀତ ଭଳି ଏହି ଧରଣର 'ଅନୁଭବ୍ୟ ଐତିହ୍ୟ' *(intangible heritage)*ର ସଂରକ୍ଷଣ ଏବେ ଅନିର୍ବାର୍ଯ୍ୟ ହୋଇ ପଡିଛି । ଦିନ ଥିଲା ଓଡ଼ିଆ ସାଧବମାନେ ବାଣିଜ କରିବାକୁ ସାତ ଦରିଆ ପାର ହୋଇ ଯାଉଥିଲେ କିମ୍ବା ଓଡ଼ିଆ ଗ୍ରାମ୍ୟ ସଂସ୍କୃତିର ପ୍ରାଚୀନତମ ସ୍ୱାକ୍ଷର ବହନ କରିଆସୁଥିଲା ଗାଁ ଭାଗବତ ଟୁଙ୍ଗୀ । ହେଲେ ଆଜି ସେସବୁ ଅତୀତ ଓ ଇତିହାସ । ଏହି ଧରଣର ଐତିହ୍ୟକୁ ଆମେ 'ଅନୁଭବ୍ୟ ଐତିହ୍ୟ' *(intangible heritage)* ବୋଲି କହୁଛୁ । ସେମିତି କୋରାପୁଟିଆ ଆଦିବାସୀଙ୍କ 'ଢେମ୍‌ସା' ନାଚ କି କନ୍ଧ ପରଜାଙ୍କ 'ଶିକାର' ନାଚ ହେଉ କି ଦୁରୁଆଙ୍କ 'ଏତୁଏତୁ' ନାଚ, ଗଣ୍ଡଙ୍କ 'ମାଟି ମନ୍ଦର୍' ନାଚ ଦିନେ ଏଭଳି ଅତୀତ ହେବାକୁ ଆଉ କମ୍ ଦିନ ବାକି ଅଛି । କୋରାପୁଟିଆ ଆଦିବାସୀଙ୍କର ଏହି ଲୋକ ନାଚଗୁଡିକ ଅତୀତ ହୋଇଯିବା ପୂର୍ବରୁ ଏହାର ଉପଯୁକ୍ତ ସଂରକ୍ଷଣର ଆବଶ୍ୟକତା ରହିଛି । ଏ ଦିଗରେ ମୋର ଏଇ ସାମାନ୍ୟ ଅବଦାନକୁ ଈଶ୍ୱରଙ୍କ ଆଶିର୍ବାଦ ବୋଲି ମନେ କରାଯାଇପାରେ । ତେବେ ସରକାରୀସ୍ତରରେ ହେଉକି ବିଶ୍ୱସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନମାଧ୍ୟମରେ ଏହି ଆଦିବାସୀ ଲୋକନୃତ୍ୟଗୁଡିକୁ ସଂରକ୍ଷଣ କରାଯାଇ ରଖାଯିବା ବର୍ତ୍ତମାନ ସମୟ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମନେ କରାଯାଏ ।

ଆଦିବାସୀଙ୍କ ନୃତ୍ୟ ଓ ଗୀତ ସଂପର୍କରେ ଏହି ଅଧ୍ୟୟନ ସମୟରେ ବହୁ ଲୋକ ମୋତେ ସହଯୋଗର ହାତ ବଢେଇଛନ୍ତି । ତେନ୍ତୁଳିଖୁଣ୍ଟି ବ୍ଳକ୍ ଅନ୍ତର୍ଗତ ପଣସପଦର ଗାଁର ପରଜା ନାଚଗୁରୁ କୁମନ ମୁଦୁଲି (ପେଟାପର୍ଣ୍ଣ ନାଚ), ନନ୍ଦହାଣ୍ଡି ବ୍ଳକ୍‌ର ଏକାମ୍ବା ଗ୍ରାମର


Digitized by srujanika@gmail.com

ନାଟ ଗୁରୁ ନରେନ୍ଦ୍ର ଅମାନାତ୍ୟ (ହଂସ ନୃତ୍ୟ), ରାଇଘର ବ୍ଲକ୍ ଅନ୍ତର୍ଗତ ସୋନପୁର ଗାଁର ଗଣ୍ଡନାଚ ଗୁରୁ ମସୁରାମ ଗଣ୍ଡ (ମାଟି ମନ୍ଦର ନାଚ), ମାଲ୍‌କାନ୍‌ଗିରି ଜିଲ୍ଲାର ଇରାଲ୍‌ଗୁଣ୍ଡି ଗାଁର କୋୟା ନାଟଗୁରୁ ରାମ ପ୍ରସାଦ ମତ୍‌କାମି (କୋୟା ନାଚ), ତେନ୍ତୁଳିଖୁଣ୍ଟିର ଶୁକୁ ମାଝୀ, ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ଶରଣପୁର ଗାଁର ଜଗନ୍ନାଥ ଭତରା, ମୋର ଅଗ୍ରଜ ନବରଙ୍ଗପୁରର ଜଗନ୍ନାଥ ରଥ, ଆଦିବାସୀ ସଂଗ୍ରହାଳୟର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ମୋର ପ୍ରିୟ ଶିକ୍ଷକ ଉମାକାନ୍ତ ଦାଶ, କବି ପ୍ରଦୀପ କୁମାର ମିଶ୍ର, କୋରାପୁଟ ଆଦିବାସୀ ସଂଗ୍ରହାଳୟର ପ୍ରକାଶ ଚନ୍ଦ୍ର କରଙ୍କ ସହଯୋଗ ଭୁଲି ହେବନାହିଁ । ଯେଉଁମାନେ ଭିନ୍ନଭିନ୍ନ ସମୟରେ ଭିନ୍ନଭିନ୍ନ ଗାଁମାନଙ୍କରେ ମୋ ସହିତ ଉପସ୍ଥିତ ରହି ଆଦିବାସୀଙ୍କର ଏହି ବିରଳ ତଥା ଲୋକପ୍ରିୟ ନୃତ୍ୟ ଓ ଗୀତ ସଂପର୍କରେ ବହୁ ତଥ୍ୟ ପ୍ରଦାନ କରିଛନ୍ତି, ସେମାନଙ୍କ ନିକଟରେ ମୁଁ ଚିରଋଣୀ ।

ମୁଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବହୁବର୍ଷ ବିତେଇଛି । ଏ ମାଟିର ପାଣି, ପବନ ସାଙ୍ଗରେ ନିଜକୁ ସାମିଲ୍ କରିଛି । ଆଦିବାସୀଙ୍କ ସାଙ୍ଗରେ ମିଶି ମହୁଲି ପିଇଛି, କୁକୁଡା ମାଂସ ଖାଇଛି, ରାତିରେ ସେମାନଙ୍କ ସାଥୀରେ ଜହ୍ନ ଆଲୁଅ ତଳେ ଭୂମି ଉପରେ ଦଉଡିଆ ଖଟରେ ଶୋଇଛି । ପୁଷ୍ ପୁନେଇଁର ହାତଥରା ଶୀତରେ ଆଦିବାସୀ ଗାଁରେ ରାତି କଟେଇଛି, ରାତି ତମାମ୍ ଜଳୁଥିବା କାଠଗଣ୍ଡିର ନିଆଁରେ ଶେକି ହୋଇଛି ଏବଂ ଚଇତ୍ ପରବ୍ ବେଳେ ଆଦିବାସୀ ଗାଁରୁ ବସନ୍ତ ଋତୁର ମଜା ଉଠେଇଛି । ମୋ ହୃଦୟରେ ପରଜା, କନ୍ଧ, କୋୟା, ଗାଦବା, ଗଣ୍ଡ ଆଦିବାସୀ ତରୁଣ, ତରୁଣୀମାନେ ବସା ବାନ୍ଧିଛନ୍ତି । ସେମାନେ ମୋତେ ଭଲ ପାଇଛନ୍ତି ଓ ମୁଁ ସେମାନଙ୍କୁ ପ୍ରେମ କରିଛି । କ୍ରମେ ଗଢି ଉଠିଛି ସେମାନଙ୍କ ଓ ମୋ ଭିତରେ ମଧୁର ସଂପର୍କ । ଏହି ସଂପର୍କ ହିଁ ମୋତେ ସେମାନଙ୍କ ବିଷୟରେ ଅଧ୍ୟୟନ କରିବାକୁ ବିଶେଷ ଭାବେ ଉ ।ହିତ କରିଛି ।

–ରଞ୍ଜନ ପ୍ରଧାନ

Digitized by srujanika@gmail.com



## ଢେମ୍‌ସା ନାଚ

## (Dhemsa, the popular tribal folk dance)

'ଢେମ୍‌ସା' ହେଉଛି ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀମାନେ ପରିବେଷଣ କରୁଥିବା ଏକ ପ୍ରମୁଖ ଲୋକପ୍ରିୟ ଲୋକନୃତ୍ୟ । ପରଜା ଓ ଭତରାମାନେ ମୁଖ୍ୟତଃ ଏହି ନାଚ ପରିବେଷଣ କରିଥାନ୍ତି । ତେବେ ପରଜାମାନଙ୍କର ଏହା ଏକ ପ୍ରମୁଖ ନାଚ । ଏହା ଏକ ଗୋଷ୍ଠୀ ବା ଦଳଗତ ନୃତ୍ୟ *(group dance)* ।

'ଢେମ୍‌ସା ନାଚ'ରେ ମୁଖ୍ୟତଃ ଧୁମ୍‌ସା, ବଡ଼ ନାଗରା ବା ଟାମକ୍, ଢୋଲ, ଢାପ, ମହୁରୀ ପ୍ରମୁଖ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥାଏ । ତେବେ 'ଧୁମ୍‌ସା' ହେଉଛି ଏହି ନୃତ୍ୟରେ ବ୍ୟବହାର କରାଯାଉଥିବା ମୁଖ୍ୟ ବାଦ୍ୟ । ଏହି ବାଦ୍ୟଯନ୍ତ୍ରଟି ନିଦା କାଠଗଣ୍ଡିରୁ ତିଆରି ହୋଇଥାଏ ଏବଂ ଏହା ଦେଖିବାକୁ ଟାମକ୍ ବା ନାଗରା ସଦୃଶ । ଏହାର ମୁହଁରେ ଗୋରୁ ଚମଡା ଛାଉଣି କରାଯାଇଥାଏ । ଚମଡାର ମଧ୍ୟ ଭାଗରେ କଳା ରଙ୍ଗର ଜଡ଼ା ତେଲର ମଇଳା ଅଂଶକୁ ବୋଳାଯାଇଥାଏ; ଯାହାକୁ କିରଣ ବା 'ଗାଦ୍' କୁହାଯାଏ । ଗାଡି ଟାୟାରରୁ କଟାଯାଇ ପ୍ରସ୍ତୁତ କରାଯାଇଥିବା ଦୁଇ ଖଣ୍ଡ ରବର ସାହାଯ୍ୟରେ ଏହାକୁ ବଜାଯାଏ । 'ଧୁମ୍‌ସା' ଶବ୍ଦରୁ ହୁଏତ 'ଢେମ୍‌ସା' ନୃତ୍ୟର ନାମକରଣ ହୋଇଛି । ଧୁମ୍‌ସା ବ୍ୟତୀତ ଏହି ନାଚରେ

Digitized by srujanika@gmail.com

ମହୁରୀ, ତିଡ଼ିବିଡ଼ି, ଝୁମୁକା ଭଳି ଅନ୍ୟ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥାଏ । ଢେମ୍‌ସା ନାଚରେ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ଏକା ପ୍ରକାର ପୋଷାକ ପିନ୍ଧନ୍ତି ।

ଢେମସା ନାଚରେ କେତେଜଣ ନାଚ କରିବେ ସେଥିରେ କୌଣସି ଧରାବନ୍ଧା ନିୟମ ନାହିଁ । ଏଥିରେ ୫ରୁ ଆରମ୍ଭ କରି ୫୦ ଜଣ ପର୍ଯ୍ୟନ୍ତ ନାଚ କରିଥାନ୍ତି । ଏଥିରେ ଉଭୟ ଧାଙ୍ଗଡା ଓ ଧାଙ୍ଗିଡି ଏବଂ ବୁଢା, ବୁଢିମାନେ ନୃତ୍ୟ କରିଥାନ୍ତି । ବିଶେଷକରି ଧାଙ୍ଗିଡ଼ିମାନେ ଏହି ନୃତ୍ୟ କରିବାକୁ ଅଧିକ ପସନ୍ଦ କରିଥାନ୍ତି । ଧାଙ୍ଗଡାମାନେ ବାଦ୍ୟ ପରିବେଷଣ କରୁଥିବାବେଳେ ଧାଙ୍ଗିଡିମାନେ ନୃତ୍ୟ ପରିବେଷଣ କରନ୍ତି । ଧାଙ୍ଗିଡ଼ିମାନେ କାନ୍ଧରେ କାନ୍ଧ ମିଶାଇ ପରସ୍ପରର ଅଣ୍ଟାରେ ହାତକୁ ଛନ୍ଦି ବାଦ୍ୟର ତାଳେତାଳେ ନାଚ କରିଥାନ୍ତି । ଢେମସା ନାଚ ହେଉଛି କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଆଦିବାସୀମାନଙ୍କର ଏକ ସାର୍ବଜନୀନ ଓ ଲୋକପ୍ରିୟ ନୃତ୍ୟ ।

ଢେମ୍‌ସା ନାଚରେ ଜଣେ ମୁଖିଆ ବା 'ବାଟକଢା' ଥାଆନ୍ତି । ବାଟକଢା ହେଉଛନ୍ତି ଯଥାର୍ଥରେ ନୃତ୍ୟ ଗୁରୁ ବା ନାଚ ମୁଖିଆ । ନୃତ୍ୟ କରିବା ବେଳେ ଶରୀର ଉଚ୍ଚତା ଅନୁସାରେ ବଡ଼ରୁ ସାନ କିମ୍ବା ସାନରୁ ବଡ଼ କ୍ରମାନ୍ୱୟରେ ନର୍ତ୍ତକ, ନର୍ତ୍ତକୀ (ଧାଂଗଡା, ଧାଂଗିଡି)ମାନେ ଠିଆ ହୁଅନ୍ତି । ସେମାନେ ପରସ୍ପର ପରସ୍ପରର ହାତକୁ ପରସ୍ପରର ଅଣ୍ଟାରେ ଛନ୍ଦି ନୃତ୍ୟ କରିଥା'ନ୍ତି । ଏହି ନୃତ୍ୟ ଦଳରେ ଯେଉଁ ନର୍ତ୍ତକୀ ସମ୍ମୁଖ ଭାଗରେ ରହେ, ସେ ହାତରେ ଏକ ଲମ୍ବା ମୟୂର



Digitized by srujanika@gmail.com

ପୁଚ୍ଛ ଧରିଥାଏ । ଏମାନେ ଏକ ତାଳ ଓ ଲୟରେ ଦଳଗତ ଭାବେ ଆଗକୁ ଯାଇ ଓ ପଛକୁ ଫେରି, ମୁଣ୍ଡକୁ ଉପରକୁ କରି, ତଳକୁ ନଇଁ ପଡି ନୃତ୍ୟ ପରିବେଷଣ କରନ୍ତି । ଦଳର ଆଦ୍ୟ ପ୍ରାନ୍ତରେ ଥିବା ନର୍ତ୍ତକୀଟି ମୟୂର ପୁଚ୍ଛ ହଲେଇ ହଲେଇ ଅନ୍ୟମାନଙ୍କୁ ନିଜ ସହ ପାଦ ମିଳେଇ ନାଚିବାକୁ ଆହ୍ୱାନ ଜଣାଏ । ମହୁରୀ ଓ ଟାମକ୍‌ର ସ୍ୱର ବଦଳିବା ସହିତ ଏମାନଙ୍କର ପାଦର ଗତିପଥ ଓ ତୀବ୍ରତା ମଧ୍ୟ ବଦଳିଥାଏ । ନୃତ୍ୟ ଆରମ୍ଭ ହେଲାବେଳକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଧିମା ଥାଏ ଏବଂ କ୍ରମେ ଏହାର ଗତି କ୍ଷୀପ୍ରରୁ କ୍ଷୀପ୍ରତର ହୋଇଥାଏ । ସମସ୍ତଙ୍କ ଅଣ୍ଟା ଓ ପାଦ ବାଦ୍ୟର ତାଳେତାଳେ ଠିକ୍ ଭାବେ ପଡୁଥାଏ । ଏହି ନାଚର କିଛି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ । ବେଳେବେଳେ ଗୋଟିଏ ଗୋଟିଏ ରାତି ବିତିଯାଏ । ବେଳେବେଳେ ଗୋଟିଏ ଘଣ୍ଟାରେ ଶେଷ ହୋଇଥାଏ ।

ଧାଙ୍ଗିଡ଼ିମାନେ ମୁଣ୍ଡରେ କସମ ତେଲ ମାଖି ଜୁଡା ତିଆରି କରିଥାନ୍ତି । ଜୁଡାରେ ଧାଙ୍ଗିଡ଼ିମାନେ ଫୁଲ ଖୋସିଥାନ୍ତି । ଧାଙ୍ଗିଡ଼ିମାନେ ଆଣ୍ଠୁରୁ ଉପରକୁ ଶାଢି ପିନ୍ଧିଥାନ୍ତି । ଶାଢିକୁ ଛାତିର ଦୁଇ ସ୍ତନଯୁଗଳ ଉପର ଦେଇ ବେକରେ ଗୁଡେଇ ଶେଷରେ ବାମ କାନ୍ଧ ପାଖରେ ଏକ ଶକ୍ତ ଗଣ୍ଠି ଖୋସିଥାନ୍ତି ।

ଆଙ୍ଗିକ ଓ ଆତ୍ମିକ ବିଭବ ଦୃଷ୍ଟିରୁ ଢେମ୍‌ସା ନୃତ୍ୟର ବିଭିନ୍ନ ପ୍ରକାର ଭେଦ ରହିଛି । ସେଗୁଡିକ ହେଲା-

୧. ଅଣ୍ଟା ଝୁଲା ଢେମ୍‌ସା
୨. ଗୋଡିବେଟା ଢେମ୍‌ସା
୩. ଲୁହାମାରି ଢେମ୍‌ସା
୪. ଶିରା ଢେମ୍‌ସା
୫. ହାଣ୍ଡିଆ ଢେମ୍‌ସା
୬. ଲଚକାନି ଢେମ୍‌ସା
୭. ଡ଼ାଲ୍‌ଖେଲା ଢେମ୍‌ସା
୮. ବାଲି ଢେମ୍‌ସା
୯. କାଦପାନି ଢେମ୍‌ସା
୧୦. ଝୁନ୍ଦା ଢେମ୍‌ସା
୧୧. କରାପାନି ଢେମ୍‌ସା
୧୨. ସାଇଁଲୋଡି ଢେମ୍‌ସା

Digitized by srujanika@gmail.com

୧୩· ବାମି କୁନ୍ଦାନି ଢେ଼ମ୍‌ସା

୧୪· ତିନି କୋଣିଆ ଢେ଼ମ୍‌ସା

୧୫· ବଞ୍ଜା ରନି ଢେ଼ମ୍‌ସା

୧୬· ଗୋଟି ବେଚାନି ଢେ଼ମ୍‌ସା

୧୭· ତାଲ୍‌ଖାଇ ଢେ଼ମ୍‌ସା

୧୮· କନକି ଫୁଲ ଢେ଼ମ୍‌ସା

୧୯· ଗିରିଲିଆ ଢେ଼ମ୍‌ସା

୨୦· ଲେଜା ଢେ଼ମ୍‌ସା ଆହୁରି ଅନେକ····

ଅଣ୍ଟା ଝୁଲା ଢେ଼ମ୍‌ସା ନାଚବେଳେ ଧୁମ୍‌ସା ଓ ମହୁରୀ ତାଳେତାଳେ ଧାଙ୍ଗିଡିମାନେ ଅଣ୍ଟାକୁ ଦୋହଲାଇ ଦୋହଲାଇ ନାଚନ୍ତି । କାରାପାନି ଢେ଼ମ୍‌ସାରେ ନୃତ୍ୟ କରୁଥିବା ଧାଙ୍ଗଡ଼ା, ଧାଙ୍ଗିଡ଼ି ଧୁମ୍‌ସାର ତାଳେତାଳେ ବଙ୍କେଇ ବଙ୍କେଇ ସର୍ପିଳ ଗତିରେ ଆଗପଛ ହୋଇ ନୃତ୍ୟ କରନ୍ତି । 'ଗୋଟି ବେଚାନି' ଢେ଼ମ୍‌ସା ନୃତ୍ୟରେ ଅଣ୍ଟାକୁ ନୁଆଁଇ ମୁଣ୍ଡକୁ ତଳକୁ କରି ଭୂମି ଉପରୁ ଗୋଡ଼ି ସଂଗ୍ରହ କରିବା ଭଂଗୀରେ ନୃତ୍ୟ କରନ୍ତି । ଏଠାରେ ଗୋଟି ବେଚାନି ଅର୍ଥ ଗୋଡି ଗୋଟାଇବା ।



Digitized by srujanika@gmail.com

ବାଦକମାନେ ନୃତ୍ୟକାରୀଙ୍କ ଗୋଟିଏ ପାର୍ଶ୍ୱରେ ରହି ବାଦ୍ୟ ପରିବେଷଣ କରନ୍ତି । ବାଦକମାନେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ବସି ରହନ୍ତି । ଧାଙ୍ଗଡା, ଧାଙ୍ଗିଡିମାନେ ଚକ୍ର ପରି ଘୂର୍ଣ୍ଣନ କରି ନୃତ୍ୟ କରନ୍ତି ।

ନୃତ୍ୟ ସହିତ ଧାଙ୍ଗଡା, ଧାଙ୍ଗିଡିମାନେ ଗୀତ ବୋଲିବା ଜାରି ରଖିଥାନ୍ତି । ପରଜା ଧାଙ୍ଗିଡି ଓ ଧାଙ୍ଗଡାମାନେ ଏହି ନୃତ୍ୟ ଅବସରରେ ବେଶ୍ ରସପୂର୍ଣ୍ଣ ଗୀତମାନ ବୋଲିଥାନ୍ତି । ସେମାନଙ୍କର କୌଣସି ଲିଖିତ ଗୀତ ନଥାଏ । ଗୀତର ପଦ ନ ପକାଇ ପାରିଲେ ସେମାନେ ଧନ, ଗଳାମାଳି, ଜାଇଫୁଲ, ଗୋରି, ନନୀ ଆଦି ପଦ ଯୋଡି ଗୀତକୁ ଆଗେଇ ନିଅନ୍ତି । ନୃତ୍ୟ କରିବା ସମୟରେ ସେମାନେ ଉଭୟ ନୃତ୍ୟ ଓ ଗୀତରେ ସଂପୂର୍ଣ୍ଣ ଧ୍ୟାନ ରଖିଥାନ୍ତି ।

ପରଜାମାନଙ୍କର ପ୍ରାୟ ସମସ୍ତ ପର୍ବପର୍ବାଣୀରେ ଢେମ୍‌ସା ନୃତ୍ୟ ପରିବେଷଣ କରାଯାଇଥାଏ । ଏହି ନାଚ ଯୋଗୁଁ ପରଜାଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥାଏ ଏବଂ ସାମାଜିକ ସଂପର୍କ ଦୃଢ଼ିଭୂତ ହୋଇଥାଏ ।

(ତଥ୍ୟ: କେଦାରନାଥ ପଟ୍ଟନାୟକ ଓ ସାଇମନ୍ ବିଡ଼ିକା, ଧୋଡ୍ରା, ଉମରକୋଟ
ଲଳିତ ମୋହନ ପଟ୍ଟନାୟକ, ନବରଙ୍ଗପୁର)

## ଦୁରୁଆଙ୍କ 'ଏଡୁ ଏଡୁ' ନାଚ

### ('Edu Edu': the 'Durua dance')

ଦୁରୁଆମାନେ ମୁଖ୍ୟତଃ କୋରାପୁଟ ଜିଲ୍ଲାର କୋଟପାଡ, ବୈପାରୀଗୁଡା ଓ କୁନ୍ଦୁରା ବ୍ଲକ୍‌ରେ ବସବାସ କରନ୍ତି । ଏମାନେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳନ୍ତି । ଦୁରୁଆମାନଙ୍କ ମଧ୍ୟରେ ବିଭିନ୍ନ ବଂଶ (Totem) ରହିଛି । ସୋମ, ସୂର୍ଯ୍ୟ, ଯଦୁ, କଦମ୍ବ, ଗାଙ୍ଗୁ, ଗର୍ଗ ଆଦି ବିଭିନ୍ନ ବଂଶର ଦୁରୁଆମାନେ କୋରାପୁଟ ଜିଲ୍ଲାରେ ବସବାସ କରିଥାନ୍ତି । ଦୁରୁଆମାନେ ମୁଖ୍ୟତଃ କୃଷି ଓ ବାଉଁଶ ଶିଳ୍ପ ଉପରେ ନିର୍ଭର କରିଥାନ୍ତି । ବାଉଁଶରେ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରି ନିକଟସ୍ଥ ହାଟରେ ବିକ୍ରି କରି ଦି' ପଇସା ଅର୍ଜନ କରିଥାନ୍ତି । ପୁଷ୍ ପୁନେଇଁ ହେଉଛି ଦୁରୁଆମାନଙ୍କର ପ୍ରମୁଖ ପର୍ବ । ପାଖାପାଖି ପନ୍ଦର ଦିନ ଧରି ଦୁରୁଆ ଗାଁମାନଙ୍କରେ ପୁଷ୍ ପୁନେଇଁ ଅବସରରେ ନାଚଗୀତ ଚାଲିଥାଏ । ପୁଷ୍ ପୁନେଇଁ ବେଳେ ଦୁରୁଆ ଯୁବତୀ ଓ ବୃଦ୍ଧାମାନେ 'ଏଡୁଏଡୁ' ଗୀତ ଗାଇ ଗାଁ ଗାଁ ବୁଲି ଚାଉଳ, ଟଙ୍କା ମାଗିଥାନ୍ତି । ଯୁବତୀମାନେ ଏଡୁଏଡୁ ଗୀତ ଗାଇବା ସହ ନାଚିଥାନ୍ତି ।

Digitized by srujanika@gmail.com



'ଏଡୁ ଏଡୁ' ନାଚରେ କେବଳ ଦୁରୁଆ ଝିଅମାନେ ଦୁଇ ଭାଗ ହୋଇ ନୃତ୍ୟ ଓ ଗୀତ ପରିବେଷଣ କରିଥାନ୍ତି । ଗୋଟିଏ ଦଳରେ କିଶୋରୀ ଓ ଯୁବତୀ ଥିଲାବେଳେ ଆଉ ଗୋଟିଏ ଦଳରେ ବୟସ୍କା ବୃଦ୍ଧାମାନେ ଥାଆନ୍ତି । ଏହି ଦୁଇ ଦଳ ଦୁରୁଆ ମହିଳାମାନଙ୍କୁ ନେଇ ଗାଁରେ 'ଏଡୁଏଡୁ' ନାଚ ଗୀତର ଆସର ଜମିଥାଏ । ଏଥିରେ ପୁରୁଷମାନଙ୍କର ଭୂମିକା ନଥିଲେ ମଧ୍ୟ ସେମାନେ ଦର୍ଶକ ସାଜିଥାନ୍ତି ।

ପୁଷ୍ ପୂନେଇଁର ପନ୍ଦର ଦିନ ପୂର୍ବରୁ ଦୁରୁଆ ଯୁବତୀମାନେ ଗାଁ ଗାଁ ବୁଲି ଚାଉଳ, ପନିପରିବା ମାଗଣ କରିଥାନ୍ତି । ସେମାନେ ପ୍ରତି ଦିନ ସକାଳୁ ବାହାରି ଯାଇ ସନ୍ଧ୍ୟାରେ ନିଜ ଗାଁକୁ ଫେରନ୍ତି । ଗାଁକୁ ଫେରିଲା ପରେ ବୃଦ୍ଧାମାନେ ସେମାନଙ୍କଠାରୁ ସମସ୍ତ ପ୍ରକାର ଅନୁଭୂତି ଜାଣିବାକୁ ଚାହାନ୍ତି । ଦୁରୁଆ ବୃଦ୍ଧାମାନେ ଦୁଇ ହାତର ମଣିବନ୍ଧରେ ପିନ୍ଧିଥିବା ଧାତୁ ନିର୍ମିତ ଖଡୁକୁ ଖଡୁ ସହ ପିଟି ଶବ୍ଦ ସୃଷ୍ଟି କରନ୍ତି । ଏବଂ ଏହି ଶବ୍ଦ ମାଧ୍ୟମରେ ସେମାନେ ଯୁବତୀମାନଙ୍କୁ ନାନା ପ୍ରଶ୍ନ କରନ୍ତି । ଯୁବତୀମାନେ ଗୀତ ମାଧ୍ୟମରେ ସେମାନଙ୍କର ଅନୁଭୂତି ବଖାଣନ୍ତି ।

ଧରାଯାଉ, ଦୁରୁଆ ଯୁବତୀମାନେ ନିଜ ଗାଁ ନିକଟସ୍ଥ ଅନ୍ୟ ଏକ ଗାଁକୁ ବୁଲି ଯାଇଛନ୍ତି, ସେ ଗାଁରେ ସେମାନଙ୍କୁ କିଏ କ'ଣ ବ୍ୟବହାର କଲା, ସେଇ ଗାଁର କେଉଁ ଯୁବକଙ୍କ ସହ

Digitized by srujanika@gmail.com

ଦୁରୁଆ ଯୁବତୀଟିର ସଂପର୍କ ଗଢି ଉଠିଲା କିମ୍ବା ଗାଁ ବୁଲୁଥିବା ବାଟରେ ଭେଟିଥିବା ବନ୍ୟଜନ୍ତୁଙ୍କ ସଂପର୍କରେ ନିଜନିଜର ଅଭିଜ୍ଞତା ଓ ଅନୁଭୂତିକୁ ବୃଦ୍ଧାମାନଙ୍କ ସମ୍ମୁଖରେ ବଖାଣିଥାନ୍ତି । ବୃଦ୍ଧାମାନେ ପ୍ରଶ୍ନଗୁଡିକୁ ଶବ୍ଦରେ ପ୍ରକାଶ ନ କରି, ଖତୁକୁ ଖତୁ ବାଡେଇ ପ୍ରକାଶ କରିଥାନ୍ତି । ଏହି ପ୍ରକ୍ରିୟାକୁ ଦୁରୁଆ ବୃଦ୍ଧାମାନଙ୍କର 'ଏତୁଏତୁ' କହନ୍ତି । ବୃଦ୍ଧମାନେ 'ଏତୁଏତୁ' କଳାପରେ ଯୁବତୀମାନେ ଗୀତ ମାଧ୍ୟମରେ ଉତ୍ତର ରଖିଥାନ୍ତି । ଗୀତ ଗାଉଗାଉ ଦୁରୁଆ ଯୁବତୀମାନଙ୍କର ପାଦ ମଧ୍ୟ ଚଞ୍ଚଳ ହୋଇ ସାରିଥାଏ ଏବଂ ସେମାନେ ଦଳବଦ୍ଧ ହୋଇ ନାଚିବା ଆରମ୍ଭ କରି ଦିଅନ୍ତି । ଏହା ହିଁ 'ଏତୁଏତୁ' ନାଚ । ଏହି ନାଚ ଓ ଗୀତର ଆସରରେ କୌଣସି ବାଦ୍ୟଯନ୍ତ୍ରର ବ୍ୟବହାର ହୋଇ ନଥାଏ କି କୌଣସି ପୁରୁଷମାନେ ଅଂଶଗ୍ରହଣ କରି ନଥାନ୍ତି ।

ଏହି ଅଧ୍ୟୟନରେ କୋରାପୁଟ ଜିଲ୍ଲାର ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ହଳଦିକୁଣ୍ଡ ପଞ୍ଚାୟତ ଅଧୀନରେ ଥିବା ମହାପ୍ରଭୁ ଗୁପ୍ତେଶ୍ୱରଙ୍କ ଗାଁ କୁହାଯାଉଥିବା ଶିରିବେଡାରୁ ଏତୁଏତୁ ଗୀତ ଓ ନାଚ ସଂପର୍କରେ ତଥ୍ୟ ସଂଗ୍ରହ କରାଯାଇଛି ।

ଶିରିବେଡା ଗାଁଟି ଠିକ୍ ଗୁପ୍ତେଶ୍ୱର ପୀଠକୁ ଲାଗିକରି ରହିଛି । ଓଡ଼ିଶା ଓ ପଡୋଶୀ ଛତିଶଗଡ଼, ଉଭୟ ରାଜ୍ୟର ସୀମାକୁ ଲାଗି ସାବେରୀ ନଦୀ କୂଳରେ ଗାଁଟି ଅବସ୍ଥିତ । ଏହି ଦୁରୁଆ ଗାଁଟି ଉଭୟ ରାଜ୍ୟର ସଂସ୍କୃତି ଓ ପରଂପରାକୁ ନେଇ ସମୃଦ୍ଧ । ଏହି ଗାଁରେ କେବଳ



Digitized by srujanika@gmail.com

ଦୁରୁଆ ସଂପ୍ରଦାୟର ଆଦିବାସୀମାନେ ବସବାସ କରନ୍ତି । ସାବେରୀ ନଦୀ ଓଡ଼ିଶା ଓ ଛତିଶଗଡକୁ ପରସ୍ପରଠାରୁ ଅଲଗା କରିଛି । ତେବେ ନଦୀ ପାର ହୋଇ ଦୁରୁଆମାନେ ଛତିଶଗଡ ସହିତ ସଂପର୍କ ରକ୍ଷା କରିଥାନ୍ତି । ଛତିଶଗଡ଼ ଭାଷା, ସଂସ୍କୃତି ଓ ପରଂପରା ସହିତ ଏହି ଦୁରୁଆମାନେ ଓତପ୍ରୋତ ଭାବେ ଜଡ଼ିତ । ଏହି ଗାଁରେ ରହିଛି ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଏହି ସ୍କୁଲର ଶିକ୍ଷକ କୁଳମଣୀ ଜେନା ଦୁରୁଆମାନଙ୍କୁ ଶିକ୍ଷିତ ଓ ସଭ୍ୟ କରିବାରେ ନିଜର ଉଦ୍ୟମ ଜାରି ରଖିଛନ୍ତି । ଶିକ୍ଷକ ଶ୍ରୀ ଜେନାଙ୍କ ଯୋଗୁଁ ଏହି ଗାଁର ଦୁରୁଆମାନେ ଆଜି ବିଭିନ୍ନ ସ୍ଥାନରେ ଦୁରୁଆ ନୃତ୍ୟ ପରିବେଷଣ କରି ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି ।

## 'ଏତୁ ଏତୁ' ନାଚରେ ବ୍ୟବହୃତ ପୋଷାକ ଓ ଅଳଙ୍କାର

## (costume & ornaments)

'ଏତୁଏତୁ' ଆସର ବେଳେ ଦୁରୁଆ ମହିଳା ଓ ଯୁବତୀମାନେ ସୁତା କପଡ଼ାରେ ବୁଣା ଯାଇଥିବା ଖଦି ବସ୍ତ୍ର ପରିଧାନ କରିଥାନ୍ତି । ଏହି ବିଶେଷ ଧରଣର ଖଦିକୁ **'ଦୁରୁଆ ପାଟେଇ' (ଦୁରୁଆପାଟ)** କହନ୍ତି । କୋଟପାଡ ଅଞ୍ଚଳରେ ଦୁରୁଆମାନେ ଏହି ଖଦି କପଡା ବୁଣିଥାନ୍ତି । ଦୁରୁଆ ଧାଙ୍ଗିଡ଼ି ଓ ଡୋକରୀମାନେ ଏହି ଖଦି କପଡାକୁ ଦେହରେ ଗୁଡେଇକରି ପିନ୍ଧିଥାନ୍ତି । କୋରାପୁଟ ଅଞ୍ଚଳରେ ଏହି 'ଦୁରୁଆପାଟ'ର ଏକ ବିଶେଷ ଚାହିଦା ରହିଛି । ଦୁରୁଆ ଯୁବତୀମାନେ କେଶରେ କସମ ତେଲ ଲଗେଇ ପାରିକରି ମୁଣ୍ଡ କୁଣ୍ଡେଇଥାନ୍ତି ଏବଂ ମୁଣ୍ଡର ମଝିରେ ଏକ ପ୍ରକାଣ୍ଡ ଶିରା ପାରି ପଛ ପଟରେ ଏକ ବଡ଼ ଖୋସା କରିଥାନ୍ତି । ଏହା **'ଦୁରୁଆ ଖୋସା'** ନାମରେ ପରିଚିତ । କୋରାପୁଟ ଅଞ୍ଚଳରେ ଏହି ଦୁରୁଆ ଖୋସାର ଏକ ବିଶେଷତ୍ୱ ରହିଛି । କେଶକୁ ସଜେଇ ରଖିବା ପାଇଁ ଯୁବତୀମାନେ ମୁଣ୍ଡରେ ଚିପ୍‌ନା (Hair clip) ବ୍ୟବହାର କରିଥାନ୍ତି । ଉଭୟ ଯୁବତୀ ଓ ବୃଦ୍ଧାମାନେ ହାତରେ ଖଡୁ ପିନ୍ଧିଥାନ୍ତି । ଖଡୁକୁ ଦୁରୁଆମାନେ **'ଚିନ୍‌ଫୁଲ୍'** କହନ୍ତି । 'ଏତୁଏତୁ' ସମୟରେ ଏହି ଚିନ୍‌ଫୁଲ୍‌କୁ ବାଡେଇ ଦୁରୁଆ ବୃଦ୍ଧାମାନେ ନାନା ପ୍ରକାର ଶବ୍ଦ ଉଚ୍ଚାରଣ କରିଥାନ୍ତି ଏବଂ ଯୁବତୀମାନଙ୍କୁ ପ୍ରଶ୍ନ କରିଥାନ୍ତି ।

## ବାଦ୍ୟଯନ୍ତ୍ର (musical instruments)

ଦୁରୁଆମାନେ ଅନ୍ୟ ପାରଂପରିକ ନୃତ୍ୟରେ ବାଦ୍ୟଯନ୍ତ୍ର ବ୍ୟବହାର କରୁଥିବାବେଳେ 'ଏତୁଏତୁ' ନାଚରେ ବାଦ୍ୟଯନ୍ତ୍ର ଦରକାର ପଡି ନଥାଏ । ଏହି ନାଚଟି କୌଣସି ସ୍ଥାନରେ ପ୍ରଦର୍ଶିତ କଳାଭଳି ନାଚ ନୁହେଁ । ଏହା ଏକ ପାରଂପରିକ ଓ ଧର୍ମ ଭିତ୍ତିକ ନୃତ୍ୟ । ବିଶେଷକରି ପୁଷ୍ ପୁନେଇଁ ସମୟରେ ଦୁରୁଆ ଯୁବତୀମାନେ ଗାଁଗାଁ ବୁଲି ଚାଉଳ, ଟଙ୍କା ଭିକ୍ଷା ମାଗିଥାନ୍ତି ଏବଂ

Digitized by srujanika@gmail.com

ଶେଷ ଦିନ ଗାଁରେ ଏକ ଭୋଜି କରିଥାନ୍ତି ।

## ଏତୁ ଏତୁ ନୃତ୍ୟ (about the dance)

ଦୁରୁଆମାନେ ଖୁବ୍ ପରିଶ୍ରମୀ ଓ ବିଳାସପ୍ରିୟ । ଏମାନେ ବର୍ଷର ବିଭିନ୍ନ ସମୟରେ ନୃତ୍ୟଗୀତର ଆସର ଜମେଇଥାନ୍ତି, ମାତ୍ର ପୁଷ୍ ପୂନେଇଁ ଓ ଚଇତ୍ ପରବ ଏମାନଙ୍କର ପ୍ରମୁଖ ଉ ବ । ପୁଷ୍ ପୂନେଇଁ ବେଳେ ଗାଁର ଯୁବତୀ ଓ ବୃଦ୍ଧାମାନେ ଏତୁଏତୁ ଗୀତ ଓ ନୃତ୍ୟ ପରିବେଷଣ କରି ନିଜନିଜ ମଧ୍ୟ ସୁଖଦୁଃଖ ବାଣ୍ଟିଥାନ୍ତି । ସନ୍ଧ୍ୟା ନଇଁ ଆସିଲେ ଯୁବତୀ ଓ ବୃଦ୍ଧାମାନେ ଗାଁ ସଦର ଦାଣ୍ଡରେ ଏକତ୍ରିତ ହୋଇ 'ଏତୁଏତୁ' ନାଚଗୀତର ଆସର ଜମେଇଥାନ୍ତି ।

ଏହି ନାଚରେ କେତେ ଜଣ ବୃଦ୍ଧା ଓ ଯୁବତୀ ରହିବେ ସେମିତି କିଛି ଧରାବନ୍ଧା ନିୟମ ନାହିଁ । ତେବେ ଏଥିରେ ଗାଁର ପାଖାପାଖି ୨୦ରୁ ୩୦ ଜଣ ଦୁରୁଆ ଯୁବତୀ ଓ ବୃଦ୍ଧାମାନେ ଅଂଶଗ୍ରହଣ କରିଥାନ୍ତି । ଯୁବତୀ ଓ ବୃଦ୍ଧାମାନେ ଦୁଇ ଦଳ ହୋଇ ନୃତ୍ୟ ପରିବେଷଣ କରନ୍ତି । ଧାଙ୍ଗିଡ଼ିମାନେ ପରସ୍ପର କାନ୍ଧରେ ଓ ଅଣ୍ଟାରେ ହାତକୁ ଛନ୍ଦି ଗୀତ ଗାଇ ନାଚିବା ଆରମ୍ଭ କରନ୍ତି । ଜଣେ ଧାଙ୍ଗିଡ଼ି ନିଜର ଡାହାଣ ହାତକୁ ତା'ର ଡାହାଣ ପାର୍ଶ୍ୱରେ ଥିବା ଅନ୍ୟ ଜଣେ ଧାଙ୍ଗିଡ଼ିର କାନ୍ଧରେ ରଖିଥିବାବେଳେ ବାମ ହାତକୁ ବାମ ପାର୍ଶ୍ୱରେ ଥିବା ଧାଙ୍ଗିଡ଼ିର ଅଣ୍ଟାରେ ରଖିଥାଏ । ଏମିତି ଭାବେ ପ୍ରତି ଧାଙ୍ଗିଡ଼ିର ଗୋଟିଏ ହାତ ଜଣେ ଧାଙ୍ଗିଡ଼ିର କାନ୍ଧରେ



Digitized by srujanika@gmail.com

ରହିଥିବାବେଳେ ଅନ୍ୟ ହାତଟି ଆଉ ଜଣେ ଧାଙ୍ଗିଡ଼ିର ଅଣ୍ଟାରେ ରହିଥାଏ । ଉଭୟ ଧାଙ୍ଗିଡ଼ି ଓ ଡୋକ୍‌ରୀମାନେ ନାଚିଲା ବେଳେ ସେମାନେ ଦୁଇ ପାଦ ଆଗକୁ ଯାଇ ପୁଣି ଦୁଇ ପାଦ ପଛକୁ ଫେରନ୍ତି । ଏହି ପ୍ରକ୍ରିୟା ଓ ପଦପାତ ନିୟମରେ ଦୀର୍ଘ ସମୟ ଧରି ନୃତ୍ୟ ଚାଲୁ ରହେ ।

ଏହା ଏକ ପାରଂପରିକ ଓ ଧାର୍ମିକ ନୃତ୍ୟ । ଏହା କେବଳ ସେମାନଙ୍କ ପର୍ବପର୍ବାଣୀ ସମୟରେ ପାଳନ କରାଯାଉଥିଲା । ମାତ୍ର, ଏବେଏବେ ଏହାକୁ କିଛି ସ୍ଥାନୀୟ କଳାକାର ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଦର୍ଶନ କରି ବେଶ୍ ସୁନାମ ଅର୍ଜନ କରିପାରିଛନ୍ତି ।

ଶିରିବେଡା ଗାଁରେ ଶତକଡା ଶହେ ଭାଗ ଲୋକ ଦୁରୁଆ ସଂପ୍ରଦାୟର ଅଟନ୍ତି । ଗାଁର ଦୁରୁଆ ଯୁବତୀ ଜେଇତି ଦୁରୁଆ, ମହାଦେଇ ଦୁରୁଆ, ପୁଷେଇ ଦୁରୁଆ, ଆଇତି ଦୁରୁଆ, ଜିମାଇ ଦୁରୁଆ, ନୀଳାବତୀ ଦୁରୁଆ, ବୁଦ୍ରି ଦୁରୁଆ, ରୁକୁଣା ଦୁରୁଆ, ଚେନ୍ଦ୍ରି ଦୁରୁଆ, ଚଂପା ଦୁରୁଆ, ଭଗବତୀ ଦୁରୁଆ, ହୀରା ଦୁରୁଆ, ମଙ୍ଗ୍‌ଲି ଦୁରୁଆ, ପାଗ୍‌ନି ଦୁରୁଆ ପ୍ରମୁଖ ଏଡୁଏଡୁ ନାଚର ମୁଖ୍ୟ ଯୁବତୀ ସଦସ୍ୟା (young member) ଥିଲାବେଳେ ମାଙ୍ଗି ଦୁରୁଆ, ରାଧା ଦୁରୁଆ, ସନେଇ ଦୁରୁଆ, ଲେଶନ୍‌ଦେଇ ଦୁରୁଆ, ବୁଦେଇ ଦୁରୁଆ, ଜେଇତି ଦୁରୁଆ, ମଙ୍ଗ୍ଲି ଦୁରୁଆ ପ୍ରମୁଖ ବୃଦ୍ଧାମାନେ ଏହି ନାଚର ବୃଦ୍ଧା ସଦସ୍ୟା (old member)।

ଜଙ୍ଗଲରୁ କାଠ ସଂଗ୍ରହ କରିବା ହେଉକି ଅନ୍ୟ ଗାଁ ବୁଲି ଗାଁକୁ ଫେରିବା ପରେ ସନ୍ଧ୍ୟାରେ ଗାଁର ମଝି ଦାଣ୍ଡରେ ଯୁବତୀ ଓ ବୃଦ୍ଧାମାନେ ଏକତ୍ରିତ ହୁଅନ୍ତି । ସନ୍ଧ୍ୟାରୁ ଆରଂଭ ହୋଇ ତମାମ୍ ରାତି ଏହି ନାଚ ଓ ଗୀତର ଆସର ଚାଲେ । ପୁଷ୍ ପୁନେଇଁ ବେଳକୁ ପ୍ରାୟ ପନ୍ଦର ଦିନ ଧରି ଯୁବତୀ ଓ ବୃଦ୍ଧାମାନେ ଗାଁ ଗାଁ ବୁଲି ଏହି ନାଚ ଓ ଗୀତ ପରିବେଷଣ କରିଥାନ୍ତି । ଏହା ସାଙ୍ଗକୁ ଚଇତ୍ ପରବ, ଦିଆଲି ପରବ, ଧାନରୁଆ, ଧାନକଟା, ବିଭାଘର, ଦଶାଘର ଓ ଶିଶୁ ଜନ୍ମ ଉ ବ ସମୟରେ 'ଏଡୁଏଡୁ' ଗୀତ ଓ ନାଚର ଆସର ଜମିଥାଏ । ଏହା ଏକ ଦଳଗତ ନୃତ୍ୟ । ଯୁବତୀ ଓ ବୃଦ୍ଧା ଦୁଇ ଦଳ ହୋଇ ନାଚିଥାନ୍ତି ।

## 'ଏଡୁଏଡୁ' ଗୀତ

**ଦୁରୁଆ ଧାଙ୍ଗିଡିମାନେ ବୋଲୁଥିବା ଗୀତ:**

ଏଡୁ ଏଡୁ ରାଜିଆଟି

Digitized by srujanika@gmail.com

ଚିରୁ ଜବେଲ୍ ପାପକୁଲ ନା ନା ରାଜିଆଟି
ନିରୁ ପକାଲ ଏରେମ୍ ଏରେମ୍
ମୁଟିଆଡି ରାଜିଆଟି
ଚିଙ୍ଗୁ ପକାଲେ ରେ ଭିକୁ ଆଡି
ବାନପୁର ଗେଡିଆ
ଦୁଲ୍ପୁର ଗେଡିଆ
ଦୁଲ୍ପୁର ଗେଡେ ନାଚ ମେଣ୍ଟୁ
ବାନ୍ପୁର ଗେଡେ ନାଚ ମେଣ୍ଟୁ
ଦୁଲ୍ମେରି ମେଣ୍ଟୁ
ନାଚ ମେଣ୍ଟୁ
ଏଲ୍ମେରି ମେଣ୍ଟୁ
ମେଣ୍ଟୁ ନାନା ଦୁଲ୍ମେର୍ତି
ବାରା ଦାଉନି ମୈନା ମାନ୍ଦା
ବାରା ଦାଉନି ରାମ୍ପି ମାନ୍ଦା
ଦୁଲ୍ ମେର୍ତି, ଏଲ୍ ମେର୍ତି ମୈନା ମାନ୍ଦା
ଦୁଲ୍ ମେର୍ତି, ଏଲ୍ ମେର୍ତି ରାମ୍ପି ମାନ୍ଦା

## ଭାବାର୍ଥ

ହେ, ଗାଁର ଭୁଆଶୁଣୀମାନେ,
ଏହି ଗାଁଟିର ନାମ କ'ଣ?
ଗାଁଟିର ନାଁ ଯାହା ହୋଇଥାଉ ନା କାହିଁକି
ବର୍ତ୍ତମାନ ମଧ୍ୟାହ୍ନ ସମୟ ଗଡ଼ିଗଲାଣି
ଧାନ ମୁଠି ଦିଅ, ଚାଉଳ ମୁଠି ଦିଅ
ଆମେ ଯିବୁ
ଏହି ଗାଁରେ ଥିବା ବରଗଛ କୋରଡରେ କ'ଣ ଅଛି?
ଓସ୍ତ ଗଛର କୋରଡରେ କ'ଣ ଅଛି?
ବରଗଛ କୋରଡରେ ଶାରୀ ଅଛି
ଏବଂ ଓସ୍ତ ଗଛରେ ରାମ୍ପି ପକ୍ଷୀ ରହିଛି

Digitized by srujanika@gmail.com

## ଶବ୍ଦାର୍ଥ

| ଶବ୍ଦ | ଅର୍ଥ |
|---|---|
| ଏତୁ | କ'ଣ |
| ଚିରୁ ଜବେଲ୍ | ଗାଁର ନାମ |
| ନିରୁ ପକାଲ୍ | ମଧ୍ୟାହ୍ନ ସମୟ |
| ରାଜିଆଟି | ଗାଁ ବୁଲିବା |
| ବାନ୍‌ପୁର ଗେଡ୍ | ବରଗଛ କୋରଡ |
| ଦୁଲ୍‌ପୁର ଗେଡ | ଓସ୍ତ ଗଛ କୋରଡ |
| ମୈନା | ଶାରୀ |
| ରାମ୍ପି | ଅନ୍ୟ ଏକ ଜାତିର ପକ୍ଷୀ |

(ତଥ୍ୟ ଓ ଗୀତ ସଂଗ୍ରହ: ମାଙ୍ଗି ଦୁରୁଆ, ରାଧା ଦୁରୁଆ, ଜେଇତି ଦୁରୁଆ, ଆଇତି ଦୁରୁଆ, ମହାଦେଇ ଦୁରୁଆ, ପୁଷେଇ ଦୁରୁଆ, ଜିମାଇ ଦୁରୁଆ ଏବଂ ଗାଁର ଶିକ୍ଷକ କୁଳମଣି ଜେନା ଗ୍ରାମ: ଶିରିବେଡା, ପଞ୍ଚାୟତ: ହଳଦିକୁଣ୍ଡ, ବ୍ଲକ୍: ବୈପାରୀଗୁଡା, ଜିଲ୍ଲା: କୋରାପୁଟ)

## ଦୁରୁଆମାନଙ୍କ 'ବିର୍ଲି' ନାଚ

### ('Birli': the another popular 'durua dance')

ଏହି ନାଚଟି ଦୁରୁଆମାନଙ୍କ ଦୈନନ୍ଦିନ ଜୀବନ ଓ ଜୀବିକା ଉପରେ ପର୍ଯ୍ୟବସିତ । ଆଗରୁ କୁହାଯାଇଛି, ବାଉଁଶରେ ଦୁରୁଆମାନେ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି ।

କୋରାପୁଟ ଜିଲ୍ଲାର ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ହଳଦିକୁଣ୍ଡ ଗ୍ରାମ ପଞ୍ଚାୟତର ଶିରିବେଡା ଗ୍ରାମର ଦୁରୁଆମାନେ କାହିଁ କେଉଁ ଅନାଦି କାଳରୁ ଛତିଶଗଡ ଏବଂ ଓଡ଼ିଶା ସୀମାନ୍ତବର୍ତ୍ତୀ ଘଞ୍ଚ ଜଙ୍ଗଲ ମଧ୍ୟରେ ବସବାସ କରି ଆସୁଛନ୍ତି । ଏହି ଗାଁ ନିକଟରେ ରାଜ୍ୟର ଏକ ପ୍ରମୁଖ ଐତିହାସିକ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ଶୈବ ପୀଠ ଗୁପ୍ତେଶ୍ୱର ଅବସ୍ଥିତ । 'ବିର୍ଲି'

Digitized by srujanika@gmail.com

ନାଚ ହେଉଛି ଏହି ଗାଁରେ ବସବାସ କରୁଥିବା ଦୁରୁଆମାନଙ୍କର ଅନ୍ୟ ଏକ ପାରଂପରିକ ନାଚ । ଆଦିମ ଆଦିବାସୀ ଦୁରୁଆମାନେ ବାଉଁଶରେ ବିଭିନ୍ନ ପ୍ରକାର ଉପକରଣ ଯଥା; ତାଲା, ଚାଙ୍ଗୁଡି, ପାନିଆ, ମୁଦି, ଚିପ୍‌ନା, ଟାଟି, ଟୋକେଇ ଓ ଅନ୍ୟାନ୍ୟ କାରୁକାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି । ବାଉଁଶକୁ ନେଇ ଏମାନଙ୍କ ଜୀବନ ଜୀବିକା ସମୃଦ୍ଧ ହୋଇଥାଏ । ଗାଁର ସମସ୍ତ ଦୁରୁଆମାନେ ବାଉଁଶରେ ନାନା ପ୍ରକାର ଉପକରଣ ପ୍ରସ୍ତୁତ କରି ନିକଟସ୍ଥ ବଜାରମାନଙ୍କରେ ବିକ୍ରି କରି ପେଟ ପୋଷିଥାନ୍ତି ।

ଦୁରୁଆମାନେ ବାଉଁଶରୁ ପାତିଆ ପ୍ରସ୍ତୁତ କରିବା ପାଇଁ ବାଉଁଶ କିମ୍ବା କାଠ ନିର୍ମିତ ଏକ ଉପକରଣର ବ୍ୟବହାର କରିଥାନ୍ତି । ଏହି ଉପକରଣଟି ଉପରେ ବାଉଁଶକୁ ରଖି ଛୁରୀ ସାହାଯ୍ୟରେ ସେମାନେ ପତଳା ପତଳା ବାଉଁଶ ପାତ ପ୍ରସ୍ତୁତ କରିଥାନ୍ତି । ଏହି ଉପକରଣଟିକୁ **'ବିର୍ଲି'** କହନ୍ତି । ଏହି ଉପକରଣଟି ନାମାନୁସାରେ ସେମାନଙ୍କର **'ବିର୍ଲି'** ନାଚ ସୃଷ୍ଟି ହୋଇଛି । ନୂଆଖିଆ, ଦିଆଲି ପର୍ବ ସମୟରେ ଦୁରୁଆମାନେ ଏହି ନାଚ ପରିବେଷଣ କରିଥାନ୍ତି । ବିଶେଷକରି ପୁଷ୍ ପୁନେଇଁର ପନ୍ଦର ଦିନ ପୂର୍ବରୁ ଧାଙ୍ଗଡା, ଧାଙ୍ଗିଡ଼ିମାନେ ଏହି ନାଚ କରିଥାନ୍ତି । ଉଭୟ ରାତି ଓ ଦିନରେ ଏହି ନାଚ ହୋଇଥାଏ । ଲନ୍ଦା, ପେଣ୍ଡମ୍ ପିଇ ଗାଁର ସମସ୍ତ ଦୁରୁଆମାନେ ମାତାଲ୍ ହୋଇ ପଡନ୍ତି । ଏହି ସମୟରେ କେବଳ ନାଚ, ଗୀତ ବ୍ୟତୀତ ସେମାନେ କୌଣସି କଥାରେ ମୁଣ୍ଡ ପୂରେଇ ନଥାନ୍ତି । ଏହି ସମୟ ନାଚ, ଗୀତ ଓ ମଉଜର ସମୟ ବୋଲି ସେମାନେ ଧରି ନେଇଥାନ୍ତି ।

'ବିର୍ଲି' ନାଚଟି ଗାଁର ଗଉଡ ଘରଠାରୁ ଆରମ୍ଭ ହୋଇଥାଏ । ପ୍ରତିଦିନ ରାତି ଭୋଜନ ପରେ ପରେ ଦୁରୁଆ ଯୁବକ, ଯୁବତୀମାନେ ଗାଁର ଗୋରୁ ଗୋଠାଣ ସ୍ଥାନରେ ଏକତ୍ର ହୋଇଥାନ୍ତି । ସେଠାରେ ହିଁ ଏହି ନାଚ ରାତି ତମାମ୍ ଚାଲିଥାଏ । ପ୍ରଥମେ ଦୁରୁଆ ଗଉଡ **'ଶିଂଗା'** ବଜେଇ ନାଚ ପାଇଁ ଆହ୍ୱାନ ଜଣାଏ ।

**'ଶିଂଗା'** ସଂପର୍କରେ ଏଠାରେ କିଛି ଉଲ୍ଲେଖ କରାଯାଇପାରେ । 'ଶିଂଗା' ହେଉଛି ମଇଁଷି ଶିଙ୍ଗ କିମ୍ବା ଧାତୁ ନିର୍ମିତ ଶିଙ୍ଗ ଆକୃତିର ଏକ ବାଦ୍ୟଯଂତ୍ର । ଉଭୟ ସୁଖ ଓ ଦୁଃଖ ସମୟରେ ଏହାକୁ ବଜାଯାଇଥାଏ । ଏହି ବାଦ୍ୟ ବଜାଇଲେ ଗାଁ ଲୋକେ ଏକତ୍ରିତ ହୋଇଥାନ୍ତି । ଗାଁକୁ କୌଣସି ବିପଦ ମାଡି ଆସିଲେ କିମ୍ବା ଜଙ୍ଗଲରେ କୌଣସି ଦୁରୁଆ ବାଘ ହାବୁଡରେ ପଡିଥିଲେ କିମ୍ବା ପର୍ବପର୍ବାଣୀ, ଉ ବ ପାଳନ ସମୟରେ ଶିଂଗା ବଜାଯାଏ । ବେଣ୍ଟ ଯାତ୍ରା ସମୟରେ ଜଣେ ଦୁରୁଆ ଯୁବକ ଆଗେଆଗେ ଶିଂଗା ବଜେଇ ଚାଲେ ଓ ତା ପଛେପଛେ ଅନ୍ୟ ଯୁବକମାନେ ବେଣ୍ଟ (ଶିକାର) କରିବାକୁ ଜଙ୍ଗଲ ଅଭିମୁଖେ ବାହାରନ୍ତି ।

Digitized by srujanika@gmail.com

ଦୁରୁଆ ଯୁବକ ବଂଶୀ ବଜାଏ । ପରେପରେ ବାଦକମାନେ ମାଦଲ, ତିଡ଼ିବିଡ଼ି ଆଦି ବାଜା ବଜେଇ ଦୁରୁଆ ଯୁବକ ଓ ଯୁବତୀମାନଙ୍କୁ ନାଚ କରିବାକୁ ଆମନ୍ତ୍ରିତ କରନ୍ତି । ବାଦ୍ୟର ଧ୍ୱନିରେ ସମଗ୍ର ପରିବେଶ କୋଳାହଳମୟ ହୋଇ ଉଠିଲା ପରେ ପ୍ରଥମେ ଧାଙ୍ଗିଡ଼ିମାନେ ନାଚ କରିବାକୁ ବାହାରି ପଡନ୍ତି ଏବଂ ତାଙ୍କୁ ଧାଙ୍ଗଡ଼ାମାନେ ଅନୁସରଣ କରନ୍ତି । ଯୁବତୀମାନେ ଗୀତ ମାଧ୍ୟମରେ ଟାହି ଟାପରା କରି ଯୁବକମାନଙ୍କୁ ନାଚ କରିବାକୁ ଉସ୍‌କାଇ ଥାନ୍ତି । ଶିକାର କରି ଗଲାବେଳେ ଯେଉଁସବୁ ଶିକାର ସରଂଜାମ ଦରକାର ପଡିଥାଏ, ସେହିସବୁ ଉପକରଣ ଧରି ଦୁରୁଆ ଯୁବକମାନେ ନାଚିବାକୁ ବାହାରି ପଡନ୍ତି । ଯୁବକମାନେ କାନ୍ଧରେ ଧନୁ, କାଣ୍ଡ, ଟାଂଗିଆ, ଲାଉ ତୁମ୍ବା, ପେଜ, ଲନ୍ଦା, ପେଣ୍ଡମ ଥଳୀ, ସିଂଗା, ହରିଣ ସିଙ୍ଗ, ମଇଁଷି ଶିଙ୍ଗ, ଏମିତିକି ନାନା ପ୍ରକାର କୃଷି ଉପକରଣ ସାଙ୍ଗରେ ଧରି ଯୁବତୀମାନଙ୍କ ସହ ନାଚିବାକୁ ଆଗେଇ ଆସନ୍ତି । ଯୁବକମାନେ ମୁଣ୍ଡରେ ମଇଁଷି ଓ ହରିଣ ସିଙ୍ଗ ବାନ୍ଧିଥାନ୍ତି ଓ ମୁଣ୍ଡରେ ଦୁରୁଆ ଖଦିରେ ଏକ ପଗଡି ଖୋସିଥାନ୍ତି । ଉଭୟ ଯୁବକ ଓ ଯୁବତୀମାନେ ଦୁରୁଆ ପାଟେଇ ପରିଧାନ କରିଥାନ୍ତି । ଅଧିକାଂଶ ସମୟରେ ଏହି ନାଚ ମାଧ୍ୟମରେ ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ସୁସଂପର୍କ ଗଢି ଉଠିଥାଏ ଓ ପ୍ରେମର ଆଦାନ ପ୍ରଦାନ ହୋଇଥାଏ । ନାଚ ବେଳେ ଯେଉଁ ଯୁବକ ଯେଉଁ ଯୁବତୀକୁ ପସନ୍ଦ କରେ ତାକୁ ହିଁ ବିଭା କରିଥାଏ ଓ ଜୀବନସାଥୀ କରିଥାଏ ।



Digitized by srujanika@gmail.com

## 'ବିର୍ଲି' ନାଚରେ ବ୍ୟବହୃତ ପୋଷାକ ଓ ଅଳଙ୍କାର (costume & ornaments)

'ବିର୍ଲି' ନାଚରେ ଦୁରୁଆ ଯୁବକ ଓ ଯୁବତୀମାନେ ସାଧାରଣତଃ ସୂତା କପଡ଼ାରେ ବୁଣା ଯାଇଥିବା ଖଦି ବସ୍ତ୍ର ପରିଧାନ କରିଥାନ୍ତି । ଏହି ଖଦିକୁ **'ଦୁରୁଆ ପାଟେଇ'** କହନ୍ତି । ଦୁରୁଆ ଧାଙ୍ଗିଡ଼ି ଓ ଡୋକରୀମାନେ 'ଦୁରୁଆ ପଟେଇ'କୁ ଦେହରେ ଗୁଡେଇକରି ପିନ୍ଧିଥାନ୍ତି । ଦୁରୁଆ ଯୁବକମାନେ କେବଳ ଅଣ୍ଟାରେ ଖଣ୍ଡେ ଦୁରୁଆ ପଟେଇ ପିନ୍ଧିଥାନ୍ତି ଏବଂ ମୁଣ୍ଡରେ ଏକ ପଗଡ଼ି ଖୋସିଥାନ୍ତି । ଯୁବତୀମାନେ ମୁଣ୍ଡରେ କଷମ ତେଲ ଲଗେଇ କେଶକୁ ପାରିକରି କୁଣ୍ଡେଇଥାନ୍ତି ଓ ମୁଣ୍ଡର ମଝିରେ ଶିରା ପାରି ପଛ ପଟରେ ଏକ ବଡ଼ ଖୋସା କରିଥାନ୍ତି । **'ଦୁରୁଆ ଖୋସା'** ହିଁ ଦୁରୁଆ ଯୁବତୀମାନଙ୍କର ବିଶେଷତ୍ୱ । କେଶକୁ ସଜେଇ ରଖିବା ପାଇଁ ଯୁବତୀମାନେ ମୁଣ୍ଡରେ ବାଉଁଶ ନିର୍ମିତ ଚିପ୍‌ନା (Hair clip) ଓ ବାଉଁଶ ପାନିଆ ବ୍ୟବହାର କରିଥାନ୍ତି । ଚିପ୍‌ନାକୁ ଦୁରୁଆମାନେ **'ଚିମ୍‌ଟେଲ୍‌'** କହନ୍ତି । ଯୁବତୀ ହାତରେ ଖଡୁ **(ଚିନ୍‌ଫୁଲ)** ପିନ୍ଧିଥାନ୍ତି । ଉଭୟ ଯୁବକ ଓ ଯୁବତୀମାନେ ବେକରେ ଦୁରୁଆ ମାଳି ପିନ୍ଧିଥାନ୍ତି । ଏହା ସାଂଗକୁ ଯୁବକ ଓ ଯୁବତୀ ଗୋଡରେ ଏକ ପ୍ରକାର ଜଙ୍ଗଲୀ ଫଳ **'ଟାଇଫଳ'**କୁ ଘୁଂଗୁର କରି ପିନ୍ଧିଥାନ୍ତି । ଟାଇଫଳ ହେଉଛି, ଏକ ଜଙ୍ଗଲୀ ଫଳ । ଏହାକୁ ଗରମ ପାଣିରେ ସିଝେଇ ଓ ପରେ ଖରାରେ ଶୁଖାଯାଏ । ଭଲ ଭାବେ ଶୁଖିଗଲା ପରେ ଏହାକୁ ଘୁଂଗୁର ଭାବେ ବ୍ୟବହାର କରାଯାଏ । ଟାଇଫଳ ଗୋଡରେ ପିନ୍ଧିଲେ ସେଥିରୁ ଝଣଝଣ ଶବ୍ଦ ନିର୍ଗତ ହୋଇଥାଏ । ଯୁବତୀମାନେ ବିଭିନ୍ନ ପ୍ରକାର ଗହଣା ପରିଧାନ କରିଥାନ୍ତି । ଯୁବକମାନେ କାନ୍ଧରେ ଧନୁ, କାଣ୍ଡ, ଟାଂଗିଆ, ଲାଉ ତୁମ୍ବା, ପେଜ, ଲନ୍ଦା, ପେଣ୍ଡମ ଥଳୀ, ସିଙ୍ଗା, ହରିଣ ସିଙ୍ଗ, ମଇଁଷି ଶିଙ୍ଗ, ଏମିତିକି ନାନା ପ୍ରକାର କୃଷି ଉପକରଣ ସାଙ୍ଗରେ ଧରି ଯୁବତୀମାନଙ୍କ ସହ ନାଚିବାକୁ ଆଗେଇ ଆସନ୍ତି । ଯୁବକମାନେ ମୁଣ୍ଡରେ ମଇଁଷି ଓ ହରିଣ ସିଙ୍ଗ ବାନ୍ଧିଥାନ୍ତି । ଯୁବକ ଯୁବତୀମାନେ ପାଦରେ ଘୁଂଗୁର (ପେଡ଼ି), ପାଦ ଆଙ୍ଗୁଳିରେ ଝୁଣ୍ଟିଆ ପିନ୍ଧିଥାନ୍ତି । ସମ୍ମୁଖ ଭାଗରେ ଥିବା ଯୋଡି ମଧ୍ୟରୁ ଧାଙ୍ଗଡ଼ାଟି ଏକ ସୁସ୍‌କାରୀ ଓ ଧାଙ୍ଗିଡ଼ିଟି ଏକ ମୟୂର ପୁଚ୍ଛ ଧରିଥାନ୍ତି ।

## ବାଦ୍ୟଯନ୍ତ୍ର (musical instruments)

ନାଚ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ଦୁରୁଆ ଗଉଡ ସିଂଗା ବଜେଇ ନାଚ ପାଇଁ ଆହ୍ୱାନ ଜଣାଏ । ତା' ପରେ ଜଣେ ଦୁରୁଆ ଯୁବକ ବଂଶୀ ବଜାଏ । ପରେପରେ ଅନ୍ୟ ବାଦକମାନେ ମାଦଲ, ତିଡ଼ିବିଡ଼ି ଆଦି ବାଜା ବଜେଇ ଦୁରୁଆ ଯୁବକ ଓ ଯୁବତୀମାନଙ୍କୁ ନାଚ କରିବାକୁ

Digitized by srujanika@gmail.com

ଆମନ୍ତ୍ରିତ କରିଥାନ୍ତି । 'ବିର୍ଲି' ନାଚରେ ଲମ୍ବା ଢୋଲ, ଶିଂଗା, ସୁସ୍‌କାରୀ, ମାଦଲ, ତିଡ଼ିବିଡ଼ି, ଟାମକ୍, ବଂଶୀ ପ୍ରମୁଖ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଥାଏ ।

## ବିର୍ଲି ନୃତ୍ୟ

କୋରାପୁଟ ଜିଲ୍ଲାର ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ହଳଦିକୁଣ୍ଡ ପଞ୍ଚାୟତର ଶିରିବେଡା ଗାଁରୁ ଏହି ନୃତ୍ୟ ସଂପର୍କରେ ତଥ୍ୟ ସଂଗ୍ରହ କରାଯାଇଥିବା ପୂର୍ବରୁ କୁହାଯାଇଛି । ଶିରିବେଡା ଗାଁରେ ଶତକଡା ଶହେ ଭାଗ ଲୋକ ଦୁରୁଆ ସଂପ୍ରଦାୟର ଅଟନ୍ତି । ଶିରିବେଡା ଗାଁର ଗୁପ୍ତ ଦୁରୁଆ, ମଙ୍ଗଳା ଦୁରୁଆ, ମୁରା ଦୁରୁଆ, ବାଦୁ ଦୁରୁଆ, ଆଇତୁ ଦୁରୁଆ, କାଳୁ ଦୁରୁଆ, ପାଣ୍ଡୁ ଦୁରୁଆ, ମାଗା ଦୁରୁଆ, ତିଲକ୍ ଦୁରୁଆ, ଶୁକ୍ରା ଦୁରୁଆ, ରାଇଧର ଦୁରୁଆ, ଧନ୍‌ପତ ଦୁରୁଆ, ଜଗନ୍ନାଥ ଦୁରୁଆ, ବାଦୁ ଦୁରୁଆ, ବେଶାଖୁ ଦୁରୁଆ, ଦିଆରି ଦୁରୁଆ, ତୁଳାରାମ ଦୁରୁଆ, ଈଶ୍ୱର ଦୁରୁଆ, ପୁଷୁ ଦୁରୁଆ, ସହଦେବ ଦୁରୁଆ, ଗୁରୁ ଦୁରୁଆ ପ୍ରମୁଖ ଦୁରୁଆ ଧାଙ୍ଗଡ଼ା ଓ ଜେଇତି ଦୁରୁଆ, ମହାଦେଇ ଦୁରୁଆ, ପୁଷେଇ ଦୁରୁଆ, ଆଇତି ଦୁରୁଆ, ଜିମାଇ ଦୁରୁଆ, ନୀଳାବତୀ ଦୁରୁଆ, ବୁଦ୍ରି ଦୁରୁଆ, ରୁକୁଣା ଦୁରୁଆ, ଚେନ୍ଦ୍ରି ଦୁରୁଆ, ଚଂପା ଦୁରୁଆ, ଭଗବତୀ ଦୁରୁଆ, ହୀରା ଦୁରୁଆ, ମଙ୍ଗ୍‌ଲି ଦୁରୁଆ, ପାଗ୍‌ନି ଦୁରୁଆ ପ୍ରମୁଖ ଧାଙ୍ଗିଡ଼ିମାନେ ବିର୍ଲି ନୃତ୍ୟର ଜଣେଜଣେ ସଦସ୍ୟ ଓ ସଦସ୍ୟା । ଏମାନେ ଗାଁରେ ପୁଷ୍ ପୂନେଇ ହେଉକି ଦିଆଲି କିମ୍ବା ଅନ୍ୟ ଉ ବ



Digitized by srujanika@gmail.com

ଦିନମାନଙ୍କରେ ବିର୍ଲି ନାଚ କରିଥାନ୍ତି । ଏହି ଗାଁର ଦୁରୁଆମାନେ କୋରାପୁଟ ଜିଲ୍ଲାର 'ପରବ୍' ଉ ବ ସମେତ ଅନ୍ୟାନ୍ୟ ଜିଲ୍ଲା ମହୋ ବ ଏବଂ ରାଜ୍ୟସ୍ତରୀୟ ମହୋ ବରେ ଭାଗ ନେଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଲେଣି ।

ଦୁରୁଆମାନେ ଖୁବ୍ ପରିଶ୍ରମୀ ଓ ବିଳାସପ୍ରିୟ । ଏମାନେ ବର୍ଷର ବିଭିନ୍ନ ସମୟରେ ନୃତ୍ୟଗୀତ କରିଥାନ୍ତି, ମାତ୍ର ପୁଷ୍ ପୂନେଇଁ, ଦିଆଲି ପର୍ବ ଓ ଚଇତ୍ ପରବ ବେଳେ ବିଶେଷ ଭାବେ ଉ ବମୁଖର ହୋଇପଡିଥାନ୍ତି । ପୁଷ୍ ପୂନେଇଁ ବେଳେ ବିଶେଷକରି ଗାଁର ଯୁବକ ଓ ଯୁବତୀମାନେ ବିର୍ଲି ନାଚ କରିଥାନ୍ତି । ସନ୍ଧ୍ୟା ନଇଁ ଆସିଲେ ଗାଁରେ ଯୁବକ ଓ ଯୁବତୀମାନେ ଏକତ୍ରିତ ହୋଇ ଏହି ନାଚଗୀତର ଆସର ଜମେଇଥାନ୍ତି ।

ଏହି ନାଚରେ କେତେ ଜଣ ଯୁବକ ଓ ଯୁବତୀ ରହିବେ ସେମିତି କିଛି ଧରାବନ୍ଧା ନିୟମ ନାହିଁ । ତେବେ ଏଥିରେ ପାଖାପାଖି ୩୦ରୁ ୪୦ ଜଣ ଦୁରୁଆ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥାନ୍ତି । ସମାନ ସଂଖ୍ୟାରେ ଯୁବକ, ଯୁବତୀ ଏହି ନାଚରେ ସାମିଲ ହୁଅନ୍ତି । ଜଣେ ଧାଙ୍ଗଡା ତାର ମନ ପସନ୍ଦର ଜଣେ ଧାଙ୍ଗିଡ଼ିଙ୍କୁ ସାଂଗରେ ଧରି ଯୋଡିଯୋଡି ହୋଇ ନାଚନ୍ତି । ଧାଙ୍ଗିଡ଼ିମାନେ ପରସ୍ପର କାନ୍ଧରେ ଓ ଅଣ୍ଟାରେ ହାତକୁ ଛନ୍ଦି ଗୀତ ଗାଇ ନାଚିଥାନ୍ତି । ଜଣେ ଧାଙ୍ଗିଡ଼ି ଡାହାଣ ହାତକୁ ତା'ର ଡାହାଣ ପାର୍ଶ୍ୱରେ ଥିବା ଅନ୍ୟ ଜଣେ ଧାଙ୍ଗିଡ଼ିର କାନ୍ଧରେ ରଖିଥିବାବେଳେ ବାମ ହାତକୁ ବାମ ପାର୍ଶ୍ୱରେ ଥିବା ଧାଙ୍ଗିଡ଼ିର ଅଣ୍ଟାରେ ରଖିଥାଏ । ଏମିତି ଭାବେ ପ୍ରତି ଧାଙ୍ଗିଡ଼ିର ଗୋଟିଏ ହାତ ଜଣେ ଧାଙ୍ଗିଡ଼ିର କାନ୍ଧରେ ରହିଥିବାବେଳେ ଅନ୍ୟ ହାତଟି ଆଉ ଜଣେ ଧାଙ୍ଗିଡ଼ିର ଅଣ୍ଟାରେ ରହିଥାଏ । ଏହି ତାଳ ଓ ମୁଦ୍ରାରେ ଦୀର୍ଘ ସମୟ ଧରି ନୃତ୍ୟ ଚାଲୁ ରହେ । ନାଚ ଆରମ୍ଭ ହେବା ପୂର୍ବରୁ ଧାଙ୍ଗିଡ଼ିମାନେ ଗୀତ ମାଧ୍ୟମରେ ଟାହିଟାପରା କରି ଯୁବକମାନଙ୍କୁ ନାଚ କରିବାକୁ ଆମନ୍ତ୍ରିତ କରନ୍ତି । ଯୁବକମାନେ ନାଚ କରିବାକୁ ଆସିଲାବେଳେ ସାଙ୍ଗରେ ବିଭିନ୍ନ ପ୍ରକାର ଶିକାର ସରଞ୍ଜାମ ଧରି ଆସନ୍ତି । ପ୍ରଥମ କିଛି ସମୟ ଧାଙ୍ଗଡା, ଧାଙ୍ଗିଡ଼ିମାନେ ଅଲଗା ହୋଇ ଦୁଇଟି ଧାଡିରେ ନାଚନ୍ତି । ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚିଲା ବେଳେ ସେମାନେ ଦୁଇ ପାଦ ଆଗକୁ ଯାଇ ପୁଣି ଦୁଇ ପାଦ ପଛକୁ ଘୋସାରି ଘୋସାରି ପକାନ୍ତି । କିଛି ସମୟ ଏମିତି ନାଚିବା ପରେ ଯୁବକ ଓ ଯୁବତୀମାନେ ଯୋଡି ଯୋଡି ହୋଇ ଯାଆନ୍ତି । ନୃତ୍ୟ ବେଳେ ସମ୍ମୁଖରେ ଯେଉଁ ଯୋଡି ଥାଆନ୍ତି, ସେହି ଯୋଡିର ଧାଙ୍ଗଡ଼ାଟି ହାତରେ ଏକ ସୁସ୍କାରୀ ଧରିଥାଏ ଏବଂ ଧାଙ୍ଗିଡ଼ିଟି ମୟୂର ପୁଚ୍ଛ ଧରିଥାଏ । ଧାଙ୍ଗଡ଼ାଟି ସୁସ୍କାରୀ ବଜେଇ ନୃତ୍ୟର ବେଗ ନିୟନ୍ତ୍ରଣ କରିଥାଏ । ଧାଙ୍ଗିଡ଼ିଟି ମୟୂର ପୁଚ୍ଛ ଧରି ନାଚକୁ ଆଗେଇ ନେଇଥାଏ ।

Digitized by srujanika@gmail.com

ଦୁରୁଆ ଯୁବକ, ଯୁବତୀମାନେ ଦିନ ତମାମ୍ ଜଙ୍ଗଲରୁ କାଠ ସଂଗ୍ରହ ଓ ଡ଼ଙ୍ଗର ପାଇଟି ସାରି ସନ୍ଧ୍ୟାରେ ଗାଁର ମଝି ଦାଣ୍ଡରେ ଏକତ୍ରିତ ହୁଅନ୍ତି । ରାତି ସାରା ଏହି ନାଚ ଓ ଗୀତ ଚାଲେ । ତେବେ ପୁଷ୍ ପୁନେଇଁ ବେଳକୁ ପ୍ରାୟ ପନ୍ଦର ଦିନ ଧରି ଯୁବତୀ ଓ ବୃଦ୍ଧାମାନେ ଗାଁ ଗାଁ ବୁଲି ଏହି ନାଚ ଓ ଗୀତ ପରିବେଷଣ କରିଥାନ୍ତି । ଏହା ସାଙ୍ଗକୁ ଚଇତ୍ ପରବ, ଦିଆଲି ପରବ, ଧାନରୁଆ, ଧାନକଟା, ବିଭାଘର, ଦଶାଘର ଓ ଶିଶୁ ଜନ୍ମ ଉ   ବ ସମୟରେ 'ବିର୍ଲି' ଗୀତ ଓ ନାଚର ଆସର ଜମିଥାଏ । ଏହା ଏକ ଦଳଗତ ନୃତ୍ୟ । ଧାଙ୍ଗଡ଼ା ଓ ଧାଙ୍ଗିଡ଼ିମାନେ ଯୋଡ଼ି ଯୋଡି ହୋଇ ନାଚିଥାନ୍ତି ।

'ବିର୍ଲି' ନାଚରେ ଯୁବକ ଓ ଯୁବତୀମାନେ ଯୋଡିଯୋଡି ହୋଇଗଲା ପରେ ସେମାନେ ଅର୍ଦ୍ଧ ବୃତ୍ତାକାର ପଥରେ ଘୁରି ଘୁରି ନାଚନ୍ତି ।

## 'ବିର୍ଲି ନାଚ' ଗୀତ ନଂ୧:

**ଧାଙ୍ଗିଡ଼ିମାନେ ବୋଲୁଥିବା ଗୀତ:**

ଏଦେରେ'
ଶିରିବେଡିଆର ଧାଙ୍ଗଡ଼ାମାନ୍
କେନେ ପଲାଇଲା
ଏଦେରେ'
ଚା' ପତର ବୋଲାକାଏ ଚା' ପତର
ଶିରିବେଡିଆର ଧାଙ୍ଗଡାମାନେ ଏକାବତର
ଏଦେରେ'
ନାଙ୍ଗର କରେକରେ ବୋଲାକାଏ ନାଙ୍ଗର କରେକରେ
ଇ ଗାଁର ଧାଙ୍ଗଡ଼ାମାନେ ବାଏଲ ଖରେଖରେ
ଏଦେରେ'
ଆମା ଟାକୁ ଟାକୁ ବୋଲାକାଏ ଆମା ଟାକୁ ଟାକୁ
ଇ ଗାଁର ଧାଙ୍ଗଡାମାନ୍‌କେ ବାରିଆ ଗୁଡାଏ ଢାପୁ
ଏଦେରେ'

Digitized by srujanika@gmail.com

ଚିଙ୍ଗିଡ଼ି ମାଛ୍‌କେ ଲେଙ୍ଗିଡ଼ି ନାଇଁ ବୋଲାକାଏ
ଚିଙ୍ଗିଡ଼ି ମାଛ୍‌କେ ଲେଙ୍ଗିଡ଼ି ନାଇଁ
ଏ ଗାଁରେ ଧାଙ୍ଗଡ଼ା ନାଇଁ
ଏଦେରେ'
ରାଏଲ ରୋଶନ ବୋଲାକାଏ ରାଏଲ ରୋଶନ୍‌
ବଲ୍‌ କରି ଫୁଙ୍କ୍‌କାଏ ମଇରା ଶହ୍ରେ ଶରନ
ଏଦେରେ'.......

## 'ବିର୍ଲି ନାଚ' ଗୀତ ନଂ୨:

ଧାଙ୍ଗିଡ଼ି:
ଘୋର୍‌ଷ ଫୁଲ ଫୁଲେଲଘେ
ଆମ ଫୁଲ ଫୁଲେଲଘେ
ଚିତ୍‌ତେ ବିତି ଚିତେଘେ
ଜିତ୍‌ତେ ବିତି ଜିତେଘେ
ସିରୋତା ରାଇଦର ଲେଖା
ମାଣ୍ଡ ଝୁଲେଘେ

ଧାଙ୍ଗଡ଼ା:
ତେନ୍ତ୍‌ଲି ଫୁଲ୍‌ ଫୁଲେଲଘେ
ଆମା ଫୁଲ୍‌ ଫୁଲେଲଘେ
ଚିତ୍‌ତେ ବିତି ଚିତେଘେ
ଜିତ୍‌ତେ ବିତି ଜିତେଘେ
ସିରୋତା ଜେଇତି ଲେଖି
ମାଣ୍ଡ ଝୁଲେଘେ

ଧାଙ୍ଗିଡ଼ି:
ତିଲ୍‌ ଫୁଲ୍‌ ଫୁଲେଲଘେ
ଆମା ଫୁଲ୍‌ ଫୁଲେଲଘେ
ଚିତ୍‌ତେ ବିତି ଚିତେଘେ
ଜିତ୍‌ତେ ବିତି ଜିତେଘେ

Digitized by srujanika@gmail.com

ସିରୋତା ଶୁକ୍ରା ଲେଖା
ମାଣ୍ଡ ଝୁଲେସେ

ଧାଙ୍ଗଡା:
ରାଇ ଫୁଲ୍ ଫୁଟେଲସେ
ଆମା ଫୁଲ୍ ଫୁଟେଲସେ
ଚିତ୍ତେ ବିତି ଚିତେସେ
ଜିତ୍ତେ ବିତି ଜିତେସେ
ସିରୋତା ଆଇତି ଲେଖି
ମାଣ୍ଡ ଝୁଲେସେ

ଧାଙ୍ଗିଡ଼ି:
ଅଲ୍‌ସି ଫୁଲ୍ ଫୁଟେଲସେ
ଆମା ଫୁଲ୍ ଫୁଟେଲସେ
ଚିତ୍ତେ ବିତି ଚିତେସେ
ଜିତ୍ତେ ବିତି ଜିତେସେ
ସିରୋତା ରଜନ୍ (ରଞ୍ଜନ) ଲେଖା
ମାଣ୍ଡ ଝୁଲେସେ

ଧାଙ୍ଗଡା:
ବିରି ଫୁଲ୍ ଫୁଟେଲସେ
ଆମା ଫୁଲ୍ ଫୁଟେଲସେ
ଚିତ୍ତେ ବିତି ଚିତେସେ
ଜିତ୍ତେ ବିତି ଜିତେସେ
ସିରୋତା ମଙ୍ଗ୍ଲି ଲେଖି
ମାଣ୍ଡ ଝୁଲେସେ

Digitized by srujanika@gmail.com


(ତଥ୍ୟ ଓ ଗୀତ ସଂଗ୍ରହ: ମାଙ୍ଗି ଦୁରୁଆ, ରାଧା ଦୁରୁଆ, ଜେଇତି ଦୁରୁଆ, ଆଇତି ଦୁରୁଆ, ମହାଦେଇ ଦୁରୁଆ, ପୁଷେଇ ଦୁରୁଆ, ଜିମାଇ ଦୁରୁଆ, ଗୁପ୍ତ ଦୁରୁଆ, ମଙ୍ଗଳା ଦୁରୁଆ, ମୁରା ଦୁରୁଆ, ବାଦୁ ଦୁରୁଆ, ଆଇତୁ ଦୁରୁଆ, କାଳୁ ଦୁରୁଆ, ପାଣ୍ଡୁ ଦୁରୁଆ, ମାଗା ଦୁରୁଆ, ତିଲକ୍ ଦୁରୁଆ, ଏବଂ ଗାଁର ଶିକ୍ଷକ କୁଳମଣି ଜେନା

ଗ୍ରାମ: ଶିରିବେଡା, ପଞ୍ଚାୟତ: ହଳଦିକୁଣ୍ଡ, ବ୍ଲକ୍: ବୈପାରୀଗୁଡା, ଜିଲ୍ଲା: କୋରାପୁଟ)

## ଡ଼ଙ୍ଗରିଆ କନ୍ଧ ନୃତ୍ୟ

## (the 'Dongaria kondh dance' of Rayagada)

ଡ଼ଙ୍ଗରିଆ କନ୍ଧମାନେ ମୁଖ୍ୟତଃ ରାୟଗଡା ଓ କଳାହାଣ୍ଡି ଜିଲ୍ଲା ମଧ୍ୟରେ ଅବସ୍ଥିତ ନିୟମଗିରି ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି । ରାୟଗଡା ଜିଲ୍ଲାର ବିଷମ କଟକ, କଲ୍ୟାଣସିଂପୁର, ମୁନିଗୁଡା ପ୍ରମୁଖ ବ୍ଲକ୍‌ରେ ଡ଼ଙ୍ଗରିଆ କନ୍ଧମାନେ ଦେଖିବାକୁ ମିଳନ୍ତି । ଅନ୍ୟ କନ୍ଧ ସମ୍ପ୍ରଦାୟ ଯଥା; ମାଳିଆ କନ୍ଧ, କୁଟିଆ କନ୍ଧମାନଙ୍କଠାରୁ ଡ଼ଙ୍ଗରିଆ କନ୍ଧମାନଙ୍କର ଚାଲି, ଚଳଣି ଭିନ୍ନ । ଡ଼ଙ୍ଗରିଆ କନ୍ଧମାନଙ୍କ ମଧ୍ୟରେ ବିଭିନ୍ନ ବଂଶ (Totem) ରହିଛି । ଜାକେଶିକା, ଶିକୋକା,



Digitized by srujanika@gmail.com

ୱାଡାକା, ପୁଷିକା, ବେଙ୍ଗେଶିକା, କାଡ୍ରାକା, ନିଶିକା, ମେଲେକା, ପିଡ଼ିକାକା ଆଦି ବିଭିନ୍ନ ବଂଶର ଡ଼ଙ୍ଗରିଆ କନ୍ଧ ରାୟଗଡ଼ା ଜିଲ୍ଲାରେ ବସବାସ କରିଥାନ୍ତି । ତେବେ ଜାକେଶିକା ବଂଶର ଡ଼ଙ୍ଗରିଆ କନ୍ଧମାନେ ଉଚ୍ଚ ଜାତିର ବୋଲି ବିବେଚିତ ହୋଇଥାନ୍ତି । ଡ଼ଙ୍ଗରିଆ କନ୍ଧମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି । ଦିନସାରା ଖଟିଖଟି ଘରକୁ ଫେରିଲା ପରେ କନ୍ଧ ଯୁବକ ଯୁବତୀମାନେ ମନ ଫୁର୍ତ୍ତି କରିବାକୁ ନୃତ୍ୟ, ଗୀତର ଆସର ଜମେଇ ଦେଇଥାନ୍ତି । ଏହା ବ୍ୟତୀତ ସେମାନେ ବିଭିନ୍ନ ପର୍ବପର୍ବାଣୀ ସମୟରେ **'ଧାଙ୍ଗଡ଼ା-ଧାଙ୍ଗିଡ଼ି'** ନୃତ୍ୟ ପରିବେଷଣ କରିଥାନ୍ତି ।

## ପୋଷାକ ଓ ଅଳଙ୍କାର

## (costume & ornaments)

ଡ଼ଙ୍ଗରିଆ କନ୍ଧମାନେ ସାଧାରଣତଃ ଖଦି ବସ୍ତ୍ର ପରିଧାନ କରି ନାଚିବାକୁ ବାହାରି ପଡନ୍ତି ।



Digitized by srujanika@gmail.com

ଡ଼ଙ୍ଗରିଆ କନ୍ଧ ଯୁବତୀମାନେ ଏହି ଖଦି କପଡାକୁ ଦେହରେ ଗୁଡେଇକରି ପିନ୍ଧିଥାନ୍ତି । କନ୍ଧ ରମଣୀଙ୍କ ଶାଢ଼ି ମୁଖ୍ୟତଃ ଧଳା ରଙ୍ଗର ଏବଂ ଏଥିରେ ନାଲି ଓ ସବୁଜ ରଙ୍ଗର ଧଡ଼ି କାମ ହୋଇଥାଏ । ଏମାନେ ଦୁଇ ଖଣ୍ଡ ଶାଢ଼ି ପିନ୍ଧିଥାନ୍ତି । ଉଭୟ ଡ଼ଙ୍ଗରିଆ କନ୍ଧ ଯୁବକ ଓ ଯୁବତୀମାନେ ଅଳଙ୍କାର ପ୍ରିୟ । ଯୁବକମାନେ ଶରୀରରେ ନାନା ପ୍ରକାର ଗହଣା ପିନ୍ଧୁଥିବାରୁ ସେମାନେ ଯୁବତୀଙ୍କ ଭ୍ରମ ସୃଷ୍ଟି କରନ୍ତି । ଉଭୟ ଡଙ୍ଗରିଆ ଯୁବକ ଓ ଯୁବତୀମାନେ ମୁଣ୍ଡ ବାଳକୁ ମଝି ଶିରା ପାରି କୁଣ୍ଡେଇ ଥାନ୍ତି । କେଶକୁ ସଜେଇ ରଖିବା ପାଇଁ ଉଭୟ ଯୁବକ ଓ ଯୁବତୀମାନେ ମୁଣ୍ଡରେ ଚିପ୍‌ନା (Hair clip) ବ୍ୟବହାର କରିଥାନ୍ତି । ଚିପ୍‌ନାକୁ ଡ଼ଙ୍ଗରିଆ କନ୍ଧ ଭାଷାରେ **ଜାଟ୍‌ପୁରିଜା** କହନ୍ତି । ଉଭୟ ଯୁବକ, ଯୁବତୀ ମୁଣ୍ଡରେ ଏକାଧିକ ଜାଟ୍‌ପୁରିକା ବ୍ୟବହାର କରିଥାନ୍ତି । ଯୁବତୀମାନେ ବେକରେ ରୂପା କିମ୍ବା ହ୍ୱାଇଟ୍ ମେଟାଲ୍‌ରେ ନିର୍ମିତ ହାର (necklace) ପିନ୍ଧିଥାନ୍ତି । ବଣ୍ଡାମାନଙ୍କ ଭଳି ଜଣେ ଡ଼ଙ୍ଗରିଆ ଯୁବତୀମାନେ ବେକରେ ଏକାଧିକ ହାର/ମାଳି ପିନ୍ଧିଥାନ୍ତି । ଏହି ହାର/ମାଳିକୁ ଡ଼ଙ୍ଗରିଆ କନ୍ଧ ଭାଷାରେ **'କାଗୁଡି'** କହନ୍ତି । ଡ଼ଙ୍ଗରିଆ କନ୍ଧ ଯୁବକ, ଯୁବତୀମାନେ ବେକରେ ଏକାଧିକ 'କାଗୁଡି' ପିନ୍ଧିଥାନ୍ତି । ଉଭୟ ଡ଼ଙ୍ଗରିଆ ଯୁବକ, ଯୁବତୀ ହାତ ଆଙ୍ଗୁଳିରେ ମୁଦି **(ପୁଙ୍ଗା ମୁଦି)**, କାନରେ କାନଫୁଲ, ନାକରେ ନୋଥ (ଡ଼ଙ୍ଗରିଆ ଭାଷାରେ 'ମୁର୍ମା'), ପାଦରେ ପାଉଁଜି, ହାତରେ ଖଡୁ ପରିଧାନ କରିଥାନ୍ତି । ଡ଼ଙ୍ଗରିଆ କନ୍ଧ ଯୁବକ, ଯୁବତୀମାନେ ମଧ୍ୟ ଶରୀରର ବିଭିନ୍ନ ଅଂଶରେ ଚିତା



Digitized by srujanika@gmail.com

କୁଟେଇଥାନ୍ତି । ଚିତା କୁଟେଇବାକୁ ଡ଼ଙ୍ଗରିଆ କନ୍ଧ ଭାଷାରେ **'କୁଡି ଲିଙ୍ଗା'** କହନ୍ତି । ଏହା ସାଙ୍ଗକୁ ଡ଼ଙ୍ଗରିଆ ଯୁବକ, ଯୁବତୀମାନେ ବେକରେ ଶତାଧିକ ସୂତା ମାଳି (ଡ଼ଙ୍ଗରିଆ ଭାଷାରେ **'ମେକୋଡିକା'**) ପରିଧାନ କରିଥାନ୍ତି । ଡ଼ଙ୍ଗରିଆ ଯୁବକମାନେ ମୁଣ୍ଡରେ ଶିଙ୍ଗ ପାନିଆ ଖୋସିଥାନ୍ତି । ଏହି ପାନିଆକୁ ଡ଼ଙ୍ଗରିଆ କନ୍ଧ ଭାଷାରେ **'କୋକ୍ସା'** କହନ୍ତି ।

## ବାଦ୍ୟଯନ୍ତ୍ର


(musical instruments)

ଡ଼ଙ୍ଗରିଆ କନ୍ଧ 'ଧାଂଗଡା ଧାଂଗିଡ଼ି' ନାଚ ବେଳେ ଡାପୁ (single membrane drum), ନିଶାଣି (single membrane drum), କାଠ ଗିନି (clapper series) ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରିଥାନ୍ତି ।

## ଡ଼ଙ୍ଗରିଆ କନ୍ଧ 'ଧାଂଗଡା ଧାଂଗିଡି' ନୃତ୍ୟ

ଡ଼ଙ୍ଗରିଆ କନ୍ଧମାନେ ଖୁବ୍ ପରିଶ୍ରମୀ ଓ ବିଳାସପ୍ରିୟ । ଦିନସାରା କଠିନ ପରିଶ୍ରମ କରି ସଂଜରେ ଗାଁକୁ ଫେରିଲେ ଗାଁ ମଝି ସଦର ଦାଣ୍ଡରେ ଆରମ୍ଭ ହୋଇଯାଏ ଧାଂଗଡା ଧାଂଗିଡିଙ୍କ ମଧ୍ୟରେ ନାଚ ଓ ଗୀତ । ଏହା ବ୍ୟତୀତ ଏମାନେ ବିଭିନ୍ନ ପର୍ବପର୍ବାଣୀମାନଙ୍କରେ ନାଚଗୀତର ଆସର ଜମେଇଥାନ୍ତି । 'ଧରଣୀ ପେନୁ' (ପୃଥିବୀ ମାତା) ହେଉଛନ୍ତି ଡ଼ଙ୍ଗରିଆ କନ୍ଧମାନଙ୍କର ମୁଖ୍ୟ ଦେବୀ । **'କେଡୁ ପର୍ବ'** ବା **'ମେରିଆ ପର୍ବ'** ଡ଼ଙ୍ଗରିଆ କନ୍ଧମାନଙ୍କର ମୁଖ୍ୟ ପର୍ବ । ମାଟି ଦେବତାକୁ ସନ୍ତୁଷ୍ଟ କରିବା ପାଇଁ ଏହି ପର୍ବରେ ମଇଁଷି ବଳି ଦିଆଯାଇଥାଏ । ପୂର୍ବେ ଏହି ପର୍ବରେ ମଣିଷ ବଳି ଦିଆଯାଉଥିଲା । ଏହାକୁ **'ମେରିଆ'** ପର୍ବ କୁହାଯାଉଥିଲା । ମାତ୍ର ପରେ ଏହାକୁ **'କେଡୁ ପର୍ବ'** କୁହାଯାଉଛି । 'ମେରିଆ' ପର୍ବରେ ଡ଼ଙ୍ଗରିଆ କନ୍ଧମାନେ ମଣିଷ ବଳି ଦେଉଥିଲେ, ମାତ୍ର ଏହି ପ୍ରଥା ବନ୍ଦ ହୋଇଯିବା ପରେ ମଣିଷ ସ୍ଥାନରେ ଡ଼ଙ୍ଗରିଆ କନ୍ଧମାନେ 'ମଇଁଷି' ବଳି ଦେଉଛନ୍ତି । ମଇଁଷିକୁ ଡ଼ଙ୍ଗରିଆ କନ୍ଧ ଭାଷାରେ **'କେଡୁ'** କହନ୍ତି, ଏଣୁ ଏହି ପର୍ବକୁ **'କେଡୁ ପର୍ବ'** କୁହାଗଲା । ଏହି ପର୍ବ ବେଳେ ଡ଼ଙ୍ଗରିଆ କନ୍ଧମାନେ ସେମାନଙ୍କର ଏହି ପାରଂପରିକ 'ଧାଙ୍ଗଡ଼ା ଧାଙ୍ଗିଡ଼ି' ନୃତ୍ୟ ପରିବେଷଣ କରିଥାନ୍ତି । **'କେଡୁ ପର୍ବ'** ଆଠ ଦିନ ଧରି ଚାଲେ ଏବଂ ଭଲ ଫସଲ ଆଶା କରି ଡ଼ଙ୍ଗରିଆ କନ୍ଧମାନେ ଏତିକି ବେଳେ **'କେଡୁ'** ବା ମଇଁଷିକୁ ଧରଣୀ ପେନୁଙ୍କ ନିକଟରେ ବଳି ଦେଇଥାନ୍ତି । ଡ଼ଙ୍ଗରିଆ କନ୍ଧମାନେ **'କେଡୁ ପର୍ବ'** ବ୍ୟତୀତ ରଥଯାତ୍ରା, ବାଲିଯାତ୍ରା, ବିଭାଘର, ଦଶାଘର ଓ ଅନ୍ୟାନ୍ୟ ପର୍ବ ବେଳେ ସେମାନଙ୍କର ଏହି ପାରଂପରିକ ନୃତ୍ୟ ପରିବେଷଣ କରିଥାନ୍ତି ।

Digitized by srujanika@gmail.com



‘ଧାଙ୍ଗଡା ଧାଙ୍ଗିଡ଼ି’ ନାଚ ବେଳେ ଡ଼ଙ୍ଗରିଆ ଯୁବକ, ଯୁବତୀମାନଙ୍କ ମଧ୍ୟରେ ପ୍ରେମର ଆଦାନପ୍ରଦାନ ହୋଇଥାଏ ଏବଂ ସେମାନେ ନିଜନିଜର ଜୀବନ ସାଥୀ ବାଛିବା ପାଇଁ ଏଠାରେ ଏକ ସୁଯୋଗ ମିଳିଥାଏ । ବିଶେଷକରି ଏହା ଏକ ତର୍କମୂଳକ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ । ଡ଼ଙ୍ଗରିଆ କନ୍ଧ ନାଚରେ କେତେ ଜଣ ଯୁବକ ଓ ଯୁବତୀ କଳାକାର ରହିବେ ସେମିତି କିଛି ଧରାବନ୍ଧା ନିୟମ ନାହିଁ । ତେବେ ଏଥିରେ ପାଖାପାଖି ୧୫ରୁ ୨୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥାନ୍ତି । ଯୁବକ ଓ ଯୁବତୀମାନେ ଦୁଇ ଦଳ ହୋଇ ନୃତ୍ୟ ପରିବେଷଣ କରନ୍ତି । ଡ଼ଙ୍ଗରିଆ କନ୍ଧ ଯୁବକମାନେ ତାପୁ ଓ ନିଶାଣ୍ ବଜେଇବା ସହ ଗୀତ ବୋଲି ନାଚନ୍ତି । ଜଣେ କିମ୍ବା ଦୁଇ ଜଣ ଧାଙ୍ଗିଡ଼ି ହାତରେ ଚକି (କାଠ ଗିନି) ଧରି ବଜେଇଥା'ନ୍ତି । ଧାଙ୍ଗିଡ଼ିମାନେ ପରସ୍ପର କାନ୍ଧରେ ଓ ଅଣ୍ଟାରେ ହାତକୁ ଛନ୍ଦି ଗୀତ ଗାଇ ନାଚିଥାନ୍ତି । ଜଣେ ଧାଙ୍ଗିଡ଼ି ଡାହାଣ ହାତକୁ ତା'ର ଡାହାଣ ପାର୍ଶ୍ୱରେ ଥିବା ଅନ୍ୟ ଜଣେ ଧାଙ୍ଗିଡ଼ିର କାନ୍ଧରେ ରଖିଥିବାବେଳେ ବାମ ହାତକୁ ବାମ ପାର୍ଶ୍ୱରେ ଥିବା ଧାଙ୍ଗିଡ଼ିର ଅଣ୍ଟାରେ ରଖିଥାଏ । ଏମିତି ଭାବେ ପ୍ରତି ଧାଙ୍ଗିଡ଼ିର ଗୋଟିଏ ହାତ ଜଣେ ଧାଙ୍ଗିଡ଼ିର କାନ୍ଧରେ ରହିଥିବାବେଳେ ଅନ୍ୟ ହାତଟି ଆଉ ଜଣେ ଧାଙ୍ଗିଡ଼ିର ଅଣ୍ଟାରେ ରହିଥାଏ । ଧାଙ୍ଗିଡ଼ିମାନେ ନାଚିଲା ବେଳେ ସେମାନେ ଦୁଇ ପାଦ ଆଗକୁ ଯାଇ ପୁଣି ଦୁଇ ପାଦ ପଛକୁ ଫେରନ୍ତି । ଏହି ପଦପାତରେ ଦୀର୍ଘ ସମୟ ଧରି ନୃତ୍ୟ ଚାଲୁ ରହେ । ଗୀତରେ ଗୀତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଏ । ପ୍ରଥମେ ଯୁବତୀମାନେ ଗୀତ ବୋଲି

Digitized by srujanika@gmail.com

ଯୁବକମାନଙ୍କୁ ଆହ୍ୱାନ ଜଣାନ୍ତି । ଯୁବତୀମାନେ ଯୁବକଙ୍କୁ ଟାହି ଟାପରା କରନ୍ତି ଏବଂ ଯୁବକମାନେ ଏହାର ଜବାବ୍ ଗୀତ ମାଧ୍ୟମରେ ରଖନ୍ତି । ଏହି ନୃତ୍ୟ ଓ ଗୀତରେ ମୁଖ୍ୟତଃ ପ୍ରେମ ଓ ଶୃଂଗାର ଚେତନା ଭରି ରହିଥାଏ । ଧାଙ୍ଗଡା ଓ ଧାଙ୍ଗିଡ଼ିମାନେ ଗୀତ ମାଧ୍ୟମରେ ପରସ୍ପରକୁ ପ୍ରେମ ନିବେଦନ କରିବାର ସୁଯୋଗ ପାଇଥାନ୍ତି ।

ଡ଼ଙ୍ଗରିଆ କନ୍ଧମାନଙ୍କର ଏହି 'ଧାଂଗଡା-ଧାଂଗିଡ଼ି' ନୃତ୍ୟ ଏକ ପାରଂପରିକ ନୃତ୍ୟ । ଏହା କେବଳ ସେମାନଙ୍କ ପର୍ବପର୍ବାଣୀ ସମୟରେ ପାଳନ କରାଯାଉଥିବାବେଳେ ବର୍ତ୍ତମାନ ଏହାକୁ କିଛି କଳାକାର ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଦର୍ଶନ କରି ବେଶ୍ ସୁନାମ ଅର୍ଜନ କରିପାରିଛନ୍ତି ।

ରାୟଗଡା ଜିଲ୍ଲାର ବିଷମକଟକ ବ୍ଲକ୍ ଅନ୍ତର୍ଗତ କୁର୍ଲି ପଞ୍ଚାୟତର ଗଦିଲି ଗାଁରୁ ଏହି ନୃତ୍ୟ ସଂପର୍କରେ ତଥ୍ୟ ସଂଗ୍ରହ କରାଯାଇଛି । ଗଦିଲି ଗାଁରେ ଶତକଡା ୮୦ ଭାଗ ଲୋକ ଡ଼ଙ୍ଗରିଆ କନ୍ଧ ସଂପ୍ରଦାୟର ଅଟନ୍ତି । ଏହି ଗାଁର କନ୍ଧମାନେ ସେମାନଙ୍କର ପାରଂପରିକ ଧାଙ୍ଗଡ଼ା-ଧାଙ୍ଗିଡ଼ି ନୃତ୍ୟ ପରିବେଷଣ କରି ବେଶ୍ ଲୋକପ୍ରିୟତା ହାସଲ କରିପାରିଛନ୍ତି । ଏହି ଗାଁର ଖଞ୍ଜା ଶବର ଅନ୍ୟ ସଂପ୍ରଦାୟର ହେଲେ ମଧ୍ୟ ସେ ଏହି ନୃତ୍ୟ ଦଳର ନାଟଗୁରୁ ଭାବେ ବେଶ୍ ସୁନାମ ଅର୍ଜନ କରିପାରିଛନ୍ତି ।

ଗଦିଲି ଗାଁର ଡ଼ଙ୍ଗରିଆ କନ୍ଧ ଯୁବକ ଜାକେଶିକା କଲେ, ଜାକେଶିକା ସାମ, ଜାକେଶିକା ସାଣ୍ଡୁ, ୱାଡାକା ବଦ୍ରୁ, ଜାକେଶିକା ରାଣ୍ଡୁ ପ୍ରମୁଖ ଯୁବକ ପୁରୁଷ କଳାକାର ଭାବେ ଏହି ନୃତ୍ୟରେ ଅଂଶଗ୍ରହଣ କରୁଥିବାବେଳେ ସେହି ଗାଁର ଯୁବତୀ ଜାକେଶିକା ଲାଚ୍‌ମେ, ଜାକେଶିକା ମାମି, କାଟ୍ରାକା ଗୁରେ, କାଟ୍ରାକା ଡାବିଲି, ପ୍ରିକାକା କଡେ, ଜାକେଶିକା କାମି ପ୍ରମୁଖ ମହିଳା କଳାକାର ଭାବେ ଏହି ନୃତ୍ୟରେ ଭାଗ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିପାରିଛନ୍ତି ।

## ଡ଼ଙ୍ଗରିଆ କନ୍ଧ ଗୀତ

**ଧାଙ୍ଗଡ଼ା:**

ପୁଲ ଗାଡିଲେ ଗାଡିଲେ
ସୋପା ଘେନି ଆ ବଜାର
ଚାରିଦେଲା ଚିରା ମୁଦି

Digitized by srujanika@gmail.com

ଭଲ କରି ପଢ଼ନା

**ଧାଙ୍ଗିଡ଼ି:**

ଦାନ୍ କେଲିବା କେଲିବା

ଏ ରଙ୍ଗ ମାଟି ୟା

ଆଇଲ ଦାଙ୍ଗଡା କେଲିବା

ପୁର୍‌ନାର ଦାନ ରାତି ୟା

**ଧାଙ୍ଗଡ଼ା:**

ପିଡ଼ିପାତା ପିପେଡ଼ି ମାରା ୟାକୁ

ପିଡ଼ି ପାୟି ଲୋ ଦନ ମଞ୍ଜନେ

ଚାଲ ସାରୀ ଦେକିଯିବା ରାୟଗଡା ଜିଲା ତାତେ

## ଭାବାର୍ଥ

ଧାଙ୍ଗଡ଼ା:

ଧାଙ୍ଗିଡ଼ିମାନେ ତମେ ବଜାର ଯାଇ ମୁଣ୍ଡ କ୍ଲିପ୍, ଫୁଲ ଆଣିଥାଅ

ହାତରେ ଚାରିଚାରିଟା ମୁଦି ପିନ୍ଧି ଛଇ ଦେଖାଅ

ଧାଙ୍ଗିଡ଼ି:

ଆସ ଧାଙ୍ଗଡାମାନେ

ପୂର୍ଣ୍ଣିମା ରାତିରେ ମନ ଭରି ଖେଳ ଖେଳିବା

ରଙ୍ଗ ମାଟି ବୋଲି ହୋଇ ନାଚି ଉଠିବା

ଧାଙ୍ଗଡା:

ଓସ୍ତ ଗଛ ପତ୍ର ପବନରେ ଖଡ଼ଖଡ଼ କରୁଛି

ଚାରିଆଡେ ଉ ବର ପରିବେଶ

ଚାଲ ଏତିକି ବେଳେ

ଆମେ ପଳେଇ ଯିବା ରାୟଗଡା ସହର

## ଶବ୍ଦାର୍ଥ:

| | |
|---|---|
| ସୋଫା | ମୁଣ୍ଡର କ୍ଲିପ୍ |
| ପୁର୍‌ନା | ପୂର୍ଣ୍ଣିମା |
| ପିପେଡ଼ି ମାର୍ | ଓସ୍ତ ଗଛ |

Digitized by srujanika@gmail.com

(ତଥ୍ୟ ଓ ଗୀତ ସଂଗ୍ରହ: ଖଞ୍ଜ ଶବର (ନାଟଗୁରୁ), ଜାକେଶିକା ଲାଚ୍ମେ (ଧାଙ୍ଗିଡ଼ି), ଜାକେଶିକା ମାମି (ଧାଙ୍ଗିଡ଼ି), କାଟ୍ରାକା ଗୁରେ (ଧାଙ୍ଗିଡ଼ି), ପ୍ରିକାକା କଡେ (ଧାଙ୍ଗିଡ଼ି), ଜାକେଶିକା କଲେ (ଧାଙ୍ଗଡା), ଜାକେଶିକା ସାମ (ଧାଙ୍ଗଡ଼ା), ଜାକେଶିକା ସାଣ୍ଡୁ (ଧାଙ୍ଗଡ଼ା)

ଗ୍ରାମ: ଗଡ଼ିଲି, ପଞ୍ଚାୟତ: କୁର୍ଲି, ବ୍ଲକ୍: ବିଷମ କଟକ, ଜିଲ୍ଲା: ରାୟଗଡା)

## ଗଣ୍ଡମାନଙ୍କ ପାରଂପରିକ 'ମାଟି ମନ୍ଦର୍ ନାଚ'

### ('Mati mandar'; the traditional Gond dance)

ଏହା ଏକ ପାରଂପରିକ ଦଳଗତ ନୃତ୍ୟ । ନବରଙ୍ଗପୁର ଜିଲ୍ଲାର ରାଇଘର ଓ ଚନ୍ଦାହାଣ୍ଡି ବ୍ଲକ୍‌ରେ ବସବାସ କରୁଥିବା ଗଣ୍ଡ ସଂପ୍ରଦାୟର ଆଦିବାସୀମାନେ ଏହି ନୃତ୍ୟ ପରିବେଷଣ କରିଥାନ୍ତି । ଉଭୟ ଗଣ୍ଡ ଯୁବକ ଓ ଯୁବତୀମାନେ ଏହି ନୃତ୍ୟରେ ଅଂଶଗ୍ରହଣ କରିଥାନ୍ତି ।

ସୋନ୍‌ପୁର ଓ ଉଦୟପୁର: ରାଇଘର ବ୍ଲକ୍ ଅନ୍ତର୍ଗତ ଦୁଇଟି ଗଣ୍ଡ ଗାଁ । 'ମାଟି ମନ୍ଦର୍' ନୃତ୍ୟ ପାଇଁ ଏହି ଦୁଇ ଗାଁର କଳାକାରମାନେ ଉଭୟ ରାଜ୍ୟ ଓ ରାଜ୍ୟ ବାହାରେ ବେଶ୍ ନାଁ କମେଇ ସାରିଲେଣି ।

'ମାଟି ମନ୍ଦର୍' ନାଚ ମୁଖ୍ୟତଃ ବିଭିନ୍ନ ଯାନିଯାତରା ସମୟରେ ଅନୁଷ୍ଠିତ ହୋଇଥାଏ । ଚଇତ୍ ପରବ ବା ମହୁଲ୍ ଯାତରା, ଅକ୍ଷୟ ତୃତୀୟା, ହରୁଆଁଲି ଉଆଁସ୍, ତୃଣସରା, ନୂଆଖାଇ, ଚାଉଳ୍ ଧୁଆ ଯାତରା, ପୁଷ୍ ପୁନେଇଁ, ବିଭାଘର, ଦଶାଘର, ଦିଆଲି ପର୍ବ, ଦଶରା ବା ବୋଏଲ୍ ଯାତରା, ନୂଆଖିଆ, ଚରୁପୂଜା ଆଦି ପର୍ବପର୍ବାଣୀରେ ଗଣ୍ଡ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ 'ମାଟି ମନ୍ଦର୍' ନୃତ୍ୟ ପରିବେଷଣ କରିଥାନ୍ତି ।

ସୋନ୍‌ପୁର ହେଉଛି ରାଇଘର ବ୍ଲକ୍‌ର କୁରାବେଡା ପଞ୍ଚାୟତ ଅନ୍ତର୍ଗତ ଏକ ଗଣ୍ଡ ଗାଁ । ଏଠାରେ ଶତକଡା ଅଶୀ ଭାଗ ଲୋକେ ଗଣ୍ଡ ସଂପ୍ରଦାୟର । ଗଣ୍ଡମାନେ ପାଳନ କରୁଥିବା ବିଭିନ୍ନ ପର୍ବପର୍ବାଣୀ ସମୟରେ ଏହି ନୃତ୍ୟ ଅନୁଷ୍ଠିତ ହୋଇଥାଏ । ଏହାବ୍ୟତୀତ ଏଠାକାର ଗଣ୍ଡ କଳାକାରମାନେ ନବରଙ୍ଗପୁର ଜିଲ୍ଲା ମହୋ ବ 'ମଣ୍ଡେଇ'ଠାରୁ ଆରମ୍ଭ କରି ବିଭିନ୍ନ ପଡୋଶୀ ଜିଲ୍ଲା ଓ ପଡୋଶୀ ରାଜ୍ୟରେ ଏହି ନୃତ୍ୟ ପରିବେଷଣ କରି ବେଶ୍ ସୁନାମ ଅର୍ଜନ କରି ସାରିଲେଣି ।

ଅପରପକ୍ଷେ, ଆଦିବାସୀ ଅଞ୍ଚଳରୁ ବହୁ ପାରଂପରିକ ନୃତ୍ୟ ହଜିଯିବାକୁ ବସିଥିବାବେଳେ ସୋନ୍‌ପୁର ଗାଁର ଗଣ୍ଡମାନେ ଏହାକୁ ବଞ୍ଚାଇ ରଖିପାରିଛନ୍ତି । ସୋନପୁର ଗାଁର ମସୁରାମ

Digitized by srujanika@gmail.com



ଗଣ୍ଡ ହେଉଛନ୍ତି ଏହି ନୃତ୍ୟ ଦଳର ମୁଖିଆ । ତାଙ୍କ ନେତୃତ୍ୱରେ ପାଖାପାଖି ୩୦ ଜଣ ଧାଙ୍ଗଡ଼ା, ଧାଙ୍ଗିଡ଼ି ଏହି ନୃତ୍ୟ ଦଳର ସଦସ୍ୟ ଅଛନ୍ତି । ଏହି ଗାଁର ଲେଦ ଗଣ୍ଡ, ଶିବ ଗଣ୍ଡ, ଫୁଲସିଂ ଗଣ୍ଡ, ମୋତିଲାଲ୍ ଗଣ୍ଡ, ଲକ୍ଷ୍ମଣ ଗଣ୍ଡ, ଦୟାରାମ ଗଣ୍ଡ, ନେହେରୁ ଗଣ୍ଡ, ଲଛମନ ଗଣ୍ଡ, ଧନପତି ଗଣ୍ଡ, କର୍ପୁଲ୍ ଗଣ୍ଡ, ବଂଶୀଧର ଗଣ୍ଡ, ବାବୁଲାଲ୍ ଗଣ୍ଡ, ଫଗୁନ୍ ଗଣ୍ଡ ଏହି ନୃତ୍ୟ ଦଳର ପ୍ରମୁଖ ପୁରୁଷ ସଦସ୍ୟ ହୋଇଥିବାବେଳେ ସନ୍‌ବତୀ ଗଣ୍ଡ, ପରମା ଗଣ୍ଡ, ଗଦବେ ଗଣ୍ଡ, ତୁଲ୍‌ସାବତୀ ଗଣ୍ଡ, ଲଖନ୍ତିନି ଗଣ୍ଡ, ଘାସ୍‌ନି ଗଣ୍ଡ, ସୁଲୋଚନା ଗଣ୍ଡ, ସାବିତ୍ରୀ ଗଣ୍ଡ, ମମତା ଗଣ୍ଡ, ରମସୁଲା ଗଣ୍ଡ, ପାର୍ବତୀ ଗଣ୍ଡ, ବାସନ୍ତୀ ଗଣ୍ଡ ହେଉଛନ୍ତି ପ୍ରମୁଖ ମହିଳା ସଦସ୍ୟ । ତେବେ ଏମାନଙ୍କ ମଧ୍ୟରେ କିଛି ସଦସ୍ୟଙ୍କର ମୃତ୍ୟୁ ହୋଇଯାଇଥିବାବେଳେ କିଛି ଧାଙ୍ଗିଡ଼ି ଅନ୍ୟ ଗାଁକୁ ବିବାହ ହୋଇ ଚାଲି ଯାଇଛନ୍ତି । ତଥାପି ନୂଆନୂଆ ଯୁବକ, ଯୁବତୀଙ୍କୁ ନେଇ ଏହି ନୃତ୍ୟ ଦଳ ସେମାନଙ୍କ ପାରଂପରିକ ନୃତ୍ୟଟିକୁ ବଞ୍ଚାଇ ରଖିପାରିଛନ୍ତି ।

ନବରଙ୍ଗପୁର ଜିଲ୍ଲାର ପ୍ରସିଦ୍ଧ ଲୋକୋ ବ 'ମଣ୍ଡେଇ'ଠାରୁ ଆରମ୍ଭ କରି ଏମାନେ ରାୟଗଡ଼ା ଜିଲ୍ଲାର 'ଡ଼ଙ୍ଗର', 'ଚଇତ୍ ପରବ', ମାଲ୍‌କାନ୍‌ଗିରିର 'ମାଲ୍ୟବନ୍ତ' ମହୋ ବ, କୋରାପୁଟ ଜିଲ୍ଲାର 'ପରବ' ଏବଂ ରାଜଧାନୀ ଭୁବନେଶ୍ୱର, ପଡୋଶୀ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ପଡୋଶୀ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରେ ଏହି ଆଦିବାସୀ

Digitized by srujanika@gmail.com

ନୃତ୍ୟଟି ବେଶ୍ ଲୋକପ୍ରିୟହୋଇପାରିଛି ।

## ବାଦ୍ୟଯନ୍ତ୍ର

(musical instruments)

ମାଦଲ୍ (double membrane drum), ଧୁଡ୍ରା ଓ ଚିଟ୍‌କଲି (clapper series) ଏହି ନୃତ୍ୟରେ ବ୍ୟବହାର ହେଉଥିବା ପ୍ରମୁଖ ବାଦ୍ୟଯନ୍ତ୍ର । ତେବେ ଅନେକ ବେଳେ ଗଣ୍ଡମାନେ ଟାମକ୍ ମଧ୍ୟ ବ୍ୟବହାର କରୁଥିବାର ଦେଖାଯାଏ । ମାଦଲ୍ ହେଉଛି ଡ଼ମ୍ବରୁ ଆକାରର କାଠରେ ନିର୍ମିତ ଏକ ବାଦ୍ୟଯନ୍ତ୍ର । ଏହାର ଉଭୟ ପାର୍ଶ୍ୱରେ ଚମଡା ଛାଉଣୀ କରାଯାଇଥାଏ । ମୃଦଙ୍ଗ ଭଳି ଏହାକୁ ହାତରେ ବଜାଯାଏ । ଧୁଡୁରା ହେଉଛି, ଗଣ୍ଡମାନଙ୍କର ଏକ ପ୍ରାଚୀନ ପାରଂପରିକ ବାଦ୍ୟ ଯନ୍ତ୍ର । ଏହା କାଠ ନିର୍ମିତ ଏକ ନିଦା ବାଦ୍ୟଯନ୍ତ୍ର । କାଠ ଗଣ୍ଡିକୁ ଖୋଦେଇ କରି କୁଲା ଆକୃତିର ଏହି ବାଦ୍ୟଯନ୍ତ୍ର ପ୍ରସ୍ତୁତ କରାଯାଏ । ଏଥିରେ ଏକ ଦଉଡି/ଫିତା ଲଗାଯାଇଥାଏ । ଏହି ଫିତାକୁ ଅଣ୍ଟାରେ ବାନ୍ଧି ଗଣ୍ଡ ଯୁବକଟି ଦୁଇ ଖଣ୍ଡ କାଠି ସାହାଯ୍ୟରେ ଏହା ଉପରେ ପିଟିଲେ କାଠ ହଣା ଚଢ଼େଇ କାଠରେ ଥଣ୍ଟ ପିଟିବା ଭଳି 'ଠକ୍ ଠକ୍' ଶବ୍ଦ ଏଥିରୁ ନିର୍ଗତ ହୋଇଥାଏ । ବିଶେଷକରି ମଇଁଷି ବେକରେ ବନ୍ଧାଯାଇଥିବା କାଠ ଘଣ୍ଟିର 'ଠକ୍‌ଠକ୍ ଠକ୍‌ଠକ୍' ଶବ୍ଦ ଭଳି ଏଥିରୁ ନିର୍ଗତ ହୋଇଥାଏ । ସେହିଭଳି ଚିଟ୍‌କଲି



Digitized by srujanika@gmail.com



ହେଉଛି ଗିନି ଭଳି କାଠରେ ନିର୍ମିତ ଏକ ଛୋଟ ବାଦ୍ୟଯନ୍ତ୍ର । ଏହାକୁ ଧାଙ୍ଗିଡ଼ିମାନେ ଦାଶକାଠିଆ ଭଳି ଗୋଟିଏ ହାତରେ ଧରି ବଜେଇଥାନ୍ତି ।

## ପୋଷାକ ଓ ଅଳଙ୍କାର

## (Costume & Ornaments)

ଧାଙ୍ଗଡ଼ାମାନେ କଳା କିମ୍ବା ନୀଳ ରଙ୍ଗର ସାର୍ଟ ସାଙ୍ଗକୁ ଅଣ୍ଟା ତଳକୁ ନାଲି ରଙ୍ଗର ପଲିଷ୍ଟର କପଡାରେ ଏକ ଘେରା ପିନ୍ଧିଥାନ୍ତି । ମୁଣ୍ଡରେ ଏକ ପଗଡ଼ି ବାନ୍ଧନ୍ତି । ସେଥିରେ ମୟୂର ପୁଚ୍ଛ ଓ ଅନ୍ୟାନ୍ୟ ପକ୍ଷୀର ପର, ଫୁଲ ଲାଗିଥାଏ । ବେକରେ ଗୋଟିଏ ଲେଖାଏ ପ୍ଲାଷ୍ଟିକ୍ ଫୁଲର ହାର ପିନ୍ଧିଥାନ୍ତି । ପାଦରେ ଘୁଙ୍ଗୁର ପିନ୍ଧିଥାନ୍ତି । ଅଣ୍ଟାରେ କଉଡିରେ ନିର୍ମିତ ଏକ ପଟି ପିନ୍ଧିଥାନ୍ତି । ଏହି ଅଣ୍ଟା ପଟିକୁ ଗଣ୍ଡ ଭାଷାରେ 'ପେଟା' କହନ୍ତି । ନାଚ ମୁଖିଆ ଓ ସହଯୋଗୀ ଦୁହେଁ ମୁଣ୍ଡରେ କାଠରେ ନିର୍ମିତ ଶିଙ୍ଗ ମୁକୁଟ ପିନ୍ଧିଥାନ୍ତି ; ସେଥିରେ କଉଡ଼ି ଏବଂ ବିଭିନ୍ନ ଜରି କାମ ହୋଇଥାଏ । ଏହା ବ୍ୟତୀତ ମୁଖିଆ ଏକ ସୁସୁକାରୀ (whistle) ଧରିଥାଏ । ସୁସୁକାରୀକୁ ଗଣ୍ଡ ଭାଷାରେ 'ପିଡ଼ିପିଡ଼ି' କହନ୍ତି । ଏହି ପିଡ଼ିପିଡ଼ି ସହାୟତାରେ ମୁଖିଆ ନାଚକୁ ବିଭିନ୍ନ ତାଳରେ ଆଗେଇ ନେଇଚାଲେ । ଧାଙ୍ଗିଡ଼ିମାନେ ଧଳା ରଙ୍ଗର ଶାଢି ପିନ୍ଧନ୍ତି ଏବଂ ଶାଢିର ଧଡ଼ି ଓ ପଣତ ଲାଲ୍ ରଙ୍ଗର ହୋଇଥାଏ । ଧାଙ୍ଗିଡ଼ିମାନେ ପାଦରେ

Digitized by srujanika@gmail.com

ଘୁଙ୍ଗୁର ପିନ୍ଧିବା ସହ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀର ବ୍ୟବହାର କରିଥାନ୍ତି । ପୁରୁଷମାନେ ଦେହରେ ରଙ୍ଗ ବୋଳି ହୋଇଥିବାବେଳେ ଧାଙ୍ଗିଡ଼ିମାନେ ମୁହଁରେ ପାଉଡର, କ୍ରିମ୍ ବୋଳି ହୋଇଥାନ୍ତି ।

ଧାଙ୍ଗିଡ଼ିମାନେ ଗୀତ ବୋଲିବା ସାଙ୍ଗକୁ ନାଚନ୍ତି । ଧାଙ୍ଗଡ଼ାମାନେ ବାଜା ବଜେଇ ଧାଙ୍ଗିଡ଼ିମାନଙ୍କ ସହ ପାଳି ଧରି ନାଚନ୍ତି । ଏହା ଏକ ପ୍ରେମ ପ୍ରଣୟଭିତ୍ତିକ ନାଚ । ଏଥିରେ ପ୍ରଥମେ ଯୁବତୀମାନେ ଗୀତ ବୋଲି ଯୁବକମାନଙ୍କୁ ପ୍ରେମ ନିବେଦନ କରିଥାନ୍ତି । ଏହି ନାଚ ଓ ଗୀତ ମାଧ୍ୟମରେ ଖଣ୍ଡ ଯୁବକ ଓ ଯୁବତୀଙ୍କ ମଧ୍ୟରେ ମନ ଦିଆନିଆ ହୋଇଥାଏ । ଆରଂଭରୁ ଏହି ନାଚ ଧିମା ହୋଇଥାଏ । କ୍ରମେକ୍ରମେ ଏହାର ଗତି ଅତି ପ୍ରଖର ହୁଏ । ଯୁବତୀମାନେ ଦୁଇ ପାଦ ଆଗକୁ ଆସି ପୁଣି ଦୁଇ ପାଦ ପଛକୁ ଫେରି ଯାଆନ୍ତି । ଏଭଳି ପଦପାତ ନିୟମରେ ସେମାନେ ନାଚିଥାନ୍ତି । ଅର୍ଦ୍ଧବୃତ୍ତାକାର କିମ୍ବା ସରଳରୈଖିକ ପଥରେ ଯୁବତୀମାନେ ଶୃଙ୍ଖଳିତ ଭାବେ ନୃତ୍ୟ ପରିବେଷଣ କରନ୍ତି । ଯୁବକମାନେ ବାଦ୍ୟ ପରିବେଷଣ କରିବା ସହିତ ମୃଦୁ ପଦପାତ କରିଥାନ୍ତି । ନୃତ୍ୟ ଜମି ଆସିଲା ବେଳେ ମଝିରେ ମଝିରେ ଧାଙ୍ଗଡ଼ାମାନେ ଭୂମିରୁ ଉପରକୁ ଡେଇଁ ପୁଣି ତଳକୁ କୁଦି ପଡନ୍ତି । ଯୁବତୀମାନେ ମଧ୍ୟ ନିଜର ପଦପାତର ବେଗ ବଢାନ୍ତି ଏବଂ ବଡ଼ପାଟି କରି ଗୀତ ବୋଲନ୍ତି ।

ଏହି ନାଚ ବେଳେ ଧାଙ୍ଗିଡ଼ିମାନେ ଯେଉଁ ଗୀତ ଗାଆନ୍ତି, ତାକୁ 'ମାଟି ମନ୍ଦର ଗୀତ' କହନ୍ତି । ସେମାନଙ୍କଠାରୁ ସଂଗ୍ରହ କରିଥିବା କିଛି 'ମାଟି ମନ୍ଦର ଗୀତ' ନିମ୍ନରେ ଉଲ୍ଲେଖ କରାଗଲା ।

ଧାଙ୍ଗିଡ଼ିମାନେ ବୋଲନ୍ତି:

**ଗୀତ ନଂ ୧.**

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ସେମର ସାଏ ସେମର ସାଏ
ଆଦାନୁ ବାଦାନ୍ ସେମର ଜାଗିତା
ସେମର ଜାଗିତା ସେମର ଜାଗିତା
ସେମର ସାଏ ସେମର ସାଏ ସେମର ସାଏ
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

Digitized by srujanika@gmail.com

ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ସେମର ସାଏ ସେମର ସାଏ
ଆଦାନୁ ବାଦାନ୍ ସେମର ବର୍ଷିତା
ଡ଼େଙ୍କି ଡ଼େଙ୍କି ସେମର ବର୍ଷିତା
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ସେମର ସାଏ ସେମର ସାଏ
ଆଦାନୁ ବାଦାନ୍ ସେମର ପୁଇତା
ସେମର ସାଏ ସେମର ସାଏ

ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ସେମର ସାଏ ସେମର ସାଏ
ଆଦାନୁ ବାଦାନ୍ ସେମର ପଣ୍ଡିତା
କୋଇଲା କୋଇଲା ସେମର ପଣ୍ଡିତା
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ସେମର ସାଏ ସେମର ସାଏ

Digitized by srujanika@gmail.com

ଆଗଦଡ଼ ବାଗଦଡ଼ ସେମର ଲାୟତେ
ସେମର ସାଏ ସେମର ସାଏ
ସନିପୁରା ସେମର୍ ଲାୟତେ
ସେମର ସାଏ ସେମର ସାଏ
ଡିନ୍ଦା ନୋଜେ ସେମର ଡିନୋଡ଼େ
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି'

**ଭାବାର୍ଥ:**

ଶିମିଳି ଗଛରେ ଫୁଲ ଫୁଟିଛି ।
ପାଚିଲା ଫଳ ଫଳିଛି ।
ତମେ କେଉଁ ଗାଁର ଧାଙ୍ଗଡ଼ା?
ଆମକୁ ଫୁଲ ଆଣି ଦିଅ,
ଫଳ ଆଣି ଦିଅ
ଆମେ ବହୁ ଦିନ ଧରି କିଛି ଖାଇନାହୁଁ
ମୁଣ୍ଡରେ ଫୁଲ ଖୋସିନାହୁଁ ।

**ଶବ୍ଦାର୍ଥ:**

| | |
|---|---|
| ସେମର ସାଏ | ଶିମିଳି ଗଛ |
| ପୁଇତା | ଫୁଲ |
| ପଣ୍ଡିତା | ପାଚିଲା ଫଳ |
| ଲାୟତେ | ଧାଙ୍ଗଡ଼ା |
| ଆଗଦଡ଼ ବାଗଦଡ଼ | କେଉଁ ଗାଁର |
| ଡିନୋତେ | ଖାଇନାହୁଁ |

Digitized by srujanika@gmail.com

## ଗୀତ ନଂ ୨.

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ଚେନା ଦମ୍‌କେ ଦାଇ ମାତାଙ୍କେ
ଲଘି ଲପଟେ ଦାଇ ଜିର୍ଲିଟି
'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ଗେହୁଁ ଦମ୍‌କେ ଦାଇ ମାତାଙ୍କେ
ଲଘି ଲପଟେ ଦାଇ ଜିର୍ଲିଟି
'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ଅର୍‌ସି ଦମ୍‌କେ ଦାଇ ମାତାଙ୍କେ
ଲଘି ଲପଟେ ଦାଇ ଜିର୍ଲିଟି
'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ଓଞ୍ଜି ଦମ୍‌କେ ଦାଇ ମାତାଙ୍କେ
ଲଘି ଲପଟେ ଦାଇ ଜିର୍ଲିଟି

Digitized by srujanika@gmail.com

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ହର୍ସୁମ୍ ଦମ୍‌କେ ଦାଇ ମାତାଙ୍ଗେ
ଲଦି ଲପଟେ ଦାଇ ଜିର୍ଲିଟି
'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ଗୋରାଓଁ ଦମ୍‌କେ ଦାଇ ମାତାଙ୍ଗେ
ଲଦି ଲପଟେ ଦାଇ ଜିର୍ଲିଟି
'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି'

**ଭାବାର୍ଥ:**

ଚଣା ଗଛରେ ଚଣା ଫଳିଛି
ସୁନ୍ଦର ଦିଶୁଛି
ଗଛ ଉପରେ ଚଢ଼େଇ ବସିଛି
ସୁନ୍ଦର ଦିଶୁଛି

ଗହମ ଗଛରେ ଗହମ ଫଳିଛି
ସୁନ୍ଦର ଦିଶୁଛି
ଗଛ ଉପରେ ଚଢ଼େଇ ବସିଛି

Digitized by srujanika@gmail.com

ସୁନ୍ଦର ଦିଶୁଛି

ଅଳସୀ ଗଛରେ ଅଳସୀ ଫଳିଛି
ସୁନ୍ଦର ଦିଶୁଛି
ଗଛ ଉପରେ ଚଢ଼େଇ ବସିଛି
ସୁନ୍ଦର ଦିଶୁଛି

ଧାନ ଗଛରେ ଧାନ ଫଳିଛି
ସୁନ୍ଦର ଦିଶୁଛି
ଗଛ ଉପରେ ଚଢ଼େଇ ବସିଛି
ସୁନ୍ଦର ଦିଶୁଛି

ସୋରିଷ ଗଛରେ ସୋରିଷ ଫଳିଛି
ସୁନ୍ଦର ଦିଶୁଛି
ଗଛ ଉପରେ ଚଢ଼େଇ ବସିଛି
ସୁନ୍ଦର ଦିଶୁଛି

ମାଣ୍ଡିଆ ଗଛରେ ମାଣ୍ଡିଆ ଫଳିଛି
ସୁନ୍ଦର ଦିଶୁଛି
ଗଛ ଉପରେ ଚଢ଼େଇ ବସିଛି
ସୁନ୍ଦର ଦିଶୁଛି

## ଶବ୍ଦାର୍ଥ:

| | |
|---|---|
| ଚେନା | ଚଣା |
| ଗେହୁଁ | ଗହମ |
| ଅର୍‌ସି | ଅଳସୀ |

Digitized by srujanika@gmail.com

| | |
|---|---|
| ଓଞ୍ଜି | ଧାନ |
| ହର୍ସୁମ୍ | ଘୋରିଷ |
| ଗୋରାଓଁ | ମାଣ୍ଡିଆ |

## ଗୀତ ନଂ ୩.

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
କାରି ପିରି ବାଦତା
ପାରୋ ପିରି ଜିତୁରା

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ଦୋଡି ଉଷା ରେଇତୁରା
ବାତା ହଡେର୍ ଓଗେରା

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ବାତା ହଡେର ଓଗେରା
ପିଟେ ଓଦୁର୍ ଓଗେରା
'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

## ଭାବାର୍ଥ:

ଆକାଶରେ କଳା ବାଦଲ ଢାଙ୍କି ଦେଇଛି
କଳା ମେଘ ବର୍ଷିବ
ସେ ପାଣି ଝରଣା ହୋଇ ବହିଯିବ

Digitized by srujanika@gmail.com

ରେ. ଧାଙ୍ଗଡା

ଦାନ୍ଦର (ବାଉଁ କାଠିରେ ତିଆରି ମାଛ ଧରା ଉପକରଣ) ଆଣ

ମାଛ ଧର

## ଶବ୍ଦାର୍ଥ:

| | |
|---|---|
| ବାଦଡ଼ା | ବାଦଲ |
| ଜିତୁରା | ମେଘ |
| ଦୋତି | ପାଣି |
| ବାତା | ଦାନ୍ଦର୍ |

## ଗୀତ ନଂ ୪.

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ବାତା ମିନୁ ରିତା
ଲିକେନ୍ଦର ସାୟିଦା
ଚିପା ମିନୁ ରିତା
ଲିକେନ୍ଦର ସାୟିଦା
'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ବୁନ୍ଦ୍ କିସି ପଏଁରା
ଲିକେନ୍ଦର ସାୟିଦା
ଚିପା କିସି ପଏଁରା
ଲିକେନ୍ଦର ସାୟିଦା

Digitized by srujanika@gmail.com

'ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି
ରି ରି ରି ରି ଲୋରି ରି ରି ରି ରି ଲୋରି ଲୋରି ଲୋରି'

## ଭାବାର୍ଥ:

ଦାନ୍ଧରରେ ବଡ଼ ମାଛ ପଶିଛି
ହେ, ଧାଙ୍ଗଡ଼ା
କେମିତି ଧରିବି
ହେ, ଧାଙ୍ଗଡ଼ା

ମାଡ଼ି ବସି ଧରିବି କି
ଧାଙ୍ଗଡ଼ା?
କେମିତି ଧରିବି ଏ ବଡ଼ ମାଛକୁ
ଧାଙ୍ଗଡ଼ା?
କହ, ଧାଙ୍ଗଡ଼ା

## ଶବ୍ଦାର୍ଥ:

| | |
|---|---|
| ବାତା | ଦାନ୍ଧର |
| ମିନୁ | ମାଛ |
| ଲିକେନ୍ଦର ସାୟିଦା | ଧାଙ୍ଗଡ଼ା |
| ଚିପା | ଧରିବା |
| ବୁନ୍ଦ୍ | ମାଡ଼ିବସି ଧରିବା |

(ତଥ୍ୟ ଓ ଗୀତ ସଂଗ୍ରହ: ମସୁରାମ ଗଣ୍ଡ ଓ ତୁଳସାବତୀ ଗଣ୍ଡ, ସୁଲୋଚନା ଗଣ୍ଡ, ସାବିତ୍ରୀ ଗଣ୍ଡ

ଗ୍ରାମ: ସୋନ୍ପୁର, ପଞ୍ଚାୟତ: କୁରାବେଡ଼ା, ବ୍ଲକ୍: ରାଇଘର, ଜିଲ୍ଲା: ନବରଙ୍ଗପୁର)

Digitized by srujanika@gmail.com

# ନବରଙ୍ଗପୁରର ହଂସ ନୃତ୍ୟ

## (the traditional 'Swan dance')

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକ୍‌ର ଅମାନାତ୍ୟ ସଂପ୍ରଦାୟର ଆଦିବାସୀମାନେ ଏହି ପାରଂପରିକ ପଶୁପକ୍ଷୀ ନୃତ୍ୟ 'ହଂସ ନୃତ୍ୟ'କୁ ବିଭିନ୍ନ ସ୍ଥାନରେ ପରିବେଷଣ କରି ବେଶ୍ ନାଁ କମେଇ ପାରିଛନ୍ତି । ଏହା ଏକ ପାରଂପରିକ ତଥା ବିରଳ ପକ୍ଷୀ ନୃତ୍ୟ (bird dance) । ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଏକମ୍ବା ଗାଁରେ ମାତ୍ର ପାଞ୍ଚ ଛଅ ଜଣ କଳାକାର ଏହି ନୃତ୍ୟଟିକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖି ପାରିଛନ୍ତି । ଅମାନାତ୍ୟ ସଂପ୍ରଦାୟର ଆଦିବାସୀମାନେ ପରିବେଷଣ କରୁଥିବା ଏହି ନାଚଟି ଜିଲ୍ଲାରେ ଏକ ବିରଳ ଓ ହଜି ଯାଉଥିବା ନୃତ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ଆଦିବାସୀ ନୃତ୍ୟ ଗୁରୁ ନରେନ୍ଦ୍ର ଅମାନାତ୍ୟଙ୍କ ଆପ୍ରାଣ ଉଦ୍ୟମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ନୃତ୍ୟଟି ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛି । ଏହି ନୃତ୍ୟରେ ଅତି କମ୍‌ରେ ଦୁଇରୁ ଛଅ ଜଣ ପୁରୁଷ ଏବଂ ଦୁଇ ଜଣ ମହିଳା କଳାକାରଙ୍କ ଆବଶ୍ୟକତା ପଡିଥାଏ । ଏକମ୍ବା ଗାଁର ନାଟ ମୁଖିଆ ନରେନ୍ଦ୍ର ଅମାନାତ୍ୟଙ୍କ ସହିତ ମାଧବ ଅମାନାତ୍ୟ, ସୁଦର୍ଶନ ଅମାନାତ୍ୟ, ଟଙ୍କଧର ଅମାନାତ୍ୟ, ପୂର୍ଣ୍ଣଚନ୍ଦ୍ର ଅମାନାତ୍ୟ, ଚନ୍ଦ୍ରସେନା ପୂଜାରୀ ପ୍ରମୁଖ ବିଭିନ୍ନ ଅଞ୍ଚଳରେ




Digitized by srujanika@gmail.com

ଏହି ହଂସ ନୃତ୍ୟ ପରିବେଷଣ କରିଥାନ୍ତି । ଆବଶ୍ୟକ ପଡିଲେ ଧାଙ୍ଗିଡ଼ିମାନେ ଏହି ନୃତ୍ୟରେ ସାମିଲ୍ ହୋଇଥାନ୍ତି । ମୁଖ୍ୟତଃ ଏହା ଏକ ପୁରୁଷ କୈନ୍ଦ୍ରିକ ନୃତ୍ୟ । ପୁରୁଷ ହଂସ ଓ ସ୍ତ୍ରୀ ହଂସ ମଧ୍ୟରେ ପ୍ରତୀକ କଥୋପକଥନ ଏହି ନୃତ୍ୟର ମୁଖ୍ୟ ବିଷୟବସ୍ତୁ ପାଲଟିଥାଏ । କାଗଜ ଓ ସୋଲରେ ପ୍ରସ୍ତୁତ ଦୁଇଟି ବଡ଼ବଡ଼ ହଂସର ମୁଖା ପିନ୍ଧି ଦୁଇ ଜଣ କିମ୍ବା ତଦୂର୍ଦ୍ଧ୍ୱ ନୃତ୍ୟ ପରିବେଷଣ କରିଥାନ୍ତି । ଗାଁର ସଦର ଦାଣ୍ଡରେ ନାଚିଲାବେଳେ ଉଭୟ ଯୁବକ, ଯୁବତୀମାନେ ଗୀତ ବୋଲିବା ସାଙ୍ଗକୁ ନାଚନ୍ତି । ପ୍ରଥମେ ଯୁବତୀମାନେ ଗୀତ ମାଧ୍ୟମରେ ଯୁବକଙ୍କୁ ଆହ୍ୱାନ ଜଣାନ୍ତି । ଗୀତରେ ଗୀତରେ ପ୍ରଶ୍ନ ଉତ୍ତର ଛଳରେ ଯୁବକ-ଯୁବତୀ ସେମାନଙ୍କ ମନ କଥାକୁ ପ୍ରକାଶ କରନ୍ତି । ଏହି ନୃତ୍ୟ ବେଳେ ଯୁବକ ଯୁବତୀ ଗାନ କରୁଥିବା ଏହି ଗୀତକୁ 'ହଂସ ଗୀତ' କୁହାଯାଏ ।

## ପୋଷାକ ଓ ଅଳଙ୍କାର
## (Costume & Ornaments)

ନର୍ତ୍ତକମାନେ ଧଳା ରଙ୍ଗର ସାର୍ଟ ଓ ପ୍ୟାଣ୍ଟ ପିନ୍ଧିଥାନ୍ତି । ମୁଣ୍ଡରେ ପଗଡି ବାନ୍ଧିଥାନ୍ତି । ବେକରେ ହାର ଓ ଅନ୍ୟାନ୍ୟ ସରଞ୍ଜାମ ବ୍ୟବହାର କରିଥାନ୍ତି । ତେବେ ଏହି ନାଚ ପାଇଁ ମୁଖ୍ୟ ସରଞ୍ଜାମ ହେଉଛି, ବାଉଁଶ ପାତିଆରେ ତିଆରୀ ଏକ କୁକୁଡା/ହଂସ ଘୋଡଣୀ ବା



Digitized by srujanika@gmail.com

'ଥାପା' । ଏହି ଥାପାର ଚତୁର୍ପାର୍ଶ୍ୱରେ ଶାଢି ଢାଙ୍କି ଦିଆଯିବା ସହିତ ଆଗ ପାଖରେ କାଗଜ ଓ ସୋଲରେ ନିର୍ମିତ ହଂସର ଏକ ବେକ ଲଗାଯାଇଥାଏ । ଏହା ଦେଖିବାକୁ ଏକ ହଂସ ଭଳି । ଏହି ଥାପା ନିର୍ମିତ ହଂସ ମଝିରେ ନର୍ତ୍ତକଟିଏ ପଶି ଭୂମି ଉପରେ ନାଚ କରିଥାଏ । ପାଳ, ନଡ଼ାରେ ମଣିଷର ଦୁଇଟି ଗୋଡ ପ୍ରସ୍ତୁତ କରାଯାଏ । ଏହି ଦୁଇଟି ଗୋଡ ଉପରେ ଏକ ପୁରା ପ୍ୟାଣ୍ଟ ପରିଧାନ କରାଯାଏ । ଏହି ପାଳ ନିର୍ମିତ ଦୁଇଟି ଗୋଡକୁ ଥାପାର ସମ୍ମୁଖ ପାର୍ଶ୍ୱରେ ଝୁଲାଇ ଦିଆଯାଇଥାଏ । ନର୍ତ୍ତକଟି ଏହି ଥାପାକୁ ଅଣ୍ଟାରେ ପିନ୍ଧିଥାଏ । ଏହା ଫଳରେ ଥାପାଟି ତାର ଅଣ୍ଟା ଚାରିକଡେ ଘେରା ଭଳି ରହିଥାଏ । ଆଗ ପାର୍ଶ୍ୱକୁ ହଂସର ବେକ ରହିଥାଏ । ନର୍ତ୍ତକଟି ଥାପା ପରିଧାନ କରି ଭୂମି ଉପରେ ସିଧା ସଳଖ ଛିଡା ହୋଇଥାଏ । ମାତ୍ର ନର୍ତ୍ତକଟି ଥାପା ଉପରେ ଗୋଡ ଦୁଇଟିକୁ ଆଗକୁ ଲମ୍ବେଇ ବସିଲା ଭଳି ଦିଶେ । ବାଦ୍ୟର ତାଳେତାଳେ ଥାପା ପିନ୍ଧା ଏହି ନର୍ତ୍ତକମାନେ ନାଚନ୍ତି ।

## ବାଦ୍ୟଯନ୍ତ୍ର

(musical instruments)

ଟାମକ୍, ତିଡ଼ିବିଡ଼ି, ଢୋଲ, ମହୁରୀ, ଝୁମୁକା ଆଦି ପ୍ରମୁଖ ବାଦ୍ୟଯନ୍ତ୍ର ଏହି ନୃତ୍ୟରେ ବ୍ୟବହୃତ ହୋଇଥାଏ । ଚାରି/ପାଞ୍ଚ ଜଣ ବାଦକ ପଛ ପଟେ ରହି ବାଦ୍ୟ ପରିବେଷଣ କରୁଥିବାବେଳେ ସମ୍ମୁଖରେ ନର୍ତ୍ତକମାନେ ନୃତ୍ୟ ପରିବେଷଣ କରନ୍ତି । ହଂସର ଖୋଳପା ପିନ୍ଧା ନର୍ତ୍ତକମାନେ ନିଜେ ଗୀତ ବୋଲିବା ସହିତ ନୃତ୍ୟ କରନ୍ତି । ବେଳେବେଳେ ଯୁବତୀମାନେ ଏହି ନାଚରେ ସାମିଲ୍ ହୋଇଥାନ୍ତି । ତେବେ ଅଧିକାଂଶ ସମୟରେ କେବଳ ଯୁବକମାନେ ନାଚ କରିଥାନ୍ତି । ନାଚବେଳେ ଯେଉଁ ଗୀତ ବୋଲାଯାଏ, ତାହାକୁ 'ହଂସ ଗୀତ' କୁହାଯାଏ । ନିମ୍ନରେ ଏକ ହଂସ ଗୀତ ପ୍ରଦାନ କରାଗଲା-

### ହଂସ ଗୀତ

ଧାଙ୍ଗିଡ଼ି:
ନାଇଁ ନାଇଁ ନିକ ନାଇଁ ଗାଗର ମୋହର
ଫୁସା ରସା ନାଇଁ କର୍‌ନି ରସିଆ ନାଗର (୨ଥର)
ମୁଇଁ ଧାଙ୍ଗିଡ଼ି, ତୁଇ ଧାଙ୍ଗଡା
ଦେଖାଇ ନେ ମଣ୍ଡି ଯାତରା
ଯା' ଯା'ରେ ଟଇଁଲା ମରା ପଟା ରସିଆ

Digitized by srujanika@gmail.com

ଧାଙ୍ଗଡ଼ା:
ଠପ୍ ଠପ୍ ପାନି ମାରେ ଝପ୍ ଝପ୍ ଆନି
ଆନି ମୋର ମନର୍ ରାନି
ଝପ୍ ଝପ୍ ଆନି (୨ଥର)
ମୁଇ ରାଜା ମୋର୍ ଲଗେ ବଡ଼େ ରସିଆ (୨ଥର)

(ତଥ୍ୟ ଓ ଗୀତ ସଂଗ୍ରହ: ନରେନ୍ଦ୍ର ଅମାନାତ୍ୟ, ମାଧବ ଅମାନାତ୍ୟ, ଜଗନ୍ନାଥ ରଥ । ଗ୍ରାମ: ଏକମ୍ବା, ବ୍ଲକ୍: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର)


## କନ୍ଧ ଓ ପରଜାଙ୍କ 'ଶିକାର ନାଚ'

### (the traditional 'hunting dance')

ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା କନ୍ଧ ଓ ପରଜା ସଂପ୍ରଦାୟର ଆଦିବାସୀମାନେ ଚଇତ ପରବ୍ ବେଳକୁ ବର୍ଷକରେ ଥରେ ଶିକାର କରି ବାହାରନ୍ତି । ଏହାକୁ **'ବେଣ୍ଟଯାତ୍ରା'** କୁହାଯାଏ । ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି, ଝରିଗାଁ, ନନ୍ଦାହାଣ୍ଡି, ପାପଡାହାଣ୍ଡି ଏବଂ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ବୋରିଗୁମ୍ମା, ଜୟପୁର, କୁନ୍ଦୁରା, ବୈପାରୀଗୁଡାରେ ବସବାସ କରୁଥିବା କନ୍ଧ ଓ ପରଜାମାନେ 'ଚଇତ୍ ପରବ' ଅବସରରେ ସେମାନଙ୍କ ପାରଂପରିକ ନୃତ୍ୟ, ଗୀତ ପରିବେଷଣ କରିଥାନ୍ତି । ଚୈତ୍ର ମାସ ବେଳକୁ ପରଜା ଓ କନ୍ଧମାନେ ଦଳବଳ ହୋଇ 'ବେଣ୍ଟ ଯାତ୍ରା'ରେ ବାହାରିଲା ବେଳେ ଏହି ପାରଂପରିକ 'ଶିକାର ନାଚ' ପରିବେଷଣ କରାଯାଏ । 'ଶିକାର ନୃତ୍ୟ' ହେଉଛି କନ୍ଧ ଓ ପରଜାମାନଙ୍କର ଏକ ପ୍ରମୁଖ ନାଚ ।

ବିଶେଷକରି ଚୈତ୍ର ମାସ ବେଳକୁ କନ୍ଧ ଓ ପରଜାମାନେ ଜଙ୍ଗଲକୁ ବେଣ୍ଟ କରି ଗଲା ବେଳେ 'ଶିକାର ନାଚ'ର ଆୟୋଜନ କରିଥାନ୍ତି । କନ୍ଧ ଓ ପରଜା ଧାଙ୍ଗିଡ଼ିମାନେ ଧାଙ୍ଗଡ଼ାମାନଙ୍କୁ ବନ୍ଦାପନା କରି ବେଣ୍ଟ (ଶିକାର)କୁ ପଠାଇଥାନ୍ତି । ଏହି ଅବସରରେ କନ୍ଧ ଓ ପରଜା ଧାଙ୍ଗଡ଼ାମାନେ କାନ୍ଧରେ ବିଭିନ୍ନ ପ୍ରକାର ଶିକାର ସାମଗ୍ରୀ, ପାରଂପରିକ ଅସ୍ତ୍ରଶସ୍ତ୍ର, ଖଣ୍ଡା, କାତି, ବର୍ଚ୍ଛା, ଦାଉର, ଶିକାର ମୁଣ୍ଡା ଆଦି ସାଥୀରେ ଧରି ଜଙ୍ଗଲକୁ ବାହାରନ୍ତି । ଧାଙ୍ଗିଡ଼ିମାନେ ଗୀତ ଗାଇ ଗାଇ ଧାଙ୍ଗଡ଼ାମାନଙ୍କୁ ଜଙ୍ଗଲକୁ ପଠାନ୍ତି । ଏହି ଅବସରରେ କନ୍ଧ ଓ ପରଜା

Digitized by srujanika@gmail.com



ଯୁବକ ଯୁବତୀମାନେ ନାନା ପ୍ରକାର ରସରସିଆ ଗୀତ ଗାଇବା ସାଂଗକୁ ନାଚିନାଚି ଜୀବନକୁ ଉପଭୋଗ କରିଥାନ୍ତି । ଧାଂଗଡା ଧାଂଗିଡ଼ିମାନେ 'ଚଇତ ପରବ୍ ଗୀତ' ବା 'ବେଣ୍ଟ ଗୀତ' ଗାନ କରିଥାନ୍ତି । ଏହାକୁ ହିଁ କନ୍ଧ ଓ ପରଜାମାନଙ୍କ 'ଶିକାର ନାଚ' କୁହାଯାଏ । ଏହି 'ଶିକାର ନାଚ' କନ୍ଧ ଓ ପରଜାମାନଙ୍କର ଏକ ପାରଂପରିକ ନୃତ୍ୟ । ଏହା ବିଶେଷ କରି ଚୈତ୍ର ମାସରେ ପାଳନ କରାଯାଇଥାଏ । ଏହାକୁ 'ବେଣ୍ଟ ଯାତ୍ରା' କୁହାଯାଏ ।

ତେବେ ଯୁଗ ବଦଳିବା ସାଙ୍ଗକୁ କନ୍ଧ ଓ ପରଜାମାନଙ୍କ ଏହି ପାରଂପରିକ ନୃତ୍ୟରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲାଣି । ଏବେ ପଶୁପକ୍ଷୀ ଶିକାର ଉପରେ ସରକାରଙ୍କ କଟକଣା ଏବଂ 'ବେଣ୍ଟ ଯାତ୍ରା' ଉପରେ ପ୍ରଶାସନ ପକ୍ଷରୁ ଅଂକୁଶ ଲାଗିବା ଫଳରେ କେବଳ ପ୍ରତୀକ ଭାବେ ବେଣ୍ଟ ଯାତ୍ରାର ଆୟୋଜନ କରାଯାଉଛି ।

ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ କଦଳୀଜବା, ଧନୁଭଙ୍ଗା ଗୁଡା, ସେମିଲିଗୁଡା, ପାପଡାହାଣ୍ଡି ବ୍ଲକ୍‌ର ଲାଇବାନ୍‌ଗୁଡା, ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ବିଜିରାଗୁଡା, ଝରିଗାଁର ସଂରକ୍ଷିତ ଜଙ୍ଗଲମାନଙ୍କରେ ରହୁଥିବା ଅନେକ ଅଣ ରାଜସ୍ୱ କନ୍ଧ ଗାଁ ଏବଂ ନନ୍ଦାହାଣ୍ଡି ବ୍ଲକ୍‌ର ଡେଂଗାଗୁଡ଼ା ଆଦି କନ୍ଧ ଗାଁମାନଙ୍କରେ କନ୍ଧମାନେ ଏହି ପାରଂପରିକ 'ଶିକାର ନାଚ' ପୀଢି ପୀଢି ଧରି କରି ଆସୁଛନ୍ତି ।

ତେବେ ବର୍ତ୍ତମାନ ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଜବାଗୁଡା ଗାଁର କିଛି କଳାକାର ଏହି 'କନ୍ଧ ନୃତ୍ୟ' ପରିବେଷଣ କରି ସମଗ୍ର ଜିଲ୍ଲାରେ ବେଶ୍ ସୁନାମ ଅର୍ଜନ କରିପାରିଛନ୍ତି । ଜବାଗୁଡାର ଯୁବକ, ଯୁବତୀମାନେ ଏହି 'କନ୍ଧ ନୃତ୍ୟ'କୁ ସର୍ବତ୍ର ପରିବେଷଣ କରି ଏହି ନାଚର ଲୋକପ୍ରିୟତା

Digitized by srujanika@gmail.com

ବୃଦ୍ଧି କରିପାରିଛନ୍ତି । ନବରଙ୍ଗପୁର ଜିଲ୍ଲାର ଲୋକ ଉ ବ 'ମଣ୍ଡେଇ'ରେ ପରିବେଷଣ କରି ଏହି ନୃତ୍ୟ ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଛି ।

## ପୋଷାକ ଓ ଅଳଙ୍କାର

## (costume & ornaments)

ଶିକାର ନୃତ୍ୟ ପାଇଁ କଳାକାରମାନେ ସେମାନଙ୍କ ଦେହ ସାରା କଳା ରଙ୍ଗ ବୋଳି ହୁଅନ୍ତି । ଅଣ୍ଟାରେ କଳା ରଙ୍ଗର ସାଧାରଣ ଖଣ୍ଡେ କପଡାକୁ କୌପୀନ କରି ପିନ୍ଧନ୍ତି । କାନ୍ଧରେ ବର୍ଚ୍ଛା, କୁରାଢି, ଟାଂଗିଆ, ଖଣ୍ଡା, କାତି, ଦାଯର, ଶିକାର ମୁଣା ଆଦି ପକେଇ ଥାନ୍ତି । ନୃତ୍ୟରତ ଧାଙ୍ଗଡାମାନେ ଅଣ୍ଟାରେ, ହାତରେ, ଗୋଡରେ ଏବଂ ମୁଣ୍ଡରେ ବିଭିନ୍ନ ପ୍ରକାର ଜଙ୍ଗଲୀ ଲଟା ଓ ପତ୍ର ଗୁଡେଇ ହୋଇଥାନ୍ତି । ନାଚର ମୁଖିଆ ହାତରେ ଖଣ୍ଡେ ମୟୂର ପୁଛ ଧରି ଅନ୍ୟମାନଙ୍କୁ ବାଟ କଢାଇ ନିଅନ୍ତି । ଏହି ନୃତ୍ୟରେ ଅତି କମ୍‌ରେ ୧୦ରୁ ୧୫ ଜଣ ଯୁବକଙ୍କର ଆବଶ୍ୟକତା ରହିଥାଏ ।

## ବାଦ୍ୟଯନ୍ତ୍ର

## (musical instruments)

ଶିକାର ନୃତ୍ୟ ପାଇଁ ମୁଖ୍ୟତଃ ଢୋଲ, ଢାପ, ଟାମକ୍, ମହୁରୀ ଆଦି ବାଦ୍ୟଯନ୍ତ୍ରର ସହାୟତା ନିଆଯାଇଥାଏ । ଏଥିରେ କେବଳ ଧାଙ୍ଗଡ଼ାମାନେ ନୃତ୍ୟ ପରିବେଷଣ କରିଥାନ୍ତି ।

## ନୃତ୍ୟ ବର୍ଣ୍ଣନା

କନ୍ଧ ଓ ପରଜାଙ୍କ 'ଶିକାର ନୃତ୍ୟ' ମାଧ୍ୟମରେ ଚଇତ୍ ପରବ ବେଳର 'ଶିକାର ଯାତ୍ରା'ର ଦୃଶ୍ୟ ଓ ଅଭିଜ୍ଞତା ବର୍ଣ୍ଣିତ ହୋଇଥାଏ । କନ୍ଧ ଧାଙ୍ଗଡାମାନେ କିପରି ବେଣ୍ଟ କରିବାକୁ



Digitized by srujanika@gmail.com

ଯାଆନ୍ତି ଏବଂ ଶିକାର କରି ସାରି ଫେରିବା ପରେ କିପରି ଧାଙ୍ଗିଡ଼ିମାନେ ସେମାନଙ୍କୁ ବନ୍ଦାପନା କରି ନିଜ ଗାଁକୁ ପାଛୋଟି ଆଣନ୍ତି ଏବଂ 'ବେଣ୍ଟ' ପରେ ଗାଁରେ କିପରି ଉ ବ ମନାଯାଏ; ସେ ସଂପର୍କରେ ଏକ ପ୍ରତୀକାତ୍ମକ ଚିତ୍ର ଏହି ନୃତ୍ୟରେ ବର୍ଣ୍ଣିତ ହୋଇଥାଏ ।

ଏହି ନୃତ୍ୟଟି କନ୍ଧ ଓ ପରଜା ସଂପ୍ରଦାୟର ଆଦିବାସୀଙ୍କ ଏକ ପାରଂପରିକ ନୃତ୍ୟ । ମାତ୍ର, ବର୍ତ୍ତମାନ ଏହି ନୃତ୍ୟକୁ ଏକ 'ଆଦର୍ଶ ଆଦିବାସୀ ନୃତ୍ୟ' (model tribal dance) ଭାବେ ନବରଙ୍ଗପୁରର ବହୁ ନୃତ୍ୟ ଅନୁଷ୍ଠାନ ଆପଣେଇ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରୁଛନ୍ତି । ଏଥିରେ ବିଭିନ୍ନ ପ୍ରକାର କଳାକୌଶଳ ପ୍ରୟୋଗ କରି ଏହାକୁ ଏକ ଆଧୁନିକ ଆଦିବାସୀ ନୃତ୍ୟ ଭାବେ ଲୋକପ୍ରିୟ କରିବାକୁ ଅନେକ ନୃତ୍ୟ ଅନୁଷ୍ଠାନମାନେ ଉଦ୍ୟମ କଲେଣି । ଜବାଗୁଡା ଗାଁର ଯୁବ ନାଟଗୁରୁ ସନ୍ଦୀପ୍ ନାଗ୍‌ଙ୍କ ତତ୍ତ୍ୱାବଧାନରେ ଦୀର୍ଘ ବର୍ଷ ଧରି ଏହି କନ୍ଧ ନୃତ୍ୟ ପରିବେଷଣ କରାଯାଇ ଆସୁଛି ।

କନ୍ଧମାନଙ୍କ ଏହି ପାରଂପରିକ 'ଚଇତ୍ ପରବ' ବା 'ବେଣ୍ଟ ଯାତ୍ରା' ସମୟରେ କନ୍ଧ ଧାଂଗଡା, ଧାଂଗିଡିମାନେ ରସରସିଆ ଗୀତ ବୋଲି ଥାନ୍ତି । ଏହାକୁ 'ବେଣ୍ଟଗୀତ' କୁହାଯାଏ । ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ କଦଳୀଜବା କନ୍ଧ ଗାଁର ଧାଂଗଡା, ଧାଂଗିଡ଼ିମାନଙ୍କଠାରୁ ସଂଗ୍ରହ କରାଯାଇଥିବା କିଛି 'ଚଇତ୍ ପରବ ଗୀତ' ବା 'ବେଣ୍ଟ ଗୀତ' ନିମ୍ନରେ ଉଲ୍ଲେଖ କରାଗଲା ।

## କନ୍ଧମାନଙ୍କ ଚଇତ୍ ପରବ (ବେଣ୍ଟ ଗୀତ) ନଂ ୧.

'ହି ଲୋରି କି ଲୋରି ଲୋରି ଲୋରି ଲୋ ଲୋରି
ହି ଲୋରି କି ଲୋରି ଲୋରି ଲୋରି ଲୋ ଲୋରି
ୟାଁ ୟାଇଁ ଲୋରି ଲୋ ଲୋରି
ଲୋରି ଧାଙ୍ଗୁଡ଼ା ଲୋରି ବୁଲାଇବେ
ବେଣ୍ଟ ଧାଙ୍ଗୁଡ଼ା ବେଣ୍ଟ ବୁଲାଇବେ
ସମର ବିନ୍ଧି ଆନ୍ ଧାଙ୍ଗୁଡା
କଟରା ବିନ୍ଧି ଆନ୍ ଧାଙ୍ଗୁଡା
ଆମ ପତର ଝିଲି ମିଲି ମିଲିଦେ
ଲିମ ପତର ଝିଲି ମିଲିଦେ
ବାରନେ ବାରନେ ସୀତା କନିଆ

Digitized by srujanika@gmail.com

ବାରନେ ବାରନେ ଲଛମି କନିଆ
ସୀତା କନିଆ ବିଭା ହୋଇଲା
ଲଛମି କନିଆ ବିଭା ହୋଇଲା
ଆଚ୍ ବୋଇଲେ ଆଚ୍ ବଲାୟ
ନାଇଁ ବୋଇଲେ ନାଇଁ ବଲାୟ
ପୂର୍ବର ମେର୍ ମାଙ୍ଗେ ଆଇଲୁ
ପୂର୍ବର ନୀତି ମାଙ୍ଗେ ଆଇଲୁ
ମାଙ୍ଗିନ୍ ମାଙ୍ଗିବା ଲୋକ ନାୟିୟ
ନିଇତି ମାଙ୍ଗ୍‌ବା ଲୋକ ନାୟିୟ
ଶେଷେ କଲିକି ପୁଲ୍ ରଜାରେ
ଶେଷେ ବଣ୍ଡାର ପୁଲ ରଜାରେ
କୁକୁଡ଼ା ସରାକେ ନା ବାନ୍ ନାକୁରୁ
ପରୁଆ ସରାକେ ନା ବାନ୍ ନାକୁରୁ

## ଭାବାର୍ଥ

ହେ, ଧାଙ୍ଗଡ଼ାମାନେ
ଆମେ ଆଜି ତମକୁ ଗୀତ ଶୁଣେଇବୁ
ଆଜି ଆମେ ପ୍ରଥମ କରି ନୂଆ ଆମ୍ବ ପତର ଖାଉଛୁ
ନିମ୍ବ ପତର ଖାଉଛୁ
ତମେ ଏହି ଆମ୍ବ ପତର, ନିମ୍ବ ପତର ଖାଇକରି 'ବେଣ୍ଟ' ଯାଅ
ସମ୍ବର ଶିକାର କରି ଆଣ
କୁଟ୍ରା ଶିକାର କରି ଆଣ
(ଏହି ଗୀତ ଗାଇ ଧାଙ୍ଗିଡ଼ିମାନେ ଗାଁରେ ଭିକ୍ଷା ମାଗନ୍ତି)
ଭିକ୍ଷା ମାଗିଲା ବେଳେ ଧାଙ୍ଗିଡ଼ିମାନେ କହୁଛନ୍ତି;
ଆମେ ସବୁବେଳେ ମାଗୁନୁ
ବର୍ଷକେ ଥରେ ମାଗୁଛୁ

Digitized by srujanika@gmail.com

ପୂର୍ବର ରୀତିନୀତି ଅନୁସାରେ ଆମେ ଚାଉଳ, ଟଙ୍କା ଯାହା କିଛି ମାଗୁଛୁ
ଇଛା ପାଇଲେ କୁକୁଡାଟିଏ ଦିଅ, ପାରାଟିଏ ଦିଅ
ନ ହେଲେ ନ ଦିଅ
ଯାହା ବି ଦିଅ ଖୁସି ମନରେ ହୃଦୟ ଖୋଲି ଦିଅ
ବର୍ଷକରେ ଥରେ ଆସିଛି 'ବେଣ୍ଟ'
ଏହା କ'ଣ ସବୁବେଳେ ଆସୁଛି?
ତେଣୁ ଆସ ଆମେ ଉ ବ ମନେଇବା
ଜୀବନକୁ ଉପଭୋଗ କରିବା

## କନ୍ଧମାନଙ୍କ ଚଇତ୍ ପରବ (ବେଣ୍ଟ ଗୀତ) ନଂ ୨.

ଜେଲ ଆଦେ ହାରାଲେ ଯେଁ
ଜେଲ ବାଇ ହାରାଲେ ଯେଁ
ଗୁଣ୍ଡା ଯାଁ ତୁଁ ଲାନୁ ଯେଁ
ନିଞ୍ଜୁ ଦିନା ଲାକା ଲୋ ଯେଁ
ଆଜି କାଲା ଲାକା ଲୋ ଯେଁ
ଗୁଣ୍ଡା ଯାଁ ତୁଁ ଲାନୁ ଯେଁ
ମାଦା କେଲି ଲାକା ଲୋ ଯେଁ
ମାଦା ହଁସି ଲାକା ଲୋ ଯେଁ
ଗୁଣ୍ଡା ଯାଁ ତୁଁ ଲାନୁ ଯେଁ
ଜାୟା ଯୁଗେ ଆଁ ଯେଁ ଲୋ ଯେଁ
ଜବା କାଲେ ଆଁ ଯେଁ ଲୋ ଯେଁ
ଗୁଣ୍ଡା ଯାଁ ତୁଁ ଲାନୁ ଯେଁ
କେଲି କେ ହମାନ୍ ତା ଲୋ ଯେଁ
ହାଁସି କେ ହମାନ୍ ତା ଲୋ ଯେଁ
ଗୁଣ୍ଡା ଯାଁ ତୁଁ ଲାନୁ ଯେଁ
ଜି କେ ଜୀବ୍ନା ମାନା ଟିଲ ଯେଁ

Digitized by srujanika@gmail.com

କାଶି କେ ପାରାନା ମାନା ଟିଲ ୟେଁ
ଗୁଣ୍ଡା ୟାଁ ତୁଁ ଲାନୁ ୟେଁ
ମରିଗଲେ ମଶାନି ଲୋ ୟେଁ
ଜୀବନ୍ ଥିଲେ ଟେପାନି ଲୋ ୟେଁ
ଗୁଣ୍ଡା ୟାଁ ତୁଁ ଲାନୁ ୟେଁ

## ଭାବାର୍ଥ:

ହେ, ଧାଙ୍ଗଡ଼ାମାନେ
ଆସ ଆଜି ସାଙ୍ଗସାଥୀ ହୋଇ ଖେଳିବା
ବୁଲିବା, ମଜା କରିବା
ଆଜି ଦିନଟା କେବଳ ସବୁ ଭୁଲିଯିବା
ଜୀବନକୁ ଉପଭୋଗ କରିବା
ତମେ ଆମକୁ ଈର୍ଷା କରିବ
ଆମେ ତମକୁ ଈର୍ଷା କରିବୁ
ବେଶ୍ ମଜା କରିବା
ଆମେ କ'ଣ ବର୍ଷସାରା ଏମିତି କରିବା କି?
କେବଳ ଆଜି ଦିନଟା ଯାହା କରିବା ନା !
ଜୀବନରେ କ'ଣ ଅଛି କହିଲା?
ଏଇ ହସ, ଖେଳ, ଥଟ୍ଟା ମଜା କରି
ଜୀବନକୁ କାଟି ଦେଲେ ଗଲା
ବଞ୍ଚିଥିବା ପର୍ଯ୍ୟନ୍ତ ହସ, ଖୁସିରେ ବଞ୍ଚ
ମରିଗଲେ କିଏ କାହାକୁ ପଚାରେ?

## କନ୍ଧମାନଙ୍କ ଚଇତ୍ ପରବ (ବେଣ୍ଟ ଗୀତ) ନଂ ୩.

ସିଲିତା ସିଲିତା ମୁଁ ୟାଁ ୟାଁ
ସୋଲକ ଡୁମ୍ବର କାଜାୟାଁ

Digitized by srujanika@gmail.com

ଆଲୁ ତାଲ୍‌ତି ମୁଁ ୟାଁ ୟାଁ
ସୋଲକ ତୁମ୍ବର କାଜାୟାଁ
ଦୋକତା କୁଗା ମାନିପଦା ୟାଁ
କିଆ ପୁଲ ବାସନା
ମଲି ପୁଲ ବାସନା
ସୋଲକ ତୁମ୍ବର କାଜାୟାଁ
ଏନି ଆନ୍ଦା ଆତି ୟାଁ
ଏନି ବଜା ଆତି ୟାଁ
ସୋଲକ ତୁମ୍ବର କାଜାୟାଁ
କୋତି ମାତି ବାୟାତି
ସୋବା ମାତି ଆନ୍ଦା କି
ସୋଲକ ତୁମ୍ବର କାଜାୟାଁ

ଚଇତ୍ ପରବ ଅବସରରେ କନ୍ଧ ଓ ପରଜା ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ଗାଁ ଗାଁରେ ବିହନ ମାଗି ବୁଲନ୍ତି । ଏହାକୁ କନ୍ଧମାନଙ୍କର 'ବିସ୍‌ପୁଟ୍‌ନି ଯାତ୍ରା' କୁହାଯାଏ । ଏହି 'ବିସ୍‌ପୁଟ୍‌ନି ଯାତ୍ରା' ବା 'ବିହନ ଯାତ୍ରା' ଅବସରରେ କନ୍ଧ ଓ ପରଜା ଧାଙ୍ଗଡା, ଧାଙ୍ଗିଡ଼ିମାନେ ଗାଁରେ ଗୀତ ଗାଇ ଗାଇ ବିହନ ମାଗନ୍ତି ।

(ତଥ୍ୟ ଓ ଗୀତ ସଂଗ୍ରହ: ରୁକ୍ମଣୀ ଯାନୀ, ଇଛାବତୀ ଯାନୀ, କଲା ସାଆନ୍ତା, ରତ୍ନ ସାଆନ୍ତା, ଭୁଜା ସାଆନ୍ତା, ଭଦ୍ର ସାଆନ୍ତା, କୃଷ୍ଣ ସାଆନ୍ତା

ଗ୍ରାମ: କଦଳୀଜବା, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର

ମାଧବ ଯାନୀ, ସନିଆ ନାଏକ, ଚନ୍ଦ୍ରମା ଯାନୀ,

ଗ୍ରାମ: ବଡ଼ ଚିନ୍ତ୍ରି, କୋରାପୁଟ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜିଲ୍ଲା: କୋରାପୁଟ

ମୋତି ଯାନୀ, ବାଲି ନାଏକ (ମୁଖିଆ), ମିଲ୍‌କି ଯାନୀ

ଗ୍ରାମ: ସାନ ଚିନ୍ତ୍ରି, କୋରାପୁଟ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜିଲ୍ଲା: କୋରାପୁଟ)

Digitized by srujanika@gmail.com

# ମାଲ୍‌କାନ୍‌ଗିରିର କୋୟା ନୃତ୍ୟ

## (the Koyya dance)

ମାଲ୍‌କାନ୍‌ଗିରି ଜିଲ୍ଲାର ପଡ଼ିଆ ବ୍ଲକ୍ ଅନ୍ତର୍ଗତ **'ଇରାଲ୍‌ଗୁଣ୍ଡି'** ଗାଁରେ ଆମେ ସକାଳୁ ସକାଳୁ ପହଞ୍ଚିଲା ପରେ କୋୟାମାନେ ଆମକୁ ଅଭିନନ୍ଦନ ଜଣାଇ ପାଛୋଟି ନେଇଥିଲେ । ପୂର୍ବର ସୂଚନା ଅନୁସାରେ ଗାଁର କୋୟାମାନେ ସମସ୍ତେ ପ୍ରସ୍ତୁତ ହୋଇ ସାରିଥିଲେ । ମୋ ସାଥୀରେ ଥିଲେ ମାଲ୍‌କାନ୍‌ଗିରିର ଜଣେ କୋୟା ସରପଞ୍ଚ । ତାଙ୍କ ନାମ ଉଙ୍ଗା ପଡ଼ିୟାମ୍ମି । ସେ ମୋତେ ତଥ୍ୟ ପ୍ରଦାନ ଓ କୋୟାମାନଙ୍କ ସହ ଭାବ ବିନିମୟରେ ପ୍ରମୁଖ ସହଯୋଗ କରିଥିଲେ । କାରଣ କୋୟା ଭାଷା ବୁଝିବା ମୋ ପକ୍ଷେ ସଂପୂର୍ଣ୍ଣ ଅସମ୍ଭବ ଥିଲା । ଆମେ **'ଇରାଲ୍‌ଗୁଣ୍ଡି'** ଗାଁରେ ପହଞ୍ଚିବା ପରେ କୋୟାମାନେ ସେମାନଙ୍କର ପାରଂପରିକ ନୃତ୍ୟ ପରିବେଷଣ ଆରମ୍ଭ କରିଦେଲେ । ଏହି ଗାଁରୁ କୋୟା ନାଚ ସଂକର୍କରେ ଅନେକ ତଥ୍ୟ ହାସଲ କଲା ପରେ ଆମେ ପଡୋଶୀ କୋରୁକୁଣ୍ଡା ବ୍ଲକ୍ ଅନ୍ତର୍ଗତ ଅନ୍ୟ ଏକ କୋୟା ଗାଁ **'କୋୟାଗିରିକୁ'** ମଧ୍ୟ ବୁଲି ଯାଇଥିଲୁ । ଏହି ଦୁଇ ଗାଁରୁ କୋୟା ନୃତ୍ୟ ସଂପର୍କରେ ତଥ୍ୟ ଓ ଫଟୋ ଚିତ୍ର ସଂଗ୍ରହ କରିଥିଲୁ ।



Digitized by srujanika@gmail.com

କୋୟା ନୃତ୍ୟ ଓ ଏହି ନୃତ୍ୟରେ ବ୍ୟବହୃତ ବାଦ୍ୟଯନ୍ତ୍ର, ପୋଷାକ, ଅଳଙ୍କାର, ସଂଗୀତ ବେଶ୍ ମନମୁ  କର । କୋୟା ନୃତ୍ୟ ସଂପର୍କରେ ଆର୍.ସି.ଏସ୍ ବେଲ୍ ଏକ ଚମତ୍କାର ବର୍ଣ୍ଣନା କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟରେ ଯେତେ ପ୍ରକାର ନୃତ୍ୟ ରହିଛି, ସେଥିମଧ୍ୟରୁ କୋୟା ନୃତ୍ୟର ଏକ ବିଶେଷ ପରିଚୟ ରହିଛି । କୋୟା ନୃତ୍ୟ ଅତି ପ୍ରାଚୀନ ଓ ପାରଂପରିକ ବୋଲି ବେଲ୍ ଉଲ୍ଲେଖ କରିଛନ୍ତି ।

*"The Koyya dances are most distinctive. The young men put-on a basket head-dress to which a pair of buffalo or bison horns is attached, & beat time on drums while going through various pantomimes, e.g., of a fight between two bulls. The young women dance round in a circle, with their arms intertwined, singing an improvised song the while."*

*(Orissa District Gazetteer, Koraput, Orissa Govt. Press, Cuttack (1945) P-77 & 87 -R.C.S. Bell)*

କୋୟା ନୃତ୍ୟ କେବଳ ମାଲ୍‌କାନ୍‌ଗିରି ଜିଲ୍ଲା କାହିଁକି ସମଗ୍ର ଭାରତବର୍ଷରେ ଲୋକପ୍ରିୟ ହୋଇପାରିଛି ।

'ଇରାଲ୍‌ଗୁଣ୍ଡି' ଓ 'କୋୟାଗିରି'ର କୋୟାମାନେ ସେମାନଙ୍କର ପାରଂପରିକ ଶିଙ୍ଗ ନାଚ ପରିବେଷଣ କରି ସମଗ୍ର ପୃଥିବୀରେ ବିଖ୍ୟାତ ହୋଇ ସାରିଛନ୍ତି । ଇରାଲଗୁଣ୍ଡିର କୋୟା ନୃତ୍ୟ ଗୁରୁ ରାମ ପ୍ରସାଦ ମଡ୍‌କାମିଙ୍କ କହିବା ଅନୁସାରେ, ସେମାନେ ନୂଆଦିଲ୍ଲୀରେ କୋୟା ନାଚ ପରିବେଷଣ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇ ପାରିଛନ୍ତି । ଏହା ବ୍ୟତୀତ ସେମାନେ ଭୁବନେଶ୍ୱର, ରାୟପୁର, ହାଇଦ୍ରାବାଦ, କୋରାପୁଟ, ସମ୍ବଲପୁର, ଭବାନୀପାଟଣା, ନବରଙ୍ଗପୁର, ରାୟଗଡା ଓ ରାଜ୍ୟର ବହୁ ପ୍ରମୁଖ ସହରମାନଙ୍କରେ ନୃତ୍ୟ ପରିବେଷଣ କରି ଲୋକପ୍ରିୟ ହୋଇପାରିଛନ୍ତି ।

ଇରାଲ୍‌ଗୁଣ୍ଡିର କୋୟା ନୃତ୍ୟ ଦଳରେ, ଉଭୟ ପୁରୁଷ ଓ ମହିଳା ସଦସ୍ୟଙ୍କ ସଂଖ୍ୟା ପ୍ରାୟ ୩୦ ଜଣ ହେବ । ରାମ ପ୍ରସାଦ ମଡ୍‌କାମି ହେଉଛନ୍ତି କୋୟାମାନଙ୍କ ନୃତ୍ୟ ଗୁରୁ । କୋୟା ନାଚ ଦଳରେ ନୃତ୍ୟ ଗୁରୁଙ୍କ ବ୍ୟତୀତ ୧୦ରୁ ୧୫ ଜଣ ପୁରୁଷ ସଦସ୍ୟ ଅଛନ୍ତି । ଇରାଲ୍‌ଗୁଣ୍ଡିର ଏହି ପୁରୁଷ କୋୟା ନର୍ତ୍ତକମାନେ ହେଉଛନ୍ତି-

ବିଶ୍ୱନାଥ ପଡ଼ିୟାମି, ଇଶ୍ୱର ପଡିୟାମି, ଜଗା କଓାସି, ଲକା ସୋଡି, ମାସା ମାଡି, ଆନ୍ଦା ମଡ୍‌କାମି, ବୋଜା ସୋଡି, ଗଂଗା  ମାଢ଼ି, ଦେବା ମଡ୍‌କାମି, ବୁଦୁରା ପଡିୟାମି ପ୍ରମୁଖ ।

Digitized by srujanika@gmail.com



ଏବଂ ଏହି ଦଳରେ ୧୦ରୁ ୧୫ ଜଣ ନର୍ତ୍ତକୀ (ମହିଳା ସଦସ୍ୟ) ଅଛନ୍ତି । ସେମାନେ ହେଲେ-

ଉରେ ପଡ଼ିୟାମ୍ମି, ମାସେ ପଡ଼ିୟାମ୍ମି, ଦେବେ ସୋଡି (ପ୍ରଥମ), ଉଙ୍ଗି ମଡ୍‌କାମି, ମାସେ ମଡ୍‌କାମି, ଜିମେ ପଡିୟାମି, ବୁଦୁରି ମଡ୍‌କାମି, ନାଙ୍ଗି ସୋଡି, ଦେବେ ସୋଡ଼ି (ଦ୍ୱିତୀୟ), ନାଦେ କବାଚି, କାମେ ସୋଡି, ବୁଦ୍‌ରି କୱାସି, ମୁୟେ କୱାସି, ନାଙ୍ଗି ମଡ୍‌କାମି, ମୁକେ ପଡ଼ିୟାମ୍ମି ପ୍ରମୁଖ ।

## ପୋଷାକ ଓ ଅଳଙ୍କାର
## (costume & ornaments)

ନୃତ୍ୟ ପରିବେଷଣ କାଳରେ କୋୟା ପୁରୁଷମାନେ ଦେହରେ ଗଞ୍ଜି (ବାନିୟନ୍) ପିନ୍ଧିଥାନ୍ତି । ଅଣ୍ଟାରେ ଏକ ଲେଙ୍ଗୁଟି ପିନ୍ଧିଥାନ୍ତି ଏବଂ ଲେଙ୍ଗୁଟି ଉପରେ ଦୁଇ ଖଣ୍ଡ ପତଳା ସୂତା କପଡା ଗୁଡେଇ ହୋଇଥାନ୍ତି । ଲେଙ୍ଗୁଟି ଉପରେ ଆଗକୁ ଓ ପଛକୁ ଝୁଲିକରି ରହୁଥିବା ଏହି ଦୁଇଟି ପତଳା କପଡାକୁ 'ତୋଳା' କହନ୍ତି ।ଏହି ଦୁଇ ଖଣ୍ଡ ଲମ୍ବା କପଡା ଲେଙ୍ଗୁଟି ଉପରେ ଆଗକୁ ଓ ପଛକୁ ଝୁଲି ରହିଥାଏ । ସେମାନେ ବାଉଁଶ ପାତିଆରେ ନିର୍ମିତ ଟୋପିକୁ ମୁଣ୍ଡରେ ପିନ୍ଧିଥାନ୍ତି । ସେଇ ଟୋପିରେ ବିଭିନ୍ନ କାରୁକାର୍ଯ୍ୟ ଖଚିତ ଜରିକାମ ହୋଇଥାଏ । ଟୋପି ଉପରେ ରଙ୍ଗୀନ

Digitized by srujanika@gmail.com

କପଡାର ଏକ ଆବରଣ ଦିଆଯାଇଥାଏ । ସେଥିରେ କଉଡିର ଏକ ଝାଲର ଲାଗିଥାଏ । ସେମାନେ ମୁଣ୍ଡରେ ଦୁଇଟି ଗୟଳ ସିଙ୍ଗ ଲଗେଇଥାନ୍ତି । କୁକୁଡା ପର, ମୟୂର ପୁଛରେ ପ୍ରସ୍ତୁତ ଏକ ବିରାଟ ଚୂଳି ବାଉଁଶ ପାତିଆ ନିର୍ମିତ ଟୋପି ଉପରକୁ ରହିଥାଏ । ଏହି ପର ପ୍ରସ୍ତୁତ ପୁଛକୁ କୋୟା ଭାଷାରେ **'ବିମର କାଟମ୍'** କହନ୍ତି । ତେବେ ମୁଣ୍ଡରେ ପିନ୍ଧା ଯାଉଥିବା ମୁକୁଟଟିକୁ କୋୟା ଭାଷାରେ **'କାଟା'** କୁହାଯାଏ । କୋୟା ଧାଙ୍ଗଡ଼ାମାନେ ମୁଣ୍ଡରେ **'କାଟା'** ପିନ୍ଧି କାନ୍ଧରେ ଢୋଲ ଗଳେଇ ନାଚ କରିବାକୁ ଆଗେଇ ଆସନ୍ତି । କୋୟାମାନେ ବ୍ୟବହାର କରୁଥିବା ଢୋଲଟି ବେଶ୍ ଦୀର୍ଘ । ଢୋଲଟିର ଗୋଟିଏ ପାର୍ଶ୍ୱରେ କୋୟା ଯୁବକଟି ହାତ ଓ ଅନ୍ୟ ପାର୍ଶ୍ୱରେ ଛୋଟ କାଠି ସହାୟତାରେ ବାଦନ କରିଥାଏ । ଏହି ଢୋଲ ପିଟା ଛୋଟ କାଠିକୁ କୋୟା ଭାଷାରେ **'ଗୁଡୁଡ୍ ଡୁଡୁ'** କହନ୍ତି ।

କୋୟା ଧାଙ୍ଗିଡ଼ିମାନେ ଲାଲ୍ ଧଡ଼ି ଥିବା ଧଳା ରଙ୍ଗର ଶାଢି ପିନ୍ଧନ୍ତି ଏବଂ ମୁଣ୍ଡରେ ଗୋଟିଏ ପିତଳ ପଟି *(band)* ପିନ୍ଧନ୍ତି । ଏହି ପିତଳ ପଟିଟିକୁ କୋୟା ଯୁବତୀମାନେ ମୁକୁଟ ଭଳି ମୁଣ୍ଡରେ ପିନ୍ଧିଥାନ୍ତି । ଏହାକୁ କୋୟା ଭାଷାରେ **'ଆତ୍‌କାଟ୍'** କହନ୍ତି । ଏହି ପିତଳ ପଟିର ପଛ ପଟରେ ଏକ ଧାରୁଆ ଛୁରୀ ଖୋସାଯାଇଥାଏ । ଆତ୍‌କାଟ୍‌ର ଉପର ପାର୍ଶ୍ୱରେ କୁକୁଡା, ମୟୂର ପରର ଏକ ଗୁଚ୍ଛ ରହିଥାଏ । ଏହା ସହିତ ବାହୁରେ ମୁର୍‌ରୁ, ଗଳାରେ ନେଡେକ୍ ପିନ୍ଧିଥାନ୍ତି । କୋୟା ଯୁବତୀମାନେ ନାଚିବାକୁ ଆସିବାବେଳେ ଛାତିରେ ଏକ ସବୁଜ, ନାଲି କିମ୍ବା ଧଳା ରଂଗର ବ୍ଲାଉଜ୍ ପିନ୍ଧିଥାନ୍ତି । କୋୟା ଭାଷାରେ ଏହି ବ୍ଲାଉଜ୍‌କୁ **'ରାଇକା'** କହନ୍ତି । କୋୟା ଯୁବତୀମାନେ ବ୍ଲାଉଜ୍ ଉପରେ ଛାତିକୁ ଘୋଡେଇ ରଖିବା ଉଦ୍ଦେଶ୍ୟରେ ଏକ ପତଳା କପଡା ଭାଙ୍ଗିଥାନ୍ତି । ଏହା ବ୍ୟତୀତ ଯୁବତୀମାନେ ବିଭିନ୍ନ ପ୍ରକାର ଅଳଙ୍କାର ପରିଧାନ କରନ୍ତି । ଯୁବତୀମାନେ ବିଶେଷକରି ବେକରେ ଟଙ୍କା ଏବଂ ପଇସା*(coin)*ର ହାର ପିନ୍ଧିଥାନ୍ତି । ଏହି ଟଙ୍କା ମାଳକୁ କୋୟା ଭାଷାରେ **'ପୁନ୍ତେ ଆର୍'** କୁହାଯାଏ । ନାଚ ସମୟରେ କୋୟା ଯୁବତୀମାନେ ହାତରେ କାଠ କିମ୍ବା ବାଉଁଶର ଏକ ଲାଠି ଧରିଥାନ୍ତି, ଏହାକୁ ମଧ୍ୟ **'ଗୁଡୁଡ୍ ଡୁଡୁ'** କୁହାଯାଏ । **'ଗୁଡୁଡ୍ ଡୁଡୁ'** ହେଉଛି ବାଉଁଶ ବା କାଠ ନିର୍ମିତ ଏବଂ ସେଥିରେ ଘୁଙ୍ଗୁର ଖଞ୍ଜା ଯାଇଥିବା ଏକ ନୃତ୍ୟ ଦଣ୍ଡ । କୋୟା ଯୁବତୀମାନେ ଏହାକୁ ଭୂମିରେ ପିଟିଲେ ସେଥିରୁ ଝଣଝଣ ଶବ୍ଦ ଉତ୍ପନ୍ନ ହୋଇଥାଏ । କୋୟା ଯୁବକର ଢୋଲ, ଯୁବତୀର **'ଗୁଡୁଡ୍ ଡୁଡୁ'** ଓ ଗୀତର ସମ୍ମିଶ୍ରଣରେ ଏକ ସୁନ୍ଦର ନୃତ୍ୟ ଓ ସଂଗୀତମୟ ପରିବେଶ ସୃଷ୍ଟି ହୋଇଥାଏ । କୋୟାମାନେ ଢୋଲରେ ବିଭିନ୍ନ ତାଳ, ବୋଲ୍ ଦେଇ ବାଜା ବଜାନ୍ତି ଓ ଧାଙ୍ଗିଡ଼ିମାନେ ବାଦ୍ୟର ତାଳେତାଳେ ପାଦ ପକେଇ ନୃତ୍ୟ କରନ୍ତି । କୋୟା ଧାଙ୍ଗଡ଼ାମାନେ କ୍ରମେ ବାଜାର

Digitized by srujanika@gmail.com

ବୋଲ୍‌ରେ କ୍ଷୀପ୍ରରୁ କ୍ଷୀପ୍ରତର ପଦଚାଳନା କରନ୍ତି । ଯଦି ଧାଙ୍ଗିଡ଼ିମାନେ ଧାଙ୍ଗଡ଼ାମାନଙ୍କ ପାଦ ସହ ପାଦ ମିଶେଇ ନ ନାଚି ପାରି ଥକି ପଡନ୍ତି, ତେବେ ସେମାନେ ହାରିଗଲେ ବୋଲି ଧରି ନିଆଯାଏ ।

## ବାଦ୍ୟଯନ୍ତ୍ର

(musical instruments)

କୋୟା ନୃତ୍ୟରେ ବ୍ୟବହୃତ ପ୍ରମୁଖ ବାଦ୍ୟ ହେଉଛି, ଢୋଲ । ଏହି ଢୋଲଗୁଡିକ ବେଶ୍ ଦୀର୍ଘ । କୋୟା ଯୁବକମାନେ ଢୋଲର ଗୋଟିଏ ପାର୍ଶ୍ୱରେ ହାତ ଓ ଅନ୍ୟ ପାର୍ଶ୍ୱରେ କାଠି ସହାୟତାରେ ପିଟିଥାନ୍ତି । ଏହା ସାଙ୍ଗକୁ କାଠ ବା ବାଉଁଶ ନିର୍ମିତ ଏକ ନୃତ୍ୟ ଦଣ୍ଡ ବା ଗୁଜୁଡୁ ତୁଡୁ ହେଉଛି କୋୟା ନୃତ୍ୟରେ ବ୍ୟବହାର କରାଯାଉଥିବା ଅନ୍ୟ ଏକ ବାଦ୍ୟଯନ୍ତ୍ର । ଏହାକୁ ଭୂମିରେ ପିଟିପିଟି କୋୟା ଯୁବତୀମାନେ ଝଣଝଣ ଶବ୍ଦ ସୃଷ୍ଟି କରିଥାନ୍ତି ।

## କୋୟା ନୃତ୍ୟର ପୃଷ୍ଠଭୂମି

କୋୟାମାନେ ବର୍ଷର ବିଭିନ୍ନ ପର୍ବପର୍ବାଣୀରେ ଏହି ନୃତ୍ୟ କରିଥାନ୍ତି । ବିଶେଷକରି ବିଭାଘର କିମ୍ବା ଶିଶୁ ଜନ୍ମ ଉ ବବେଳେ କୋୟାମାନେ ରାତିରାତି ମହୁଲି ପିଇ ନାଚ କରିଥାନ୍ତି । କୋୟାମାନଙ୍କର ମୁଖ୍ୟ ପର୍ବ ଚୈତ୍ର ପରବ ବା **'ବିଜା ପାଣ୍ଡୁମ୍'**, ନୂଆଖିଆ ପର୍ବ ବା **'କର୍ତ୍ତା ପାଣ୍ଡୁମ୍'**, ପୁଷ୍ ପରବ୍ ବା **'ଭୀମୁଡୁ ପାଣ୍ଡୁମ୍'** ଆଦି ପର୍ବପର୍ବାଣୀ ପାଳନ ଅବସରରେ ଏହି ନୃତ୍ୟ ପରିବେଷଣ କରାଯାଇଥାଏ । ଧାଙ୍ଗିଡ଼ିମାନେ ମିଳିତ କଣ୍ଠରେ ଗୀତ ଗାଆନ୍ତି ଏବଂ ବାହୁରେ ବାହୁକୁ ଛନ୍ଦି ନାଚ କରନ୍ତି । ନାଚ ଆରମ୍ଭ ହେବାବେଳକୁ କୋୟା ଯୁବତୀମାନେ ହାତରେ ନୃତ୍ୟ ଦଣ୍ଡଟିକୁ ଧରି ମୃଦୁ ମୃଦୁ ପଦପାତ କରିଥାନ୍ତି ଏବଂ ପରେପରେ ପଦପାତ କ୍ଷୀପ୍ର ହେବାକୁ ଆରମ୍ଭ କରେ । ନାଚିଲାବେଳେ ଯୁବକ, ଯୁବତୀମାନେ ଶୃଙ୍ଖଳିତ ଭାବେ ଦୁଇ ଧାଡିରେ ଆବଦ୍ଧ ରହି ପଦପାତ କରିଥାନ୍ତି । ଯୁବକମାନେ ବାଦ୍ୟ ପରିବେଷଣ କରନ୍ତି ଏବଂ ଯୁବତୀମାନେ ଗୀତ ଗାଇବା ସହ ନୃତ୍ୟ କରିଥାନ୍ତି । ଇରାଲ୍‌ଗୁଣ୍ଡି ଗାଁରୁ ସଂଗ୍ରହ କରାଯାଇଥିବା ନୃତ୍ୟ ସମୟର କିଛି କୋୟା ଗୀତ ନିମ୍ନରେ ପ୍ରଦାନ କରାଗଲା-



Digitized by srujanika@gmail.com

# ବିଜା ପାଣ୍ଡୁମ୍ ଗୀତ

(ଚୈତ୍ର ପର୍ବ ଗୀତ)

'ମାଉ କର୍ କର୍ ମାମାୟ୍
ଗୁବଘେ ଗୁବଘେ କରୁ ଅଲତି ବାତା
ଲୁପ୍ କର୍ କର୍ ମାମାୟ୍
ଗୁବଘେ ଗୁବଘେ କରୁ ଅଲତି ବାତା
ଗୋରେ କର୍ କର୍ ମାମାୟ୍
ଗୁବଘେ ଗୁବଘେ କରୁ ଅଲତି ବାତା

## ଶବ୍ଦାର୍ଥ

| | |
|---|---|
| ମାଉ | ଗୟଳ |
| କର୍ | ଶିଙ୍ଘ |
| ମାମାୟ୍ | ଶିକାରୀ |
| ଅଲତିବାତା | ହଲେଇ ହଲେଇ ଆସିବା |
| ଲୁପ୍ | ହରିଣ |
| ଗୋରେ | କୁତ୍ରା |

## ଭାବାର୍ଥ

ହେଇ, ଶିକାରୀ
ଦେଖ ଗୟଳଟି କେମିତି ଶିଙ୍ଘ ହଲେଇ ହଲେଇ ଆସୁଛି
ତାକୁ ଶିକାର କର
ହେଇ ଦେଖ, ହରିଣ ଆସୁଛି
ତାକୁ ତମ ମୁନିଆ ତୀରରେ ବିନ୍ଧ
ହେଇ ଦେଖ, କୁତ୍ରା ଆସୁଛି
ତାକୁ ଧରାଶାୟୀ କରିଦିଅ

Digitized by srujanika@gmail.com

(କୋୟାମାନେ ଚୈତ୍ର ମାସରେ ଶିକାର ପର୍ବ ବା **'ବିଜା ପାଣ୍ଡୁମ୍'** ପାଳନ କରିଥାନ୍ତି । ଏହି ସମୟରେ କୋୟା ଯୁବକମାନେ ଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି । କୋୟା ଯୁବତୀମାନେ ସେମାନଙ୍କୁ ବନ୍ଦାପନା କରି ଜଙ୍ଗଲକୁ ଶିକାର ନିମିତ୍ତ ପଠାନ୍ତି । ଏହି ଅବସରରେ କୋୟା ଯୁବତୀମାନେ ଯୁବକମାନଙ୍କୁ 'ଶିକାରୀ' ସମ୍ବୋଧନ କରିଥାନ୍ତି । ତେବେ ଏହି ବିଜା ପାଣ୍ଡୁମ୍ ଗୀତକୁ ଶିଙ୍ଗ ନାଚ ସମୟରେ ଧାଙ୍ଗିଡ଼ିମାନେ ବୋଲିଥାନ୍ତି ।)

## କର୍ଡ୍ଡା ପାଣ୍ଡୁମ୍ ଗୀତ:

(ନୂଆଖିଆ ପରବ୍ ଗୀତ)

ନିମା ଇଙ୍ଗା ନିମାଲି, ନୁନିଲେ ବାୟା
ମାନୁ କାତ୍ମାମ୍ ମେଲୋଲି, ନୁନିଲେ ବାୟା
ମୁଡେ ଉଙ୍ଗ ଦାଦାଲୁ, ନୁନିଲେ ବାୟା
ୱାତା ଦାଦା ୱାତାଲି, ନୁନିଲେ ବାୟା
ଶର୍ଦା ଶର୍ଦା ଏଦିକାଲ, ନୁନିଲେ ବାୟା
ମାନାଦ ପାଣ୍ଡୁମ୍ ୱାତାଲି, ନୁନିଲେ ବାୟା
ପୁନା ପାଣ୍ଡୁମ୍ ୱାତାଲି, ନୁନିଲେ ବାୟା
ୱାତା ଦାଦା ୱାତାଦ୍ ଏଦିକାଲ, ନୁନିଲେ ବାୟା
ମାନାତ୍ ପୁନା ପାଣ୍ଡୁମ୍ ଏଦିକାଲ, ନୁନିଲେ ବାୟା
କର୍ଡ୍ଡା ପାଣ୍ଡୁମ୍ ୱାତା ଦାଦା, ନୁନିଲେ ବାୟା

## ଶବ୍ଦାର୍ଥ:

| | |
|---|---|
| ନିମା | ତମେ |
| ନୁନିଲେ ବାୟା | ଛୋଟ ଝିଅ |
| ମାନୁ | ଆମର |
| କାତ୍ମାମ୍ | କର୍ମ |
| ମେଲୋଲି | ଭାଗ୍ୟରେ ନାହିଁ |

Digitized by srujanika@gmail.com

| | |
|---|---|
| ମୁଦେ ଉଙ୍ଗ | ଜଣେ ଯୁବକର ନାଁ |
| ଦାଦାଲୁ | ଭାଇନା |
| ୱାତା | ଆସ |
| ଶର୍‌ଦା | ଶ୍ରଦ୍ଧା (ଭଲ ପାଇବା) |
| ଏଣ୍ଡିକାଲ୍ | ନାଚିବା |
| ମାନାତ୍ | ଆମମାନଙ୍କର |
| ପାଣ୍ଡୁମ୍ | ପରବ୍ |
| ୱାତାଲି | ଆସିବା |
| ପୁନା | ନୂଆ |
| ୱାତା ଦାଦା | ଆସ ଭାଇନା |

## ଭାବାର୍ଥ:

ଆସ ସାଥୀ ହୋଇ ନାଚିବା
ଜୀବନରେ କ'ଣ ଅଛି?
ଆମ କର୍ମଫଳ ଆମେ ଭୋଗିବା
ରାଗ, ଅଭିମାନ ଛାଡି ଆସ ନାଚିବା
ଜୀବନକୁ ଉପଭୋଗ କରିବା
ହେ, ଯୁବକମାନେ
ଆସ ସାଥୀ ହୋଇ ନାଚିବା
ଆମମାନଙ୍କର ପର୍ବ ଆସିଯାଇଛି
ନୂଆଖିଆ ପର୍ବ ଆସି ଯାଇଛି
ଚାଲ କେବଳ ସାଥୀ ହୋଇ ନାଚିବା
ଜୀବନକୁ ଉପଭୋଗ କରିବା

(ନୂଆଖିଆ ପର୍ବ ଆଗମନରେ କୋୟା ଯୁବକ, ଯୁବତୀମାନେ ଜୀବନକୁ ଉପଭୋଗ କରିବାକୁ ପରସ୍ପରକୁ ଆହ୍ୱାନ ଜଣାଇଥାନ୍ତି । ନାଚ, ଗୀତ କରି ଜୀବନକୁ ଉପଭୋଗ କରିବାକୁ କୋୟା ଯୁବତୀମାନେ ଯୁବକମାନଙ୍କୁ ଗୀତ ମାଧ୍ୟମରେ ଡାକିଥାନ୍ତି । ଯୁବକମାନେ ଯୁବତୀମାନଙ୍କର

Digitized by srujanika@gmail.com

ଏହି ଆହ୍ୱାନକୁ ଗ୍ରହଣ କରି କାନ୍ଧରେ ଢୋଲ ଗଳେଇ ଯୁବତୀମାନଙ୍କ ନୃତ୍ୟରେ ସହଯୋଗ କରିବାକୁ ଆଗେଇ ଆସନ୍ତି । ଯୁବତୀମାନେ ଗୀତ ଗାଇବା ସହ ନୃତ୍ୟ କରିଥାନ୍ତି ଏବଂ ଯୁବକମାନେ ବାଦ୍ୟ ପରିବେଷଣ କରିଥାନ୍ତି । ବିନା ବାଦ୍ୟରେ ଯୁବତୀମାନଙ୍କର ପାଦ ଉଠେ ନାହିଁ ।)

(ତଥ୍ୟ ଓ ଗୀତ ସଂଗ୍ରହ: ରାମ ପ୍ରସାଦ ମତ୍‌କାମି (ନାଚ ମୁଖିଆ), ବିଶ୍ୱନାଥ ପଡ଼ିୟାମି, ଉରେ ପଡ଼ିୟାମି, ମାସେ ପଡ଼ିୟାମି, ଦେବେ ସୋଡି, ଉଙ୍ଗି ମାତ୍‌କାମି, ନାଙ୍ଗି ସୋଡି, ଜିମେ ପଡ଼ିୟାମି ପ୍ରମୁଖ

ଗ୍ରାମ: ଇରାଲ୍‌ଗୁଣ୍ଡି, ପଞ୍ଚାୟତ: ନେଳିଗୁଡା, ବ୍ଲକ୍: ପଡ଼ିଆ, ଜିଲ୍ଲା: ମାଲ୍‌କାନ୍‌ଗିରି)

## ଗାଦ୍‌ବା ନୃତ୍ୟ

## (Gadaba dance)

କୋରାପୁଟ ଜିଲ୍ଲାର ଲମତାପୁଟ, ଜୟପୁର, ନନ୍ଦପୁର, ସେମିଳିଗୁଡା, ପଟାଙ୍ଗୀ ଆଦି ଅଞ୍ଚଳରେ ଗାଦବା ସଂପ୍ରଦାୟର ଆଦିବାସୀମାନେ ବସବାସ କରନ୍ତି । ବିଶେଷକରି ନନ୍ଦପୁର ଓ ଲମତାପୁଟ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ବେଶି । ତେବେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ଏମାନେ କାଁ ଭାଁ ଦେଖିବାକୁ ମିଳନ୍ତି । ପୂର୍ବେ ଗାଦବାମାନେ ପାଲିଙ୍କିବାହକ ଥିଲେ ଥିଲେ ବୋଲି କଥିତ ଅଛି । ଗାଦବାମାନଙ୍କର ଗୃହ ନିର୍ମାଣ ଶୈଳୀ ଅନ୍ୟ ଆଦିବାସୀଙ୍କଠାରୁ ଭିନ୍ନ । ଏମାନେ ଛୋଟବଡ ପଥରକୁ ଉପରକୁ ଉପର ଖଞ୍ଜି ଘର ଚାରି ପାଖରେ ଅତି ଆକର୍ଷଣୀୟ ପାଚେରୀ ନିର୍ମାଣ କରିଥାନ୍ତି । ଏହି ପଥର ଖଞ୍ଜିତ ପ୍ରାଚୀର ହିଁ ଗାଦବା ଗାଁକୁ ଅନ୍ୟ ଆଦିବାସୀ ଗାଁଠାରୁ ନିଆରା ପରିଚୟ ଦେଇଥାଏ । ଅନ୍ୟ ଆଦିବାସୀଙ୍କ ଭଳି ଗାଦବାମାନେ ମଧ୍ୟ ନୃତ୍ୟ ଓ ଗୀତ ପ୍ରିୟ । ଜୀବନ ଅଧିକାଂଶ ସମୟ ଏମାନେ ନାଚ ଓ ଗୀତରେ ବିତେଇଥାନ୍ତି । ନାଚ ଓ ଗୀତ ମାଧ୍ୟମରେ ଜୀବନକୁ ଉପଭୋଗ କରିବାର ଶୈଳୀ ଗାଦବାମାନଙ୍କୁ ଆତ୍ମ ସନ୍ତୋଷର ସହ ବଞ୍ଚିବା ଶିଖେଇଥାଏ । ସଞ୍ଜ ନଇଁ ଆସିଲା ବେଳକୁ ଗାଦବା ଗାଁରେ ଭାସି ଆସୁଥାଏ ଧାଙ୍ଗଡା ଧାଙ୍ଗିଡିଙ୍କ ମନଛୁଆଁ ରସରସିଆ ଗୀତ ସାଙ୍ଗକୁ ମନମତାଣିଆ ବାଇଦର ସ୍ୱର । ଦିନ ସାରା କଠିନ ପରିଶ୍ରମ କରି ଫେରିଲା ପରେ ଧାଙ୍ଗଡା, ଧାଙ୍ଗିଡି ବିଳମ୍ବିତ ରାତି ପର୍ଯ୍ୟନ୍ତ ଗାଁର ସଦର ଦାଣ୍ଡରେ ନୃତ୍ୟ, ଗୀତର

Digitized by srujanika@gmail.com



ଆସର ଜମେଇ ଥା'ନ୍ତି । ପ୍ରତିଦିନ ସନ୍ଧ୍ୟାରେ ଗାଁରେ ନାଚଗୀତ ଚାଲେ । ତେବେ ବର୍ଷର ବିଭିନ୍ନ ପର୍ବପର୍ବାଣୀରେ ଗାଦବାମାନେ ନାଚଗୀତର ଆୟୋଜନ କରିଥା'ନ୍ତି । ମହୁଲି କିମ୍ବା ଲନ୍ଦା ଦି' ଢୋକ ପିଇଦେଇ ଗାଦବାମାନେ ସ୍ୱପ୍ନ ରାଇଜରେ ହଜିଯିବା ପରେ ନାଚଗୀତ ବେଶ୍ ଭଲ ଜମିଯାଏ ।

ଢେମ୍‌ସା ହେଉଛି ଗାଦବାମାନଙ୍କର ଏକ ଲୋକପ୍ରିୟ ନୃତ୍ୟ । କୋରାପୁଟ ଅଞ୍ଚଳର ଅନ୍ୟ ସଂପ୍ରଦାୟର ଆଦିବାସୀଙ୍କ ଢେମ୍‌ସା ଓ ଗାଦବାଙ୍କର ଢେମ୍‌ସା ନୃତ୍ୟ ମଧ୍ୟରେ ବହୁ ସାମଞ୍ଜସ୍ୟ ରହିଛି । ଏହା ଏକ ଦଳଗତ ନୃତ୍ୟ । ଉଭୟ ଗାଦବା ଯୁବକ ଓ ଯୁବତୀ ଏହି ନୃତ୍ୟରେ ଅଂଶଗ୍ରହଣ କରିଥାନ୍ତି ।

କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍ ଅନ୍ତର୍ଗତ ମାଲେଗାଁ ହେଉଛି ଏକ ଗାଦବାବହୁଳ ଗାଁ । ଏଠାରେ ଶତକଡା ୯୦ ଭାଗ ହେଉଛନ୍ତି ଗାଦବା ସଂପ୍ରଦାୟର । ଏହି ଗାଁର ଗାଦବାମାନଙ୍କର ଢେମ୍‌ସା ନୃତ୍ୟ କୋରାପୁଟ କାହିଁକି ସମଗ୍ର ରାଜ୍ୟ ଓ ରାଜ୍ୟ ବାହାରେ ବେଶ୍ ଲୋକପ୍ରିୟତା ହାସଲ କରି ପାରିଛି । ଏହି ଗାଦବା ନାଚ ବିଦେଶରେ ମଧ୍ୟ ବେଶ୍ ଆଦୃତ ହୋଇପାରିଛି ।

ଗାଦବାମାନଙ୍କର ଏହି ନାଚ ମୁଖ୍ୟତଃ ବିଭିନ୍ନ ଯାନିଯାତରା ସମୟରେ ଅନୁଷ୍ଠିତ

Digitized by srujanika@gmail.com

ହୋଇଥାଏ । ଚଇତ୍ ପରବ, ପୁଷ୍ ପୁନେଇଁ, ବିଭାଘର, ଦଶାଘର, ଦିଆଲି ପର୍ବ, ଦଶହରା ପର୍ବ, ଶିଶୁ ଜନ୍ମୋଉ ବ, ଯୁବତୀ ପୁଷ୍ପବତୀ ହେବା ଅବସରରେ ଆୟୋଜିତ ଉ ବ, ପର୍ବପର୍ବାଣୀରେ ଗାଦବା ଧାଙ୍ଗଡ଼ା, ଧାଙ୍ଗିଡ଼ି 'ଢେମ୍‌ସା ନୃତ୍ୟ' ପରିବେଷଣ କରିଥାନ୍ତି ।

ଯୁଗ ବଦଳିବା ସାଙ୍ଗକୁ ଗାଦବାମାନଙ୍କର ଏହି ପାରଂପରିକ ନୃତ୍ୟରେ ଅନେକ ପରିବର୍ତ୍ତନ ଘଟିଲାଣି । ଆଜିର ଶିକ୍ଷିତ ଗାଦବା ଯୁବକ, ଯୁବତୀମାନେ ସେମାନଙ୍କର ଏହି ପାରଂପରିକ ନୃତ୍ୟ ଓ ଗୀତ ପ୍ରତି ଅନାଦର ଭାବ ପୋଷଣ କଲେଣି । ତଥାପି ମାଲେଗାଁ ଭଳି ଗାଦବା ଗାଁରେ ଆଜି ବି ସଞ୍ଜ ନଇଁଲେ ଧାଙ୍ଗଡା, ଧାଙ୍ଗିଡିଙ୍କ ନାଚ, ଗୀତର ଆସର ଜମି ଉଠେ । ଗାଁ ସଦର ଦାଣ୍ଡରେ ଧାଂଗଡା, ଧାଂଗିଡ଼ିମାନେ ଏକତ୍ରିତ ହୋଇ ନାଚଗୀତରେ ମାତି ଉଠନ୍ତି । ମାଲେଗାଁର ନାଟଗୁରୁ ରଘୁନାଥ ପାଙ୍ଗି ହେଉଛନ୍ତି ଏହି ନୃତ୍ୟ ଦଳର ମୁଖିଆ । ତାଙ୍କ ନେତୃତ୍ୱରେ ଧାଙ୍ଗଡ଼ା, ଧାଙ୍ଗିଡ଼ି ଏହି ନୃତ୍ୟକୁ ଆଜି ପର୍ଯ୍ୟନ୍ତ ଜୀବିତ ରଖି ପାରିଛନ୍ତି । ନାଟଗୁରୁ ରଘୁନାଥ ପେଷାରେ ହେଉଛନ୍ତି ମହୁରିଆ । ଏହି ଗାଁର ଧାଙ୍ଗଡା ଡମ୍ବୁ ସିସା, ଘଡୁଆ ସିସା, ତୁଛାଇ ମୁଦୁଲି, ମନ ମୁଦୁଲି, ଭିକାରୀ ମୁଦୁଲି, ଚୈତନ୍ୟ ମୁଦୁଲି, ତ୍ରିନାଥ କିର୍ସାନୀ, ଟଂକ ମୁଦୁଲି, ଡମ୍ବୁ ମୁଦୁଲି, ମଙ୍ଗଳା ମୁଦୁଲି, ଲବ ପୂଜାରୀ, ଘାସି ଖରା ପ୍ରମୁଖ ଯୁବକ ଏବଂ ଗାୟତ୍ରୀ ସିସା, ସମତୁଲା ମୁଦୁଲି, ପାର୍ବତୀ ମୁଦୁଲି, ସୁଭଦ୍ରା ସିସା, ଚଞ୍ଚଳା ସିସା, ବତୀ ମୁଦୁଲି, ବାସନ୍ତୀ ପାଙ୍ଗୀ, ସୁକାନ୍ତି ପାଙ୍ଗୀ, ସୁନାମଣି ଖିଲ, ସୁଶୀଲା ଖିଲ, କୌଶଲ୍ୟା ମୁଦୁଲି, ଲଳିତା ଖିଲ ପ୍ରମୁଖ ଯୁବତୀ ଏହି ନୃତ୍ୟକୁ ଦେଶ ବିଦେଶରେ ପ୍ରଦର୍ଶନ କରି ପ୍ରସାର ଓ ପ୍ରଚାର ଦିଗରେ ବେଶ୍ ସହାୟକ ହୋଇପାରିଛନ୍ତି ।

କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଲୋକୋ ବ 'ପରବ୍'ଠାରୁ ଆରମ୍ଭ କରି ଏମାନେ ରାୟଗଡ଼ା ଜିଲ୍ଲାର 'ଡ଼ଙ୍ଗର', 'ଚଇତ୍ ପରବ', ମାଲ୍‌କାନ୍‌ଗିରିର 'ମାଲ୍ୟବନ୍ତ' ମହୋ ବ, ନବରଙ୍ଗପୁର ଜିଲ୍ଲାର 'ମଣ୍ଡେଇ' ଏବଂ ରାଜଧାନୀ ଭୁବନେଶ୍ୱର, ପଡୋଶୀ ରାଜ୍ୟ ଛତିଶଗଡ଼, ନୂଆଦିଲ୍ଲୀ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳ ଏବଂ ବିଦେଶରେ ଏହି ଆଦିବାସୀ ନୃତ୍ୟଟି ବେଶ୍ ଲୋକପ୍ରିୟ ହୋଇପାରିଛି ।

ଉଭୟ ମହିଳା ଓ ପୁରୁଷ ସଦସ୍ୟଙ୍କୁ ନେଇ ଏହି ନୃତ୍ୟ ଦଳରେ ପ୍ରାୟ ୨୦ରୁ ୩୦ ଜଣ ନର୍ତ୍ତକ, ନର୍ତ୍ତକୀ ଅଂଶଗ୍ରହଣ କରିଥାନ୍ତି । ଗାଁରେ ସଞ୍ଜବେଳେ କିମ୍ବା ପର୍ବପର୍ବାଣୀରେ ନାଚିଲାବେଳେ ଧାଙ୍ଗଡା, ଧାଙ୍ଗିଡିଙ୍କ ସଂଖ୍ୟା କେତେ ହେବ, ସେମିତି କିଛି ଧରାବନ୍ଧା ନିୟମ ନଥାଏ । ନୃତ୍ୟ ପରିବେଷଣ ସମୟରେ ଯୁବକ, ଯୁବତୀମାନେ ଦୁଇ ଭାଗରେ ବିଭକ୍ତ ହୋଇ ଯାଆନ୍ତି । ଅନ୍ୟ ଏକ ପାର୍ଶ୍ୱରେ ବାଦକମାନେ ବାଦ୍ୟ ପରିବେଷଣ କରିଥାନ୍ତି ।

Digitized by srujanika@gmail.com

## ବାଦ୍ୟଯନ୍ତ୍ର

## (musical instruments):

ଢୋଲ୍, ମହୁରୀ, ତିଡିବିଡ଼ି, ଟାମକ୍ ହେଉଛି ଏହି ନୃତ୍ୟରେ ବ୍ୟବହାର ହେଉଥିବା ପ୍ରମୁଖ ବାଦ୍ୟଯନ୍ତ୍ର । ଡମ୍ବ ହରିଜନ ସଂପ୍ରଦାୟର ଲୋକେ ବାଦ୍ୟ ପରିବେଷଣ କରିଥାନ୍ତି । ଏହି ଗାଁର ନାଟଗୁରୁ ରଘୁ ପାଙ୍ଗୀ ଭଲ ମହୁରିଆ ଭାବେ ଏ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲାବେଳେ ଘୁଡି ଖିଲ, ଲୋଚନ ଖିଲ, ସୋନୁ ଘୁକ୍ରି, ଅର୍ଜୁନ ଖିଲ ଆଦି ଟାମକ୍, ଢୋଲ୍ ବଜେଇଥାନ୍ତି ।

## ପୋଷାକ ଓ ଅଳଙ୍କାର

## (costume & ornaments)

'କେରେଙ୍ଗ୍' ହେଉଛି ଗାଦବାମାନଙ୍କର ବହୁ ପ୍ରସିଦ୍ଧ ନୃତ୍ୟ ପୋଷାକ । ନୀଳ, ଲାଲ୍ ଓ ଧଳା ରଙ୍ଗର ପଟାପଟା ଦାଗ ଥିବା **(striped)** ଦୀର୍ଘ କପଡା ହିଁ କେରେଙ୍ଗ୍ । ଏହାକୁ ଧାଙ୍ଗିଡିମାନେ ସେମାନଙ୍କ ଶରୀରରେ ଆବୃତ୍ତ କରିଥାନ୍ତି । ଧାଙ୍ଗିଡିମାନେ ମୁଣ୍ଡରେ 'ମୁର୍ମି' **(head band)** ପରିଧାନ କରିଥାନ୍ତି । ବେକରେ ହ୍ୱାଇଟ୍ ମେଟାଲ ନିର୍ମିତ ଏକ ଗୋଲାକୃତି ଖାଗଲା ପିନ୍ଧିବା ସହ କାନରେ କାନଫୁଲ, ନାକରେ ନାକଫୁଲ, ଗୋଡରେ ପଏଁରୀ ପରିଧାନ କରିଥାନ୍ତି । ନୃତ୍ୟ ସମୟରେ ସମ୍ମୁଖ ଭାଗରେ ଜଣେ ଧାଙ୍ଗିଡି ମୟୂର ପୁଚ୍ଛ ହାତରେ ଧରିଥାଏ । ଧାଙ୍ଗିଡିମାନେ ମୁଣ୍ଡରେ ଗୁଞ୍ଜୁଲି ମାଳି ପିନ୍ଧନ୍ତି ।

## ନୃତ୍ୟ ବର୍ଣ୍ଣନା

*"The Dances of the Gadabas are simpler but no less spirited. The chain of girls, all dressed exactly alike in their red, white & blue striped clothes reaching barely hali way to the knee, but with their feet loaded with heavy chased brass anklets which they clink together in time, swings round in a circle to the accompaniment of muffled drums. The girls chant together in unison as they go round, & the time gets ever quicker & quicker, their steps longer & longer, but still perfect step is kept untill the chain breaks or the leader is exhausted."*

*(Orissa District Gazetteer, Koraput, Orissa Govt. Press, Cuttack (1945) P-87 -R.C.S. Bell)*

Digitized by srujanika@gmail.com



ଗାଦବା ଧାଙ୍ଗିଡ଼ିମାନେ ଗୀତ ଗାଇଗାଇ ପାଦକୁ ପାଦ ମିଶେଇ ନୃତ୍ୟ କରନ୍ତି । ଏମାନଙ୍କ ନୃତ୍ୟକୁ ମୁଖ୍ୟତଃ ଢେମ୍‌ସା କୁହାଯାଏ । ଯାଇଁଲୋଡି ଢେମ୍‌ସା, ଏକସୋରିଆ, ଖୁନ୍ଦା ଢେମ୍‌ସା, ପାଲାନି ଢେମ୍‌ସା, ଗୋଦ୍‌ରେସାନି ଢେମ୍‌ସା, ମାଣ୍ଡିଲୋଚକାନି ଢେମ୍‌ସା, ବାଘ୍ ଢେମ୍‌ସା, ଚିତାବାଲି ଢେମ୍‌ସା, ପାରୁଆଘର୍‌ନି ଢେମ୍‌ସା, ଛୋଟି ଢେମ୍‌ସା ଆଦି ନାନା ପ୍ରକାରର ଢେମ୍‌ସା ନୃତ୍ୟ ଗାଦବାମାନେ ପରିବେଷଣ କରିଥାନ୍ତି ।

ଗାଦ୍‌ବାମାନଙ୍କର ଏହି ଢେମ୍‌ସା ନାଚରେ ଜଣେ ମୁଖିଆ ବା 'ବାଟକଢା' ଥାଆନ୍ତି । ବାଟକଢା ହେଉଛନ୍ତି ଯଥାର୍ଥରେ ନୃତ୍ୟ ଗୁରୁ ବା ନାଚ ମୁଖିଆ । ନୃତ୍ୟ କରିବା ସମୟରେ ଉଚ୍ଚତା ଅନୁସାରେ ଯୁବକ, ଯୁବତୀମାନେ ବଡ଼ରୁ ସାନ କିମ୍ବା ସାନରୁ ବଡ଼ କ୍ରମରେ ଯୁବକ, ଯୁବତୀମାନେ ସରଳ ରୈଖିକ କିମ୍ବା ଅର୍ଦ୍ଧବୃତ୍ତାକାର ପଥରେ ସଜେଇ ହୋଇ ରହନ୍ତି । ଧାଙ୍ଗିଡିମାନେ ପରସ୍ପରର ହାତକୁ ଅଣ୍ଟାରେ ଛନ୍ଦି ପାଦକୁ ପାଦ ପକେଇ ନୃତ୍ୟ କରିଥା'ନ୍ତି । ଏହି ନୃତ୍ୟ ଦଳରେ ଯେଉଁ ନର୍ତ୍ତକୀ ସମ୍ମୁଖ ଭାଗରେ ରହିଥାଏ, ସେ ଏକ ଲମ୍ବା ମୟୂର ପୁଚ୍ଛ ଧରିଥାଏ । ଗାଦବା ଧାଙ୍ଗଡା, ଧାଙ୍ଗିଡିମାନେ ବୃତ୍ତାକାର ଏବଂ ଅର୍ଦ୍ଧବୃତ୍ତାକାର ପଥରେ ଘୁରିଘୁରି ଅତି ପ୍ରଖର ବେଗରେ ନୃତ୍ୟ କରିଥାନ୍ତି । ଢେମ୍‌ସାର ପ୍ରକାରଭେଦ ଅନୁସାରେ ଏମାନଙ୍କର ପଦଚାଳନାରେ ପରିବର୍ତ୍ତନ ଘଟିଥାଏ । ଅନେକ ସମୟରେ ଏମାନେ ଦଳଗତ ଭାବେ ଆଗକୁ

Digitized by srujanika@gmail.com

ଯାଇ ଓ ପଛକୁ ଫେରି ଏବଂ ମୁଣ୍ଡକୁ ଉପରକୁ କରି, ନଇଁ ପଡି ନୃତ୍ୟ ପରିବେଷଣ କରନ୍ତି । ପୁଣି ମଧ୍ୟ ଏମାନେ ଦୁଇ ଭାଗରେ ବିଭକ୍ତ ହୋଇ ଆଗକୁ ପଛକୁ ଗତି କରିଥାନ୍ତି । ବାଦ୍ୟର ତାଳେତାଳେ ଏମାନେ ପଦଚାଳନା କରିଥାନ୍ତି । ବାଦ୍ୟକୁ ଅନୁସରଣ କରି ଏମାନଙ୍କର ପଦପାତରେ ପରିବର୍ତ୍ତନ ଘଟିଥାଏ । ଆଦ୍ୟ ନର୍ତ୍ତକୀଟି ମୟୂର ପୁଚ୍ଛ ହଲେଇ ହଲେଇ ଅନ୍ୟମାନଙ୍କୁ ନିଜ ସହ ପାଦ ମିଳେଇ ନାଚିବାକୁ ଆହ୍ୱାନ ଜଣାଏ । ମହୁରୀ ଓ ଟାମକର ସ୍ୱର ବଦଳିବା ସହିତ ଏମାନଙ୍କର ପଦପାତରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ନୃତ୍ୟ ଆରମ୍ଭ ହେଲାବେଳକୁ ଧିମା ଥାଏ ଏବଂ କ୍ରମେ ଏହାର ଗତି କ୍ଷୀପ୍ରରୁ କ୍ଷୀପ୍ରତର ହୋଇଥାଏ । ସମସ୍ତଙ୍କ ଅଣ୍ଟା ଓ ପାଦ ବାଦ୍ୟର ତାଳେତାଳେ ଠିକ୍ ଭାବେ ପଡୁଥାଏ । ଏହି ନାଚର ନିର୍ଦ୍ଦିଷ୍ଟ କିଛି ସମୟ ସୀମା ନାହିଁ । ବେଳେବେଳେ ଗୋଟିଏ ଗୋଟିଏ ରାତି ବିତିଯାଏ । ବେଳେବେଳେ ଗୋଟିଏ ଘଣ୍ଟାରେ ଶେଷ ହୋଇଥାଏ ।

ଧାଙ୍ଗିଡ଼ିମାନେ ମୁଣ୍ଡରେ କସମ ତେଲ ମାଖି ଜୁଡା ତିଆରି କରିଥାନ୍ତି । ଜୁଡାରେ ଧାଙ୍ଗିଡ଼ିମାନେ ଫୁଲ ଖୋସିଥାନ୍ତି । ଧାଙ୍ଗିଡ଼ିମାନେ ଆଣ୍ଠୁରୁ ଉପରକୁ ସେମାନଙ୍କର ପାରଂପରିକ 'କେରେଙ୍ଗ୍' ପିନ୍ଧିଥାନ୍ତି । 'କେରେଙ୍ଗ୍'କୁ ଛାତିରେ ଆବୃତ କରି ବେକରେ ଗୁଡେଇ ଶେଷରେ ବାମ କାନ୍ଧ ପାଖରେ ଏକ ଗଣ୍ଠି ଖୋସିଥାନ୍ତି । ଧାଙ୍ଗିଡିମାନେ ଗୀତ ଗାଇବା ସାଙ୍ଗକୁ ନୃତ୍ୟ କରିଥାନ୍ତି ।



Digitized by srujanika@gmail.com

ତେବେ ଚୈତ୍ର ଗାନ ବା କିନ୍ଦ୍ରୀଗାନ ଭଳି ପ୍ରତିଯୋଗିତାମୂଳକ ସଂଗୀତ ଆସରରେ ପ୍ରଶ୍ନ ଉତ୍ତର ଛଳରେ ଉଭୟ ଧାଙ୍ଗଡା, ଧାଙ୍ଗିଡିଙ୍କୁ ଗୀତ ବୋଲିବାକୁ ପଡିଥାଏ ।

କୋରାପୁଟ ଜିଲ୍ଲା ଅନ୍ତର୍ଗତ ଲମତାପୁଟ ବ୍ଲକ୍‌ର ମାଲେଗାଁରୁ ସଂଗ୍ରହ କରାଯାଇଥିବା ଗୋଟିଏ ଦୁଇଟି ଗାଦବା ନୃତ୍ୟ ସଂପର୍କିତ ଗୀତ ନିମ୍ନରେ ପ୍ରଦାନ କରାଗଲା ।

## ଗୀତ ନଂ ୧. (ବିଭାଘର ଗୀତ)

ଗାଦବା ଧାଙ୍ଗିଡିମାନେ ଏହି ଗୀତକୁ ସାଧାରଣତଃ ବିଭାଘର ସମୟରେ ବୋଲିଥାନ୍ତି । ବିଶେଷକରି ବିଭାଘର ଅବସରରେ ବେଦୀ ଉପରେ ବର-କନ୍ୟାଙ୍କର ହସ୍ତ ଗଣ୍ଠି ପଡିଲାବେଳେ ଏହା ବୋଲାଯାଇଥାଏ । ଏହାକୁ 'ଟୀକାମରା' ବୋଲି କୁହାଯାଏ । ଏହାକୁ କେବଳ ଧାଙ୍ଗିଡିମାନେ ସମବେତ କଣ୍ଠରେ ଗାୟନ କରିବା ସହ ନୃତ୍ୟ ପରିବେଷଣ କରିଥାନ୍ତି । ଗାଦବା ଯୁବତୀମାନେ ଯୁବକମାନଙ୍କ ଉଦ୍ଦେଶ୍ୟରେ ଏହି ଗୀତ ବୋଲିଥାନ୍ତି । ମାତ୍ର, ଏଠାରେ ଗାଦବା ଧାଙ୍ଗିଡିମାନେ ଆଗନ୍ତୁକ ଯୁବକ ତଥା ଗବେଷକ ରଂଜନ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏହି ଗୀତ ଗାଇଛନ୍ତି ।

"ଆଇସା ଯାଇସାନି ପୁଲ୍
କୋନ୍ ଗାଁଏ ବାସା କଲ୍
କୋନ୍ ଗାଁଏ ବାସା କଲ୍, ରାଇବାତିଆ ବାବୁ
ସପୁର ଚାଉଲ ପିଲ୍ ପାରୁଆରେ,
ରେ, ରାଇବାତିଆ ବାବୁ
ପଟାଇ ଦେବୁ ଛନେ ଚଞ୍ଚା

ପତର ତୋଲିଲି ପୁଲ୍ ଗୁଗୁଟାଇ ବସି
ପୁଲ୍ ଗୁଗୁଟାଇ ବସି
ତମେ ଆନି ଦେଲ ମହୁଲ ମଦ
ରେ, ରାଇବାତିଆ ବାବୁ
ଶଙ୍ଗ ବିଜେନାଇଁ, ବିଜେନାଇଁ

ଶିରି ପରବତେ ବରୁଆ ବୁଟା
କାଟିଗଲି ମୁଟା ମୁଟା

Digitized by srujanika@gmail.com

କାଟିଗଲି ମୁଟା ମୁଟା
ତମର୍ ଆମର୍ ପରା ଡେଂଗାକାରିଆ
ଆମର୍ ବାଟେ ଯଚା ପୁଚା

## ଶବ୍ଦାର୍ଥ

| | |
|---|---|
| ଆଇସା ଯାଇସା | ଆସୁଛ ଯାଉଛ |
| ପୁଲ୍ | ଫୁଲ |
| ରାଇବାଡିଆବାବୁ | ବିଦେଶୀ ଗବେଷକ (ଯୁବକ) |
| ସପୁର ଚାଉଲ | ଗୋଟି ଚାଉଳ |
| ପାରୁଆ | ପାରା |
| ଚଞ୍ଚା | ଛଞ୍ଚା (ଦକ୍ଷିଣା) |
| ଗୁଗୁଟାଇ | ଗୋଟେଇବା |
| ଶଙ୍କ | ତଣ୍ଟି (ଗଳା) |
| ବରୁଆ ବୁଟା | ଫିରି ଘାସ ବା ବେଣା ଘାସ |
| ଡେଂଗାକାରିଆ | ଡେଙ୍ଗା ମଣିଷ |

## ଭାବାର୍ଥ

ହେ, ଆଗନ୍ତୁକ ଯୁବକ ମହାଶୟ,
ତମେ ସବୁବେଳେ ଆସୁଛ ଯାଉଛ
ଆମ ଗାଁରୁ ଫୁଲ ତୋଳି ନେଉଛ
ମାତ୍ର ତମ ଗାଁ କେଉଁଠି କହୁନ
ହେଇଟି, ଆର ଥରକୁ
ଗୋଟି ଅରୁଆ ଚାଉଳ ଆଉ ପାରା
ଛଞ୍ଚା ପଠେଇବାକୁ ଜମା ଭୁଲିବନି ।

ଖରାଦରାରେ ଆମେ
ଜଙ୍ଗଲରୁ ପତ୍ର ସାଉଁଟୁଛୁ, ଫୁଲ ତୋଳୁଛୁ
ମାତ୍ର ତମେ ଯେଉଁ ଚିପେ ମହୁଲ ମଦ

Digitized by srujanika@gmail.com

ଆମକୁ ଆଣି ଦେଇଛ
ସେଥିରେ ଆମର ତଣ୍ଟି ଓଦା ହେଉନି
କ'ଣ କରାଯିବ?

ଆମର ଏହି ଡ଼ଙ୍ଗରରେ
ବରୁଆ ଘାସ ମାଳମାଳ ଉଠିଛି
ଆମେ ତାକୁ ମୁଠାମୁଠା କରି କାଟୁଛୁ
ହେ, ଡେଙ୍ଗା ଯୁବକ ମହାଶୟ
କାହିଁକି ଆମର ବାଟେ
ତମେ ଲେସି ହୋଇ ପଶୁଛ?

ଏଠାରେ ଗାଦବା ଯୁବତୀମାନେ ଗବେଷକ ରଂଜନ ପ୍ରଧାନ ଅର୍ଥାତ୍ ଲେଖକଙ୍କୁ 'ଡେଂଗାକାରିଆ' ଅର୍ଥାତ୍ ଡେଂଗା ଯୁବକ ବୋଲି ସମ୍ବୋଧନ କରିଛନ୍ତି । ଏହା ସାଙ୍ଗକୁ ଯୁବତୀମାନେ ଲେଖକଙ୍କୁ 'ରାଇବାଡିଆ' ବୋଲି ସମ୍ବୋଧନ କରିଛନ୍ତି । ସୂଚନାଯୋଗ୍ୟ, ଗବେଷକ ଶ୍ରୀ ପ୍ରଧାନ ବାରି ହେବା ଭଳି ଜଣେ ଡେଂଗା ଯୁବକ ଅଟନ୍ତି । ଏହା ହିଁ ଗାଦବା ଯୁବତୀମାନଙ୍କୁ ଆକର୍ଷିତ କରିଛି ।

(ଗୀତ ଗାୟନ: ଗାୟତ୍ରୀ ସିସା, କୌଶଲ୍ୟା ମୁଦୁଲି, ସମତୁଲା ମୁଦୁଲି, ସୁଭଦ୍ରା ସିସା ଓ ଅନ୍ୟମାନେ, ଗ୍ରାମ: ମାଲେଗାଁ, ଗ୍ରାମ ପଞ୍ଚାୟତ: ଲମତାପୁଟ, ବ୍ଲକ୍: ଲମତାପୁଟ, ଜିଲ୍ଲା: କୋରାପୁଟ)

## ଗୀତ ନଂ ୨. (ଚଇତ୍ ପରବ ଗୀତ ବା 'କିନ୍ଦ୍ରୀ ଗାନ')

ଚଇତ୍ ପରବ୍ ହେଉଛି ଗାଦବାମାନଙ୍କର ଏକ ଅତି ପରିଚିତ ପର୍ବ । ଏହି ଅବସରରେ ଗାଦବା ଧାଙ୍ଗଡା (ଯୁବକ)ମାନେ ବଣ ଜଙ୍ଗଲକୁ ଶିକାର ପାଇଁ ଯାଆନ୍ତି । ଏହି ଶିକାର ପର୍ବକୁ 'ବେଣ୍ଟ ଯାତ୍ରା' କୁହାଯାଏ । ଶିକାର କରି ବାହାରିଥିବା ଯୁବକମାନଙ୍କୁ ବିଦାୟ ଦେବା

Digitized by srujanika@gmail.com

ପୂର୍ବରୁ ଏବଂ ସ୍ୱାଗତ କଲାବେଳେ ଧାଙ୍ଗଡା, ଧାଙ୍ଗିଡି ଉଭୟ ପ୍ରଶ୍ନ ଉତ୍ତର ଛଳରେ ଗୀତ ବୋଲିଥାନ୍ତି । ଏହାକୁ ଚଇତ୍ ପରବ ଗୀତ ବା 'କିନ୍ଦ୍ରୀ ଗାନ' କୁହାଯାଏ । ଏଥିରେ ଯୁବକ, ଯୁବତୀ ଅଂଶଗ୍ରହଣ କରି ଗୀତ ମାଧ୍ୟମରେ ପରସ୍ପରକୁ ଆରୋପ ଓ ପ୍ରତ୍ୟାରୋପ କରିଥାନ୍ତି । ମାଲେଗାଁରୁ ସଂଗ୍ରହ କରାଯାଇଥିବା ଏକ କିନ୍ଦ୍ରୀଗାନ ନିମ୍ନରେ ପ୍ରଦାନ କରାଗଲା ।

**ଧାଙ୍ଗିଡ଼ି**

ମାଲେଗାଁର ଉଚ୍ଚ ସଦର
ପାସଲି ଦେକରେ କାଲ୍ କଦତ
ଉଦ୍ୟାନ ଦିଗରେ ହୁଣ୍ଡି
ହୁଣ୍ଡି ନାମ ଦରି ଗୀତ ଗାଇବି
ଗର୍ବରେ ଆସବେ ରୁଣ୍ଡି

**ଧାଙ୍ଗଡ଼ା**

ବାଟର କଦମ ଅତି ଧୁମ୍‌ଧାମ
ଗୀତ ଗାଇବି ବୋଲି ବଳାଇ ମନ
ତୋର୍ ମନ ଥିଲେ
ସଦର ପଖନା ଆସ

**ଧାଙ୍ଗିଡ଼ି**

ମାଚକୁଣ୍ଡ ପତାଲ ସୁଜନକଟା ତାମ୍
କିଚବରେ ତଙ୍ଗା ଖେଲେ
କି ବନ୍ଧା ବାନ୍ଧିଲୁ ଆରୁଆ ବାଇ
ପତ୍ରକୁ ଚୂନ ଲଗାଇ

**ଧାଙ୍ଗଡ଼ା**

ଶୁକୁଲା ପତର ଚାରି ହାତଗୋତ
କୁକୁତାକୁ ନାଇଁ ଦାନ୍ତି
ଏ, ଧାଙ୍ଗିଡ଼ି ଗାଡ଼ବନ୍ଧା କେତେ ହାତ
ମିଠା ଖିଲି ଲଗେ

Digitized by srujanika@gmail.com

କାଇଟା ପକାଇରିଲୁସ୍
ବାଘ୍ନ ହୋଇଗଲି ମୁଇଁ

## ଶବ୍ଦାର୍ଥ

କିଚବ — ନଦୀ, ଜଳାଶୟ

## ଭାବାର୍ଥ

### ଧାଙ୍ଗିଡ଼ି

ମାଲେଗାଁର ସଦର ଦାଣ୍ଡରେ
ଖାଲଖମା ଭର୍ତ୍ତି
ଭଲ କରି ଦେଖିକରି ଆସ ଯୁବକ
ମୁଁ ଏବେ ପୂଜାରୀଙ୍କ ଘର ନିକଟରେ ଥିବା
ହୁଣ୍ଡି ଦେବତାଙ୍କ ନାମ ଧରି
ଗୀତ ବୋଲିବାକୁ ଯାଉଛି ।

### ଧାଙ୍ଗଡ଼ା

ବାଟରେ ଧାତିକି ଧାତି କଦମ୍ବ ଗଛ
ବେଶ୍ ସୁନ୍ଦର ଦିଶୁଛି
ମୁଁ ଏବେ ପ୍ରସ୍ତୁତ ହୋଇ ସାରିଛି
ତୋର ଯଦି ଇଛା ଅଛି
ସଦର ପଥର ନିକଟକୁ ଆସ୍

### ଧାଙ୍ଗିଡ଼ି

ମାଛକୁଣ୍ଡ ନଦୀ ସୁଜନକଟା ଡ୍ୟାମ୍
ଗଭୀର ଜଳରେ ଡଂଗା ଚାଲେ
ହେ, ଧାଙ୍ଗଡା କି ବନ୍ଧ ବାନ୍ଧିଲୁ
ପାନ ପତ୍ରରେ ଚୂନ ଲାଗିଲା ପରି
ସେ ବନ୍ଧ ଯୋଡେଇ ହୋଇଛି
ତାହା ଭାଙ୍ଗୁନାହିଁ ।

Digitized by srujanika@gmail.com

### ଧାଙ୍ଗଡ଼ା

ଶୁଖିଲା ପତରର ଯେମିତି ହାତଗୋଡ ନାହିଁ
କୁକୁଡାର ଯେମିତି ଦାନ୍ତ ନାହିଁ
ହେ, ଧାଙ୍ଗିଡି କହି ପାରିବୁ କି
ସେହି ଡ୍ୟାମ୍ କେତେ ଦୂର?
ହେ, ଧାଙ୍ଗିଡି ମିଠା ପାନରେ
କି ମସଲା ଦେଲୁ ଯେ
ମୋ ମୁଣ୍ଡ ବୁଲେଇ ପକାଇବା ସହ
ମୁଁ ବାୟା ହୋଇଗଲିଣି ।

(ତଥ୍ୟ ଓ ଗୀତ ସଂଗ୍ରହ: ପ୍ରଫୁଲ୍ଲ କୁମାର ଲେଙ୍କା, ଲମତାପୁଟ ବ୍ଲକ୍ ଅଫିସରେ କାର୍ଯ୍ୟରତ ଜଣେ ଶିକ୍ଷକ

ନାଟଗୁରୁ ରଘୁ ପାଙ୍ଗୀ, ଗାୟତ୍ରୀ ସିସା, କୌଶଲ୍ୟା ମୁଦୁଲି, ସମତୁଲା ମୁଦୁଲି, ସୁଭଦ୍ରା ସିସା ଓ ଅନ୍ୟମାନେ, ଗ୍ରାମ: ମାଲେଗାଁ, ଗ୍ରାମ ପଞ୍ଚାୟତ: ଲମତାପୁଟ, ବ୍ଲକ୍: ଲମତାପୁଟ, ଜିଲ୍ଲା: କୋରାପୁଟ)

## ବଣ୍ଡା ନୃତ୍ୟ

## (the Bonda dance)

ବଣ୍ଡାମାନେ ହେଉଛନ୍ତି ପୃଥିବୀର ଏକ ବିରଳ ଆଦିମ ଆଦିବାସୀ ଗୋଷ୍ଠୀ (Primitive Tribal Group)। ଏମାନେ ଓଡ଼ିଶାର ମାଲ୍‌କାନ୍‌ଗିରି ଜିଲ୍ଲାରେ ଦେଖା ଯାଆନ୍ତି । ମାଲ୍‌କାନ୍‌ଗିରି ଜିଲ୍ଲାର ଖଇରପୁଟ, ବାଲିମେଳା, ତଥା ମାଛକୁଣ୍ଡ ଅଞ୍ଚଳର ପାହାଡ ଉପରେ ବଣ୍ଡା ଜନଜାତିର ଲୋକେ ବସବାସ କରନ୍ତି । ଖଇରପୁଟ ବ୍ଲକ୍‌ର ମୁଦୁଲିପଡା ଓ ଅଣ୍ଡ୍ରାହାଲ୍ ପଞ୍ଚାୟତରେ ବଣ୍ଡାମାନେ ବହୁ ସଂଖ୍ୟାରେ ଦେଖାଯାଆନ୍ତି । ଖଇରପୁଟ ବ୍ଲକ୍‌ର ସର୍ବମୋଟ ୩୨ଟି ଗ୍ରାମରେ ବଣ୍ଡାମାନେ ବାସ କରନ୍ତି । ମୁଦୁଲିପଡା ଥାନା ଅନ୍ତର୍ଗତ ପାହାଡ ଉପରେ

Digitized by srujanika@gmail.com



ରହୁଥିବା ବଣ୍ଡାମାନଙ୍କୁ ଉପରବଣ୍ଡା କୁହାଯାଉଥିବାବେଳେ ପାହାଡ଼ତର ତଳ ଇଲାକାରେ ରହୁଥିବା ବଣ୍ଡାମାନଙ୍କୁ ତଳ ବଣ୍ଡା କୁହାଯାଏ । ପାହାଡ଼ ତଳେ ରହୁଥିବା ବଣ୍ଡାମାନେ ଧୀରେ ଧୀରେ ସଭ୍ୟ ହେଉଥିବା ସ୍ଥଳେ ଉପରବଣ୍ଡାମାନେ ଖୁବ୍ ପ୍ରାଚୀନ ଓ ବର୍ବର । ଆଜିର ଦିନରେ ବି ଆଧୁନିକତା ସେମାନଙ୍କୁ ସ୍ପର୍ଶ କରିନି । ସେମାନେ ଆଜି ମଧ୍ୟ ଉଲଗ୍ନ ବା ଅର୍ଦ୍ଧନଗ୍ନ ଅବସ୍ଥାରେ ଅଛନ୍ତି । ଆହୁରି ମଧ୍ୟ ବଣ୍ଡା ସ୍ତ୍ରୀଲୋକମାନେ ସର୍ବଦା ଲଣ୍ଡିତ ମସ୍ତକରେ ଥାଆନ୍ତି । ବଣ୍ଡା ସ୍ତ୍ରୀ ଲୋକମାନେ କାହିଁକି ଲଣ୍ଡିତ ସେଥିନେଇ ଅନେକ କାହାଣୀ ରହିଛି ।

ଆମେ ବଣ୍ଡାମାନଙ୍କର ନୃତ୍ୟ ଓ ଗୀତ ସଂପର୍କରେ ତଥ୍ୟ ସଂଗ୍ରହ କରିବାକୁ ଖଇରପୁଟ୍ ବ୍ଲକ୍ ଅନ୍ତର୍ଗତ ଉପର ବଣ୍ଡାଘାଟିର ମୁଦୁଲିପଡା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୁଡା ଗାଁକୁ ଯାଇଥିଲୁ । ଏମାନେ ବଣ୍ଡା ଘାଟିର ଉପରେ ରହୁଥିବାରୁ ଏମାନଙ୍କୁ ଉପର ବଣ୍ଡା କୁହାଯାଏ ।

## ନୃତ୍ୟ ବର୍ଣ୍ଣନା

ବଣ୍ଡାମାନେ ସାଧାରଣତଃ ନୃତ୍ୟବିଳାସୀ ନୁହନ୍ତି । ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ହେଉ କି କର୍ମକ୍ଳାନ୍ତ ଜୀବନକୁ ଟିକେ ସରସ ସୁନ୍ଦର କରିବା ପାଇଁ ସେମାନେ ନାଚଗୀତର ଆୟୋଜନ କରିଥାନ୍ତି । ବଣ୍ଡା ଯୁବକମାନେ ବାଦ୍ୟ ପରିବେଷଣ କରନ୍ତି ଏବଂ ଯୁବତୀମାନେ ନାଚନ୍ତି । ବଣ୍ଡାମାନଙ୍କ ନୃତ୍ୟ ମୁଖ୍ୟତଃ ଢେମ୍‌ସା ନାଚ ଶୈଳୀର । ଧାଙ୍ଗଡ଼ାମାନେ ବାଜା

Digitized by srujanika@gmail.com

ବଜାନ୍ତି ଏବଂ ଗୀତ ମଧ୍ୟ ଗାଆନ୍ତି । ଧାଙ୍ଗିଡ଼ିମାନେ ବାଜା ଓ ଗୀତର ତାଳେତାଳେ ପରସ୍ପର ପରସ୍ପରର ଅଣ୍ଟାରେ ହାତକୁ ଛନ୍ଦି ଦୁଇ ତିନି ଧାଡିରେ ନାଚନ୍ତି । ନାଚିଲାବେଳେ ଧାଙ୍ଗିଡ଼ିମାନେ ଦୁଇ ପାଦ ଆଗକୁ ଆସିବା ସହ ପୁଣି ଦୁଇ ପାଦ ପଛକୁ ଫେରନ୍ତି । ଧାଙ୍ଗିଡ଼ିମାନେ ଡାହାଣ ହାତରେ ମୟୂର ପୁଚ୍ଛ ଧରିଥାନ୍ତି । ବଣ୍ଡା ଯୁବତୀମାନେ ପାଦରେ ଘୁଂଗୁର ପିନ୍ଧିଥାନ୍ତି ।

ବଣ୍ଡାମାନଙ୍କ ଏହି ଢେମ୍‌ସା ନାଚରେ କେତେଜଣ ନାଚ କରିବେ ସେଥିରେ କୌଣସି ଧରାବନ୍ଧା ନିୟମ ନଥାଏ । ୫ରୁ ଆରମ୍ଭ କରି ୫୦ ଜଣ ପର୍ଯ୍ୟନ୍ତ ନାଚ କରିଥାନ୍ତି । ଏଥିରେ ଉଭୟ ଧାଙ୍ଗଡା ଓ ଧାଙ୍ଗିଡି ଏବଂ ବୁଢା, ବୁଢିମାନେ ନୃତ୍ୟ କରିଥାନ୍ତି । ଧାଙ୍ଗଡାମାନେ ବାଦ୍ୟ ପରିବେଷଣ କରୁଥିବାବେଳେ ଧାଙ୍ଗିଡିମାନେ ନୃତ୍ୟ ପରିବେଷଣ କରନ୍ତି । ଧାଙ୍ଗିଡ଼ିମାନେ କାନ୍ଧରେ କାନ୍ଧ ମିଶାଇ ପରସ୍ପରର ଅଣ୍ଟାରେ ହାତକୁ ଛନ୍ଦି ବାଦ୍ୟର ତାଳେତାଳେ ନାଚ କରିଥାନ୍ତି । ନୃତ୍ୟ କରିବା ବେଳେ ଉଚ୍ଚତା ଅନୁସାରେ ବଡ଼ରୁ ସାନ କିମ୍ବା ସାନରୁ ବଡ଼ କ୍ରମାନ୍ୱୟରେ ଯୁବକ, ଯୁବତୀମାନେ ଠିଆ ହୁଅନ୍ତି । ସେମାନେ ପରସ୍ପର ପରସ୍ପରର ହାତକୁ ପରସ୍ପରର ଅଣ୍ଟାରେ ଛନ୍ଦି ନୃତ୍ୟ କରିଥା'ନ୍ତି । ଏହି ନୃତ୍ୟ ଦଳରେ ଯେଉଁ ନର୍ତ୍ତକୀ ସମ୍ମୁଖ ଭାଗରେ ରହେ, ସେ ହାତରେ ଏକ ଲମ୍ବା ମୟୂର ପୁଚ୍ଛ ଧରିଥାଏ । ଏମାନେ ଏକ ତାଳ ଓ ଲୟରେ ଦଳଗତ ଭାବେ ଆଗକୁ ଯାଇ ଓ ପଛକୁ ଫେରି, ମୁଣ୍ଡକୁ ଉପରକୁ କରି, ତଳକୁ ନଇଁ ପଡି ନୃତ୍ୟ ପରିବେଷଣ କରନ୍ତି । ଦଳର ଆଦ୍ୟ ପ୍ରାନ୍ତରେ ଥିବା ନର୍ତ୍ତକୀଟି ମୟୂର ପୁଚ୍ଛ



Digitized by srujanika@gmail.com

ହଲେଇ ହଲେଇ ଅନ୍ୟମାନଙ୍କୁ ନିଜ ସହ ପାଦ ମିଳେଇ ନାଚିବାକୁ ଆହ୍ୱାନ ଜଣାଏ । ନୃତ୍ୟ ଆରମ୍ଭ ହେଲାବେଳକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଧିମା ଥାଏ ଏବଂ କ୍ରମେ ଏହାର ଗତି କ୍ଷୀପ୍ରରୁ କ୍ଷୀପ୍ରତର ହୋଇଥାଏ । ସମସ୍ତଙ୍କ ଅଣ୍ଟା ଓ ପାଦ ବାଦ୍ୟର ତାଳେତାଳେ ଠିକ୍ ଭାବେ ପଡୁଥାଏ । ଏହି ନାଚର କିଛି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ । ବେଳେବେଳେ ଗୋଟିଏ ଗୋଟିଏ ରାତି ବିତିଯାଏ । ବେଳେବେଳେ ଗୋଟିଏ ଘଣ୍ଟାରେ ଶେଷ ହୋଇଥାଏ ।

ବନ୍ଧଗୁଡା ଗାଁର ସୋନକି ଧାଙ୍ଗିଡ଼ିମାଝୀ, ଆଦିବାରୀ ଧାଙ୍ଗିଡ଼ିମାଝୀ, ସୋନକି ସିସା, ଗୁରୁବାରୀ ଧାଙ୍ଗିଡ଼ିମାଝୀ, ବୁଦେଇ ସିସା ଆଦି ବଣ୍ଡା ଯୁବତୀମାନେ ହେଉଛନ୍ତି ବଣ୍ଡା ନାଚର ପ୍ରମୁଖ ନର୍ତ୍ତକୀ । ବନ୍ଧଗୁଡା ଗାଁର ସମା ସିସା, ସନିଆ ସିସା, ଶୁକୁରା ଧାଙ୍ଗଡ଼ାମାଝୀ, ସମା ଧାଙ୍ଗଡାମାଝୀ ପ୍ରମୁଖ ବଣ୍ଡା ଯୁବକମାନେ ନାଚରେ ଯୁବତୀମାନଙ୍କୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ।

ବିଭାଘର, ଦଶାଘର, ପାଟଖଣ୍ଡା ଯାତ୍ରା, ଆଷାଢ ପର୍ବ (ମକାଗିଗେ), ଦିଆଲି ପରବ୍ (ଦିଆଲି ଗେବୁର୍ ସିଂ), ପୁଷ୍ ପୁନେଇଁ (ସୁମେଗେଲିରାକ୍), ମାଘ ପରବ୍ (ସୁସୁଗିଗେ), ଚଇତ ପରବ (ଗିଆଗଗିଗେ), ଦଶହରା (କୁମ୍ବଗୁଡାଗିଗେ), ବନ୍ଦାପନା ପରବ୍ (କୁରୀଗିଗେ), ସାଏରେମ୍ ଆଦି ବାରମାସରେ ତେରପର୍ବ ବଣ୍ଡାମାନେ ପାଳନ କରନ୍ତି । ଏହି ଅବସରରେ ବଣ୍ଡା ଯୁବକ, ଯୁବତୀମାନେ ନୃତ୍ୟ, ଗୀତ ପରିବେଷଣ କରିଥାନ୍ତି । କର୍ମକ୍ଳାନ୍ତ ଜୀବନକୁ ରସପୂର୍ଣ୍ଣ ଓ ମଧୁମୟ କରିବା ଉଦ୍ଦେଶ୍ୟରେ ବଣ୍ଡା ଯୁବକ ଯୁବତୀମାନେ ନୃତ୍ୟଗୀତର ଆୟୋଜନ କରିଥାନ୍ତି । ବିଭିନ୍ନ ପାରଂପରିକ ପର୍ବପର୍ବାଣୀରେ ବଣ୍ଡାମାନେ ଦିନ ତମାମ୍ ସଲପ ପିଇ ଭୋଜିଭାତ କରି ମାତାଲ୍ ଅବସ୍ଥାରେ ଥାଆନ୍ତି । ରାତି ହେଲାମାତ୍ରେ ଗାଁର ମଝି ଦାଣ୍ଡରେ ବଣ୍ଡା ଧାଙ୍ଗଡା, ଧାଙ୍ଗିଡି, ଡୋକରା, ଡୋକରୀ ଏକତ୍ରିତ ହୋଇ ନାଚଗୀତରେ ମସଗୁଲ୍ ହୋଇ ଉଠନ୍ତି ।

## ପୋଷାକ ଓ ଅଳଙ୍କାର

## (costume & ornaments)

ନୃତ୍ୟଗୀତ ସମୟରେ ବଣ୍ଡା ରମଣୀମାନେ ନିଜକୁ ଭଲ ଭାବେ ସଜେଇ ହୋଇଥାନ୍ତି । ବଣ୍ଡା ଯୁବତୀମାନେ ସେମାନଙ୍କର ଛାତିରେ ଅସଂଖ୍ୟ ରଂଗବେରଂଗର ମାଳି ବା **'ଲୁବେଡା'** ପିନ୍ଧିଥାନ୍ତି । ଏହି ମାଳିଗୁଡିକ ବେକରୁ ଅଣ୍ଟା ପର୍ଯ୍ୟନ୍ତ ଝୁଲିଥାଏ । ଲୁବେଡା ମୁଖ୍ୟତଃ ଛାତିକୁ ଘୋଡେଇ ରଖିଥାଏ । ନାଚ କରିବା ସମୟରେ ବଣ୍ଡା ରମଣୀମାନେ ବିଭିନ୍ନ ପ୍ରକାର ଲୁବେଡା ଯଥା:- ଡାବୁ ଲୁବେଡା (ପଇସା ମାଳି), ବୁଢେ ଲୁବେଡା (କଉଡି ମାଳି), ପିତଳମାଳି, ଜଙ୍ଗଲରୁ ସଂଗ୍ରହ କରାଯାଇଥିବା କେଉଟମାଳି, କାକତଜୋଡ ଓ ସିରେ ଆଦି ଫଳକୁ ମାଳି କରି ଛାତି

Digitized by srujanika@gmail.com



ଉପରେ ଝୁଲେଇଥାନ୍ତି । ଲୁବେତା ମୁଖ୍ୟତଃ ଲାଖ, କାଚ, ପଇସା, ପିତଳ, ଗୁଞ୍ଜମାଳି, କଉଡି ଓ ଅନ୍ୟାନ୍ୟ ଜଙ୍ଗଲଜାତ ଫଳ, ଫୁଲରେ ନିର୍ମିତ ହୋଇଥାଏ । ବଣ୍ଡା ରମଣୀମାନେ ଅଣ୍ଟାରେ ୩ ଫୁଟ ଲମ୍ବ ଓ ୧ ଫୁଟ ଓସାରର ଏକ ବସ୍ତ୍ର ପରିଧାନ କରନ୍ତି । ଏହାକୁ 'ରିଂଗା' କହନ୍ତି । ଏହା କେରଙ୍ଗ ତନ୍ତୁରେ ନିର୍ମିତ ହୋଇଥାଏ । ବଣ୍ଡାମାନଙ୍କ ପାଇଁ ରିଂଗା ବ୍ୟତୀତ ଅଧିକ ବସ୍ତ୍ର ପରିଧାନ କରିବା ମନା । ଲଣ୍ଡିତ ମସ୍ତକରେ ସେମାନେ ବାଉଁଶ କିମ୍ବା ଖଜୁରୀ ପତ୍ରରେ ନିର୍ମିତ **ପଞ୍ଜି (ରେନାବ୍)** ଓ ଘାସ ପ୍ରସ୍ତୁତ ପଟ୍ଟି **(ତୁରାବୁ)** ପରିଧାନ କରିଥାନ୍ତି । ବଣ୍ଡା ରମଣୀମାନେ ନାକରେ ନାକଫୁଲ ବା **'ସୁନକମି'** ପିନ୍ଧନ୍ତି । ତେବେ ହାତ ଆଙ୍ଗୁଳିରେ ପିତଳ କିମ୍ବା ତମ୍ବାରେ ନିର୍ମିତ ମୁଦି **(ଅର୍ତି)** ପିନ୍ଧନ୍ତି । କାନର ଉପରଭାଗରେ **ଝୁନୁଝୁଂଗାଲୁ** ଓ ତଳ ଭାଗରେ **ଲିମ୍ବୁଲୁ** ଓ ବେକରେ ଆଠ ଦଶଟି ରସ କିମ୍ବା ହ୍ୱାଇଟ୍ ମେଟାଲରେ ନିର୍ମିତ **ଗଳାବନ୍ଧ ବା ଖଗଲା (ଉସୁଙ୍ଗୁ)** ପିନ୍ଧିଥାନ୍ତି । ହାତରେ ଚୁଡି ବା **'ସୁଂଗରଏ'** ପିନ୍ଧିବା ସାଙ୍ଗକୁ ଗୋଡରେ ବଳା ବା ପଇଁରି ମଧ୍ୟ ପିନ୍ଧିଥାନ୍ତି । ପୁରୁଷମାନେ ଲେଙ୍ଗୁଟି ଓ କାନରେ ଅଳଙ୍କାର ଓ ବେକରେ ମାଳି

Digitized by srujanika@gmail.com

ପିନ୍ଧିଥାନ୍ତି । ନାଚିଲାବେଳେ ବଣ୍ଡା ଯୁବତୀମାନେ ମୟୂର ପୁଚ୍ଛ ବା **'ବାରକୁଙ୍ଗ'** ଧରିଥାନ୍ତି । ବଣ୍ଡା ଧାଙ୍ଗିଡ଼ିମାନେ ପାଦରେ ପିତଳ ନିର୍ମିତ ଘୁଙ୍ଗୁର ବା **'ଉଇଆ'** ମଧ୍ୟ ପରିଧାନ କରିଥାନ୍ତି ।

## ବାଦ୍ୟଯନ୍ତ୍ର

(musical instruments)

ବଣ୍ଡାମାନେ ନାଚ ଗୀତ ସମୟରେ ଟାମକ୍ ବା 'ଟାମ', ଢୋଲ ବା **'କିଡ଼ିଙ୍ଗ'**, **ପିନେ, ଗୁନୁଙ୍ଗ୍,** ବଂଶୀ ବା **'ତିରିରିପେ', ଡୁନରକୁପ୍,** ତିଡ଼ିବିଡ଼ି ବା **'ଡାମାଇ'**, ଢୋଲ ବା **ଗିଆକିଡିଙ୍ଗ,** ଘଣ୍ଟି ବା **'ନେପ'** ଆଦି ବିଭିନ୍ନ ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି । କିଡ଼ିଙ୍ଗ ସାଧାରଣତଃ ଏକ ସିଲିଣ୍ଡର ଆକୃତିର ଏକ ଫମ୍ପା ମାଟିପାତ୍ର । ଏହାର ଡାହାଣ ପାର୍ଶ୍ୱସ୍ଥ ମୁହଁଟି ବଡ଼ ଓ ବାମ ପାଖର ମୁହଁଟି ସାନ ହୋଇଥାଏ । ବାମ ପାର୍ଶ୍ୱର ମୁହଁକୁ ଛେଳି ଚମଡା **(ଜାଙ୍ଗ୍‌ଜାଙ୍ଗ୍)** ଦ୍ୱାରା ଏବଂ ଡାହାଣ ପାର୍ଶ୍ୱର ମୁହଁକୁ ଗୋରୁ ଚମଡା **(ଡୁଙ୍ଗ୍‌ଡୁଙ୍ଗ୍)** ଦ୍ୱାରା ଛାଉଣୀ କରାଯାଇଥାଏ । ଜାଙ୍ଗ୍‌ଜାଙ୍ଗ୍‌କୁ ହାତରେ ଏବଂ ଡୁଙ୍ଗ୍‌ଡୁଙ୍ଗ୍‌କୁ ବାଡିରେ ପିଟାଯାଇଥାଏ । ଏହାକୁ ବେକରେ ଝୁଲାଇ ପେଟ ଉପରେ ରଖି ଦୁଇ ହାତରେ ବଜା ଯାଇଥାଏ । ଟାମ ହେଉଛି ଟାମକ୍ । ଏହା ଛୋଟ ମାଟି ହାଣ୍ଡି ଓ ଗୋରୁ ଚମଡାରୁ ପ୍ରସ୍ତୁତ ହୋଇଥାଏ । ଏହାର ଗୋଟିଏ ମୁହଁ ଥାଏ । **'ପିନେ'** ହେଉଛି ମଇଁଷି ଶିଙ୍ଗରୁ ପ୍ରସ୍ତୁତ ଏକ ବାଦ୍ୟଯନ୍ତ୍ର । ମଇଁଷି ଶିଙ୍ଗର ଅଗ୍ରଭାଗକୁ ସାମାନ୍ୟ କାଟି କଣା କରାଯାଏ । ଏହାକୁ ଖୁବ୍ ଜୋରରେ ଫୁଙ୍କିଲେ ଏହା ଶଙ୍ଖ ଭଳି ଶବ୍ଦ ସୃଷ୍ଟି କରିଥାଏ ।

**'ଗୁନୁଙ୍ଗ'** ହେଉଛି ବାଉଁଶ କିମ୍ବା ଲୁହାରେ ନିର୍ମିତ ଏକ ପାରଂପରିକ ବଣ୍ଡା ବାଦ୍ୟଯନ୍ତ୍ର । ୮/୧୦ ଆଙ୍ଗୁଳି ଲମ୍ବର ଏକ ସରୁ ବାଉଁଶ ପାତିଆକୁ ମଝିରୁ କାଟି ତିନି କେନିଆ ତ୍ରିଶୁଳ



Digitized by srujanika@gmail.com

ଆକାରର କରାଯାଏ । ଏହାର ପଛ ପଟରେ ଏକ ସୂତା ଲଗାଯାଇଥାଏ । ତ୍ରିଶୁଳ ପରିଥିବା ଏହି ଗୁନୁଙ୍ଗର ଅଗ୍ରଭାଗକୁ ବାମ ହାତରେ ଧରି ମଧ୍ୟ ଭାଗକୁ ଓଠରେ କାମୁଡି ଡାହାଣ ହାତରେ ସୁତାକୁ ଟାଣିଲେ କମ୍ପନ ସୃଷ୍ଟି ହୋଇଥାଏ ଏବଂ ଏଥିରୁ ଏକ ସୁମଧୁର ସ୍ୱର ସୃଷ୍ଟି ହୋଇଥାଏ । ସେହିପରି ଲୁଗାରେ ମଧ୍ୟ ଗୁନୁଙ୍ଗ ତିଆରି କରାଯାଇଥାଏ । ଏଥିରେ ମଝି ଦଣ୍ଡଟି ସରୁ ହୋଇଥାଏ ଏବଂ ଅଗ୍ରଭାଗଟି ସାମାନ୍ୟ ବକ୍ର ହୋଇଥାଏ । ଏଥିରେ ସୁତା ଲାଗି ନଥାଏ । ଏହି ଗୁନୁଙ୍ଗର ଲମ୍ବି ଥିବା ବେଣ୍ଟକୁ ବାମ ହାତରେ ଧରି ଅଗ୍ରଭାଗକୁ ଓଠରେ କାମୁଡି ସରୁ ବକ୍ର ଦଣ୍ଡକୁ ଡାହାଣ ହାତ ଆଙ୍ଗୁଳିରେ କମ୍ପନ କଲେ ମଧୁର ସ୍ୱର ବାହାରିଥାଏ । ଏହାକୁ ଧାଙ୍ଗଡା, ଧାଙ୍ଗିଡିମାନେ ଧାଙ୍ଗଡା, ଧାଙ୍ଗିଡ଼ି ବସାରେ ଥିଲାବେଳେ ବଜାଇଥାନ୍ତି ।

**'ଡୁନରକୁପ'** ବାଉଁଶ କିମ୍ବା କାଠରୁ ନିର୍ମିତ ହୋଇଥାଏ । ଗୋଟିଏ ବାଉଁଶ ପବକୁ ଦୁଇ ମୁଣ୍ଡରୁ କଟାଯାଏ, ଯେଉଁଥିରେ ଦୁଇଟି ଗଣ୍ଠି ଦୁଇ ପାର୍ଶ୍ୱରେ ଥାଏ ଏବଂ ଉଭୟ ପାର୍ଶ୍ୱ ବନ୍ଦ ଥାଏ । ଏହି ବାଉଁଶ ଖଣ୍ଡର ମଝିରେ ଏକ ଗାତ ଖୋଳାଯାଇଥାଏ । ସେହିପରି ଆଉ ଖଣ୍ଡେ କାଠ ଗଣ୍ଡିକୁ ଖୋଳି ମଧ୍ୟ ଭାଗକୁ ଫାଙ୍କା କରାଯାଏ ଏବଂ ଏହାର ଉଭୟ ପାର୍ଶ୍ୱ ବନ୍ଦ ଥାଏ । ବାଉଁଶ ଉପର ପାର୍ଶ୍ୱରେ କରାଯାଇଥିବା ଲମ୍ବା ଗାତ ପରି ଏକ ଗାତ କରାଯାଇଥାଏ । ଏହି ଗାତର ଉପରେ ଦୁଇ ଖଣ୍ଡ ବାଡି ସହାୟତାରେ ଆଘାତ କଲେ ଏଥିରୁ ଏକ ଶବ୍ଦ ନିର୍ଗତ ହୋଇଥାଏ । ଏହାକୁ ବଣ୍ଡାମାନେ କ୍ଷେତ ଜଗିଲାବେଳେ ବ୍ୟବହାର କରିଥାନ୍ତି ।

**'ନେପ'** ହେଉଛି ପିତଳ ନିର୍ମିତ ଏକ ଗୋଲାକାର ଘଣ୍ଟି । ଏହାକୁ ସବୁ ସମୟରେ ବଜେଇବା ମନା । ବଣ୍ଡାମାନେ ଏହାକୁ କେବଳ ପୁଷ୍ ପୁନେଇଁ (ସୁମେଗେଲିରାକ୍), ମାଘ ପରବ୍ (ସୁସୁଗିଗେ), ଚଇତ ପରବ (ଗିଆଗଗିଗେ) ଅବସରରେ ବଜାଇଥାନ୍ତି ।

(ତଥ୍ୟ: ଶୁକୁରା ଧାଙ୍ଗଡାମାଝୀ, ସମା ଧାଙ୍ଗଡାମାଝୀ, ଗାଁ ମୁଖିଆ ମୂଲିଆ ସିସା (ୱାର୍ଡମେମ୍ବର), ହାତି ଧାଙ୍ଗଡ଼ାମାଝୀ (ଚୌକିଦାର, ମୁଦୁଲିପଡା ଥାନା)

ଗ୍ରାମ: ବନ୍ଧଗୁଡା, ପଞ୍ଚାୟତ: ମୁଦୁଲିପଡା, ବ୍ଲକ୍: ଖଇରପୁଟ, ଜିଲ୍ଲା: ମାଲ୍‌କାନ୍‌ଗିରି

ଲଛମି ମୁଦୁଲି (ପୂଜାରୀ), ଅରସିତ୍ ବାରିକ (ଚଲାଣ)

ଗ୍ରାମ: ମୁଦୁଲିପଡା, ପଞ୍ଚାୟତ: ମୁଦୁଲିପଡା, ବ୍ଲକ୍: ଖଇରପୁଟ, ଜିଲ୍ଲା: ମାଲ୍‌କାନ୍‌ଗିରି)

Digitized by srujanika@gmail.com


# ବିରଳ ନୃତ୍ୟ: ନବରଙ୍ଗପୁରର ଘୁଡୁକି ନାଚ

## (Ghuduki; the extinct folk)

ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ପ୍ରାଚୀନତମ ଲୋକ ଗୀତ ଓ ନୃତ୍ୟ, ହେଉଛି 'ଘୁଡୁକି' । ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଖୁଣ୍ଟିଆ ଗ୍ରାମର ଦୁଇଟି ପତର ସଉରା ପରିବାର ଏହି ଗୀତ ଓ ନୃତ୍ୟ ପରଂପରାକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖି ପାରିଛନ୍ତି । ଏହି ଦୁଇ ପତର ସଉରା ପରିବାର ପକ୍ଷରୁ ରାଜାରାଜୁଡା ଅମଳରୁ ଘୁଡୁକି ନାଚ ଓ ଗୀତ ପରିବେଷଣ କରାଯାଇ ଆସୁଛି । ବିଶେଷକରି ଅ  ।ବର ମାସ ବେଳକୁ ନବରଙ୍ଗପୁରସ୍ଥିତ ମା' ଭଣ୍ଡାର ଘରଣୀ ମନ୍ଦିରର ନବରାତ୍ର ଦୁର୍ଗାପୂଜା ବେଳକୁ ଏହି ଦୁଇ ପରିବାରରୁ ଗୋଟିଏ ପରିବାରର ସଦସ୍ୟମାନେ ଘୁଡୁକି ଗୀତ ଓ ନାଚ ପରିବେଷଣ କରିଥାନ୍ତି । ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରରେ ଏମାନେ ତତ୍କାଳୀନ ରାଜାମାନଙ୍କ ଦ୍ୱାରା ନିଯୁକ୍ତି ପାଇ ଘୁଡୁକି ପରିବେଷଣ କରୁଥିଲେ । ସେହି ସମୟରୁ ଆଜି ପର୍ଯ୍ୟନ୍ତ ଏମାନେ ମା ଭଣ୍ଡାର ଘରଣୀଙ୍କ ମନ୍ଦିରରେ ଅନୁଷ୍ଠିତ ନବରାତ୍ର ଉ  ବରେ ନଅ ଦିନ ଧରି ପରିବେଷଣ କରି ଆସନ୍ତି । ଏହା ସହିତ ଏମାନେ ଚଇତ୍ ପରବ୍ ଓ ଫଗୁଣ ଯାତ୍ରା ବେଳକୁ ମଧ୍ୟ ଘୁଡୁକି ପରିବେଷଣ କରନ୍ତି । ଖୁଣ୍ଟିଆ ଗାଁର ପାର୍ବତୀ ସଉରା ହେଉଛନ୍ତି ହେଉଛନ୍ତି ଜଣେ ନିୟମିତ ତଥା ପାରଂପରିକ ଘୁଡୁକି ଗାୟକ । ତାଙ୍କ ଦୁଇ ପୁତ୍ର ଧନଞ୍ଜୟ ଓ ବ୍ରଜ; ଘୁଡୁକି ବାଦ୍ୟ ପରିବେଷଣ କରନ୍ତି ଏବଂ ନିଜେ ପାର୍ବତୀ ଘୁଡୁକି ଗୀତ ବୋଲନ୍ତି । ଏହା ପୂର୍ବରୁ ପାର୍ବତୀଙ୍କ ସ୍ୱାମୀ ସ୍ୱର୍ଗତଃ ତମ୍ବୁ ସଉରା ମଧ୍ୟ ଜଣେ ପ୍ରଚଣ୍ଡ ଘୁଡୁକି ବାଦକ ଥିଲେ । ଆମେ ଯେତେବେଳେ ପାର୍ବତୀଙ୍କୁ ଘୁଡୁକି ଗୀତ ବୋଲିବାକୁ ଅନୁରୋଧ କଲୁ, ସ୍ୱାମୀଙ୍କ ସ୍ମୃତି ମନେ ପକେଇ ପ୍ରଥମେ ସେ କାନ୍ଦି ପକେଇଥିଲେ ।

ଏହା ସହିତ ଖୁଣ୍ଟିଆ ଗାଁରେ ଆଉ ଗୋଟିଏ ପତର ସଉରା ପରିବାର ରହିଛି, ଏମାନେ ଗାଁ ଗାଁ ବୁଲି ଘୁଡୁକି ନାଚ ଓ ଗୀତ ପରିବେଷଣ କରି ଅର୍ଥ ରୋଜଗାର କରନ୍ତି । ମାତ୍ର ଦାରିଦ୍ର୍ୟ, ଏହି ଦୁଇ ପରିବାରକୁ ବେସାହାରା କରି ଦେଇଛି । ଏମିତି ଭୋକ ଉପାସରେ ରହି ଆଉ କେତେ ଦିନ ଏହି ପରଂପରାକୁ ବଞ୍ଚେଇ ରଖିପାରିବେ ବୋଲି କାନ୍ଦି କାନ୍ଦି ପାର୍ବତୀ ପ୍ରକାଶ କରିଥିଲେ । ସେତେବେଳେ ରାଜାଙ୍କ ତରଫରୁ ଏହି ପରିବାରକୁ କିଛି ଜମି ଭୋଗ କରିବାକୁ ଦିଆଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ସରକାର ଏହି ଜମିକୁ ତାଙ୍କ ପାଖରୁ ଛଡେଇ ନେଇଗଲେ ।

Digitized by srujanika@gmail.com



ସବୁଠୁ ଆଶ୍ଚର୍ଯ୍ୟ ଲାଗେ, ଘୁଡୁକି ଗୀତ ବୋଲୁଥିବା ପାର୍ବତୀ ସଂପୂର୍ଣ୍ଣ ନିରକ୍ଷର । ମାତ୍ର ସେ ରାମାୟଣଠାରୁ ଆରମ୍ଭ କରି ମହାଭାରତ, ଲଙ୍କା କାଣ୍ଡ, ବିଲଙ୍କା ରାମାୟଣ, ଅଗ୍ନି ପୁରାଣ, ସୂର୍ଯ୍ୟ ପୁରାଣର କଥାବସ୍ତୁକୁ ନେଇ ନିଜ ପ୍ରସ୍ତୁତ ରାମଲୀଳା, କୃଷ୍ଣଲୀଳା ଓ ଦେବୀ ବନ୍ଦନା ଗୀତମାନ ବୋଲି ପାରନ୍ତି । ନିଜ ମନରୁ ଯାହି ପୁରାଣର କଥାବସ୍ତୁକୁ ନେଇ ପାର୍ବତୀ ଗୀତ ବୋଲିଥାଏ ଏବଂ ତାଙ୍କ ପୁତ୍ର ଧନଞ୍ଜୟ ଓ ବ୍ରଜ ଘୁଡୁକି ବାଜା ବଜେଇଥାନ୍ତି । ବଂଶାନୁକ୍ରମିକ

Digitized by srujanika@gmail.com

ଭାବେ ଏମାନେ ଗୀତ ଶୁଣି ଶୁଣି ମନେ ରଖି ଦିଅନ୍ତି ଏବଂ ଆଉ କିଛି ନିଜେ ନୂଆ ଭାବେ ସୃଷ୍ଟି କରି ବୋଲନ୍ତି । ଏହା ବ୍ୟତୀତ ଅନ୍ୟ ପରିବାରଟିର ସଦସ୍ୟମାନେ ଗାଁ ଗାଁ ବୁଲି ଯେଉଁ ବାରମାସୀ ଘୁଡୁକି ପରିବେଷଣ କରିଥାନ୍ତି, ସେମାନେ ପୁରାଣ କଥାବସ୍ତୁ ଭିନ୍ନ ବାରମାସୀ ଗୀତ, ପ୍ରେମ ଓ ପ୍ରକୃତି ଚେତନା, ଶୃଙ୍ଗାର ରସ ଆଦି ବିଷୟରେ ଗୀତ ଗାନ କରିଥାନ୍ତି ।

ଏଭଳି ଏକ ବିରଳ ଓ ହଜି ଯାଉଥିବା ପରଂପରାକୁ ପାର୍ବତୀ ସଉରାର ପରିବାର ବଞ୍ଚେଇ ରଖିଛି । ପାର୍ବତୀ ସଉରାଙ୍କ ସ୍ୱାମୀ ତଥା ବିଖ୍ୟାତ ଘୁଡୁକି ବାଦକ ଡ଼ମ୍ବୁ ସଉରାଙ୍କ ଦେହାନ୍ତ ପରେ ପରିବାରର ଅବସ୍ଥା ସଂକଟାପନ୍ନ ହୋଇ ପଡିଥିଲେ ସୁଦ୍ଧା ପାବର୍ତୀ ଘୁଡୁକି ବାଦ୍ୟକୁ ଛାଡି ନାହାନ୍ତି । ଆମେ ଯେଉଁଦିନ ଖୁଣ୍ଟିଆ ଗାଁରେ ପହଞ୍ଚିଥିଲୁ, ସେଦିନ ପାର୍ବତୀ ଓ ତାଙ୍କ ବୋହୂ ଘରେ ଥିଲେ । ମାତ୍ର ତାଙ୍କର ଦୁଇ ପୁତ୍ର ଦାଦନ ଖଟିବାକୁ ଚାଲି ଯାଇଥିଲେ । ଏଥିରୁ ସ୍ପଷ୍ଟ ଅନୁମେୟ, ଘୁଡୁକି ନାଚକୁ ବୃତ୍ତି କରି ଏମାନଙ୍କୁ ପରିବାର ପୋଷିବା କଷ୍ଟକର ହୋଇ ପଡୁଛି । ଅବଶ୍ୟ ପୂର୍ବରୁ ଅର୍ଥାତ୍ ଡମ୍ବୁ ସଉରା ଜୀବିତ ଥିଲାବେଳେ, ଏମାନେ ଗାଁ ଗାଁରେ ଘୁଡୁକି ପରିବେଷଣ କରି ବହୁ କଷ୍ଟରେ ପରିବାର ଚଳାଉଥିଲେ । କିନ୍ତୁ ବର୍ତ୍ତମାନ ପରିବାର ଚଳେଇବା ଆଉ ସମ୍ଭବପର ହେଉନାହିଁ ବୋଲି ପାର୍ବତୀ ଆମକୁ କାନ୍ଦି କାନ୍ଦି କହିଥିଲେ । ଆମେ ସେଦିନ ଫେରି ଆସିଥିଲୁ । ଏହାର ତିନି ମାସ ପରେ ପୁଣି ଗାଁକୁ ଯାଇଥିଲୁ, ସେତେବେଳକୁ ତାଙ୍କର ଦୁଇ ପୁତ୍ର ଗାଁକୁ ଫେରି ଆସିଥିଲେ । ଏହି ଅବସରରେ ତାଙ୍କ ନିକଟରୁ କିଛି ଗୀତ ସଂଗ୍ରହ କରି ନେଇଥିଲୁ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଆର୍ଥିକ ଅନାଟନ ପାଇଁ ଏଭଳି ଏକ ବିରଳ ଲୋକ ନୃତ୍ୟ ଓ ଗୀତ କ'ଣ ବିଲୁପ୍ତ ହୋଇଯିବ? କେହି କ'ଣ ଏହି ପରଂପରାକୁ ବଞ୍ଚେଇ ରଖିବାକୁ ଆଗେଇ ଆସିବେନି?

## ବାଦ୍ୟଯନ୍ତ୍ର

(musical instruments)

ଘୁଡୁକି ନାଚରେ ଘୁଡୁକି ବୋଲି ଗୋଟିଏ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଥାଏ । ଏହି ବାଦ୍ୟର ନାମାନୁସାରେ ଏହି ନାଚ ଓ ଗୀତର ନାମକରଣ ସମ୍ଭବ ହୋଇଛି । ପୁରୁଷମାନେ ଘୁଡୁକି ବାଦ୍ୟ ବଜାନ୍ତି ଏବଂ ସ୍ତ୍ରୀମାନେ ଗୀତ ଗାଆନ୍ତି ଓ ନାଚନ୍ତି । ଘୁଡୁକି ବାଦ୍ୟରେ ଗୋଟିଏ କାଠ ନିର୍ମିତ ମାଣ, ଛେଳି ଚମଡା ଓ ପ୍ଲାଷ୍ଟିକ୍ ସୂତା ବ୍ୟବହୃତ ହୋଇଥାଏ । ଖଣ୍ଡେ କାଠି ସାହାଯ୍ୟରେ ଏହାକୁ ବଜାଯାଏ । ଘୁଡୁକି ବାଦ୍ୟ ଶୁଣିବାକୁ ଅତ୍ୟନ୍ତ ମଧୁର ଓ ମନମୁ କର ।

(ତଥ୍ୟ: ପାର୍ବତୀ ସଉରା, ଧନଞ୍ଜୟ ସଉରା ଓ ବ୍ରଜ ସଉରା, ଗ୍ରାମ: ଖୁଣ୍ଟିଆ, ବ୍ଲକ୍: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର)

Digitized by srujanika@gmail.com

# ନବରଙ୍ଗପୁରର ଲୋକ ନୃତ୍ୟ: 'ଖଣିଙ୍ଗି ନାଚ'

## (Khaningi; the extinct folk)

ଏହି ନୃତ୍ୟ ନବରଙ୍ଗପୁର ଜିଲ୍ଲାରେ ଦେଖିବାକୁ ମିଳେ । ନବରଙ୍ଗପୁର ସଦର ବ୍ଲକ୍ ଅନ୍ତର୍ଗତ ମନ୍ଧୀଗୁଡ଼ା ପଞ୍ଚାୟତର ମନ୍ଧୀଗୁଡା ଗାଁରେ ମାତ୍ର ଗୋଟିଏ ଦୁଇଟି ପରିବାର ଏହି ନାଚକୁ ବଞ୍ଚେଇ ରଖିବାର ଉଦ୍ୟମ ଜାରି ରଖିଛନ୍ତି । ଏହି ନୃତ୍ୟରେ 'ଖଣିଂଗି' ଏକ ପ୍ରମୁଖ ସାଧନ ହୋଇଥିବାରୁ ଏହାର ନାମ ଅନୁସାରେ ନୃତ୍ୟର ନାମକରଣ ହୋଇଛି । ଖରାରେ ଧାନ, ଚାଉଳ, ମୁଗ, ବିରି ଶୁଖେଇବା ପାଇଁ ବାଉଁଶ ପାତିଆରେ ନିର୍ମିତ ଏକ ଗୋଲାକାର ବସ୍ତୁକୁ ଦେଶିଆ ଭାଷାରେ 'ଖଣିଙ୍ଗି' କହନ୍ତି ।

## ପୋଷାକ ଓ ଅଳଙ୍କାର

## (costume & ornaments)

ଦୁଇ ଜଣ ପୁରୁଷ 'ଖଣିଂଗି' ପରିଧାନ କରି ସାମ୍ନାରେ ରହି ନୃତ୍ୟ ପରିବେଷଣ କରନ୍ତି । ଏମାନଙ୍କୁ ଖଣିଙ୍ଗିଆ କହନ୍ତି । ଏମାନଙ୍କ ମଧ୍ୟରୁ ଜଣେ ପୁରୁଷ ବେଶ ଧାରଣ କରିଥିବାବେଳେ ଅନ୍ୟ ଜଣେ ନାରୀ ରୂପରେ ସଜେଇ ହୋଇଥାନ୍ତି । ଏହି ଦୁଇ ଜଣ ନର୍ତ୍ତକ ଅଣ୍ଟାରେ ଗୋଟିଏ



Digitized by srujanika@gmail.com

ଲେଖାଁ ବାଉଁଶରେ ନିର୍ମିତ ଖଣିଙ୍ଗି ପିନ୍ଧିଥାନ୍ତି । ଖଣିଙ୍ଗିର ଚତୁର୍ପାର୍ଶ୍ୱରେ ଚକ୍‌ମକି କପଡା କିମ୍ବା ଶାଢିର ଝାଲର ବୁଣାଯାଇଥାଏ । ପୁରୁଷ ନର୍ତ୍ତକଟି ଦେହରେ ଲାଲ୍ ରଙ୍ଗର ସାର୍ଟ ଓ ପ୍ୟାଣ୍ଟ ପିନ୍ଧିଥାଏ । ମୁଣ୍ଡରେ ପଗଡି ବାନ୍ଧିଥାଏ । ବେକରେ ହାର ଓ ଅନ୍ୟାନ୍ୟ ସରଞ୍ଜାମ ବ୍ୟବହାର କରିଥାଏ । ଏହା ସହିତ ପାଳ, ନଡ଼ାରେ ନିର୍ମିତ ମଣିଷର ଦୁଇ ଗୋଡ ଏବଂ ଏହା ଉପରେ ଏକ ପ୍ୟାଣ୍ଟ ପରିଧାନ ପୂର୍ବକ ଜୋତା ସହିତ ଖଣିଙ୍ଗିର ସମ୍ମୁଖ ପାର୍ଶ୍ୱରେ ଝୁଲିକି ରହିଥାଏ । ଏହା ଜଣେ ଯୁବକ କିମ୍ବା ଯୁବତୀ ଖଣିଂଗି ଉପରେ ବସିଥିବାର ଭ୍ରମ ସୃଷ୍ଟି କରିଥାଏ । ନର୍ତ୍ତକଟି ଆଗକୁ ଝୁଲିକରି ରହିଥିବା ଦୁଇ ଗୋଡବିଶିଷ୍ଟ ଏହି ଖଣିଙ୍ଗିକୁ ଅଣ୍ଟାରେ ପିନ୍ଧିଥାଏ । ଖଣିଙ୍ଗିଟି ତାର ଅଣ୍ଟା ଚାରିକଡେ ଘେରା ଭଳି ରହିଥାଏ । ନର୍ତ୍ତକଟି ଖଣିଙ୍ଗି ପରିଧାନ କରି ଭୂମି ଉପରେ ସିଧା ସଳଖ ଛିଡା ହୋଇଥାଏ; ମାତ୍ର ନାଚିଲାବେଳେ ଖଣିଙ୍ଗି ଉପରେ ଗୋଡ ଦୁଇଟିକୁ ଆଗକୁ ଲମ୍ବେଇ ବସିଲା ଭଳି ଦିଶେ । ଠିକ୍ ଅନୁରୂପ ନର୍ତ୍ତକୀଟିର ମଧ୍ୟ ବେଶ କରାଯାଇଥାଏ । ନର୍ତ୍ତକୀ ବେଶ ଧାରଣ କରିଥିବା ପୁରୁଷଟି ଏକ ସାଲ୍‌ୱାର ପିନ୍ଧିଥାଏ । ନର୍ତ୍ତକୀଟି ମୁଣ୍ଡରେ ଲମ୍ବାଲମ୍ବା ବାଳ ଥିବା ଏକ କେଶ ଖୋଳପା ପରିଧାନ କରିଥାଏ, ଯାହା ଫଳରେ ସେହି ପୁରୁଷଟି ଝିଅ ଭଳି ଦିଶିଥାଏ । ବାଦ୍ୟର ତାଳେତାଳେ ଖଣିଙ୍ଗି ପିନ୍ଧା ନର୍ତ୍ତକ, ନର୍ତ୍ତକୀ ଦୁହେଁ ନାଚନ୍ତି । ପୁରୁଷ ନର୍ତ୍ତକଟି ନାକରେ ଆମ୍ବ ଟାକୁଆ ଲଗେଇଥାଏ ।



Digitized by srujanika@gmail.com

ମନ୍ତ୍ରୀଗୁଡାର ଶ୍ୟାମ ଅମାନାତ୍ୟ ଓ କମଲୁ ଅମାନାତ୍ୟ; ଦୁହେଁ ଖଣିଂଗିଆ ଭାବେ ଦୀର୍ଘ ଦିନ ଧରି ଯେ ଅଞ୍ଚଳର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ଆସୁଛନ୍ତି । ଶ୍ୟାମ ଅମାନାତ୍ୟ ପୁରୁଷ ଖଣିଂଗିଆ ହେଉଥିବାବେଳେ କମଲୁ ଅମାନାତ୍ୟ ସ୍ତ୍ରୀ ଖଣିଂଗିଆ ଭାବେ ନାଚ କରିଥାନ୍ତି ।

ଏହି ଦୁଇ ଖଣିଙ୍ଗିଆଙ୍କ ବ୍ୟତୀତ ୧୦ରୁ ୧୫ ଜଣ ଧାଙ୍ଗିଡ଼ି (ଯୁବତୀ)ମାନେ ଏହି ନୃତ୍ୟରେ ସାମିଲ୍ ହୋଇଥାନ୍ତି । ଧାଙ୍ଗିଡ଼ିମାନେ ଦୁଇ ଜଣ ଖଣିଙ୍ଗିଆଙ୍କ ପଶ୍ଚାତ୍ ଭାଗରେ ରହି ସେମାନଙ୍କୁ ଅନୁସରଣ କରିଥାନ୍ତି । ନାଚର ପ୍ରଥମ କିଛି ସମୟ ଯୁବତୀମାନେ ଧାଡିଧାଡି ହୋଇ ଢେମ୍‌ସା ଭଳି ନୃତ୍ୟ ପ୍ରଦର୍ଶନ କରିଥାନ୍ତି । କିଛି ସମୟ ନୃତ୍ୟ ଜମି ଆସିଲା ବେଳକୁ ସେମାନେ ଗୋଲାକୃତି ପଥରେ ଘୁରିଘୁରି ନାଚିବା ଆରମ୍ଭ କରନ୍ତି । ଏତିକି ବେଳକୁ ୫ ଜଣ କିମ୍ବା ୭ ଜଣ ଧାଙ୍ଗିଡ଼ି ତଳେ ରହି ଏକ ବୃତ୍ତାକାର ପଥରେ ନାଚନ୍ତି ଏବଂ ତାଙ୍କ କାନ୍ଧ ଉପରେ ଆଉ ୩ ଜଣ କିମ୍ବା ୫ ଜଣ ଏବଂ ତାଙ୍କ ଉପରେ ଅର୍ଥାତ୍ ସବୁଠୁ ଉଚ୍ଚରେ ଜଣେ ଧାଙ୍ଗିଡ଼ି ରହି ନୃତ୍ୟରେ ମଜ୍ଜି ଉଠନ୍ତି । ବାଦ୍ୟର ତାଳେତାଳେ ଏମାନେ ନୃତ୍ୟ ପରିବେଷଣ କରନ୍ତି । ମନ୍ତ୍ରୀଗୁଡାର ଧାଙ୍ଗିଡ଼ି ଦୁର୍ପୁତା ଭତରା, ଦୁଲାରୀ ଭତରା, ରାଜମ୍‌ା ଭତରା, ରଇବାରୀ ଭତରା, ତାରା ଅମାନାତ୍ୟ, ବୁବୁନି ଭତରା, କୁମାରୀ ଅମାନାତ୍ୟ ପ୍ରମୁଖ ଧାଙ୍ଗିଡ଼ିମାନେ ଏହି ନୃତ୍ୟ ପରିବେଷଣ କରିଥାନ୍ତି ।

## ବାଦ୍ୟଯନ୍ତ୍ର

(musical instruments)

ଖଣିଂଗି ନୃତ୍ୟରେ ପ୍ରମୁଖ ବାଦ୍ୟ ହେଉଛି ମହୁରୀ । ମନ୍ତ୍ରୀଗୁଡାର ବିଶିଷ୍ଟ ମହୁରୀ ବାଦକ ପୁରୁଷତି ହରିଜନ ଏହି ନୃତ୍ୟ ଦଳ ସହ ଦୀର୍ଘ ବର୍ଷ ଧରି ସାମିଲ୍ ହୋଇ ରହିଛନ୍ତି । ବର୍ଷବର୍ଷ ଧରି ପୁରୁଷତିଙ୍କ ମହୁରୀ ବାଦ୍ୟରେ ଗାଁ ଦାଣ୍ଡ କଂପି ଉଠିଛି । ମହୁରୀ ବ୍ୟତୀତ ଟାମକ୍, ତିଡ଼ିବିଡ଼ି, ଢୋଲ୍, ଝୁମୁକା, ଢାପ ଆଦି ବାଦ୍ୟ ଏହି ନୃତ୍ୟରେ ବ୍ୟବହାର କରାଯାଇଥାଏ ।

ବିଶେଷକରି ପୁଷ୍ ପୁନେଇଁ, ଚଇତ୍ ପରବ୍, ବିଭାଘର, ଦଶାଘର, ମଣ୍ଡେଇ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀମାନଙ୍କରେ ଏହି ଖଣିଙ୍ଗି ନାଚ ପରିବେଷଣ କରାଯାଇଥାଏ । ବର୍ତ୍ତମାନ ନବରଙ୍ଗପୁର ଅଞ୍ଚଳର କିଛି କିଛି ରାଜନୈତିକ କାର୍ଯ୍ୟକ୍ରମ, ସଭାସମିତିରେ ଏହି ନୃତ୍ୟ ପରିବେଷଣ କରାଯାଉଥିବାର ଦେଖାଯାଉଛି ।

ଖଣିଙ୍ଗି ନାଚ ସମୟରେ ଧାଙ୍ଗିଡ଼ିମାନେ ଗୀତ ବୋଲିଥାନ୍ତି । ମନ୍ତ୍ରୀଗୁଡା ଗାଁରୁ ସଂଗ୍ରହ କରାଯାଇଥିବା ଖଣିଙ୍ଗି ନାଚ ଓ ଗୀତରୁ ଗୋଟିଏ ଗୀତର ନମୁନା ତଳେ ଉଲ୍ଲେଖ କରାଗଲା

Digitized by srujanika@gmail.com

## ଖଣିଙ୍ଗି ନାଚ ଗୀତ

'ଶନିବାର ହାଟର ବାନା ଗାଗରି
ଦଇମତି ନଦୀର ପାନି
ଅଲ୍‌କା ମାରିତ ତୁମ ତେ ରେଲି
ଦରିଲା ଜଲ କାମିନୀ
ଚାତ ଚାତ ମର ଜଲ କାମିନୀ
ଯେବେ ଦେବି ତାରେ ପୂଜା ପାନି
କେଲୁ କେଲୁ କେଲୁ କେଲୁରେ ଗିରୋଲି
ଏଇ ମଞ୍ଜା ତାଣ୍ଡେ କେଲୁ
ଆମେ ନାଇଁ କେଲୁ ଗିରୋଲିଆ
ଆମେ ନାଇଁ କେଲୁ ଏଇ ମଞ୍ଜା ତାଣ୍ଡେ
ଏଇ ମଞ୍ଜା ତାଣ୍ଡେ କେଲୁ
ତୋର ବଡୁକେ ଦେଲୁ
ଆମ ନା ଦେଖୁ ବଡୁର ଗୁମାନ୍

(ତଥ୍ୟ: ଜଗନ୍ନାଥ ଭତରା, ପୂର୍ବତନ ଗ୍ରାମସେବକ,

ଗ୍ରାମ: ଶରଣପୁର, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର

କମଳସାଇ ମାଝୀ (ନାଟଗୁରୁ), ଶ୍ୟାମ ଅମାନାତ୍ୟ, କମଲୁ ଅମାନାତ୍ୟ, ରଇବାରୀ ଅମାନାତ୍ୟ ଓ ତାରା ଅମାନାତ୍ୟ

ଗ୍ରାମ: ମନ୍ତ୍ରୀଗୁଡା, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର)

## ନବରଙ୍ଗପୁର ଜିଲ୍ଲାର ଲୋକପ୍ରିୟ 'ଗୁରୁଣ୍ଡି' ନାଚ

### (the most popular folk dance of Nabarangapur)

'ଗୁରୁଣ୍ଡି' ହେଉଛି ନବରଙ୍ଗପୁର ଜିଲ୍ଲାର ଅନ୍ୟତମ ପ୍ରମୁଖ ପାରଂପରିକ ଲୋକନୃତ୍ୟ । ମୁଖ୍ୟତଃ ଦଶହରା, ଶ୍ରୀଗୁଣ୍ଡିଚା, ବାହୁଡା ଯାତ୍ରା ସମୟରେ ନବରଙ୍ଗପୁର ସହର ସମେତ ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଏହି ଗୁରୁଣ୍ଡି ନାଚ କରାଯାଉଥିବାର ଦେଖିବାକୁ ମିଳେ । ଏହା

Digitized by srujanika@gmail.com



ବ୍ୟତୀତ ଦଶାଘର, ବିଭାଘର, ଚଇତ୍ ପରବ, ପୁଷ୍ ପୁନେଇଁ, ମଣ୍ଡେଇ ଯାତରା ସମୟରେ ଏହି ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ନବରଙ୍ଗପୁର ଜିଲ୍ଲାର ନିର୍ଦ୍ଦିଷ୍ଟ କିଛି ପରିବାର ଏହି ନୃତ୍ୟକୁ ସେମାନଙ୍କର କୌଳିକ ବୃତ୍ତି ଭାବେ ଧରି ନେଇଛନ୍ତି । ଏହି ନୃତ୍ୟ ମାଧ୍ୟମରେ ଗାଁ ଗାଁ ବୁଲି ଆଦିବାସୀ ସଂପ୍ରଦାୟର ଲୋକେ ଭିକ୍ଷାବୃତ୍ତି କରି ପେଟ ପୋଷିଥାନ୍ତି । ଶ୍ରୀଗୁଣ୍ଡିଚା ଓ ବାହୁଡା ସମୟରେ ଏହି ନୃତ୍ୟ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳେ । ନିର୍ଦ୍ଦିଷ୍ଟ ସଂପ୍ରଦାୟର ଆଦିବାସୀମାନେ ଗାଁ ଗାଁ ବୁଲି ଏହି ନୃତ୍ୟ ପ୍ରଦର୍ଶିତ କରି ଅର୍ଜନ କରିଥିବା ଚାଉଳ, ଟଙ୍କା, ପନିପରିବା ବିକ୍ରି କରି ସେଥିରେ ଛେଳି, କୁକୁଡା, ଘୁଷୁରୀ କିଣି ଭୋଜି କରନ୍ତି ଓ ଉ ବ ମନାଇଥାନ୍ତି । ପୁଷ୍ ପୁନେଇଁ ସମୟରେ ନବରଙ୍ଗପୁରର ଭତରା ସଂପ୍ରଦାୟର ଆଦିବାସୀମାନେ ଗାଁ ଗାଁ ବୁଲି ଏହି ନୃତ୍ୟ ପ୍ରଦର୍ଶନ କରିବା ସହିତ ଅର୍ଜନ କରିଥିବା ଚାଉଳ,

Digitized by srujanika@gmail.com

ଟଂକାରେ ଗାଁ ଠାକୁରାଣୀଙ୍କ ନିକଟରେ ଭୋଜିଭାତର ଆୟୋଜନ କରିଥାନ୍ତି ।

ଗୁରୁଣ୍ଡି ନାଚ ବିଶେଷକରି ରଥଯାତ୍ରାଠାରୁ ଆରମ୍ଭ ହୋଇ ଭାଦ୍ରବ ମାସ ବା ନୂଆଖିଆ ପର୍ଯ୍ୟନ୍ତ ଚାଲେ । ଏହି ସମୟରେ ଆଦିବାସୀ ଯୁବକ, ଯୁବତୀମାନେ ଗୁରୁଣ୍ଡି ଉପରେ ଚାଲି ଚାଲି ବିଭିନ୍ନ ପ୍ରକାର ଭଂଗୀରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି ।

ପାପଡାହାଣ୍ଡି ବ୍ଲକ୍‌ର ପାତ୍ରୀ ପଞ୍ଚାୟତ ଅନ୍ତର୍ଗତ ସାନ ଭେଜା ଗାଁରେ ଏହି ନୃତ୍ୟକୁ ପେଶା କରିଥିବା କିଛି ପରିବାର ସଂପର୍କରେ ଆମେ ଅଧ୍ୟୟନ କରିଥିଲୁ । ସେମାନଙ୍କଠାରୁ ଏହି ନୃତ୍ୟ କଳା ସଂପର୍କରେ ବହୁ ତଥ୍ୟ ହାସଲ କରିଥିଲୁ ।

ସାନ ଭେଜା ଗାଁର ନୃତ୍ୟଗୁରୁ ତମ୍ବରୁ ଭକ୍ତଙ୍କୁ ଆମେ ଭେଟିଥିଲୁ । ତାଙ୍କ ନିର୍ଦ୍ଦେଶନାରେ ଏହି ଗାଁର ଯୁବକ, ଯୁବତୀମାନେ ଏହି ନୃତ୍ୟ ପରିବେଷଣ କରିଥାନ୍ତି । ଏମିତିକି ଦଶହରା, ଶ୍ରୀଗୁଣ୍ଡିଚା ଓ ବାହୁଡା ଯାତ୍ରା ସମୟରେ ଏହି ନୃତ୍ୟ ଦଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୁଲିବୁଲି ନୃତ୍ୟ ପରିବେଷଣ କରି ଧାନ, ଚାଉଳ, ଟଙ୍କା ଆଦାୟ କରିଥାନ୍ତି ।

ବର୍ତ୍ତମାନ ଏହି ପ୍ରାଚୀନ ପାରଂପରିକ ନାଚ ପ୍ରତି ବିପଦ ସୃଷ୍ଟି ହେଲାଣି । ଆଦିବାସୀ ଯୁବକ, ଯୁବତୀମାନେ ଏହି ନାଚ ପ୍ରତି ବିମୁଖ ହୋଇ ପଡୁଛନ୍ତି । ଏହି ନାଚକୁ ସମ୍ବଳ କରି ପେଟ ପୋଷିବା ଆଉ ସମ୍ଭବ ହେଉନାହିଁ ବୋଲି କୁହନ୍ତି ଗୁରୁ ତମ୍ବରୁ ଭକ୍ତ । ଏହି ନାଚକୁ ବଞ୍ଚେଇ ରଖିବା ଆଗାମୀ ଦିନ ପାଇଁ ଏକ ଆହ୍ୱାନ ବୋଲି ନାଚଗୁରୁ ତମ୍ବରୁ ଭକ୍ତ ପ୍ରକାଶ କରନ୍ତି ।

ଗୁରୁଣ୍ଡି ନାଚ ଦଳରେ ପ୍ରାୟ ୧୦ରୁ ୧୫ ଜଣ ସଦସ୍ୟ ଥାଆନ୍ତି । ସାନ ଭେଜା ଗାଁର ଲଛମନ ଭତରା, ଶ୍ୟାମସୁନ୍ଦର ଭତରା, ରୂପଧର ଭତରା, ନରସିଂହ ଭତରା, ଜଗବନ୍ଧୁ ଭତରା, ମାଧବ ଭତରା ହେଉଛନ୍ତି ଏହି ଦଳର ପ୍ରମୁଖ ନର୍ତ୍ତକ ।

## ବାଦ୍ୟଯନ୍ତ୍ର

## (musical instruments)

ଏହି ନୃତ୍ୟରେ ତିଡ଼ିବିଡ଼ି, ଟାମକ୍, ଝୁମୁକା, ଢୋଲ, ସାଇଡ୍ ଡ୍ରମ୍ ଭଳି କିଛି ବାଦ୍ୟଯନ୍ତ୍ରର ଆବଶ୍ୟକ ହୋଇଥାଏ ।

## ପୋଷାକ ଓ ଅଳଙ୍କାର


## (costume & ornaments)

ଗୁରୁଣ୍ଡି ନାଚରେ ପ୍ରତି ସଦସ୍ୟଙ୍କ ପାଇଁ ହଳେ ଗୁରୁଣ୍ଡିର ଆବଶ୍ୟକତା ରହିଥାଏ । ଏହି

Digitized by srujanika@gmail.com

ନାଚର ମୁଖ୍ୟ ସରଂଞ୍ଜାମ ଗୁରୁଣ୍ଡି ହୋଇଥିବାରୁ ଏହାର ନାଁ 'ଗୁରୁଣ୍ଡି ନାଚ' ହୋଇଛି । ଗୁରୁଣ୍ଡି ହେଉଛି କାଠରେ ନିର୍ମିତ ଦୁଇଟି ଲମ୍ବା କାଠ ଦଣ୍ଡ । ଏହାର ନିମ୍ନ ଭାଗରେ ପାଦ ରଖିବା ପାଇଁ ଦୁଇଟି ଗୋଇଠି **(stand)** ଥାଏ । ଏହି ଦୁଇଟି କାଠ ଦଣ୍ଡ ଉପରେ ଯୁବକ, ଯୁବତୀମାନେ ବାଦ୍ୟର ତାଳେତାଳେ ଭୂମି ଉପରେ ପଦ ଚାଳନା କରି ନୃତ୍ୟ କରିଥାନ୍ତି । ପ୍ରାୟ ୧୦ରୁ ୧୫ ଜଣ ଯୁବକ, ଯୁବତୀ ଗୁରୁଣ୍ଡି ନାଚରେ ସାମିଲ୍ ହୋଇଥାନ୍ତି । ଏମାନଙ୍କ ମଧ୍ୟରେ ଜଣେ ରାଣୀ ଥା'ନ୍ତି । ଅନେକ ବେଳେ ପୁରୁଷମାନେ ନାରୀ ପୋଷାକ ପରିଧାନ କରି ମୁଣ୍ଡରେ ନକଲି କେଶ ଲଗେଇ ଯୁବତୀମାନଙ୍କ ଅଭିନୟ କରିଥାନ୍ତି । ତେବେ ନୃତ୍ୟ ଚାଲିଥିବାବେଳେ ରାଣୀ ସବୁବେଳେ ମଧ୍ୟ ଭାଗରେ ରହିଥାନ୍ତି । 'ରାଣୀ' ହାତରେ ଏକ ମୟୂର ପୁଚ୍ଛ ଧରି ନାଚକୁ ନିୟନ୍ତ୍ରଣ କରିଥାଏ । ମାତ୍ର ରାଣୀ ଗୁରୁଣ୍ଡି ସାହାଯ୍ୟରେ ନ ଚାଲି ଖାଲି ପାଦରେ ଭୂମି ଉପରେ ନୃତ୍ୟ କରିଥାଏ । ରାଣୀ ବ୍ୟତୀତ ଯେଉଁମାନେ ଗୁରୁଣ୍ଡି ସାହାଯ୍ୟରେ ନୃତ୍ୟ ପ୍ରଦର୍ଶନ କରୁଥାନ୍ତି ସେମାନଙ୍କୁ 'ଗୁରୁଣ୍ଡିଆ' କହନ୍ତି ।

ଗୁରୁଣ୍ଡିଆ ଓ ରାଣୀଙ୍କ ବ୍ୟତୀତ ଆଉ ଦୁଇ/ତିନି ଜଣ ଏହି ଦଳରେ ଥାଆନ୍ତି । ନାଚ ଗୁରୁ ନାଚର ନେତୃତ୍ୱ ନେବା ସାଙ୍ଗକୁ କିଛି କିଛି ଶବ୍ଦ ଓ ଗୀତ ପ୍ରୟୋଗ କରିଥାନ୍ତି । ଆଉ ଦୁଇ ଜଣ ଶିକା ଭାର ଧରି ଚାଉଳ, ଧାନ, ପନିପରିବା ଆଦାୟ କରିବା କାମରେ ଲାଗିଥାନ୍ତି ।



Digitized by srujanika@gmail.com

ଏମାନେ ଗାଁ ଗାଁ ବୁଲି ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଯେଉଁ ଗାଁରେ ରାତି ହୁଏ, ସେଠାରେ ରାତ୍ରୀଯାପନ କରନ୍ତି ଏବଂ ପରେ ପୁଣି ଯାତ୍ରା ଆରମ୍ଭ କରି ଦିଅନ୍ତି ।

ଗୁରୁଣ୍ଡି ନୃତ୍ୟ ଦଳ ବିଭିନ୍ନ ଗାଁରେ ବୁଲୁଥିବାବେଳେ ସେଥିରେ ଉଭୟ ଯୁବକ, ଯୁବତୀ ଥା'ନ୍ତି । ଧାଙ୍ଗିଡ଼ିମାନେ ଗୀତ ବୋଲିଥାନ୍ତି । ସାନଭେଜା ଗାଁରେ ଥିବା ଭତରା ସଂପ୍ରଦାୟର ଆଦିବାସୀମାନେ ଗୁରୁଣ୍ଡିଆ ନାଚ ପ୍ରଦର୍ଶନ କରିଥାନ୍ତି । ଏମାନଙ୍କ ନାଚ ଗୁରୁ ଡମ୍ବୁରୁ ଭକ୍ତ ଜଣେ ମହିମା ଅଲେଖ ଧର୍ମର ଅନୁଗାମୀ । ଗୁରୁ ଡ଼ମ୍ବୁରୁ ଭକ୍ତ ମହିମା ଧର୍ମପନ୍ଥୀ ହୋଇଥିବାରୁ ତାଙ୍କର ଅଧିକାଂଶ ଗୀତରେ ମହିମା ଧର୍ମର ପ୍ରଭାବ ଦେଖିବାକୁ ମିଳେ ।

ଏହା ବ୍ୟତୀତ ନବରଙ୍ଗପୁର ଜିଲ୍ଲାର ଅନ୍ୟାନ୍ୟ ଗାଁମାନଙ୍କରେ ମଧ୍ୟ ଗୁରୁଣ୍ଡି ନାଚ ଦେଖିବାକୁ ମିଳେ । ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ମନ୍ତ୍ରୀଗୁଡା ପଞ୍ଚାୟତର ଶରଣପୁର ଗାଁରେ ମଧ୍ୟ ଏହି ନାଚ ଦେଖିବାକୁ ମିଳେ । ଶରଣପୁର ଗାଁର ଅଧିକାଂଶ ଆଦିବାସୀ ଭତରା ସଂପ୍ରଦାୟର ଏବଂ ଏମାନେ ଯୁଗଯୁଗ ଧରି ଏହି ନାଚ କରି ଆସୁଥିଲେ । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଶରଣପୁର ଗାଁରେ ଏହି ନାଚ ଲୋକପ୍ରିୟତା ହରାଇ ବସିଛି । ଏହି ଗାଁରେ ଗୁରୁଣ୍ଡି ନାଚ ପ୍ରାୟ ବନ୍ଦ ହୋଇଯାଇଛି ବୁଝିଲେ ଠିକ୍ ହେବ । ଏହି ନାଚକୁ ପେଶା କରିଥିବା ଶରଣପୁର ଗାଁର ଅନେକ ଯୁବକ ଏବେ ବାହାର ରାଜ୍ୟକୁ କାମଧନ୍ଦା ଅନ୍ୱେଷଣରେ ଚାଲିଯିବାରୁ ଏହି ଗାଁରୁ ନାଚଟି ବୁଡିଯାଇଛି ।

ସାନଭେଜା ଗାଁରୁ ସଂଗ୍ରହ କରାଯାଇଥିବା କିଛି ଗୁରୁଣ୍ଡିଆ ଗୀତ ନିମ୍ନରେ ଉଲ୍ଲେଖ କରାଗଲା-

## ଗୁରୁଣ୍ଡିଆ ଗୀତ ନଂ ୧

'ତେତିଶ କୋଟି ଦେବତା
ଛପନ କୋଟ ଜୀବ
ଗମି କେହି ନ ପାରିଲେ
ଅଲେଖର ଠାବ
ସେ ଅଲେଖ ଏକୋଇଶ ପୂରେ ବାନା ଟେକ୍
ସେ ଅଲେଖ ପଦ୍ମ ପାଦେ ପଶିଲି ଶରଣ
ବୋଲେ ଶ୍ୟାମଘନ ନମଃ
ଜନମ ମରଣ
ଦୟା ବହ ଭକତଙ୍କ ପାଦ ତଳେ ତୁହ'

Digitized by srujanika@gmail.com

## ଗୁରୁଣ୍ଡିଆ ଗୀତ ନଂ ୨

'କିସ ମୁଁ କରିବି ତୋତେ ଜାଇଫୁଲ
କର ଦରି ଦୁତି କହୁଛି ଯେତେ
ମଁ ଜାଇଫୁଲ
କୃଷ୍ଣ ଆଣିଦେବୁ ମୋତେ
ଖଞ୍ଜିଛି ତ୍ରିବେଣୀ ଧାରା
ସେଇ ନନ୍ଦ କାହ୍ନୁ ଅଟନ୍ତି ପରା
ମଁ ଜାଇଫୁଲ
ବାଙ୍କେ ପାରିଅଛି ଝରା
ଜ୍ଞାନ ହେତୁ ଗଲା ବୁଡି
ନେତ୍ରରେ ନ ଦେଖି ଭୂମିରେ ପଡି
ମଁ ଜାଇଫୁଲ
କୁମ ଦେବି ଜୁଇ ଜାତି
ଯାଇଥିଲି ଯମୁନା
ଯମୁନା ତଟରେ ଦେଖିଥିଲି ତାଙ୍କୁ
ମଁ ଜାଇଫୁଲ
ରଞ୍ଜିଲା ମର ମନକୁ
ଅନାଇ ଦେକିଲି ତରେ
ଭେଟ ପଡିଗଲା ଅଧ ବାଟରେ
ମଁ ଜାଇଫୁଲ
ଦୁଇ ମୁକ ଏକଟାରେ
ଗାରି ହେଉଅଛି ନୟନେ
ଦେକିଲା ବେଲୁରୁ ତୁମ ବଦନ
ମଁ ଜାଇଫୁଲ
ଘରେ ରହୁନାହିଁ ମନ
ଟୀକା ଚନ୍ଦନ କପାଲେ
ଡାକି ଅଛି କାହ୍ନୁ କଦମ ମୂଲେ

Digitized by srujanika@gmail.com

ମଁ ଜାଇଫୁଲ
ଟିକେ ଚାହିଁ ବେନି ତଲେ
ଟାକୁର ମର ସେଇ
ତାଙ୍କୁ କିଣ ବିଣ ଏଲାଣି ଦେହିଁ
ମଁ ଜାଇଫୁଲ
ଟିକେ କହେ ଭୀମ ଭୋଇ

ଏହି ଗୀତମାନଙ୍କରୁ ଏହା ସ୍ପଷ୍ଟ ହୁଏ, ଗୁରୁଣ୍ଡିଆ ନାଚ ଓ ଗୀତ, ବହୁଳ ଭାବେ ମହିମା ଧର୍ମ ଦ୍ୱାରା ପ୍ରଭାବିତ ହୋଇଛି । ତେବେ ଆମେ ସେହି ଗାଁର କିଛି ଧାଙ୍ଗଡ଼ା ଓ ଧାଙ୍ଗିଡ଼ିମାନଙ୍କଠାରୁ ଗୁରୁଣ୍ଡିଆ ନାଚର ଗୋଟିଏ ରସରସିଆ ଗୀତ ସଂଗ୍ରହ କରିଥିଲୁ ।

## ଗୁରୁଣ୍ଡିଆ ଗୀତ ନଂ ୩

'ଆଲେ ବାଇନି ଲୋକ୍
ଚନ୍‌କେ ତେବାତା
ମୁହି ମୁହା ଗୋଟ୍‌କେ ଦେଲେ ଏତାତ୍
ଚିନା ଚିନା ପରା ରେତାତ୍

ତୁମେ ମିଶା ନାଚ୍ ନାଚ୍‌କି
ଗାଗର ମୁଣ୍ଡ୍‌କେ ଦେକି
କୋନ୍ ଗାଁର ବିତା
ଚନ୍‌କେ ତେବାତା
ଏବୁକ୍ କାଇ କଥା
ମୁହି ମୁହା ଗୋଟ୍‌କେ ଦେଲେ ଏତାତ୍
ଚିନା ଚିନା ପରା ରେତାତ୍

ଜୁ ଜୁ ଜୁ ଜୁରେ ନନୀ
ଜୁରେ ଇଟ୍‌ଲେ ପେଣ୍ଡି

Digitized by srujanika@gmail.com

ତୋର୍ ମୋର୍ ମନ ହେଲେ
ଯିବୁରେ ଡାବୁଗାଁ ମଣ୍ଡି
ମଣ୍ଡି ଦେଖାଯାଇ ପାନ ଖାଇକରି
ମଲ୍‌କେଇ ଦବାସ୍ ଚଣ୍ଡି

ଫଗୁନ୍ ମାସର ଉଳମଳକିଆ
କଅଁଳି ଶୀତର ବେଳେ
ଉତ୍‌ଲା ପତରକୁ ଜୟ ବୋଲିକରି
ବସିରବୁ ଗଛ ତଳେ

ଝିପିଝିପି ପଡେ ମହୁଲ
ତୁମି ଗାୟ ଆମେ ବଇଲ
ଦୁଇ ଲୋକର ଦୁଇ ଚମଡା
ରଜଇ ଦେଲେ ପୂରିଯିବ ଗୋଟେ ପୁଟା
ରାତି ମୁଇଁ ଶୋଇନାଇଁ
ତୁଇ କୁକୁଡା ଡାକେ ଭଟା

(ତଥ୍ୟ: ନାଚଗୁରୁ ଡମ୍ବରୁ ଭକ୍ତ ଓ ଅନ୍ୟମାନେ, ଗ୍ରାମ: ଘାନ ଭେଜା, ବ୍ଲକ୍: ପାପଡାହାଣ୍ଡି, ଜିଲ୍ଲା: ନବରଙ୍ଗପୁର

ଜଗନ୍ନାଥ ଭତରା, ପୂର୍ବତନ ଗ୍ରାମସେବକ, ଶରଣପୁର, ଗ୍ରାମ: ଶରଣପୁର, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର)

## ଶିଙ୍ଗ ବାଇଦ ନାଚ

### (Singa Baida; the popular folk dance of Koraput)

ଶିଙ୍ଗ ବାଇଦ ନାଚ ହେଉଛି, ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ଅତି ପରିଚିତ ତଥା ଲୋକପ୍ରିୟ ଲୋକ ନୃତ୍ୟ । ଏହି ନାଚରେ 'ଶିଙ୍ଗ ବାଦ୍ୟ' ପ୍ରମୁଖ ବାଦ୍ୟଯନ୍ତ୍ର ହୋଇଥିବାରୁ ଏହାର ନାମ 'ଶିଙ୍ଗ ବାଇଦ' ନାଚ ରଖାଯାଇଛି । ଶିଙ୍ଗ ବାଇଦ ବାଦ୍ୟଯନ୍ତ୍ରଟି ଟାମକ୍ ଭଳି; ମାତ୍ର ତାହାର

Digitized by srujanika@gmail.com

ଦୁଇ ପାର୍ଶ୍ୱରେ ଶିଙ୍ଗ ଭଳି ଦୁଇଟି ମୋଟା ଲୁହା ଛଡ ଲାଗିଥାଏ । ଏହା ମଇଁଷି ମୁଣ୍ଡର ଦୁଇଟି ଶିଙ୍ଗ ଭଳି ଦିଶେ । ଏହି ନୃତ୍ୟରେ ୬ରୁ ୧୦ ଜଣ ବାଦକ ଅଂଶଗ୍ରହଣ କରିଥାନ୍ତି । ଏହି ବାଦକମାନେ ବାଦ୍ୟ ପରିବେଷଣ କରିବା ସହିତ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଏହି ବାଦକଙ୍କ ମଧ୍ୟରୁ ଦୁଇ ଜଣ ପ୍ରମୁଖ ବାଦକ ଦୁଇଟି ଶିଙ୍ଗ ବାଇଦ ବଜେଇଥାନ୍ତି । ଏହା ବ୍ୟତୀତ ଜଣେ ଢୋଲ, ଜଣେ ମହୁରୀ, ଜଣେ ତସା ବଜେଇଥାଏ । ଏଥିରେ ମୁଖ୍ୟତଃ ଦୁଇଟି ଶିଙ୍ଗ ବାଇଦ, ଗୋଟିଏ ଢୋଲ, ଗୋଟିଏ ତସା, ଝୁମୁକା, ମହୁରୀ ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥାଏ ।

ତେବେ 'ଗୋଟି ବାଇଦ' ବୋଲି ଅନ୍ୟ ଏକ ନାଚ ରହିଛି । ଏହା ଅବିକଳ 'ଶିଙ୍ଗ ବାଇଦ' ନାଚ ଭଳି; ମାତ୍ର ଏଥିରେ ବ୍ୟବହୃତ ଟାମକ୍‌ରେ ଶିଙ୍ଗ ଲାଗି ନଥାଏ । ଗୋଟି ବାଇଦ ନାଚରେ ୪ ଜଣ ବାଦକ ଥାଆନ୍ତି । ଏଥିରେ ଗୋଟିଏ ଟାମକ୍, ଗୋଟିଏ ଢୋଲ, ଗୋଟିଏ ମହୁରୀ, ଗୋଟିଏ ତସା ବ୍ୟବହାର କରାଯାଇଥାଏ ।

'ଶିଙ୍ଗ ବାଇଦ' ନାଚରେ ବାଦକଙ୍କୁ ବାଦ୍ ଦେଲେ ଏଥିରେ ୬-୧୦ ଜଣ ଧାଙ୍ଗିଡ଼ି ନୃତ୍ୟ ପରିବେଷଣ କରିଥାନ୍ତି । ଧାଙ୍ଗିଡ଼ିମାନେ ନୃତ୍ୟ ସାଙ୍ଗକୁ ଗୀତ ବୋଲିଥାନ୍ତି ।

ଏହି ନୃତ୍ୟରେ ଦୁଇ ଜଣ ଶିଙ୍ଗ ବାଦକ ସବୁଠୁ ବେଶି ପରିଶ୍ରମ କରିଥାନ୍ତି । ଏହି ଦୁଇ ଜଣ ବାଦକ ହିଁ ନୃତ୍ୟର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାନ୍ତି । ଏହି ଦୁଇ ଜଣ ବାଦକ ଶିଙ୍ଗ



Digitized by srujanika@gmail.com

ବାଇଦ ପରିବେଷଣ ସାଙ୍ଗକୁ ବିଭିନ୍ନ ପ୍ରକାର କ୍ରୀଡା କୌତୁକ ପ୍ରଦର୍ଶନ କରିଥାନ୍ତି । ଏହି ଅବସରରେ ଏମାନେ ବିଭିନ୍ନ ପ୍ରକାର ସାହସିକତା ପ୍ରଦର୍ଶନ କରିଥାନ୍ତି । ସାଇକେଲ ଉପରେ ଠିଆ ହୋଇ ଶିଙ୍ଗ ବାଇଦ ବଜେଇବାଠାରୁ ଆରମ୍ଭ କରି ଦାନ୍ତରେ କାମୁଡି ସାଇକେଲକୁ ଉପରକୁ ଉଠାଇବା, ମୁଣ୍ଡକୁ ଭୂମି ଉପରେ ରଖି ଗୋଡକୁ ଉପରକୁ ଟେକି ବାଦ୍ୟ ବଜେଇବା, ବାଘ ଭଳି ଗର୍ଜନ କରିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କୌତୁକ ଓ ସାହିସିକତା ଦୃଶ୍ୟ ପ୍ରଦର୍ଶନ କରିଥାନ୍ତି । ମନ୍ଦୀଗୁଡାର ଦୁଇ ଜଣ ଶିଙ୍ଗ ବାଦକ ପୁରୁଷତି ହରିଜନ ଓ ଡମ୍ବରୁ ହରିଜନ ବିଭିନ୍ନ ପ୍ରକାର କ୍ରୀଡା, କୌତୁକ ଓ ସାହସିକତା କାର୍ଯ୍ୟ ଦେଖାଇ ଏ ଅଞ୍ଚଳରେ ବେଶ୍ ଲୋକପ୍ରିୟ ହୋଇ ପାରିଛନ୍ତି ।

ଶିଙ୍ଗ ବାଇଦ ନାଚ ବିଶେଷ କରି ବିଭାଘର, ଦଶାଘର, ପୁଷ୍ ପୂନେଇଁ, ବାଲି ଯାତ୍ରା, ଦଶହରା ପର୍ବ ବେଳେ ପ୍ରଦର୍ଶନ କରାଯାଇଥାଏ । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ କିଛି ରାଜନେତା ଓ ମନ୍ତ୍ରୀ ତଥା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଏହା ପ୍ରଦର୍ଶିତ ହେଉଛି । ସରକାରଙ୍କ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମରେ ଏହା ଏକ ଲୋକ ମାଧ୍ୟମ (folk medium) ଭାବେ କାର୍ଯ୍ୟ କରିପାରୁଛି ।

ବିଭାଘର ସମୟରେ ଶିଙ୍ଗ ବାଇଦ ଲୋକ ନାଚର ବେଶ୍ ଆଦର ରହିଛି । ଧାଙ୍ଗଡ଼ାମାନେ



Digitized by srujanika@gmail.com

ଶିଙ୍ଗ ବାଇଦ ପରିବେଷଣ କରୁଥିବାବେଳେ ଧାଙ୍ଗିଡ଼ିମାନେ ଗୀତ ଗାଇ ଅଣ୍ଟାରେ ହାତ ଛନ୍ଦି ନାଚନ୍ତି । ମନ୍ତ୍ରୀଗୁଡା ଗାଁର ଏକ ଶିଙ୍ଗ ବାଇଦ ନାଚରୁ ଆମେ ସଂଗ୍ରହ କରିଥିବା କିଛି ଗୀତ ଉଲ୍ଲେଖ କରୁଛୁ ।

## ଶିଙ୍ଗ ବାଇଦ ଗୀତ ନଂ୧

"ଉଦୁଲି ଉଦିଆ ଜନ, ଉଦୁଲି ଉଦିଆ ଜନରେ
ପାପା ଉଦୁଲି ଉଦିଆ ଜନ
ପିଟିକେ ଦେଲୁ ପାଟିକେ ଦେଲୁ
ମନ୍‌କେ କର୍‌ବେ କୋନ୍
ଖେଲୁ ଚମ୍‌କେ ନାଇଁ ଖେଲୁ ଦମ୍‌କେ ନାଇଁ

ସିନ୍ଧି ପକୁଆ, ସିନ୍ଧି ପକୁଆରେ
ପାପା ସିନ୍ଧି ପକୁଆ
ମନ୍ତିରିଗୁଡାର ଧାଙ୍ଗଡାମାନେ
ଧନର ରାଜିର୍ ଭକୁଆ
ପାପା ଖେଲୁ ଚମ୍‌କେ ନାଇଁ ଖେଲୁ ଦମ୍‌କେ ନାଇଁ

କଲା ଚାନ୍ଦୁଆ, କଲା ଚାନ୍ଦୁଆରେ
ପାପା କଲା ଚାନ୍ଦୁଆ
ମନ୍ତିରିଗୁଡାର ଧାଙ୍ଗଡା ଧର୍‌ଲେ ମଦୁଆ
ପାପା ଖେଲୁ ଚମ୍‌କେ ନାଇଁ ଖେଲୁ ଦମ୍‌କେ ନାଇଁ

ବୁଟା କୁରୁଲୁ, ବୁଟା କୁରୁଲୁରେ
ପାପା, ବୁଟା କୁରୁଲୁ
ଆଗେ ରେଲୁ ସରୁସରୁ ଏବେର ଜୁରୁଲୁ
ପାପା ଖେଲୁ ଚମ୍‌କେ ନାଇଁ ଖେଲୁ ଦମ୍‌କେ ନାଇଁ

Digitized by srujanika@gmail.com

କୁତୁରି କାଲେ କୁଇଁ, କୁତୁରି କାଲେ କୁଇଁରେ
ପାପା, କୁତୁରି କାଲେ କୁଇଁ
ବେତା କତା ବାଟେ ଜଲ୍‌କା ପାନି
ଜଲ୍‌ଦି ଆନାଦେ ଆପା
ପାପା ଖେଲୁ ଚମ୍‌କେ ନାଇଁ ଖେଲୁ ଦମ୍‌କେ ନାଇଁ

ପିଟା ଟାକରି, ପିଟା ଟାକରି ରେ
ପାପା, ପିଟା ଟାକରି
ନାରାନ୍ ଶୁଣ୍ଠି ହଲ୍ ଦରୁଆଏ
ଦନରେ ବଇଲ ଟାକରି
ପାପା ଖେଲୁ ଚମ୍‌କେ ନାଇଁ ଖେଲୁ ଦମ୍‌କେ ନାଇଁ "

## ଶିଙ୍ଗ ବାଇଦ ଗୀତ ନଂ୨:

"ଗାୟ ଚରିଗଲା ବନେ
ବନେ, ସଜନୀଲୋ ଭଏଁସି ଚରିଲା ଜଲେ
ସୁକୁଲା ଖେଦାରେ ରାବନ୍ ବସିଲା
ଆନ ଧନୁ କାଣ୍ଡ ବିନ୍ଧା
ବିନ୍ଧଲେ ବିନ୍ଧ ନାଇଁଲେ ନାଇଁ
ସାତ ସରା ଫୁଲ ପିନ୍ଧ

ସାତ ସରା ଫୁଲ କମଞ୍ଜି ଗଲେ
ବିନାରେ ମୋର ଲିତା ଗଲେ
ଚାଉଲ ଧୋଇଲି ଖରକିର ଘାଟେ
ଚିପ୍‌ନା ଛାଡିଲୁ ନାଲେ
ମୋର୍ ଫୁଲେନା
ଚିପ୍‌ନା ବେଟକେ ଯାଇତେ ରେଲୁ
ମୋର ଫୁଲେନା ବେଙ୍ଗଟି ଚାବିଲା ଗାଲେ

Digitized by srujanika@gmail.com

ଭାତ ଚାଲିକରି ଜାଗଲି ଆଚେ
ମୋର ଫୁଲେଲନା କାଏ ଶାଗ୍ ରାନ୍ଧିବାର ବୋଲି
ନିଲିଆ ବନ୍ଧର ଡୁରୁଙ୍ଗା ମାଛ
ମୁଣ୍ଡି ଡୁଲାଇ ଡୁଲାଇ ରାନ୍ଧ
ମୋର ଫୁଲେଲନା ମୁଣ୍ଡି ଡୁଲାଇ ଡୁଲାଇ ରାନ୍ଧ"

### ଶିଙ୍ଗ ବାଇଦ ଗୀତ ନଂ୩:

"ଉଡ଼ିଲା ଛବାନ୍ ବସିଲାରେ ଭାଡି
ସଜନୀରେ କେନ୍ଦୁ ଗଛ ଟିପ ଛାଡି
କେନ୍ଦୁ ଗଛ ତଲେ ସପୁର ବାଲି
ସଜନୀରେ ମାଞ୍ଜି ଗଲୁ ଜଡା ଥାଲି
ଥାଲି ମାଞ୍ଜି ମାଞ୍ଜି କରଲି ଗଲିରେ ଗଲି
ସଜନୀରେ ଜୁଡାକେ ଧରିବି ବୋଲି
ଜୁଡାକେ ଧରଲେ ମାରିବି ବିଦା
ସଜନୀରେ ଜୁଡାକେ ଛୁଇଁଲେ ନିନ୍ଦା
ସଜନୀରେ ଜୁଡାକେ ଛୁଇଁଲେ ନିନ୍ଦା"

(ଗୀତ ସଂଗ୍ରହ: ରଇବାରୀ ଅମାନାତ୍ୟ, ଦୁର୍ପୁତା ଭତରା, ଦେବ୍କୀ ଅମାନାତ୍ୟ, ରତ୍ନା ଭତରା, କୁମାରୀ ଅମାନାତ୍ୟ

ଗ୍ରାମ: ମନ୍ତ୍ରୀଗୁଡା, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା, ନବରଙ୍ଗପୁର

ତଥ୍ୟ: ପୁରୁଷତି ହରିଜନ, ତମ୍ବୁରୁ ହରିଜନ, ନବୀନା ହରିଜନ, ପର୍ଶୁ ହରିଜନ

ଗ୍ରାମ: ମନ୍ତ୍ରୀଗୁଡା, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା, ନବରଙ୍ଗପୁର)

## ଦଣ୍ଡାରି ନାଚ (କାଠି ନାଚ)

## Dandari; the stick dance

ପୁଷ୍ ପୂନେଇଁ ବେଳକୁ ନବରଙ୍ଗପୁର ଜିଲ୍ଲାର ଭତରା ଓ ପରଜାମାନେ ବିଭିନ୍ନ ଗାଁ ଓ ସହର ବୁଲିବୁଲି 'ଦଣ୍ଡାରି ନାଚ' ପ୍ରଦର୍ଶନ କରିଥାନ୍ତି । ଏହା ଏକ ମନୋରଞ୍ଜନଧର୍ମୀ ଦଳଗତ

Digitized by srujanika@gmail.com



ନୃତ୍ୟ । ଏହି ନାଚ ପାଇଁ ଆଦିବାସୀମାନେ ପ୍ରସ୍ତୁତ ହେବା ପୂର୍ବରୁ ନିଜନିଜର ଗ୍ରାମ ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ପୁଷ୍ ପୂନେଇଁର ଠିକ୍ ପନ୍ଦର ଦିନ ପୂର୍ବରୁ ଆଦିବାସୀମାନେ ଗାଁର ସଲପ ଗଛ ନିକଟରେ ପୂଜାର୍ଚ୍ଚନା କରନ୍ତି । ଭଗବାନଙ୍କୁ ପୂଜା କରିବା ପରେ ଏହି ଦଣ୍ଡାରୀ ନୃତ୍ୟ ଦଳ ଗାଁ ବୁଲିବାକୁ ବାହାରି ପଡନ୍ତି ଏବଂ ଏମାନେ ଗାଁ ଗାଁ ବୁଲି ଧାନ, ଚାଉଳ, କୁକୁଡା, ଛେଳି, ମେଣ୍ଢା, ଟଙ୍କା ପଇସା ଆଦାୟ କରନ୍ତି । ଆଦାୟ ହୋଇଥିବା ଟଙ୍କା, ଚାଉଳ, କୁକୁଡାକୁ ନେଇ ପୁଷ୍ ପୂନେଇଁ ଦିନ କିମ୍ବା ପରଦିନ ଗାଁରେ ଏକ ଗୋଷ୍ଠୀ ଭୋଜନର ଆୟୋଜନ କରିଥାନ୍ତି । ବାହାର ଗାଁମାନଙ୍କରେ ଦଣ୍ଡାରି ନାଚ କରି ଫେରିଲା ପରେ ଆଦିବାସୀମାନେ ପୁଣି ସଲପ ଗଛ ମୂଳରେ ପୂଜା ଶେଷ କରନ୍ତି । ଦଣ୍ଡାରୀ ନାଚ ଦଳରେ ପଚାଶରୁ ଊର୍ଦ୍ଧ୍ୱ ଆଦିବାସୀ ଅଂଶଗ୍ରହଣ କରିଥାନ୍ତି । ବିଶେଷକରି ଗୋଟିଏ ଗୋଟିଏ ଗାଁର ଅର୍ଦ୍ଧାଧିକ ଲୋକ ସାମୂହିକ ଭାବେ ଏହି ନୃତ୍ୟରେ ଅଂଶଗ୍ରହଣ କରି ଗାଁ ଗାଁ ବୁଲନ୍ତି । ଏହି ନୃତ୍ୟ କେବଳ ପୁରୁଷମାନଙ୍କ ଦ୍ୱାରା କରାଯାଇଥାଏ ।

ଅବିଭକ୍ତ କୋରାପୁଟ ଅଞ୍ଚଳରେ ପରିବେଷଣ କରାଯାଉଥିବା କାଠିନାଚକୁ ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ନାମକରଣ କରାଯାଇଥାଏ । ନବରଙ୍ଗପୁର ଅଞ୍ଚଳରେ ଏହାକୁ ଦଣ୍ଡାରି ନାଚ କୁହାଯାଉଥିବାବେଳେ କୋରାପୁଟ ଜିଲ୍ଲାର ବୈପାରୀଗୁଡା, କୁନ୍ଦୁରା ଅଞ୍ଚଳରେ ଏହି କାଠି ନାଚକୁ **'ଦଣ୍ଡହଲିଆ ନାଚ'** କହନ୍ତି । ଏହା ଏକ ପାରଂପରିକ ଆଦିବାସୀ ନାଚ । ଏହା ଏକ

Digitized by srujanika@gmail.com

ଦଳଗତ ନୃତ୍ୟ । ଏଥିରେ କେବଳ ପୁରୁଷମାନେ ଅଂଶଗ୍ରହଣ କରିଥାନ୍ତି ।

ପୁଷ୍ ପୁନେଇଁ ପାଳନ କଲାବେଳେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ଦଣ୍ଡାହଲିଆ ନୃତ୍ୟ ପରିବେଷଣ କରିଥାନ୍ତି । ପୁଷ୍ ପୁନେଇଁ ବେଳକୁ ଏମାନେ ଦୂର ଗାଁ ଓ ସହର ବୁଲିବୁଲି 'ଦଣ୍ଡା ହଲିଆ' ପରିବେଷଣ କରନ୍ତି । ପୁଷ୍ ପୁନେଇଁର ଠିକ୍ ପନ୍ଦର ଦିନ ପୂର୍ବରୁ ଆଦିବାସୀମାନେ ଗାଁର ସଲପ ଗଛ ନିକଟରେ ପୂଜାର୍ଚ୍ଚନା କରି ଦଣ୍ଡାହଲିଆ କରିବାକୁ ବାହାରି ପଡନ୍ତି ଏବଂ ଏମାନେ ଗାଁ ଗାଁ ବୁଲି ଧାନ, ଚାଉଳ, କୁକୁଡା, ଛେଳି, ମେଣ୍ଢା, ଟଙ୍କା ପଇସା ଆଦାୟ କରନ୍ତି । ଆଦାୟ ହୋଇଥିବା ଟଙ୍କା, ଚାଉଳ, କୁକୁଡାକୁ ନେଇ ପୁଷ୍ ପୁନେଇଁ ଦିନ କିମ୍ବା ପରଦିନ ଗାଁରେ ଏକ ଗୋଷ୍ଠୀ ଭୋଜନର ଆୟୋଜନ କରିଥାନ୍ତି । 'ଦଣ୍ଡା ହଲିଆ' ଦଳରେ ପଚାଶରୁ ଉର୍ଦ୍ଧ୍ୱ ଆଦିବାସୀ ପୁରୁଷମାନେ ଅଂଶଗ୍ରହଣ କରିଥାନ୍ତି ।

ଦଣ୍ଡା ହଲିଆ ଦଳରେ ନାଚୁଥିବା ସମସ୍ତେ ଯୁବକମାନେ ହାତରେ ଦୁଇ ଖଣ୍ଡ ଲେଖାଏଁ କାଠି ବା ଦଣ୍ଡ ଧରି ନୃତ୍ୟ ପରିବେଷଣ କରିଥାନ୍ତି । ନର୍ତ୍ତକମାନେ ମୁଣ୍ଡରେ ମୟୂର ପୁଚ୍ଛ ସହିତ ପଗଡ଼ି ପିନ୍ଧିଥାନ୍ତି । ପାଦରେ ଘୁଂଗୁର ବାନ୍ଧିଥାନ୍ତି । ଏମାନେ ଗୋଟିଏ ବୃତ୍ତାକାର ପଥରେ ଘୁରିଘୁରି ନାଚିଥାନ୍ତି । ପରସ୍ପର ହାତରେ ଧରିଥିବା କାଠିକୁ କାଠି ସହିତ ପ୍ରହାର କରିଥାନ୍ତି । କାଠି ସହ କାଠିର ମାଡ ହେଲାବେଳେ ସେଥିରୁ ଠକ୍ ଠକ୍ ଶବ୍ଦ ନିର୍ଗତ ହୋଇଥାଏ ।



Digitized by srujanika@gmail.com

ପୁଷ୍ ପୂନେଇଁ ବ୍ୟତୀତ ଚଇତ୍ ପରବ୍, ବିଭାଘର, ଦଶାଘର, ମଣ୍ଡେଇ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀମାନଙ୍କରେ ମଧ୍ୟ 'ଦଣ୍ଡାହଲିଆ' ପରିବେଷଣ କରାଯାଇଥାଏ । ଯେଉଁ ଗାଁରେ ଏହି 'ଦଣ୍ଡାହଲିଆ' ଦଳ ପହଞ୍ଚନ୍ତି, ସେମାନଙ୍କୁ ଆଦରର ସହ ଉଚିତ୍ ଆତିଥ୍ୟ ପ୍ରଦାନପୂର୍ବକ ଗ୍ରାମବାସୀ ସେମାନଙ୍କର ସେବାଶୁଶ୍ରୂଷା କରିଥାନ୍ତି । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆଦିବାସୀ ଯୁବକମାନେ ସେମାନଙ୍କ ପରମ୍ପରାକୁ ଭୁଲିବାକୁ ଲାଗିଲେଣି । କାମଧନ୍ଦା ଅଭାବରୁ ଆଦିବାସୀ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଥିବାବେଳେ 'ଦଣ୍ଡାହଲିଆ' ନାଚରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା କମିକମି ଯାଉଛି । ଏହା ଫଳରେ ଅନେକ ଗାଁରୁ ଏହି 'ଦଣ୍ଡାହଲିଆ' ଦଳ ଭାଙ୍ଗି ଯିବାକୁ ବସିଲାଣି ।

## ପୋଷାକ ଓ ଅଳଙ୍କାର

## (costume & ornaments)

ପୁରୁଷମାନେ ରଙ୍ଗୀନ୍ ପଗଡି ପିନ୍ଧିବା ସହିତ ଦେହରେ ବିଭିନ୍ନ ପ୍ରକାର ଜରି ପୋଷାକ ପରିଧାନ କରିଥାନ୍ତି ଏବଂ ହାତରେ ଦଣ୍ଡ ଧରି ନାଚନ୍ତି । ଏହି ଦଣ୍ଡ ବା କାଠିକୁ 'ଦଣ୍ଡାରି' କୁହାଯାଏ । ଏଣୁ ଏହି ନୃତ୍ୟର ଏପରି ନାମକରଣ ହୋଇଛି । ଏମାନେ ମୁଣ୍ଡରେ ପିନ୍ଧୁଥିବା ପଗଡିକୁ 'ଦଣ୍ଡାରି ଦୁତମ୍' କୁହାଯାଏ । ଏହି ଦଣ୍ଡାରି ଦୁତମ୍‌ରେ ବଣ କୁକୁଡାର ପରସବୁ ଖଞ୍ଜାଯାଇଥାଏ । ଦେହରେ ଜରି ପୋଷାକ ସାଙ୍ଗକୁ ଏକ ଧୋତିକୁ କଛା ମାରି ଆଣ୍ଠୁ ଉପରକୁ ପରିଧାନ କରିଥାନ୍ତି । ଏହି ନୃତ୍ୟ ସମୟରେ ବୀର ବାଦ୍ୟ ବାଜିଥାଏ ।

ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଗଉଡ଼ଦେଓପାଲି ପଞ୍ଚାୟତର ହିରିଗୁଡା ଗାଁରେ ମାତ୍ର କେତୋଟି ପରଜା ପରିବାର ଏହି ନାଚକୁ ଆଜି ପର୍ଯ୍ୟନ୍ତ ବଞ୍ଚେଇ ରଖିଛନ୍ତି । ଏହି ନାଚରେ ୧୦ରୁ ୧୫ ଜଣ ପୁରୁଷ ନର୍ତ୍ତକ ହାତରେ ଦୁଇ ଖଣ୍ଡ ଲେଖାଏ କାଠି ଧରି ନାଚ କରିଥାନ୍ତି । ହାତରେ କାଠି ଧରି ନାଚ କରାଯାଉଥିବାରୁ ଏହାକୁ କାଠି ନାଚ ବୋଲି କୁହାଯାଉଛି ।

ଏହି ନାଚରେ ପ୍ରାୟ ୨୦ରୁ ୩୦ ଜଣ ପୁରୁଷ ଅଂଶଗ୍ରହଣ କରିଥାନ୍ତି । ସମସ୍ତେ ହାତରେ ଦୁଇ ଖଣ୍ଡ ଲେଖାଏଁ କାଠି ଧରି ନୃତ୍ୟ କରିଥାନ୍ତି । ନର୍ତ୍ତକମାନେ ମୁଣ୍ଡରେ ମୟୂର ପୁଚ୍ଛ ସହିତ ପଗଡ଼ି ପିନ୍ଧିଥାନ୍ତି । ପାଦରେ ଘୁଂଘୁର ବାନ୍ଧିଥାନ୍ତି । ଏମାନେ ଗୋଟିଏ ବୃତ୍ତାକାର ପଥରେ ଘୁରିଘୁରି ନାଚିଥାନ୍ତି । ପରସ୍ପର ହାତରେ ଧରିଥିବା କାଠିକୁ କାଠି ସହିତ ପ୍ରହାର କରିଥାନ୍ତି । କାଠି ସହ କାଠିର ମାଡ ହେଲାବେଳେ ସେଥିରୁ ଠକ୍ ଠକ୍ ଶବ୍ଦ ନିର୍ଗତ ହୋଇଥାଏ ।

ଦଣ୍ଡାରି ନାଚ ଦଳର ନାଚ ଗୁରୁ ଗୀତ ବୋଲିଥାଏ ଏବଂ ଦୁଇ ତିନି ଜଣ ବାଦ୍ୟ ବଜେଇଥାନ୍ତି । ନାଚ ଗୁରୁଙ୍କ ଗୀତ ଏବଂ ବାଦ୍ୟର ତାଳେତାଳେ ଏମାନେ ନାଚିଥାନ୍ତି ।

Digitized by srujanika@gmail.com



ହିରିଗୁଡା ଦଣ୍ଡାରି ନାଚ ଦଳର ନାଚ ଗୁରୁ ହେଉଛନ୍ତି ପରଜା ବୃଦ୍ଧ ଶୁକୁ ମାଝୀ । ତାଙ୍କ ଉଦ୍ୟମରେ ଏହି ପାରଂପରିକ ନାଚ ଆଜି ପର୍ଯ୍ୟନ୍ତ ବଞ୍ଚି ରହିପାରିଛି । ହିରିଗୁଡାର ଏହି କାଠି ନାଚ ଦଳରେ ଥିବା ଅନ୍ୟ ନର୍ତ୍ତକମାନେ ହେଉଛନ୍ତି-

ଘେନୁ ମୁଦୁଲି, ଚାନ୍ଦୁ ଯାନୀ, ରଥୀ ମୁଦୁଲି, ବୁଦ୍ଧୁ ମୁଦୁଲି, କିସ୍କୁ ମାଝୀ, ବୁଦ୍ଧୁ ମାଝୀ, ରଇବାରୁ ମୁଦୁଲି, ବାୟା ମୁଦୁଲି, ଘାସି ମାଝୀ, ଦେଉତୁ ଯାନୀ । ଏମାନେ ଏହି ପାରମ୍ପରିକ କାଠି ନାଚକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିପାରିଛନ୍ତି । ଏହି ଗାଁ ବ୍ୟତୀତ ଏହି ଦଣ୍ଡାରୀ ନାଚ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ ।

## ବାଦ୍ୟଯନ୍ତ୍ର

(musical instruments)

ଶିଙ୍ଗ ବାଇଦ, ଢୋଲ, ମହୁରୀ, ଟାମକ୍, ଝୁମୁକା ଆଦି ଏହି ନୃତ୍ୟର ମୁଖ୍ୟ ବାଦ୍ୟଯନ୍ତ୍ର । ଆଦିବାସୀମାନେ ନୃତ୍ୟର ତାଳେତାଳେ ଦୁଇ ଭାଗ ହୋଇ ହାତରେ ଧରିଥିବା ଦଣ୍ଡରେ ପରସ୍ପରକୁ ବାଡେଇଥାନ୍ତି । ନାଚିଲାବେଳେ ଏହି ଆଦିବାସୀମାନେ ବିଭିନ୍ନ ପ୍ରକାର ଶବ୍ଦ ସୃଷ୍ଟି

Digitized by srujanika@gmail.com

କରିଥାନ୍ତି । ଆଦିବାସୀ ଯୁବକମାନେ ହାତରେ ଧରିଥିବା କାଠିଗୁଡ଼ିକୁ ପରସ୍ପରକୁ ପିଟିଲାବେଳେ ଏଥିରୁ ଠକ୍ ଠକ୍ ଶବ୍ଦ ନିର୍ଗତ ହୋଇଥାଏ ।

ପୁଷ୍ ପୂନେଇଁ ବ୍ୟତୀତ ଚଇତ୍ ପରବ୍, ବିଭାଘର, ଦଶାଘର, ମଣ୍ଡେଇ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀମାନଙ୍କରେ ମଧ୍ୟ ଦଣ୍ଡାରି ନାଚ ବା କାଠି ନାଚ ପରିବେଷଣ କରାଯାଇଥାଏ । ତେବେ ବର୍ତ୍ତମାନ ନବରଙ୍ଗପୁର ଅଞ୍ଚଳର କିଛି କିଛି ରାଜନୈତିକ କାର୍ଯ୍ୟକ୍ରମରେ ଏହି ନୃତ୍ୟ ପରିବେଷଣ କରାଯାଉଥିବାର ଦେଖାଯାଉଛି ।

ଏବେ ପ୍ରାୟ ଏହି ନାଚଗୀତ ବନ୍ଦ ହୋଇଯିବାକୁ ବସିଥିବାବେଳେ କିଛିକିଛି ଗାଁରେ ଯୁବକମାନଙ୍କ ଉଦ୍ୟମରେ ଏହାର ପୁନରୁଦ୍ଧାର ସମ୍ଭବ ହୋଇଛି । ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ସିନ୍ଧିଗୁଡା ଗାଁର ଯୁବକ ଜଗତରାମ ହରିଜନଙ୍କ ଉଦ୍ୟମରେ ଏକ ଦଣ୍ଡାରି ନାଚ ଦଳ ଗଢାଯାଇପାରିଛି । ଏହା ସହିତ ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ମେଣ୍ଟ୍ରି ପଞ୍ଚାୟତର ବାଦିଗୁଡା ଗାଁରେ ମଧ୍ୟ ଏକ ଦଣ୍ଡାରୀ ନୃତ୍ୟ ଦଳ ଗଠନ କରାଯାଇଛି । ଝରିଗାଁ, ଉମରକୋଟ ଅଞ୍ଚଳରେ ମଧ୍ୟ ଦଣ୍ଡାରୀ ନାଚ ଏବେବି ଲୋକପ୍ରିୟତା ହରେଇନାହିଁ ।

ନନ୍ଦାହାଣ୍ଡି ବ୍ଲକ୍‌ର ସିନ୍ଧିଗୁଡା ଗାଁ ଜଗତରାମ ହରିଜନ ଏହି ଦଳର ନାଚ ଗୁରୁ ଥିବାବେଳେ ଗାଁର କମଳ ହରିଜନ, ପିତାମ୍ବର ହରିଜନ, ଶଙ୍କର ହରିଜନ, ଅଭି ହରିଜନ, ତ୍ରିନାଥ ହରିଜନ, କୃଷ୍ଣ ହରିଜନ, ରଘୁନାଥ ହରିଜନ, କୃତିବାସ ହରିଜନ, ସନ୍ନ୍ୟାସୀ ହରିଜନ, ଭଗବାନ୍ ହରିଜନ, ଭୁପେନ୍ଦ୍ର ହରିଜନ, କୈଳାସ ହରିଜନ, ପଦମନ୍ ହରିଜନ, ପିଲୁମନ୍ ହରିଜନ, ମାନ୍‌ସିଂ ହରିଜନ ପ୍ରମୁଖ ଏଥିରେ ନୃତ୍ୟ କରିଥାନ୍ତି । ଏମାନେ ନବରଙ୍ଗପୁର ଜିଲ୍ଲାର ମଣ୍ଡେଇ ଲୋକ ମହୋତ୍ସବରେ ଅଂଶଗ୍ରହଣ କରି ବେଶ ସୁନାମ ଅର୍ଜନ କରିସାରିଛନ୍ତି ।

(ତଥ୍ୟ ଓ ଗୀତ ସଂଗ୍ରହ:

ଶୁକୁ ମାଝୀ (ନାଚଗୁରୁ), ଘନୁ ମୁଦୁଲି, ଚାନ୍ଦୁ ଯାନୀ, ରଥୀ ମୁଦୁଲି, ବୁଦ୍ଧୁ ମୁଦୁଲି, କିସ୍‌କୁ ମାଝୀ, ବୁଦ୍ଦୁ ମାଝୀ, ରଇବାରୁ ମୁଦୁଲି, ବାଯ଼ା ମୁଦୁଲି, ଘାସି ମାଝୀ, ଦେଉତୁ ଯାନୀ

ଗ୍ରାମ: ହିରିଗୁଡା, ପଞ୍ଚାୟତ: ଗଉଡ଼ଦେଓପାଲି, ବ୍ଲକ୍: ତେନ୍ତୁଳିଖୁଣ୍ଟି, ଜିଲ୍ଲା: ନବରଙ୍ଗପୁର

ଏବଂ

ଜଗତରାମ ହରିଜନ, ପିତାମ୍ବର ହରିଜନ

ଗ୍ରାମ: ସିନ୍ଧିଗୁଡା, ପଞ୍ଚାୟତ: ସିନ୍ଧିଗୁଡା, ବ୍ଲକ୍: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର)

Digitized by srujanika@gmail.com

# ନବରଙ୍ଗପୁର ଜିଲ୍ଲାର ଖଟ୍‌ଲା ବାଜା ନାଚ

## ('Khatla Baja'; the tribal folk dance)

ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ କଣ୍ଟାଗାଁ ପଞ୍ଚାୟତର ମୁଣ୍ଡାଗୁଡା ଗାଁରେ ମାତ୍ର କେତୋଟି ପରଜା ପରିବାର ଏହି ନାଚକୁ ଆଜି ପର୍ଯ୍ୟନ୍ତ ବଞ୍ଚେଇ ରଖିଛନ୍ତି । ଏହି ନାଚରେ 'ଖଟ୍‌ଲା ବାଜା'ଟି ମୁଖ୍ୟ ବାଦ୍ୟଯନ୍ତ୍ର ହୋଇଥିବାରୁ ଏହାକୁ ଖଟ୍‌ଲା ବାଜା ନାଚ କୁହାଯାଉଛି । ଖଟ୍‌ଲା ବାଜା ହେଉଛି ପରଜାମାନଙ୍କର ଏକ ପାରମ୍ପରିକ ବାଦ୍ୟଯନ୍ତ୍ର । ଏହା କାଠରେ ନିର୍ମିତ ହୋଇଥାଏ । ଏଥିରେ ଚମଡା ବ୍ୟବହାର କରାଯାଇ ନଥାଏ ।

## ପୋଷାକ ଓ ଅଳଙ୍କାର

## (costume & ornaments)

ଏହି ନାଚରେ ପ୍ରାୟ ୫ରୁ ୧୦ ଜଣ ପୁରୁଷ ନର୍ତ୍ତକ ଓ ୫ରୁ ୧୦ ଯୁବତୀ ଅଂଶଗ୍ରହଣ କରିଥାନ୍ତି । ଉଭୟ ନର୍ତ୍ତକ ଓ ନର୍ତ୍ତକୀମାନେ ମୁଣ୍ଡରେ ମୟୂର ପୁଚ୍ଛ ସହିତ ପଗଡ଼ି ପିନ୍ଧିଥାନ୍ତି । ପାଦରେ ଘୁଂଗୁର ବାନ୍ଧିଥାନ୍ତି । ଦେହରେ ବିଭିନ୍ନ ରଙ୍ଗର ଜରି ପୋଷାକ ପରିଧାନ କରିଥାନ୍ତି । ପିଠି ପଛରେ ଲମ୍ବାଲମ୍ବା ମୟୂର ପୁଚ୍ଛକୁ ଧନୁ ତୁଣୀର ଭଳି ବାନ୍ଧିଥାନ୍ତି । ଏମାନେ ଗୋଟିଏ



Digitized by srujanika@gmail.com

ବୃତ୍ତାକାର ପଥରେ ଘୁରିଘୁରି ନାଚିଥାନ୍ତି । ଯୁବକମାନେ ଖଟ୍‌ଲା ବାଜା, ଗିନି, ଢୋଲ୍, ଟାମକ୍, ଝିକା ଆଦି ବାଦ୍ୟ ଯନ୍ତ୍ର ଧରି ବାଜା ବଜେଇବା ସାଙ୍ଗକୁ ନାଚ କରିଥାନ୍ତି । ନାଚ ଗୁରୁ ପଛ ଭାଗରେ ରହି ଗୀତ ବୋଲିଥାଏ । ନାଚ ଗୁରୁଙ୍କ ଗୀତ ଏବଂ ବାଦ୍ୟର ତାଳେତାଳେ ଉଭୟ ଧାଙ୍ଗଡା ଓ ଧାଙ୍ଗିଡ଼ି ନାଚିଥାନ୍ତି ।

ମୁଣ୍ଡାଗୁଡା ଖଟ୍‌ଲା ବାଜା ନାଚ ଦଳର ନାଚ ଗୁରୁ ହେଉଛନ୍ତି ପରଜା ମଙ୍ଗୁଲୁ ଯାନୀ । ତାଙ୍କ ଉଦ୍ୟମରେ ଏହି ପାରଂପରିକ ନାଚ ଆଜି ପର୍ଯ୍ୟନ୍ତ ବଞ୍ଚି ରହିପାରିଛି । ଏହି ଗାଁର ଶୁକ୍ରୁ ଯାନୀ, ବୁଢୁରାମ ଯାନୀ, ମସ୍ତୁରାମ ଯାନୀ, କେଶବ ଯାନୀ, ସଦନ ଯାନୀ, ଅର୍ଜୁନ ଯାନୀ, କେଶରୀ ଯାନୀ, ବୁଦ୍ଧୁ ଯାନୀ ପ୍ରମୁଖ ପୁରୁଷ ନର୍ତ୍ତକ ହୋଇଥିବାବେଳେ ମହିଳା ନର୍ତ୍ତକୀମାନଙ୍କ ମଧ୍ୟରେ ତାଳିମ୍ବ ଯାନୀ (ପ୍ରଥମ), ଜେମା ଯାନୀ, ମୁକ୍ତା ଯାନୀ, ଦନାଇ ଯାନୀ, ତାଳିମ୍ବ ଯାନୀ (ଦ୍ୱିତୀୟ) ଯୁବତୀମାନେ ନାଚରେ ପ୍ରମୁଖ ଅଂଶଗ୍ରହଣ କରିଥାନ୍ତି । ଏହି ଗାଁର ଏହି ପରଜା ଯୁବକ, ଯୁବତୀମାନେ ପାରମ୍ପରିକ ଖଟ୍‌ଲା ବାଜା ନାଚକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିପାରିଛନ୍ତି ।

## ବାଦ୍ୟଯନ୍ତ୍ର

(musical instruments)

ଏହି ନୃତ୍ୟରେ ବ୍ୟବହୃତ ମୁଖ୍ୟ ବାଦ୍ୟଯନ୍ତ୍ର ହେଉଛି ଖଟ୍‌ଲା ବାଜା । ଅନ୍ୟ ବାଦ୍ୟଯନ୍ତ୍ରଗୁଡି



Digitized by srujanika@gmail.com

ମଧ୍ୟରେ ଢୋଲ୍, ଟାମକ୍, ଝିକା, ଗିନି ଆଦି ବ୍ୟବହାର କରାଯାଇଥାଏ ।

ଖଟ୍‌ଲା ବାଦ୍ୟଯନ୍ତଟି ଏକ ନିଦା କାଠ ଗଣ୍ଡିରୁ ନିର୍ମିତ ହୋଇଥାଏ । ଏଥିରେ ଆଦୌ ଚମଡାର ବ୍ୟବହାର କରାଯାଇ ନଥାଏ । କେବଳ କାଠ ଗଣ୍ଡିକୁ ଖୋଦେଇ କରି ଏକ କୁଲା ଆକୃତିର କରାଯାଏ । ଏହାର ମଧ୍ୟ ଭାଗରେ ହାତ ପଶିଲା ପରି ଦୁଇଟି ଗର୍ତ୍ତ କରାଯାଇଥାଏ । ଏହି ଦୁଇଟି ଗର୍ତ୍ତରେ ହାତ ଗଳେଇ ବାଦ୍ୟଯନ୍ତ୍ରଟିକୁ ପେଟ ସାମନାରେ ରଖି ଦୁଇ ଖଣ୍ଡ କାଠି ସହାୟତାରେ ବାଦକଟି ବଜେଇଥାଏ । ଏଥିରେ ଏକ ଦଉଡି/ଫିତା ଲଗାଯାଇ ନଥାଏ । ମୋଟ ଉପରେ କହିବାକୁ ଗଲେ, ଏହି ବାଦ୍ୟଯନ୍ତଟି ଦୁଇଟି ଗର୍ତ୍ତ ଥିବା ଏକ କାଠ ପଟା । ଏହା ମଧ୍ୟ ଧୁତୁରା ଭଳି କାଠ ହଣା ଚଢ଼େଇ କାଠରେ ଥଣ୍ଟ ପିଟୁଥିବା ଭଳି ଶବ୍ଦ ଏଥିରୁ ନିର୍ଗତ ହୋଇଥାଏ । ବିଶେଷକରି ମଇଁଷି ବେକରେ ବନ୍ଧାଯାଇଥିବା କାଠ ଘଣ୍ଟିର ଠକ୍‌ଠାକ୍ ଠକ୍‌ଠାକ୍ ଶବ୍ଦ ଭଳି ଏହା ହୋଇଥାଏ ।

ସେହିପରି ଝିକା ମଧ୍ୟ ଏକ କାଠ ନିର୍ମିତ ବାଦ୍ୟଯନ୍ତ୍ର । ନବରଙ୍ଗପୁର ଅଞ୍ଚଳର ଆଦିବାସୀମାନେ ଏହି ବାଦ୍ୟଯନ୍ତ୍ରଟିର ବହୁଳ ବ୍ୟବହାର କରିଥାନ୍ତି । ସନ୍ଧିପଦ ଜୀବ ଭଳି ଏହି ବାଦ୍ୟଯନ୍ତଟି କେତେ ଖଣ୍ଡ କାଠ ପଟାର ସମାହାରରେ ନିର୍ମିତ ହୋଇଥାଏ । ଏହି ଛୋଟଛୋଟ କାଠ ପଟାକୁ ପରସ୍ପର ସହ ସୁତା କିମ୍ବା ହୁଗୁଳା ନଟ୍ ବୁଲ୍‌ଟ ଦ୍ୱାରା ସଂଯୋଗ କରାଯାଇଥାଏ । କାଠ ପଟାଗୁଡିକର ସଂଯୋଗସ୍ଥଳ ହୁଗୁଳା ହୋଇଥିବାରୁ ଏହା ସହଜରେ ସଂକୋଚିତ ଓ ସମ୍ପ୍ରସାରିତ ହୋଇଥାଏ । ଏହାକୁ ସଂକୋଚନ ଓ ସମ୍ପ୍ରସାରଣ କଲାବେଳେ ଏଥିରୁ ଠକ୍ ଠକ୍ କରି ଶବ୍ଦ ନିର୍ଗତ ହୋଇଥାଏ ।ବିଶେଷକରି ପୁଷ୍ ପୂନେଇଁ, ଚଇତ୍ ପରବ୍, ବିଭାଘର, ଦଶାଘର, ମଣ୍ଡେଇ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀମାନଙ୍କରେ ଏହି କାଠି ନାଚ ପରିବେଷଣ କରାଯାଇଥାଏ । ତେବେ ବର୍ତ୍ତମାନ ନବରଙ୍ଗପୁର ଅଞ୍ଚଳର କିଛି କିଛି ରାଜନୈତିକ କାର୍ଯ୍ୟକ୍ରମରେ ଏହି ନୃତ୍ୟ ପରିବେଷଣ କରାଯାଉଥିବାର ଦେଖାଯାଉଛି ।

ଖଟ୍‌ଲା ବାଜା ନାଚ ସମୟରେ ଉଭୟ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚ କରିଥାନ୍ତି । ଧାଙ୍ଗିଡ଼ିମାନେ ଗୀତ ବୋଲୁଥିବାବେଳେ ଧାଙ୍ଗଡ଼ାମାନେ ବାଦ୍ୟଯନ୍ତ୍ର ବଜେଇବା ସାଙ୍ଗକୁ ନାଚ କରିଥାନ୍ତି । ତେବେ ଅଧିକାଂଶ ସମୟରେ ନାଚ ଗୁରୁ ହିଁ ଗୀତ ବୋଲୁଥିବାର ଦେଖାଯାଇଥାଏ । ଏହି ନାଚ ଗୁରୁ ଜଣକ ମହିମା ଅଲେଖ ଧର୍ମରେ ଦୀକ୍ଷିତ ହୋଇଥିବାରୁ ଏମାନଙ୍କର ଅଧିକାଂଶ ଗୀତ ମହିମା ଅଲେଖ ଧର୍ମ ସମ୍ପର୍କିତ ।

**ଖଟ୍‌ଲା ବାଜା ନାଚ ଗୀତ:**

"ଶୂନ୍ୟେ ମନ୍ଦିରେ ବିହାର
ରୂପ ନାଇଁ ଜାଆର୍

Digitized by srujanika@gmail.com

ଦିତି ପାଦ ନ ମିଶାଇ
ଏକ ପାଦ ଦରଦର
ଅଲେକ ପାଟରେପୁର
ସେଠାରେ ତାଙ୍କ ଘର
ନାଇଁ ଶରଦ ଭକ୍ଷୀ
ସାଦୁ ଜନେ ହେତୁ କର......

(ତଥ୍ୟ ଓ ଗୀତ ସଂଗ୍ରହ: ମଙ୍ଗୁଲୁ ଯାନୀ (ନାଟଗୁରୁ), ଶୁକ୍ରୁ ଯାନୀ, ବୁଦ୍ଧୁରାମ ଯାନୀ, ମସ୍ତୁରାମ ଯାନୀ, କେଶବ ଯାନୀ, ସଦନ ଯାନୀ, ଅର୍ଜୁନ ଯାନୀ

ଗ୍ରାମ: ମୁଣ୍ଡାଗୁଡା, ପଞ୍ଚାୟତ: କଣ୍ଟାଗାଁ, ବ୍ଲକ୍: ତେନ୍ତୁଳିଖୁଣ୍ଟି, ଜିଲ୍ଲା: ନବରଙ୍ଗପୁର)

## ନବରଙ୍ଗପୁର ଜିଲ୍ଲାର ପ୍ରସିଦ୍ଧ 'ପେଟାପର୍ଶୁ ନାଚ'

**(Petaparsu; tribal theatrical dance of Nabarangapur)**

ପେଟାପର୍ଶୁ ନାଚ ଏକ ଅହୋରାତ୍ର ନାଟ । ଏହା ଦେଶିଆ ନାଟ ଭଳି ଏକ



Digitized by srujanika@gmail.com

ଗୀତାଭିନୟ ପର୍ଯ୍ୟାୟର ନାଟ । ଏହି ଲୋକ ନାଟ୍ୟ କଳା ସହିତ ଉପକୂଳ ଅଞ୍ଚଳର ଗଣକବି ଗୋପାଳ ଦାଶ କିମ୍ବା ବୈଷ୍ଣବ ପାଣିଙ୍କ ଗୀତାଭିନୟ ସହିତ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, ପାପଡାହାଣ୍ଡି ଆଦି ଅଞ୍ଚଳରେ ଏହି ନାଚର ବେଶ୍ ଆଦର ରହିଛି । ଏଠାକାର ପରଜା ସଂପ୍ରଦାୟର ଆଦିବାସୀମାନେ ଏହି ନାଚଟିକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖି ପାରିଛନ୍ତି । ପରଜାମାନେ ବିଶେଷକରି ଚଇତ୍ ପରବ୍ ଓ ପୁଷ୍ ପୁନେଇଁ ବେଳକୁ ରାତିରାତି ଧରି ପେଟାପର୍ଣ୍ଣୁ ନାଟ ପରିବେଷଣ କରିଥାନ୍ତି । ଆଉ ବେଳେବେଳେ 'ମଣ୍ଡେଇ' ଉ ବରେ ଏଠାକାର କଳାକାରମାନେ ମଧ୍ୟ ପରିବେଷଣ କରିଥାନ୍ତି ।

ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଦିଗି ପଞ୍ଚାୟତରେ ରହିଛି ଏକ ପରଜାବହୁଳ ଆଦିବାସୀ ଗାଁ: ପଣସପଦର । ଏହି ଗାଁଟିର ଶତକଡା ନବେ ଭାଗ ଲୋକେ ପରଜା ସଂପ୍ରଦାୟର । ପଣସପଦର ଗାଁର ପରଜା କୁମନ ମୁଦୁଲି ଏହି ପେଟାପର୍ଣ୍ଣୁ ନାଚର ନାଟଗୁରୁ ଅଟନ୍ତି । ତାଙ୍କ ନେତୃତ୍ୱରେ ଗଢାଯାଇପାରିଛି ଏହି ନାଟ ଦଳ । ଏହି ଦଳଟିରେ ୨୦ରୁ ୩୦ ଜଣ ସଦସ୍ୟ ଅଛନ୍ତି । ପଣସପଦର ଗାଁର ହରିହର ମୁଦୁଲି, ସବା ମୁଦୁଲି, ଥବିର ମୁଦୁଲି, ମାନି ମୁଦୁଲି, ମଦନ ମୁଦୁଲି, ଉଦ୍ଧବ ମୁଦୁଲି, ମଦନ ମୁଦୁଲି, ପୁଷ୍ପ ମୁଦୁଲି, ଜୟଦାସ ମୁଦୁଲି, ବଳି ଯାନୀ, କେଶବ ମୁଦୁଲି, ଡ଼ମ୍ବରୁଧର ମୁଦୁଲି, ହରିହର ନାଏକ, ଅଭି ମୁଦୁଲି, ରାମ ମୁଦୁଲି ଆଦି ପରଜାମାନେ ଏହି ନାଟ ଦଳରେ ଅଂଶଗ୍ରହଣ କରିଥାନ୍ତି । ଏମାନେ ମୁଖ୍ୟତଃ ଚଇତ୍ ପରବ ଓ ପୁଷ୍ ପୁନେଇଁ ବେଳକୁ ନିଜ ଗାଁରେ ବେଶ ପୋଷାକ ପରିଧାନ କରି ଏହି ପାରଂପରିକ ନୃତ୍ୟ ପରିବେଷଣ କରିଥାନ୍ତି ।

## ବାଦ୍ୟଯନ୍ତ୍ର

(musical instruments)

ଏହି ନାଚ ପାଇଁ ମାଦଳ, ଟାମକ୍, ତିଡ଼ିବିଡ଼ି, ଝୁମୁକା, ଗିନି ଭଳି ପାରମ୍ପରିକ ବାଦ୍ୟଯନ୍ତ୍ରର ବ୍ୟବହାର କରିଥାନ୍ତି । ତେବେ ବର୍ତ୍ତମାନ ପରିବର୍ତ୍ତିତ ଯୁଗକୁ ଦେଖି ଏମାନେ ବିଭିନ୍ନ ପ୍ରକାର ଆଧୁନିକ ବାଦ୍ୟଯନ୍ତ୍ରର ବ୍ୟବହାର କଲେଣି । ବାଦ୍ୟଯନ୍ତ୍ର ପରିବେଷଣ କରିବା ପାଇଁ ପାଞ୍ଚରୁ ଦଶ ଜଣ ପରଜା ନିୟୋଜିତ ଥାଆନ୍ତି । ଐତିହାସିକ, ପୌରାଣିକ ଏବଂ ସାମାଜିକ ପ୍ରସଙ୍ଗକୁ ନେଇ ନାଟଗୁରୁ ଗାଁର କଳାକାରମାନଙ୍କୁ ନାଟ ନିର୍ଦ୍ଦେଶନା ଦେଇଥାନ୍ତି । ରାତି ତମାମ୍ ଏହି ନାଟ ଚାଲିଥାଏ । ଏହା ବିଶେଷକରି ଗୀତ ଆକାରରେ ପରିବେଷଣ କରାଯାଇଥାଏ ।

Digitized by srujanika@gmail.com

## ପୋଷାକ ଓ ଅଳଙ୍କାର

## (costume & ornaments)

କଳାକାରମାନେ ଦେହରେ ବିଭିନ୍ନ ପ୍ରକାର ଜରିଲଗା ପୋଷାକ, ମୁଣ୍ଡରେ ମୁକୁଟ, ପାଦରେ ଘୁଙ୍ଗୁର, ହାତରେ ସାଙ୍ଗୁ, ଆଖିରେ ଚଷମା ଏବଂ ସର୍ବୋପରି ଦୃଶ୍ୟର ଚାହିଦାକୁ ଲକ୍ଷ୍ୟ କରି ପୋଷାକ ପରିଧାନ କରିଥାନ୍ତି ।

ନାଚଗୁରୁ ଗୀତ ବୋଲେ ଓ ବାଦକମାନେ ବାଦ୍ୟ ପରିବେଷଣ କରିଥାନ୍ତି । ଗୀତ ଓ ବାଦ୍ୟର ତାଳେତାଳେ କଳାକାରମାନେ ଅଭିନୟ କରିଥାନ୍ତି । ଗୀତ ମାଧ୍ୟମରେ ପ୍ରଥମେ ସେମାନେ ନିଜନିଜର ଗ୍ରାମ ଦେବତା ଓ ଦେବୀ ବନ୍ଦନା କରିବା ପରେ ବିଷୟବସ୍ତୁକୁ ପ୍ରବେଶ କରନ୍ତି ।

ପୁଷ୍ ପୁନେଇଁ କିମ୍ବା ଚଇତ୍ ପରବ ବେଳକୁ ପରଜାମାନେ ଉ   ବମୁଖର ହୋଇ ପଡିଥାନ୍ତି । ସନ୍ଧ୍ୟା ହେଲା ମାତ୍ରେ ଖାଇପିଇ ସଜବାଜ ହୋଇ ଧାଙ୍ଗଡା, ଧାଙ୍ଗିଡି, ଡୋକରା, ଡୋକରୀମାନେ



Digitized by srujanika@gmail.com

ନାଟ ଦେଖିବାକୁ ବାହାରି ପଡ଼ନ୍ତି । ଅନେକ ସମୟରେ ଦେଖାଯାଏ ନାଟ ହେଉଥିବା ସ୍ଥାନର ଚତୁର୍ପାର୍ଶ୍ୱରେ ଥିବା ରାସ୍ତାଗୁଡିକ ଦେଇ ଆଦିବାସୀ ଧାଙ୍ଗଡା, ଧାଙ୍ଗିଡିମାନଙ୍କ ସୁଅ ଛୁଟିଥାଏ । ପୂର୍ବକାଳରେ ବିଶେଷ କରି ପୂର୍ଣ୍ଣିମା ଏବଂ ଶୁକ୍ଳପକ୍ଷରେ ହିଁ ଏହି ନାଟର ଆୟୋଜନ କରାଯାଉଥିଲା ବୋଲି କହନ୍ତି ନାଟଗୁରୁ କୁମନ ମୁଦୁଲି । ପୂର୍ଣ୍ଣିମା କିମ୍ବା ପୂର୍ଣ୍ଣିମାର ପର କିଛି ଦିନରେ ପୃଥିବୀ ପୃଷ୍ଠରେ ବିଛାଡି ହୋଇ ପଡିଥିବା ଚନ୍ଦ୍ର ଆଲୋକରେ ପେଟାପର୍ଶୁ ନାଚ ଖୁବ୍ ଜମି ଉଠୁଥିଲା । ତେବେ ବର୍ତ୍ତମାନ ପେଟ୍ରୋମାକ୍ସ ଲାଇଟ୍ ଏମିତିକି ଜେନେରେଟର ବ୍ୟବହାର କରି ପରଜାମାନେ ନାଚ କରୁଥିବା ଦେଖିବାକୁ ମିଳେ ।

ପେଟାପର୍ଶୁ ନାଚରେ ପୌରାଣିକ ବିଷୟବସ୍ତୁ ମୁଖ୍ୟ ସ୍ଥାନ ଗ୍ରହଣ କରିଥାଏ । ଏହାବ୍ୟତୀତ କିଛି କାଳ୍ପନିକ କଥାବସ୍ତୁ ଓ ସାମାଜିକ କାହାଣୀ ଏବେ ଏହି ନାଚରେ ସ୍ଥାନ ପାଇଲାଣି ।

## ପେଟାପର୍ଶୁ ନାଚ ଗୀତ ନଂ୧

"ସଭା ସ୍ଥଳେ ଆସି ସେ ଦୁଇ ଜଣ
ସାରୁଲାଙ୍କ ନାମ ଧରିଲେ
ପୁଣ ଗୁରୁ ପାଦେ ନମସ୍କାର
ଏ ସଭା ମଧ୍ୟରେ କବିତା ବାନ୍ଧିଲେ ପେଟା ପରଶୁ
କଙ୍ଗା ର ଆହେ ସଭାଜନେ
ବଲେଙ୍ଗା ବାଉଁଶ ପାତଳ ପଲା
ହସଲ କଥାଟା ମନେ ପଡ଼ିଲା ଶୁଣ
ଆହେ ସଭାଜନେ
ପେଟାହାଣ୍ଡି ପର୍ଶୁ କବିତା ବାନ୍ଧିଲେ
ମନକର୍ଣ୍ଣ ଦେଇ ଶୁଣ
ବାବୁ ପେଟା ପରଶୁ କବିକେ କବି ବାନ୍ଧିବୁ
ଆଛେ ଶୁନିବା ଲୋକ ଶୁନା ନାଇଁ
ଶୁନିବା ଲୋକଙ୍କ ଗୁମର କଡା....."

## ପେଟାପର୍ଶୁ ନାଚ ଗୀତ ନଂ୨

## (ଓଡ଼ିଆ ଡ଼ମଣୀ ଗମନ)

Digitized by srujanika@gmail.com

"ତାଙ୍କର ଖଦି ପିନ୍ଧା ଝିଲର ବୀଣା ଓଡ଼ିଆ ଡ଼ମଣୀ ହୋ (୨ଥର)
ଏକ ମେଲ ହୋଇ ବାହାର ହୋଇଲେ
ସାଙ୍ଗସ୍ତରେ ପୁଣି ଯେ, ତାଙ୍କର.....
ଖାଧେ ପଡ଼ା କସା ମୁଣ୍ଡରେ ବାନ୍ଧି
ଗୁମୁଣ୍ଡା କାରିଆ ପାଟାକେ ପିନ୍ଧି
ଏକ ମେଲ ହୋଇ ବାହାର ହୋଇଲେ
ସେ ତିନି ବଉନି ହୋ ତାଙ୍କର......
ଚିପ୍ ମାଳି ସଂଗେ ଲବଙ୍ଗ କେତି
ଖଞ୍ଜା ଲୁଲି ସଂଗେ କାନ ବାଉଲି
ହାତେ ଟିକି ମୁଦି ନକଲି ପଟା
ସଭା ଦୁଶେ ପୁଣି ଯେ, ତାଙ୍କର......
ନିକି ବୁଡ଼ା ଖଦି ଦେଖିଲେ ସଭା
କସାରେ ମାଳତୀ ଫୁଲର ଗଭା
ରଂଗେ ଚଲିଗଲେ ସଭାରେ ମିଳିଲେ
ସେ ତିନି ଭଉଣୀ ଯେ, ତାଙ୍କର
ତିନି ଭାଇଙ୍କର ବାରିତା ଶୁନି
ବାହାର ହୋଇଲେ ତିନି ଭଉଣୀ
ବଲେ କୁମନ ମୁଦୁଲି ରଚିଲା ଗୀତେ
ବାହାରିଲେ ଏକ ମେଲ ତୁରିତେ
ପେଟା: ଅଜେରେ ହାଣ୍ଡି ପର୍ଣ୍ଣୁ ଦେକୁଦେକୁ ଭଇନି ଗୋଟେକ୍
ଧାଙ୍ଗଣି ହେଲା, ଘରଜାଇ ଧରଜାର ନଇଲେ କୁନ୍ତି
ଦିଆ ପାକାଏ ଜାଉ
ହାଣ୍ଡିପର୍ଣ୍ଣୁ: ଆମର ତିନି ଲୋକର ମନ ହେଲେ ହେଜେକି
ଦାଦାଘର ମାଇଜିମାନେ କାୟ କଲୁ ଆୟଲାକି
ତାକା ମୁଦିର କାଥା ବିଚାର ହେବାର ଆଚେ
ପେଟା: ତ଼ାକା ତେଜେରେ

Digitized by srujanika@gmail.com

ହାଣ୍ଡି: ଡାକ୍‌ରେ ପର୍ଶୁ

ପର୍ଶୁ: ଆସାଗୋ ହେରା ପାଲେନ ମାନେ

କୁନ୍ କୁନ୍ ବାଟେ ଆଚାସ ହେଲେ……

(ତଥ୍ୟ ଓ ଗୀତ ସଂଗ୍ରହ: କୁମନ ମୁଦୁଲି (ନାଚଗୁରୁ), ହରିହର ମୁଦୁଲି, ସବା ମୁଦୁଲି, ଉଦ୍ଧବ ମୁଦୁଲି, ମଦନ ମୁଦୁଲି

ଗ୍ରାମ: ପଣସପଦର, ପଞ୍ଚାୟତ: ଦିଗି, ବ୍ଲକ୍: ତେନ୍ତୁଳିଖୁଣ୍ଟି, ଜିଲ୍ଲା: ନବରଙ୍ଗପୁର)

## ନବରଙ୍ଗପୁରର ପ୍ରସିଦ୍ଧ 'ମାଢ଼ିଆ ନାଚ'

## (Madhia dance of Nabarangapur)

ନବରଙ୍ଗପୁର ଅଞ୍ଚଳରେ ଏହି ଛତିଶ୍‌ଗଡି ଆଦିବାସୀ ନୃତ୍ୟଟି ବେଶ୍ ଲୋକପ୍ରିୟତା ହାସଲ କରିପାରିଛି । ଛତିଶଗଡ଼ର ବସ୍ତର, ଦନ୍ତେୱାଡା, ଜଗଦଳପୁର ଆଦି ଅଞ୍ଚଳ ସହିତ ନବରଙ୍ଗପୁର ଜିଲ୍ଲାର ଆଦିବାସୀମାନଙ୍କର ସାଂସ୍କୃତିକ ମିଳନ ଘଟିପାରିଛି । ବିଶେଷକରି ନବରଙ୍ଗପୁର ଓ କୋଷାଗୁମୁଡା ଅଞ୍ଚଳର ଭତରା ଆଦିବାସୀମାନେ ବିଭିନ୍ନ ଉ ବ ଓ ପର୍ବପର୍ବାଣୀ ସମୟରେ ମାଢିଆ ନୃତ୍ୟ ପରିବେଷଣ କରିଥାନ୍ତି । ସେହିପରି ଏକ ଭତରାବହୁଳ ଗାଁ ହେଉଛି କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ ବାଲେଙ୍ଗା ପଞ୍ଚାୟତର ତୋକ୍‌ରୀଭଟା ଗାଁ । ଏହି ଗାଁର ଭତରା ସମ୍ପ୍ରଦାୟର ଆଦିବାସୀମାନେ ଏହି ପାରମ୍ପରିକ ମାଢିଆ ନାଚ ପରିବେଷଣ କରି ବେଶ ସୁନାମ ଅର୍ଜନ କରିପାରିଛନ୍ତି ।

ବିଶେଷକରି ଭତରାମାନେ ପର୍ବପର୍ବାଣୀ ସମୟରେ ମାଢିଆ ନାଚ ପରିବେଷଣ କରିଥାନ୍ତି । ବିଭାଘର, ଦଶାଘର, ପୁଷ୍ ପୁନେଇ, ଚଇତ୍ ପରବ୍, ଦିଆଲି ପରବ୍ ଏବଂ ସର୍ବୋପରି ଦଶହରା ସମୟରେ ଭତରାମାନେ ମାଢିଆ ନୃତ୍ୟ ମାଧ୍ୟମରେ ସେମାନଙ୍କର ମନୋରଞ୍ଜନ କରିଥାନ୍ତି । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାର ଲୋକ ମହୋ ବ 'ମଣ୍ଡେଇ' କିମ୍ବା କୋରାପୁଟର 'ପରବ୍'ରେ ଏମାନେ ଏହି ନୃତ୍ୟ ପରିବେଷଣ କରି ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି । ବର୍ତ୍ତମାନ ଦେଖାଯାଉଛି, ନେତା କିମ୍ବା ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଏମାନେ ମାଢିଆ ନାଚ ପରିବେଷଣ କରୁଛନ୍ତି ।

ତୋକ୍‌ରୀଭଟା ଗାଁର ଭତରାମାନେ ଛତିଶଗଡର ମା ଦନ୍ତେଶ୍ୱରୀ ଦେବୀଙ୍କୁ ଆରାଧନା

Digitized by srujanika@gmail.com




କରି ଏହି ନୃତ୍ୟ ପରିବେଷଣ କରିଥାନ୍ତି । ଏହି ଗାଁର ଦାମୋଦର ଭତରା ହେଉଛନ୍ତି ଏହି ମାଢିଆ ନାଚର ନାଟଗୁରୁ । ଏହା ସହିତ ଚକ୍ରଧର ମାଝୀ ମଧ୍ୟ ଜଣେ ସହାୟକ ନାଟଗୁରୁ ଭାବେ ଏବେଏବେ ତାଙ୍କର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ନାଚରେ ପ୍ରାୟ ୧୦ରୁ ୧୫ ଜଣ ସଭ୍ୟ ଅଂଶଗ୍ରହଣ କରିଥାନ୍ତି । ଏଥିରେ କେବଳ ପୁରୁଷ ସଦସ୍ୟ ଥିଲାବେଳେ ମହିଳାମାନେ ଅଂଶଗ୍ରହଣ କରି ନଥାନ୍ତି । ତେବେ କିଛି ଭତରା ଯୁବକ ନର୍ତ୍ତକୀ ବେଶ ଧାରଣ କରି ନୃତ୍ୟ ପରିବେଷଣ କରିଥାନ୍ତି । ପୁରୁଷ ବେଶଧାରୀ ନର୍ତ୍ତକମାନଙ୍କୁ 'ମାଢିଆ' କୁହାଯାଉଥିବାବେଳେ ନାରୀ ବେଶଧାରୀ ନର୍ତ୍ତକୀଙ୍କୁ 'ମାଢେନି' କୁହାଯାଏ । ତେବେ ଏହି ନୃତ୍ୟରେ ଦୁଇ ଜଣ ମାଢିଆ ଓ ତିନି ଜଣ ମାଢେନି ମୁଖ୍ୟତଃ ନୃତ୍ୟ ପରିବେଷଣ କରିଥାନ୍ତି । ଅନ୍ୟମାନେ ବାଦ୍ୟଯନ୍ତ୍ର ଓ ଗୀତ ବୋଲିବାରେ ସହାୟତା କରିଥାନ୍ତି ।

ଡୋକ୍ରୀଭଟା ଗାଁର ଭତରା ଯୁବକ ମୀନ ପୂଜାରୀ ଓ ଗଜେନ୍ଦ୍ର ଭତରା ମାଢିଆ ଭୂମିକାରେ ଅଭିନୟ କରୁଥିବାବେଳେ ଯୁବକ ସୁଜନ୍ ପୂଜାରୀ, ମୀନ ଭତରା ଓ ବଳି ଭତରା ମାଢେନି ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି । ଏହି ପାଞ୍ଚ ଜଣ ଭତରା ଯୁବକ ମୁଖ୍ୟତଃ ମାଢିଆ ନାଚ କରିଥାନ୍ତି । ଅନ୍ୟମାନଙ୍କ ମଧ୍ୟରେ ଛକରୀ ଭତରା, ବିଦମ୍ ଭତରା ବାଦ୍ୟ ପରିବେଷଣ କରିଥାନ୍ତି ।

Digitized by srujanika@gmail.com

## ବାଦ୍ୟଯନ୍ତ୍ର

(musical instruments)

ଢୋଲ, ଝୁମୁକା, ତିଡ଼ିବିଡ଼ି ଏହି ନୃତ୍ୟରେ ବ୍ୟବହୃତ ହେଉଥିବା ପ୍ରମୁଖ ବାଦ୍ୟଯନ୍ତ୍ର । ଏମାନେ ନୃତ୍ୟ କରୁଥିବା ମାଢିଆ, ମାଢିଆଣୀଙ୍କ ପାର୍ଶ୍ୱରେ ରହି ବାଦ୍ୟ ପରିବେଷଣ କରନ୍ତି । ତେବେ ନାଟଗୁରୁ ଗୀତ ବୋଲିଥାଏ । ଗୀତ ଓ ବାଦ୍ୟର ତାଳେତାଳେ ମାଢିଆ, ମାଢିଆଣୀ ନୃତ୍ୟ ପରିବେଷଣ କରିଥାନ୍ତି ।

## ପୋଷାକ ଓ ଅଳଙ୍କାର

(costume & ornaments)

ମାଢିଆମାନେ ମୁଣ୍ଡରେ ମଇଁଷି ଶିଙ୍ଗ ଥିବା ଏକ ମୁକୁଟ ପିନ୍ଧିଥାନ୍ତି । ଏହି ମୁକୁଟଟିର ଦୁଇ ପାର୍ଶ୍ୱରେ ଦୁଇଟି ମଇଁଷି ଶିଙ୍ଗ ଲାଗିଥାଏ । ଏହା ସାଙ୍ଗକୁ ମୁକୁଟଟିରେ କଉଡି, ରଙ୍ଗୀନ୍ କାଗଜର ଝାଲର ଲାଗିଥାଏ । ମୁକୁଟଟିର ଅଗ୍ରଭାଗରେ କୁକୁଡା ପରର ଏକ ଚୂଳି ଲାଗିଥାଏ । ମାଢିଆମାନେ କାନ୍ଧରେ ଧନୁତୀର ସାଙ୍ଗକୁ ହାତରେ ଟାଙ୍ଗିଆ ଧରିଥାନ୍ତି । ଦେହରେ କଳାରଙ୍ଗର ପୋଷାକ ପରିଧାନ କରିଥାନ୍ତି । ବେକରେ କଏନ୍ ମାଳ ପିନ୍ଧିଥାନ୍ତି । ପାଦରେ ଘୁଙ୍ଗୁର ପିନ୍ଧିଥାନ୍ତି । ସେହିପରି ଯେଉଁ ଯୁବକମାନେ ମାଢିଆଣୀ ବେଶ ଧାରଣ କରନ୍ତି, ସେମାନଙ୍କୁ ଶାଢି



Digitized by srujanika@gmail.com

ପିନ୍ଧାଯାଇଥାଏ । ସେମାନେ ପାଦରେ ଘୁଙ୍ଗୁର ପିନ୍ଧନ୍ତି । ମୁଣ୍ଡରେ ଫୁଲ ଖୋସା ସାଙ୍ଗକୁ ମଥାରେ ମଥାମଣି ଓ ବିଭିନ୍ନ ଅଳଙ୍କାର ପରିଧାନ କରନ୍ତି । ନାଚ କଲାବେଳେ ପ୍ରଥମ ପାର୍ଶ୍ୱରେ ଯେଉଁ ମାଢିଆଣୀ ରହି ନୃତ୍ୟ କରେ ସେ ହାତରେ ଏକ ମୟୂର ପୁଚ୍ଛ ଧରିଥାଏ ।

ମାଢିଆଣୀମାନେ ପରସ୍ପରର ଅଣ୍ଟାରେ ହାତକୁ ଛନ୍ଦି ଢେମ୍‌ସା ଢଙ୍ଗରେ ଘୁରିଘୁରି ନୃତ୍ୟ ପରିବେଷଣ କରୁଥିବାବେଳେ ମାଢିଆମାନେ ଡେଇଁ କୁଦି ନାଚ କରିଥାନ୍ତି । ଏମାନଙ୍କୁ ନାଚିବା ପାଇଁ ବହୁତ ସ୍ଥାନର ଆବଶ୍ୟକତା ପଡିଥାଏ । ଏମାନେ ଜୋର୍‌ରେ ଦଉଡି ଦଉଡି ନାଚ କରିବା ସାଙ୍ଗକୁ ବେଳେବେଳେ ଶୂନ୍ୟକୁ କୁଦି ପଡନ୍ତି । ଏହା ସହିତ ବିଭିନ୍ନ ପ୍ରକାର ଭାବଭଙ୍ଗୀ ପ୍ରଦର୍ଶନ କରିଥାନ୍ତି । ଏମାନଙ୍କର ମୁହଁର ଭାବ ବେଶ୍ ତୀବ୍ର ହୋଇଥାଏ ।

ଏମାନେ ଏହି ନୃତ୍ୟ ମାଧ୍ୟମରେ ବସ୍ତର, ଜଗଦଳପୁର ରାଜାଙ୍କର ଗୁଣଗାନ କରିବା ସାଙ୍ଗକୁ ଛତିଶଗଡର ମା ମାଉଲୀ, ଦନ୍ତେଶ୍ୱରୀ ଠାକୁରାଣୀଙ୍କ ବନ୍ଦନା କରିଥାନ୍ତି । ବିଶେଷକରି ଦଶହରା ସମୟରେ ଭତରାମାନେ ଜଗଦଳପୁରର ରାଜ ଉଆସକୁ ଯାଆନ୍ତି ଏବଂ ସେଠାରେ ମାସାଧିକ କାଳ ରହି ଏହି ନୃତ୍ୟ ପରିବେଷଣ କରିଥାନ୍ତି । ଦଶହରା ସମୟରେ ମାଢିଆ ନାଚଟି ସର୍ବତ୍ର ଦୃଶ୍ୟମାନ ହୋଇଥାଏ ।

କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ ବାଲେଗାଁ ପଞ୍ଚାୟତର ତୋକ୍‌ରୀଭଟା ଗାଁରୁ ସଂଗ୍ରହ କରାଯାଇଥିବା କିଛି ମାଢିଆ ଗୀତ ଆମେ ନିମ୍ନରେ ପ୍ରଦାନ କରୁଛୁ ।

## ମାଢିଆ ନାଚ ଗୀତ ନଂ୧:

"ଆମ ରଜା ଗର (ଘର) ଜଗଦଲପୁର
କୁମୁଡା ଫୁଲରେ ଜନ୍ମିଲା ରଜା ଆମର
ରଜା ଚେଗେ ରତ (ରଥ) ନେଉର କୁଗଡା
ମାଏଁ ମୋର ଦନ୍ତେଶ୍ୱରୀ ଅଛି ଦନ୍ତେୱାଡା
ଦନ୍ତେୱାଡା ଯିବୁ, ଦେବତା ସେବିବୁ
ଦେବତା ସେବା କରି ସହରେ ଯିବୁ
ଅଶ୍ୱିନୀ ନକ୍ଷେତ୍ରେ ଆମି ଦଶ ଦିନରେ
ରଜା ନୂଆ ଖାଉଛନ୍ତି କୁମୁଡା ପତରେ
ଦଶରାକୁ ଯିବୁ ରତ ଝିକିବୁ
ରତ ଝିକି ଗଲେ ପତ ମାଂସ ଖାଇବୁ"



Digitized by srujanika@gmail.com

ଏ ଅଞ୍ଚଳର ଭତରାମାନେ ଦଶହରା ବେଳକୁ ଜଗଦଲପୁର ରାଜାଙ୍କ ଉଆସକୁ ନିମନ୍ତ୍ରିତ ଅତିଥି ଭାବେ ଯାଇ ସେଠାରେ ମାଢିଆ ନୃତ୍ୟ ପରିବେଷଣ କରିଥାନ୍ତି । ସେଠାରେ ସେମାନେ ବିଧି ମୁତାବକ ରାଜାଙ୍କ ରଥକୁ ଟାଣିଥାନ୍ତି । ରାଜାଙ୍କ ଘରେ ଦଶଦିନ କାଳ ମାଂସ, ଭାତ ଖାଇ ଶେଷରେ ରାଜାଙ୍କ ନିକଟରୁ ଟଙ୍କା, ଚାଉଳ, କପଡା ଧରି ଫେରନ୍ତି ।

### ମାଢିଆ ନାଚ ଗୀତ ନଂ୨:

"ସାଇଁଲୋତି ସାଇଁଲୋତି କାୟଦାଦା ସାଇଁଲୋତି
ଘୋଡାକେ ଗାଗୁଡି ରଜାକେ ପାଗୁଡି
ରତ (ରଥ)ରେ ବାନ୍ଧିବୁ ବୋରି
ଆମର୍ ମାଢିଆମାନେ ରତକୁ ଝିକିବେ
ଚମକୁ ପିଟିକୁ ବେଡି
ଜୟ ମା ଦନ୍ତେଶ୍ୱରୀ, ଜୟ ମାଉଁଲି
ନେହୁର ପାଖରେ ଗୁଡି
ଦନ୍ତେଶ୍ୱରୀ ମାତା ରତ ଉପରେ
ଡାନ ବାସଲାଲ ଘରେ
ଆମର ବାଘ୍ ରଜା ରତରେ ଝୁଲେ
ଜନମ ହୋଇଚି କୁମୁଣ୍ଡ ଫୁଲେ
ରାନୀ (ରାଣୀ) ଜନମିଲା ସିଲେ..."

(ତଥ୍ୟ ଓ ଗୀତ ସଂଗ୍ରହ: ଦାମୋଦର ଭତରା (ନାଟଗୁରୁ), ମୀନ ପୂଜାରୀ, ଗଜେନ୍ଦ୍ର ଭତରା, ସୁଜନ୍ ପୂଜାରୀ, ଚକ୍ରଧର ମାଝୀ
ଗ୍ରାମ: ତୋକ୍ରୀଭଟା, ପଞ୍ଚାୟତ: ବାଲେଙ୍ଗା , ବ୍ଲକ୍: କୋଷାଗୁମୁଡା, ଜିଲ୍ଲା: ନବରଙ୍ଗପୁର)

## 'ଶବର ଶବରୁଣୀ' ନାଚ
## ('Sabar-Sabaruni' dance)

ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ନାଚଟି ଅତି ପୁରାତନ । ମୁଖ୍ୟତଃ ଶବର ସମ୍ପ୍ରଦାୟର ଆଦିବାସୀମାନେ ଏହି ନାଚ କରୁଥିବାବେଳେ ବର୍ତ୍ତମାନ ଅନ୍ୟ ଆଦିବାସୀମାନେ ମଧ୍ୟ ନୃତ୍ୟଟିକୁ

Digitized by srujanika@gmail.com



ପରିବେଷଣ କରୁଛନ୍ତି । ପର୍ବପର୍ବାଣୀ ବ୍ୟତୀତ ଅନ୍ୟାନ୍ୟ ସମୟରେ ମଧ୍ୟ ଏହି ନାଚ ପରିବେଷିତ ହୋଇଥାଏ । ବିଶେଷକରି ଏହି ନୃତ୍ୟ ମାଧ୍ୟମରେ କିଛି ଆଦିବାସୀ ଭିକ୍ଷା ବୃତ୍ତି କରି ସେମାନଙ୍କ ପେଟ ପୋଷିଥାନ୍ତି । ଗାଁ ଗାଁ ବୁଲି ଆଦିବାସୀମାନେ ଶବର ନୃତ୍ୟ ପରିବେଷଣ କରି ଚାଉଳ, ଟଙ୍କା, ପଇସା ମାଗି ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି ।

ଆମେ କୋଷାଗୁମୁଡା ବ୍ଲକ୍‌ର ଗୋଟିଏ ଆଦିବାସୀ ଗାଁରୁ ଏହି ନାଚ ସମ୍ପର୍କରେ ସମସ୍ତ ତଥ୍ୟ ଓ ଫଟୋ ଚିତ୍ର ସଂଗ୍ରହ କରିଥିଲୁ ।

କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ ବାମୁଣି ପଞ୍ଚାୟତର ବି· ଗୁମଣ୍ଡଳି ବୋଲି ଗାଁଟିଏ । ଏହି ଗାଁର ଭତରା ନାଚଗୁରୁ ହେଉଛନ୍ତି ଧର୍ମୁ ସମରଥ । ନାଚଗୁରୁ ଧର୍ମୁ ସମରଥଙ୍କ ପ୍ରଚେଷ୍ଟାରେ ଦୀର୍ଘ ବର୍ଷ ଧରି ଶବର ଶବରୁଣୀ ନୃତ୍ୟ ଦଳଟି ଚାଲିଛି ।

**ପୋଷାକ ଓ ଅଳଙ୍କାର:**

**(costume & ornaments)**

ଶବର ଶବରୁଣୀ ନାଚରେ ମୁଖ୍ୟତଃ ତିନି ଜଣ ଅଭିନୟ କରିଥାନ୍ତି । ଦୁଇ ଜଣ ଯୁବକ ଓ

Digitized by srujanika@gmail.com

ଜଣେ ଯୁବତୀ ନୃତ୍ୟ ପରିବେଷଣ କରିଥାନ୍ତି । ତେବେ ଯୁବତୀ ଭୂମିକାରେ ଜଣେ ଆଦିବାସୀ ଯୁବକ ହିଁ ଅଭିନୟ କରିଥାଏ ।

ଦୁଇ ଜଣ ଆଦିବାସୀ ଯୁବକ ବିଭିନ୍ନ ପ୍ରକାର ଜରି କାମକରା ପୋଷାକ ପରିଧାନ କରିଥାନ୍ତି ଏବଂ ଅନ୍ୟ ଜଣେ ଯୁବକ ଶାଢି ପିନ୍ଧି ନିଜକୁ ଯୁବତୀ ରୂପରେ ପରିପ୍ରକାଶ କରିଥାଏ । ଦୁଇ ଜଣ ଶବର ଯୁବକ ହାତରେ ଧନୁଶର ଧରିଥାନ୍ତି । ମୁଣ୍ଡରେ ମୟୂର ଚୂଳ ଖୋସିଥାନ୍ତି । ଏହା ସାଙ୍ଗକୁ ବିଭିନ୍ନ ପ୍ରକାର ଆଭୂଷଣରେ ସେମାନେ ସଜ୍ଜିତ ହୋଇଥାନ୍ତି ।

**ବାଦ୍ୟଯନ୍ତ୍ର:**

(musical instruments)

ଶବର ଶବରୁଣୀ ନାଚରେ ମୁଖ୍ୟତଃ ତିନି ଚାରି ଜଣ ବାଦକ ଥାଆନ୍ତି । ଟାମକ୍, ଢାପୁ, ତିଡ଼ିବିଡ଼ି, ମହୁରୀ, ଗିନି, ଝୁମୁକା ଆଦି ବାଦ୍ୟଯନ୍ତ୍ର ଏହି ନୃତ୍ୟରେ ବ୍ୟବହାର କରାଯାଇଥାଏ ।

ପୁଷ୍ ପୂନେଇଁ, ଚଇତ୍ ପରବ, ବାଲିଯାତ୍ରା, ଦିଆଲି ପରବ୍, ବିଭାଘର, ଦଶାଘର, ଶିଶୁ ଜନ୍ମ



Digitized by srujanika@gmail.com

ଉ ବ ଆଦି ଆଦିବାସୀଙ୍କ ପର୍ବପର୍ବାଣୀ ସମୟରେ ଶବର ଶବରୁଣୀ ନୃତ୍ୟ ପରିବେଷିତ ହୋଇଥାଏ । ଅନ୍ୟ ପକ୍ଷରେ ନିଜ ଅଞ୍ଚଳକୁ ଆସିଥିବା କୌଣସି ରାଜନେତା, ମନ୍ତ୍ରୀ, ରାଜପାରିଷଦବର୍ଗଙ୍କ ସମ୍ମାନାର୍ଥେ ଏହି ନୃତ୍ୟ ପରିବେଷିତ ହୋଇଥାଏ । ଏହା ବ୍ୟତୀତ ଆଦିବାସୀମାନେ ବିଭିନ୍ନ ଗାଁ ଗଣ୍ଡା ବୁଲି ଶବର ଶବରୁଣୀ ନାଚ ପ୍ରଦର୍ଶିତ କରି ଟଙ୍କା, ଚାଉଳ ଭିକ୍ଷା କରିଥାନ୍ତି ।

ଶବର ଶବରୁଣୀ ନାଚରେ ନାଟଗୁରୁ ଗୀତ ବୋଲିଥାଏ ଏବଂ ବାଦକମାନେ ବାଦ୍ୟ ପରିବେଷଣ କରିଥାନ୍ତି । ଗୀତ ଓ ବାଦ୍ୟର ତାଳେତାଳେ ତିନି ଜଣ ନର୍ତ୍ତକ ଓ ନର୍ତ୍ତକୀମାନେ ନୃତ୍ୟ କରିଥାନ୍ତି । ବିଶେଷକରି ପୌରାଣିକ କଥାବସ୍ତୁ, କିମ୍ବଦନ୍ତୀ ଓ ଶୃଙ୍ଗାର ରସକୁ ନେଇ ଏହି ଗୀତ ଗାୟନ କରାଯାଇଥାଏ । ଗୀତ ଗୁଡିକ ଦୈତ୍ୟଧର୍ମୀ ଏବଂ ଏହାକୁ ପୁରୁଷ ଓ ନାରୀ ଗାୟକ ପ୍ରଶ୍ନୋତ୍ତରୀ ଛଳରେ ଗାନ କରିଥାନ୍ତି ।

## ଶବର ଶବରୁଣୀ ନାଚ ଗୀତ:

"ବିଦେଶ ନ ଯା' ଶବର, ବିଦେଶ ନ ଯା'
ବିଦେଶ ଯିବି ଶବରୀ, ବିଦେଶ ଯିବି
ବିଦେଶ ଗଲି ବୋଇଲେ ତୁଇ ଦେଖିବୁ ଘର ଦୁଆର

ଆସଲୋ ସଜନୀ ମୋ ପୁରେ ନେବି
କୋଳେ ବସାଇଣ ଚୁମନା ଦେବି
ମନେ ବଇକୁଣ୍ଠ ବାସ
ମୁଇଁ ମରିଗଲେ ମଶାନେ ଦେଖ ରାନି
ଜଳେ ବୁଡି ଆତ ଟେକ

ପାନି ରହୁ ବନ୍ଧୁ ବାନ୍ଧରେ କୁମର (୨ଥର)
ପାନି ଶୁକିଗଲେ ହଂସ ଉଡିଯିବ
ପିଣ୍ଡ ହେବ ନାରଖାର
ହଂସହଂସ ଗଳି ପାନି ଟୁବକଳି

Digitized by srujanika@gmail.com

ଖେଳିଲେ ଯମୁନା ଜଳେ
ଯମୁନା ଜଳରେ ନାଁ ବସେଇନେବି
ଆମର ଗୁମଣ୍ଡଳି ଗଲେ

ଝାଲିଆ ମଜୁର ଢାଲି ଟେକାଟେକି
କସମ କାଠରେ ତେକି (ଢିଙ୍କି)
ପିତା ବଦା ପରା ପଣ୍ଡରି ଟୋକି
ଉଚାଇକେ ନ ପାରେ ତେକି

ଶପା ଉଣ୍ଡି ଯା'ରେ ବାରମାସୀ ଚେତେ (ଚତେଇ)
ତରଙ୍ଗିଲା ଦାବ କରେ
ଶୁଶରା ବୁଆରି (ଶ୍ୱଶୁର-ବୋହୂ) ଝଗଡା ହୋଇଲେ
ନେଙ୍ଗା ନାର ଗାଣ୍ଡ ଗରେ

ତେତଲି ପତର ସୁରୁରେ ଶବରୀ ତେତଲି ପତର ସୁରୁ
ତେତଲି ପତର ଝଡି ପଡିଗଲେ ଶବରୀ
କୋଷାକୁ ଯତନ କର.....

(ତଥ୍ୟ ଓ ଗୀତ ସଂଗ୍ରହ: ଧର୍ମୁ ସମରଥ (ନାଟଗୁରୁ)
ଗ୍ରାମ: ବି· ଗୁମଣ୍ଡଳି, ପଞ୍ଚାୟତ: ବାମୁଣି , ବ୍ଲକ୍: କୋଷାଗୁମୁଡା, ଜିଲ୍ଲା: ନବରଙ୍ଗପୁର)

## ଧୁଡ୍ରା ନାଚ
## (Dhudra; folk dance of Nabarangapur)

ଏହି ଆଦିବାସୀ ନାଚଟି ସମଗ୍ର ନବରଙ୍ଗପୁର ଜିଲ୍ଲାରେ ବେଶ୍ ପରିଚିତ । ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ ଏହି ନୃତ୍ୟ ଦେଖିବାକୁ ମିଳେ । ତେବେ ଆମେ ଏହି ନାଚ ସମ୍ପର୍କରେ ସମସ୍ତ ତଥ୍ୟ ଓ ଗୀତ କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ ବାଙ୍କୁଲି ପଞ୍ଚାୟତର ଭଣ୍ଡିମାଳ ଗାଁରୁ ସଂଗ୍ରହ କରିଛୁ ।

Digitized by srujanika@gmail.com



ଏହି ଗାଁର ପରଜା ବୃଦ୍ଧ ଆସ୍‌ମାନ୍ ଯାନୀ ହେଉଛନ୍ତି ଧୁତ୍ରା ନାଚର ନାଟ ମୁଖିଆ । ଆସ୍‌ମାନ୍ ଯାନୀଙ୍କ ନେତୃତ୍ୱରେ ଗଢି ଉଠିଥିବା ଏହି ନୃତ୍ୟ ଦଳରେ ପାଖାପାଖି ୨୦ ଜଣ ସଦସ୍ୟ ଅଛନ୍ତି । ଏଥିରେ ଉଭୟ ପୁରୁଷ ଓ ମହିଳା ସଦସ୍ୟ ଥାଆନ୍ତି । ତେବେ ବେଳେବେଳେ ପୁରୁଷ କଳାକାରମାନେ ନାରୀ କଳାକାର ବେଶ ଧାରଣ କରି ନୃତ୍ୟ ପରିବେଷଣ କରିଥାନ୍ତି ।

ଏହି ଗାଁର ପରଜା ଭଗବାନ ଯାନୀ, ଗୋବର୍ଦ୍ଧନ ଯାନୀ, ଧନ ଯାନୀ, ଶୁକୁରାମ ଯାନୀ, ନୀଲମ୍ ଯାନୀ, ଯୁକୁତ ଯାନୀ, କମଲସାଏ ଯାନୀ, ଡୁମର ଯାନୀ, କୃଷ୍ଣ ଯାନୀ, ସୁରୁ ଯାନୀ, ଗୁରୁବନ୍ଧୁ ଯାନୀ ପ୍ରମୁଖ କଳାକାରମାନେ ଧୁତ୍ରା ନାଚର ଜଣେଜଣେ ସଦସ୍ୟ । ପୁରୁଷ କଳାକାରମାନେ ନାରୀ ପୋଷାକ ପିନ୍ଧି ନାରୀ ବେଶ ଧାରଣ କରିଥାନ୍ତି ।

## ପୋଷାକ ଓ ଅଳଙ୍କାର

## (costume & ornaments)

ପୁରୁଷ କଳାକାରମାନେ ବିଭିନ୍ନ ଜରିକାମକରା ପୁରୁଷ ପୋଷାକ ଏବଂ ନାରୀ ବେଶଧାରୀ କଳାକାରମାନେ ଶାଢି ଓ ଅନ୍ୟ ଝିକ୍‌ମିକ୍ ପୋଷାକ ପରିଧାନ କରିଥାନ୍ତି । ପୁରୁଷ କଳାକାରମାନେ ଛାତିରେ ଜରିକାମକରା ସାଞ୍ଜୁ, ମୁଣ୍ଡରେ ଟୋପି ପିନ୍ଧିଥାନ୍ତି ଏବଂ ପିଠି ପଛରେ ଏକ ଲମ୍ବା ଜରିଲଗା କପଡା ଝୁଲିକରି ରହିଥାଏ । ନାରୀ ବେଶଧାରୀ କଳାକାରମାନେ ଶାଢି, ଛାୟା,

Digitized by srujanika@gmail.com

ବ୍ଲାଉଜ୍ ପିନ୍ଧିଥାନ୍ତି । ହାତରେ ଜରିକାମକରା ବାଉଁଟି, ଗୋଡରେ ଅଳଙ୍କାର ପିନ୍ଧିଥାନ୍ତି । ପୁରୁଷଙ୍କ ନାକରେ ମୋଟା ନିଶ ଲାଗିଥାଏ ।

ଏହା ଏକ ଦଳଗତ ନୃତ୍ୟ । ଗୋଟିଏ ଦଳରେ ପ୍ରାୟ ୧୦ରୁ ୧୫ ଜଣ ଏକ ସାଙ୍ଗରେ ନୃତ୍ୟ କରିଥାନ୍ତି । ସେମାନଙ୍କ ମଧ୍ୟରୁ ତିନି ଚାରି ଜଣ କେବଳ ନୃତ୍ୟ କରୁଥିବାବେଳେ ତିନି ଚାରି ଜଣ ବାଦକ ଥା'ନ୍ତି । ଏମାନଙ୍କ ନାଟଗୁରୁ ଗୀତ ବୋଲିଥାଏ । ଗୀତ ଓ ବାଦ୍ୟର ତାଳେତାଳେ ଏମାନେ ନୃତ୍ୟ କରିଥାନ୍ତି ।

## ବାଦ୍ୟଯନ୍ତ୍ର

### (musical instruments)

ଧୁତୁରା ହେଉଛି ଏହି ନୃତ୍ୟରେ ବ୍ୟବହାର କରାଯାଉଥିବା ପ୍ରମୁଖ ବାଦ୍ୟଯନ୍ତ୍ର । ଏହା କେବଳ ଏକ ନିଦା କାଠ ଗଣ୍ଡିରୁ ନିର୍ମିତ ହୋଇଥାଏ । ଏଥିରେ ଆଦୌ ଚମଡାର ବ୍ୟବହାର କରାଯାଇ ନଥାଏ । ଗୋଟିଏ ନିଦା କାଠ ଗଣ୍ଡିକୁ ଖୋଦେଇ କରି କୁଲା ଆକୃତିର ଏକ ବାଦ୍ୟ ଯନ୍ତ୍ର ପ୍ରସ୍ତୁତ କରାଯାଏ । ଏହା ହିଁ ଧୁତୁରା । ବେକରେ ଝୁଲେଇବା ପାଇଁ ଏଥିରେ ଦଉଡି/ଫିତା ଲାଗିଥାଏ । ଏହି ଫିତାକୁ ଅଣ୍ଟାରେ ବାନ୍ଧି କିମ୍ବା ବେକରେ ଝୁଲେଇ ପରଜା ଧାଙ୍ଗଡ଼ାଟି ଦୁଇ ଖଣ୍ଡ ମୋଟା କାଠି ସାହାଯ୍ୟରେ ଏହା ଉପରେ ପିଟିଥାଏ । କାଠ ହଣା ଚଢ଼େଇ କାଠରେ



Digitized by srujanika@gmail.com



ଥଣ୍ଟ ପିଟୁଥିବା ଭଳି ଶବ୍ଦ ଏଥିରୁ ନିର୍ଗତ ହୋଇଥାଏ । ବିଶେଷକରି ମଇଁଷି ବେକରେ ବନ୍ଧାଯାଇଥିବା କାଠ ଘଣ୍ଟିର ଠକ୍‌ଠାକ୍ ଠକ୍‌ଠାକ୍ ଶବ୍ଦ ଭଳି ଏହା ହୋଇଥାଏ । ଏହା ବ୍ୟତୀତ ଏହି ନୃତ୍ୟରେ ତିଡ଼ିବିଡ଼ି, ଟାମକ୍, ଝୁମୁକା, ଗିନି, ଆଧୁନିକ ସାଇଡ୍ ଡ୍ରମ୍ ଆଦି ବ୍ୟବହାର କରାଯାଇଥାଏ ।

ପୁଷ୍ ପୂନେଇଁ, ଚଇତ୍ ପରବ୍, ବେଣ୍ଟଯାତ୍ରା, ବିଭାଘର, ଦଶାଘର ଆଦି ପର୍ବପର୍ବାଣୀ ସମୟରେ ଏହି ନୃତ୍ୟ ପରିବେଷଣ କରାଯାଇଥାଏ । ଏହା ବ୍ୟତୀତ ଏ ଅଞ୍ଚଳକୁ ନେତା, ମନ୍ତ୍ରୀ କିମ୍ବା କୌଣସି ରାଜପାରିଷଦବର୍ଗ ଆସିଲେ ସେମାନଙ୍କ ସମ୍ମାନାର୍ଥେ ଏହି ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥାଏ ।

### ଧୁଡ୍ରା ନାଚ ଗୀତ:

"କିସ ମୁଁ କଇବି ତତେ ଜାଇଫୁଲ
କିସ ମୁଁ କଇବି ତତେ
କରଦରି ରାଧା ଦୁତିକୁ କହୁଚି
କୃଷ୍ଣ ଆଣିଦେବ ମତେ

Digitized by srujanika@gmail.com

ଅଣାଏ ଦେକିଲି ଥରେ ଜାଇଫୁଲ
ଅଣାଏ ଦେଖିଲି ଥରେ, ମୋର ଜାଇଫୁଲ

ଡ଼ଙ୍ଗରେ ବୁଣିଲି ଡ଼ଙ୍ଗର ଧାନ
ପାଲି ପକାଇଲି ଘନ
ଧାଙ୍ଗଡା, ଧାଙ୍ଗିଡ଼ି ନାଚଲାବେଲେ
ଧାଙ୍ଗଡ଼ାର ରନବନ
ଜମନ ପଡିଲା ଦୁମନ ଚାଡିଲା
ପିଆଜେ ଲାଗଲା ଟଲା
ରାମି ଚେଡେ ପରା ଉପର୍କେ ଘେରିଲେ
ତଲ୍‌କେ ମାର୍‌ବୁ ଢେଲା
ବଣ୍ଡି ମାଲ୍ୟା ପିଲା ନା କର ହେଲା
ସିଙ୍ଗି ମାଛ ପରା ଜଲା"

(ତଥ୍ୟ ଓ ଗୀତ ସଂଗ୍ରହ: ଆସ୍‌ମାନ୍ ଯାନୀ (ନାଟଗୁରୁ), ଭଗବାନ ଯାନୀ, ଗୋବର୍ଦ୍ଧନ ଯାନୀ, ଧନ ଯାନୀ, ଶୁକୁରାମ ଯାନୀ

ଗ୍ରାମ: ଭଣ୍ଡିମାଳ, ପଞ୍ଚାୟତ: ବାଙ୍କୁଲି, ବ୍ଲକ୍: କୋଷାଗୁମୁଡା, ଜିଲ୍ଲା: ନବରଙ୍ଗପୁର)

## ଗୀତ କୁଡ଼ିଆ ଓ ଗୀତ କୁଡ଼ିଆଣୀ: ଗୀତରେ ଗୀତରେ ପ୍ରତିଯୋଗିତା (competition & debate in song)

ଆଦିବାସୀମାନଙ୍କର ଏହି ଗୀତ କୁଡିଆ ଓ ଗୀତ କୁଡିଆଣୀ ପରମ୍ପରାରେ ରହିଛି ନିରୋଳା ତହତହ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଜୀବନର ମଧୁର ଅନୁଭୂତି । ଯେଉଁଠି ପାଟିରୁ ବାହାରିଲେ ରସରସିଆ ଗୀତ । ସେ ଗୀତ ପୁଣି ସବୁବେଳେ ନୂଆ, ରସପୂର୍ଣ୍ଣ ଓ ଜୀବନ୍ତ । ଏଠି ଚାଲିଥାଏ ଗୀତରେ ଗୀତରେ ପ୍ରତିଯୋଗିତା, ନଥାଏ ଶତୃତା । ଥାଏ କେବଳ ପ୍ରେମ ଓ ବନ୍ଧୁତା । ତେବେ ଉପଯୁକ୍ତ ପ୍ରୋ ।ହନର ଅଭାବରୁ ଏହି ପରମ୍ପରା ଏବେ ବିଲୁପ୍ତ ହେବାକୁ ବସିଛି ।

Digitized by srujanika@gmail.com



ବୁଝିବାକୁ ଗଲେ, ଆଦିବାସୀ ସମାଜରେ ଲିଖିତ ଆକାରରେ ଏମିତି କିଛି ଗୀତ ନଥାଏ । ଯାହା ପାଟିକୁ ଆସିଲା ତତ୍କାଳ ସଂଗୀତ । ଆଦିବାସୀ ଲୋକ ସଂସ୍କୃତିରେ ଏହି ଗୀତ କୁଡିଆ ଓ ଗୀତ କୁଡିଆଣୀ ପରମ୍ପରା ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଗୀତ କୁଡିଆ ଓ ଗୀତ କୁଡିଆଣୀମାନେ ଆଦିବାସୀ ତରୁଣ, ତରୁଣୀମାନଙ୍କ ହୃଦୟର ଗୋପନ କଥାକୁ ଗୀତ ମାଧ୍ୟମରେ ହିଁ ପରିପ୍ରକାଶ କରିଥାନ୍ତି । ଗୀତ କୁଡ଼ିଆ ଓ ଗୀତ କୁଡ଼ିଆଣୀ ପରମ୍ପରାକୁ ଅନ୍ୟ ଅର୍ଥରେ ପୁରୁଷ ଗୀତକୁଡିଆ ଓ ନାରୀ ଗୀତକୁଡିଆଣୀ ମଧ୍ୟରେ ସଙ୍ଗୀତ ଯୁଦ୍ଧ ବୋଲି ବୁଝାଯାଇଥାଏ । ତେବେ ଏ ଯୁଦ୍ଧରେ ନଥାଏ ଶତ୍ରୁତା । ଅନ୍ତାକ୍ଷରୀ ଭଳି ଯିଏ ଯାହାକୁ ଗୀତରେ ପରାସ୍ତ କରିପାରିବ ସେହିଁ ହେବ ବିଜୟୀ କିମ୍ବା ବିଜୟିନୀ । ଗୀତ କୁଡିଆଣୀ ନିଜର ଗୀତର ପସରା ଧରି ରସିକ ପୁରୁଷ ଗୀତ କୁଡିଆ ସମ୍ମୁଖରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗେଇ ଆସିଥାଏ । ତେବେ ଏହି ଗୀତକୁଡିଆ, ଗୀତକୁଡିଆଣୀ ବ୍ୟବସ୍ଥାକୁ ଅନ୍ୟ ଅର୍ଥରେ ପ୍ରତିଯୋଗିତାପୂର୍ଣ୍ଣ ସଙ୍ଗୀତ କାର୍ଯ୍ୟକ୍ରମ ବୁଝିଲେ ଠିକ୍ ହେବ । ବିଶେଷକରି ପୁଷ ପୁନେଇଁ, ବାଲି ଯାତ୍ରା, ଶିକାର ଯାତ୍ରା, ଦିଆଲି ପର୍ବ, ମଣ୍ଡେଇ ଯାତ୍ରା, ଜୟପୁରର ଦଶରା ଯାତ୍ରା, ଶିଶୁ ଜନ୍ମ, ନାମକରଣ, ବିବାହ ଆଦି ବିଭିନ୍ନ ଉ ବ ଓ ପର୍ବପର୍ବାଣୀ ଅବସରରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ପ୍ରତିଯୋଗିତା ବେଶିମାତ୍ରାରେ ଆୟୋଜିତ ହେବାର ଦେଖାଯାଏ ।

ନବରଙ୍ଗପୁର ଜିଲ୍ଲାର ଡାବୁଗାଁ, ନବରଙ୍ଗପୁର, ନନ୍ଦାହାଣ୍ଡି, ପାପଡାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ଉମରକୋଟ ଅଞ୍ଚଳରେ ଏବେ ବେଶ୍ କିଛି ହାତ ଗଣତି ଗୀତ କୁଡିଆ ଓ ଗୀତ କୁଡିଆଣୀ

Digitized by srujanika@gmail.com

ଅଛନ୍ତି । ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ବଡ଼ ମସିଗାଁର ଗୀତ କୁଡିଆଣୀ ଦନାଇ ଭତରା, ଦେଉଳା ଗାଁର ଗୀତକୁଡିଆ ଶତପତି ଭତରା, ଶରଣପୁର ଗାଁର ଗୀତ କୁଡିଆ ଈଶ୍ୱର ଚାଣ୍ଡାଲ୍, ତାବୁଗାଁ ବ୍ଲକ୍ ଅନ୍ତର୍ଗତ ଚଚରାଗୁଡାର ଗୀତ କୁଡିଆଣୀ ବେଲମତୀ ହରିଜନ, ପାପଡାହାଣ୍ଡି ବ୍ଲକ୍ ଅନ୍ତର୍ଗତ ମୋକିଆ ପଞ୍ଚାୟତର ଖରକି ଗାଁର ଗୀତକୁଡିଆଣୀମାନଙ୍କୁ ଭେଟିବା ପରେ ଏ ଜିଲ୍ଲାରେ ଏମିତି ଏକ ସମୃଦ୍ଧ ସାଂସ୍କୃତିକ ପରମ୍ପରା ରହିଛି ଜାଣି ଆଶ୍ଚର୍ଯ୍ୟ ହେବାକୁ ପଡିଲା ।

ସାଧାରଣତଃ ପୁଷ୍ ପୁନେଇଁ, ଚଇତ୍ ପରବ୍, ବିଭାଘର ଆଦି ବିଭିନ୍ନ ପର୍ବପର୍ବାଣୀ ସମୟରେ ଏମାନଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇ ଉଭୟଙ୍କ ମଧ୍ୟରେ ଗୀତର ପ୍ରତିଯୋଗିତାର ଆୟୋଜନ କରାଯାଏ । ତେବେ ବେଳେବେଳେ ସ୍ୱତନ୍ତ୍ର ଭାବେ ଗୀତକୁଡିଆ, ଗୀତକୁଡିଆଣୀ ପ୍ରତିଯୋଗିତା କରାଯାଇ ଏମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଏମାନଙ୍କ ମଧ୍ୟରେ ଦିନ ତମାମ୍ ଗୀତ ମାଧ୍ୟମରେ ପ୍ରଶ୍ନୋତ୍ତର ପର୍ବ ଚାଲୁ ରହେ । ଅଧିକାଂଶ ସମୟରେ ଗୀତ କୁଡିଆ ଓ ଗୀତ କୁଡିଆଣୀ ଗୀତ ଗାଇବା ବେଳେ ସେଠାରେ ଉପସ୍ଥିତ ସମବେତ ଜନତା ସେମାନଙ୍କ ଗୀତକୁ ପାଳି ଧରି ବୋଲିବାର ଦେଖାଯାଏ । ସଙ୍ଗୀତକୁ ଅଧିକ ରସପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ କିଛି ଗୀତ କୁଡିଆ/ଗୀତକୁଡିଆଣୀ ବାଦ୍ୟଯନ୍ତ୍ରର ସହାୟତା ନେଇଥାନ୍ତି ।

ଦେବାଦେବୀଙ୍କ ଆବାହନ ପରେ ଗୀତର ଖିଅ ଲମ୍ବି ଲମ୍ବି ଯାଏ । ଆକ୍ଷେପ, ପ୍ରତି ଆକ୍ଷେପ, ପ୍ରଶ୍ନ ଓ ଉତ୍ତର ମାଧ୍ୟମରେ ସେମାନେ ପରସ୍ପରର ପ୍ରତିଯୋଗୀ ହୋଇ ଉଠନ୍ତି । ଦିନ ଦିନ ଓ ରାତି ରାତି ଏହି ଆସର ବିତିଯାଏ । ମନରେ କ୍ଳାନ୍ତି କି ବିରକ୍ତ ଭାବ ଆସେ ନାହିଁ ।

ଦେଶିଆ ଗୀତକୁଡିଆଙ୍କ ସଂଗୀତରେ ବିଶେଷ କରି ଦେଶିଆ ଭାଷାର ଛାପ ରହିଥାଏ । ଅନେକତ୍ର ଓଡ଼ିଆ ଭାଷାର ପ୍ରଭାବ ପରିଲକ୍ଷିତ ହୋଇଥାଏ । ଗୀତ ଗାନ କରିବା ପୂର୍ବରୁ ଗୀତ କୁଡିଆ, ଗୀତ କୁଡିଆଣୀମାନେ ଭଗବତ୍ ସ୍ତୁତି ଗାନ ଓ ପୁରାଣ ବର୍ଣ୍ଣନାରୁ ଆରମ୍ଭ କରନ୍ତି । ଗୀତ ଗାନ କରିବା ପୂର୍ବରୁ ଏମାନେ ପ୍ରାଚୀନ କାବ୍ୟ, ପୁରାଣ, ପୌରାଣିକ ଆଖ୍ୟାନ, ପ୍ରକୃତି ରସ, ପ୍ରେମ ରସ, ଶୃଙ୍ଗାର ରସ, କିନ୍ଦିରି ଗୀତ, ସାଇଁଲୋଡି, ବିବାହ ଗୀତ ଓ ପର୍ବପର୍ବାଣୀ ଭିତ୍ତିକ ସଂଗୀତର ଆସର ଜମେଇଥାନ୍ତି । ଆମେ ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ଦେଉଳା ଓ ମସିଗାଁରେ ଏମିତି ଏକ ଦେଶିଆ ସଂଗୀତ ପ୍ରତିଯୋଗିତାରୁ କିଛି ଗୀତ ସଂଗ୍ରହ କରିଥିଲୁ । ତାହାକୁ ନିମ୍ନରେ ପ୍ରଦାନ କରୁଛୁ ।

**ଗୀତ କୁଡ଼ିଆ:**

ମୁଇଁ ନା ଜାନି ଆମ୍ କି ଜାମ
ସୁକଡି ବେସରା ଥାନେ

Digitized by srujanika@gmail.com

ବିଲେଇ ଶୋଇଲା ଧାନେ
କାଇ କଥା କାଜେ ଖବର ପଠାଇଲିସି
ଏ ମସିଗାଏନି
ଭୁତା ପାଇଟିର ଦିନେ
ମୋହର ଜୀବନ
ଅଗ୍ନି ହୁତାସନ
ଯୋଙ୍ଗାଇ ବି କାଇ ଥାନେ
ତୋ ପରା ଗରାଖି ମୋ ଘରେ ଥିଲେ
ହଁସାଇତି ମନେମନେ
ଅମୃତ ବଚନ ଶୁଣାଇ ଦିଆକାଏ
ଆମର ବୁଢା ବୁଢା କାନେ
ହୀରା, ନୀଳା ମୁଦି ଗୋଟ୍‌କି କାନେ
ଘରର ସିଆନ୍‌ମାନେ

**ଗୀତ କୁଡ଼ିଆଣୀ:**

ବନର ନିଆଳି ବାସନା ଘେନି
ବନେ ଫୁଟି ଝଡ଼ିଗଲା
କେମନ୍ତେ ପର୍କାର ଆମର ଉପରେ
ଦେଉଳାକାରିଆ ତମର ମନ ରଇଗଲା
ରାମ ରାବଣଙ୍କ ଯୁଦ୍ଧ ଅପ୍ରମିତ
ଶୁଖିଲା କାଠେ କରତ
କାଗଜ ପତରେ କଲମ ଖାଡ଼ି
ପ୍ରୀତିଲେଖ ପ୍ରାଣନାଥ
ତମେ ସିନା ଧନ ଚାକୁଣ୍ଡା ଶାଗ
ମୁଁଇ ସିନା ତମ କୋଳଥ
ଏଠାରେ ଏହି ଗୀତଗୁଡିକରେ ପ୍ରକୃତି ସମ୍ପର୍କିତ ଅନେକ ରୂପକଳ୍ପ ଓ ପ୍ରତୀକର ବ୍ୟବହାର

Digitized by srujanika@gmail.com

କରାଯାଇଥାଏ । ଧାଙ୍ଗିଡ଼ିଟି ତାର ପ୍ରିୟ ଧାଙ୍ଗଡ଼ାକୁ ପ୍ରାଣନାଥ, ଧନ ସମ୍ବୋଧନ କରିବା ସହ 'ଚାକୁଣ୍ଡା ଶାଗ'ର ପ୍ରତୀକ ବ୍ୟବହାର କରିଛି ଏବଂ ନିଜକୁ 'କୋଳଥ ଡାଲି' ବୋଲି ଭାବି ନେଇଛି । ଏଠି ଗୀତ ମାଧ୍ୟମରେ ଶୃଙ୍ଗାର ଚେତନାର ବର୍ଣ୍ଣନା କରାଯାଇଛି । ଉପରୋକ୍ତ ଗୀତରେ ଧାଙ୍ଗଡ଼ାଟି ତାର ଧାଙ୍ଗିଡ଼ିକୁ ପ୍ରଥମେ ଦେଖିବା ପରେ ତା ମନ ଭିତରେ ଅଗ୍ନି ସଂଯୋଗ ହୋଇ ଯାଇଛି । କାମ ବାସନାର ନିଆଁରେ ସେ ଜଳି ଯାଉଛି । ଧାଙ୍ଗଡ଼ାଟି ତାର ଧାଙ୍ଗିଡ଼ିକୁ 'ଗରାଖ' ବୋଲି ସମ୍ବୋଧନ କରିଛି । ତା'ରି ପରି ଖରାଖ ଥିଲେ ତାର ଆଉ କିଛି ଚିନ୍ତା ନାହିଁ ବୋଲି ଧାଙ୍ଗଟାଟି ତାର ଧାଙ୍ଗିଟିକୁ ସ୍ପଷ୍ଟ ଭାବେ ସୂଚନା ଦେଉଛି । ଆଦିବାସୀ ଲୋକଗୀତମାନଙ୍କରେ ଶୃଙ୍ଗାର ରସ ଅଧିକ ପ୍ରଭାବଶାଳୀ । ଏହି ଚେତନା ଅନେକ ଗୀତମାନଙ୍କରେ ଲକ୍ଷ୍ୟ କରାଯାଇପାରେ ।

**ଗୀତ କୁଡ଼ିଆ:**

ଡ଼ଙ୍ଗରେ ବୁଣିଲି ଡ଼ଙ୍ଗର ଧାନ
କରିଗଲି ସରାସନ
ଅନ୍ୟ ତିରି ଥାନେ ମନ ଉପୁନାହିଁ
ଏ ମସିଗାଏଁନି
ତୋର ଥାନେ ଉପିଲା ମନ

**ଗୀତ କୁଡ଼ିଆଣୀ:**

ଦୁଇ ଆଙ୍ଗୁଳିଆ ବାରଶି ବିନ୍ଧଣା
ନଅ ଆଙ୍ଗୁଳିଆ ଘୋଲି
ଭଜା ମାଇଜିକି ହେଲେ ନା ପଚାରେତ୍
ମୁଇଁ ବୋଲି ଧରା ଦେଲି
ଆଇଲା ଗୁଗୁଲା ପାଇଲା ତୋକେ
ଛୋଟ୍ ନା ବୋଲା ମୋକେ
ରଥ ଚାଲିଗଲା ବଜାର ବେଲେ
ମୋତିମାଳ ଡ଼ଙ୍ଗରୀ ତଳେ

Digitized by srujanika@gmail.com

ତୋକେ ମିଳିପାରେ ତିରି ହଜାରେ
ମୋର୍ ପରା ନା ମିଲେ

**ଗୀତ କୁଡ଼ିଆ:**

ରଥ ଚାଲେ ଗେଲେ ବଜାର ତଲେ
ମୋତିମାଳ ତୋଟା ତଲେ
ପଛ ବାଟେ ହାତୀ ଖେଲେ
ତୁଇ ତିରି ମିଶା ଦୁଇ ହାତେ ନାଁକରୁସ୍
ମନୁଷ୍ ପିଲା ନା ରଲେ
ମନୁଷ୍ ପିଲାକେ ହୁସ୍‌ହାସ୍ ହେଲେ
ମାରି ହୁଆ ଗାଲେ ଗାଲେ
ମୁଣ୍ଡୁରି ବାଛିକେ
ଜୁଆଡି ଦେବି ମୁଇଁ
ମାମା ଘର ଢିଙ୍କି ଶାଲେ
ଉଦନ ଛଟକ ନା ଡରେ ମୁଇଁ
ଠେଗିଲି ଆନନ୍ତରଲେ

**ଗୀତ କୁଡ଼ିଆଣୀ:**

ଟିପିରି ପାନିକି ମାଣ୍ଡିଆ ପଲା
ଟିପେ ଲସିଲସି ଗଲା
ମୋର୍ ପରା ନନିକେ ଭେଟ୍ ପାଇ ଗଲୁସ୍
ତୋର୍ କରମେ ଲେଖା ରଲା
ଧାନ ଶୁଖାଇଲୁ, ଲାଠି ଲମ୍ବାଇଲୁ
କୁକୁଡା ଖେଦିଲୁ ସା
ମୋର ସଙ୍ଗେ ତୁଇ ଗୀତ ମାରି ମାରି
ଗୀତ ଦୁଇଟା ଶିଖି ରା

Digitized by srujanika@gmail.com

**ଗୀତ କୁଡ଼ିଆ:**

ଆସ ଆସ ମୋର ଆସ ପୋଏନା
କଞ୍ଚା ଦୁଧେ ଦେବି ଗୋଡ ଧୋଏନା
ବସିବାକୁ ଦେବି ପିଡ଼ା
ଆକୁତ ଗାଁର ସାକୁତ କଲି
ନ ଯିବା ଗାଁକୁ ଗଲି
ତୋଅର୍ ଲାଗିରେ ସାନଟା ବୁଟ୍‌କି
ଅଧା ପନ୍ତେ ଝୁରି ମଲି

**ଗୀତ କୁଡ଼ିଆଣୀ:**

ପାନି ବାଉଁଶର ଭିତରେ ପୋଲା
ବାଙ୍କ ନଇଁ ଶଲଶଲା
ସୁରୁନିନା ବୋଲି ନକର ହେଲା
ସିଙ୍ଗିମାଛ ପରା ଜଲା

**ଗୀତ କୁଡ଼ିଆ:**

ଗାଇ ଗଲା ଗଲା ଗଉଡ଼ ଗଲା
ଗୋଟି ବରଗଛ ଇନ୍ଦିରା ଝୋଲା
ବାସିନି ପତର ମଲା
କୋନ୍ ବୋଲି କରି
ମୋକେ ନା ଜାନ୍‌ଲି
ମୁଁ ବାରଟା ଗୁରୁର ଚେଲା

ଏଠାରେ ଧାଙ୍ଗିଡ଼ିଟି ତାର ଧାଙ୍ଗଡ଼ା ଉଦ୍ଦେଶ୍ୟରେ ନିଜର ଅସଲ ରୂପ ବର୍ଣ୍ଣନା କରିବାରେ ହେଳା କରିନି । ସାଧାରଣତଃ ପୁରୁଷମାନେ ନାରୀମାନଙ୍କୁ ଅବହେଳା କରିଥାନ୍ତି ଏବଂ ସେମାନଙ୍କୁ ଦୟା କରି ସହାୟତା କରିଥାନ୍ତି । ଏଠାରେ ଜଣେ ଆଦିବାସୀ ତରୁଣୀ ତାର ପ୍ରେମିକକୁ ଚେତାବନୀ ଦେଇ କହୁଛି, ତାକୁ ସାଧାରଣ ଜହ୍ଲା ମାଛ ଭଳି ମଣ ନାହିଁ, ସେ ଅସଲ ସିଙ୍ଗି

Digitized by srujanika@gmail.com

ମାଛ । ଏହାର ଜବାବରେ ଧାଙ୍ଗଡ଼ା ନିଜକୁ ଅଧିକ ପାରିବା ପଣର ବୋଲି ଜାହିର କରୁଛି । ସେ ଜଣେ ସାଧାରଣ ଧାଙ୍ଗଡ଼ା ନୁହେଁ, ବାର ବାରଟା ଗୁରୁଙ୍କଠାରୁ ଶିକ୍ଷା ଲାଭ କରି ସେ ନିଜକୁ ଅଧିକ ଜ୍ଞାନୀ ବୋଲି ଦାବି କରୁଛି । ଏହା ବ୍ୟତୀତ ପୂର୍ବ ଗୀତ ମାଧ୍ୟମରେ ଧାଙ୍ଗିଡ଼ି ତାର ଧାଙ୍ଗଡ଼ାକୁ 'ଦୁଇ ଆଙ୍ଗୁଳିଆ ବାରଣି ବିନ୍ଧଣା/ନଅ ଆଙ୍ଗୁଳିଆ ଘୋଲି' ବୋଲି କହି ଟାପରା କରୁଛି ଏବଂ ତା ଭଳି ଏକ ସାଧାରଣ ପୁରୁଷକୁ କେହି ଝିଅ ଦେବାକୁ ରାଜି ହେଉ ନଥିବା ବେଳେ ସେ ତା'ର ହାତ ଧରି ତା ପ୍ରତି ଦୟା କରିଛି ବୋଲି ଧାଙ୍ଗିଡ଼ିଟି ଧାଙ୍ଗଡ଼ାକୁ ଚେତେଇ ଦେଉଛି । ଧାଙ୍ଗିଡ଼ିଟିର ଏଭଳି ଆକ୍ଷେପକୁ ଧାଙ୍ଗଡ଼ା ଗ୍ରହଣ କରି ପାରୁନି । ସେ ତୁରନ୍ତ ଏହାର ଜବାବ ଗୀତ ମାଧ୍ୟମରେ ପ୍ରଦାନ କରୁଛି ।

ଆଦିବାସୀମାନଙ୍କର ବିଭାଘର ସମୟରେ ବି ଗୀତ କୁଡ଼ିଆ ଓ ଗୀତ କୁଡିଆଣୀଙ୍କ ସଂଗୀତ ଆସର ଜମିଥାଏ । ବିଭାଘର ସମୟରେ ଉଭୟଙ୍କ ମଧ୍ୟରେ ସଂଗୀତ ମାଧ୍ୟମରେ ପ୍ରଶ୍ନୋତ୍ତର ପର୍ବ ଚାଲିଥାଏ ।

**ଗୀତ କୁଡ଼ିଆ:**

ପାନିକେ ପବନ ଦୁଇ ସମାନ
ମେଘ ଦେଉ ଅଛି ରଡି
ତୁମେ ଆମେ ସିନା ସଙ୍ଗର ଯୋଗହଇ
ଯମ ନେଲେ ଛଡାଛଡି
ତମେ କଲିଆକେ ଆମେ କଲିଆ
ଭୂମି ମାଟି ଲଲେଲିଆ
ତମେ ଆମେ କିନା ଏକା ଜୁଲିଆ
ପରାଁଉବେ ଉଧୁଲିଆ

**ଭାବାର୍ଥ:**

ପାଣି ପବନର ସମ୍ପର୍କ ପରି ମେଘ ଡାକ ଦେଉଛି ଯେ, ତମେ ଓ ମୁଁ କେତେ ଅନ୍ତରଙ୍ଗ । ଆସ ଯମ ନେଲାଯାଏ ଆମେ ପରସ୍ପର ନିବିଡ ହୋଇ ରହିଥିବା । ଆମର ଯୋଡି ଏତେ ନିବିଡ ଯେ ଆମେ ଲୁଚିକି ପଳେଇଯିବା ।

ଗୀତ କୁଡିଆର ଏହି ଗୀତ ଶୁଣିବା ପରେ ଗୀତ କୁଡିଆଣି ଚୁପ୍ ହୋଇ ରହି ପାରିବ ନାହିଁ । ସେ ତତ୍କ୍ଷଣାତ ଏହାର ଜବାବ ଗୀତ ମାଧ୍ୟମରେ ଦେବ ।

Digitized by srujanika@gmail.com

## ଗୀତ କୁଡ଼ିଆଣୀ:

ଆଟା ଚୁଡଙ୍ଗିଆ ବାଇଗନ୍ ଡେଟି
ନୂଆ ଜୁଡୁଙ୍ଗିଆ ଲଟି
ଆମାର ଯୁଗର ରାଜା ଲେକି ପାଟାଇଲା
ଉଦୁଲିଆ ଯିବା ଚିଟି'।

## ଭାବାର୍ଥ:

ଆଠ କେନା ଥିବା ବାଇଗଣ ଡାଳରେ ଲିଟି ଚଢେଇଟି ଭଳି ତୁ ହେଉଛୁ ଯେ, ମୁଁ କ'ଣ ତୋ ସାଥୀରେ ଯାଇ ପାରିବି? ତୁଛାଟାରେ ସିନା ତୁ ଏତେ ଫାନ୍ଦ କରି ଗୀତ ଗାଉଛୁ । ମୋର ମନର ମଣିଷ ମୋତେ ଖବର ପଠେଇଛି ମୁଁ ତା ସାଥୀରେ ଯିବି ।

ଗୀତ ମାଧ୍ୟମରେ ସେମାନେ ପରସ୍ପରଠାରେ ପରଷିଥାନ୍ତି ବିଭିନ୍ନ ଚିତ୍ରକଳ୍ପ, ସଂଙ୍କେତ ଓ ଅଳଙ୍କାର ତଥା ଶୃଙ୍ଗାର ରସ । ଦୁହେଁ ପରସ୍ପର ପ୍ରତି କଥୋପକଥନ ଢଙ୍ଗରେ ଗୀତମାନ ବୋଲି ଚାଲି ଥାନ୍ତି । ଏହା ଖୁବ୍ ପ୍ରତିଯୋଗିତାପୂର୍ଣ୍ଣ ହୋଇଥାଏ । ଗୀତ କୁଡିଆ ଗୀତ କୁଡିଆଣିଙ୍କ ମଧ୍ୟରେ ଆସର ମୁଖ୍ୟତଃ ପରବ୍, ମଣ୍ଡେଇ ଓ ପୁଷ୍ ପୁନେଇ ଚଇତ ପରବ ସମୟରେ ଜମିଥାଏ ।


ଆସର ଆରମ୍ଭ ହେବା ପୂର୍ବରୁ ପ୍ରଥମେ ସେମାନେ ଦେବାଦେବୀଙ୍କୁ ଜୁହାର କରି ଗୀତ ଆରମ୍ଭ କରନ୍ତି । ପରେ ପରେ ଆରମ୍ଭ ହୁଏ ଗୀତର ତର୍କବିତର୍କ । ଶେଷରେ ସେମାନଙ୍କ ମଧ୍ୟରୁ କାହାକୁ ହାରିବାକୁ ହୁଏ ତ ପୁଣି କାହାକୁ ଜିତିବାକୁ ହୁଏ । ଏହି ପ୍ରତିଯୋଗିତାରେ ଯିଏ ବିଜୟ ଲାଭ କରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଏ । ତେବେ ଆଦିବାସୀମାନଙ୍କର ଏଭଳି ଏକ ବିରଳ ପରମ୍ପରା ଆଜି ମରିହଜି ଯିବାକୁ ବସିଲାଣି । ଏବେ ଗୀତ କୁଡିଆ, ଗୀତ କୁଡିଆଣିଙ୍କ ସଂଖ୍ୟା କମିକମି ଗଲାଣି । ଆଦିବାସୀମାନେ ଏବେ ଅନ୍ୟମାନଙ୍କ ସଂସ୍କୃତିକୁ ଗ୍ରହଣ କରିବାକୁ ଲାଗିଲେଣି । ଆଦିବାସୀ ଏବେ ତାର ଘରେ ଟେପ୍ ରେକର୍ଡର, ସାଉଣ୍ଡ ବକ୍ସ ଲଗାଇ ଓଡ଼ିଆ ଆଧୁନିକ ଗୀତ ଶୁଣିଲାଣି ।

(ତଥ୍ୟ ସଂଗ୍ରହ: ଗ୍ରାମ: ମସିଗାଁ ଓ ଦେଉଳା
ବ୍ଲକ୍: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର)

Digitized by srujanika@gmail.com

## ଚଇତ୍ ପରବ୍ ଗୀତ: ଚୈତ୍ର ଗାନ (କିନ୍ଦ୍ରି ଗୀତ)

ଗୀତ ଓ ନାଚ ଆଦିବାସୀ ଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ । ଜୀବନର ହାଡ଼ଭଙ୍ଗା ଖଟଣୀକୁ ଭୁଲିଯିବା ପାଇଁ ଆଦିବାସୀମାନେ ମଦ, ଗୀତ ଓ ନାଚର ସାହାରା ନେଇଥାନ୍ତି । ପୁଷ୍ ପୁନେଇଁ ଗୀତ, ବାଲି ଯାତ୍ରା ଗୀତ, ଗୁରୁମାଇ ଗୀତ, ଭାଲିଆ ଗୀତ, କଟ୍‌ନି ଗୀତ (ବିଭାଘର ଗୀତ), କନିଆ ଝିକା ଗୀତ, ସାଇଁଲୋଡି ଗୀତ, ପାନିଆ ଜୁନିଆ ଗୀତ ଭଳି ଚଇତ୍ ପରବ୍ ଗୀତ ହେଉଛି କୋରାପୁଟ ଅଞ୍ଚଳର ଆଦିବାସୀଙ୍କର ଏକ ପ୍ରମୁଖ ଲୋକଗୀତ । ଚଇତ୍ ପରବ ଗୀତକୁ **'କିନ୍ଦ୍ରିଗୀତ'** ମଧ୍ୟ କହନ୍ତି । ଏହି ଗୀତ କେବଳ ଚଇତ୍ ପରବ ସମୟରେ ଗାନ କରାଯାଇଥାଏ । ଦେଶିଆ ଭାଷାରେ 'କିନ୍ଦ୍ରିବା' ଶବ୍ଦର ଅର୍ଥ ମୁଣ୍ଡ ଘୁରେଇ ଦେବା ବା ମୁଣ୍ଡ ବୁଲେଇ ଦେବା । କଥା କଥାରେ କୁହାଯାଏ 'ତା' ମଥା କିନ୍ଦ୍ରି ଗଲା କିମ୍ବା ସେ କିନ୍ଦ୍ରି



Digitized by srujanika@gmail.com

ଯାଇଛି' । ଏହି 'କିନ୍ଦ୍ରିବା' ଶବ୍ଦରୁ 'କିନ୍ଦ୍ରି ଗୀତ' ସୃଷ୍ଟି ହୋଇଛି ବୋଲି ଗବେଷକଙ୍କ ମତ । କୋରାପୁଟ ଅଞ୍ଚଳରେ ଏକ ପ୍ରକାର ତାର ବାଦ୍ୟ ବ୍ୟବହାର କରିଥାନ୍ତି । ଏହି ବାଦ୍ୟକୁ **'କିନ୍ଦ୍ରି ବାଦ୍ୟ'** କୁହାଯାଏ । ଏହି ବାଦ୍ୟ ଅନୁସାରେ ଏହି ଗୀତର ନାମକରଣ ହୋଇଥାଇପାରେ ବୋଲି ଅନ୍ୟ କିଛି ଗବେଷକଙ୍କ ମତ । ଚଇତ୍ ପରବ ସମୟରେ ଧାଙ୍ଗିଡ଼ିମାନେ ଗୀତ ଗାଆନ୍ତି ଓ ଧାଙ୍ଗଡ଼ାମାନେ ସହଯୋଗ କରନ୍ତି । ଗୀତ କୁଡ଼ିଆ, ଗୀତ କୁଡ଼ିଆଣୀମାନଙ୍କୁ ଚଇତ୍ ପରବ୍ ସମୟରେ ନିମନ୍ତ୍ରଣ କରାଯାଇଥାଏ । ଏହି ଅବସରରେ ସେମାନଙ୍କ ମଧ୍ୟରେ ସଂଗୀତର ଆସର ଜମିଯାଇଥାଏ । ଚଇତ୍ ପରବ ଗୀତରେ ଥାଏ ପ୍ରେମ ରସ, ଶୃଙ୍ଗାର ରସ ଓ ପୁଣି ଥାଏ ପ୍ରକୃତି ଚେତନା । ପୁରାଣ ଆଖ୍ୟାନ ମଧ୍ୟ ଏହି ଗୀତରୁ ବାଦ ଯାଇ ନଥାଏ । ସୁଖ-ଦୁଃଖ, ମିଳନ-ବିଚ୍ଛେଦ, ପ୍ରେମ-ପ୍ରଣୟ ଓ ପ୍ରତାରଣାକୁ ନେଇ ଚୈତ୍ରଗାନଗୁଡିକ ବେଶ୍



Digitized by srujanika@gmail.com

ସମୃଦ୍ଧ ଓ ଶକ୍ତିଶାଳୀ ହୋଇଥାଏ । ଗୀତଗୁଡିକରେ ଚିତ୍ରକଳ୍ପ, ଉପମା, ପ୍ରତୀକ ଓ ମିଥ୍‌ର ଉପସ୍ଥିତି ବର୍ଣ୍ଣନା ଚାତୁରୀକୁ ସମୃଦ୍ଧ କରିଥାଏ । ଚୈତ୍ର ପୂନେଇଁ ଜହ୍ନ ଆଲୁଅ ତଳେ ଆଦିବାସୀ ଗାଁଗୁଡିକରେ ସଙ୍ଗୀତର ଆସର ଜମି ଯାଇଥାଏ । ସେତେବେଳେ ଗାଁ ପରିବେଶ ବେଶ୍ ଉ ବମୁଖର ଓ କୋଳାହଳପୂର୍ଣ୍ଣ ହୋଇ ପଡିଥାଏ । ସାଧାରଣତଃ ଏହି ଗୀତ ଗାଁର ହୁଣ୍ଡି, ବେରଣ ମୁଣ୍ଡା, ନିଶାଣିମୁଣ୍ଡା କିମ୍ବା ଚୈତ୍ର ପର୍ବ ପାଳନ ସ୍ଥଳରେ ଗାନ କରାଯାଇଥାଏ । ଏହା ବ୍ୟତୀତ ଅବସର ବିନୋଦନ ପାଇଁ ଚୈତ୍ରମାସରେ ଗାଁମାନଙ୍କରେ ଏହି ଗୀତ ଗାନ କରାଯାଇଥାଏ । ଗୀତ କୁଡ଼ିଆ, ଗୀତ କୁଡ଼ିଆଣୀ ଗୀତ ଭଳି ଏହା ଏକ ପ୍ରତିଯୋଗିତାମୂଳକ ସଙ୍ଗୀତ ଆସର । ଏହି ଗୀତ ଚାଲିଥିବାବେଳେ ପ୍ରଥମେ ପୁରୁଷମାନେ ଆରମ୍ଭ କରନ୍ତି । ପୁରୁଷମାନେ କିଛି ପଦ ଗାଇବା ପରେ ଧାଙ୍ଗିଡ଼ିମାନେ ଗାନ କରିଥାନ୍ତି । ଉଭୟ ଦଳ ମଧ୍ୟରେ ଗୀତ ମାଧ୍ୟମରେ ପ୍ରତିଯୋଗିତା ଚାଲେ । ଡାବୁଗାଁ ଓ ମୈଦଳପୁର ଅଞ୍ଚଳରେ ଅନୁଷ୍ଠିତ ଚଇତ୍ ପରବର ସଂଗୀତ ଆସରରୁ ଆମେ ସଂଗ୍ରହ କରିଥିବା କିଛି ଚଇତ୍ ପରବ୍ ଗୀତ ଉଲ୍ଲେଖ କରୁଛୁ ।

୧.

**ଧାଙ୍ଗଡ଼ା:**

ଗଛ ସଲସଲା ପତର ଦୁଆ
ଚିପେ ଫୁଟାଇଲା ଶୁଆ
ଆଣ୍ଡାଲି ପଟାଲି ଧର୍‌ବି ମୁର୍ଣ୍ଣି
ଆଲା ସାଲା ନା ହୁଆ

**ଧାଙ୍ଗିଡ଼ି:**

ନଦୀ କଟା କଟା ମାରଦାମାଲ
ଜିକି ଦେଲେ ସଡ଼ସାଡ଼
ରୂପା କାଡୁ ପରା ପିନ୍ଧାଇ ଦେବିକେ
ତୋହରି ଦାଦିର ହାଡ଼

**ଧାଙ୍ଗଡ଼ା:**

କୁକୁଡ଼ା ଡାକିଲା କବାଟ କୋନେ

Digitized by srujanika@gmail.com

ମଜୁରୁ ଡ଼ାକିଲା ବନେ
ସତେ ମୁଇଁ ମଝିର ଖୋଜକେ ରଙ୍ଗାଇ ନେବିକାୟ
ଝରନିଆ ପାନି ତାନେ

**ଧାଙ୍ଗିଡ଼ି:**

ଗାଇ ଗଲା ରାଶି ବେଲ ଗଲା ବସି
ନାରଙ୍ଗୀ ଧରିଲା କଷି
ତୋର ନାରଙ୍ଗୀ ଫଲ୍‌କେ ଛପା ଇଟାୟ ଦେବି
ଜେକନା ଖେଯାନେ ବସି

**ଧାଙ୍ଗଡ଼ା:**

ଏସୁର ଦିଆଲି ପହିଲେ ହେଲା
ଟିପେ ବାନ୍ଧିରବାୟ ଝେଲା
ତୋର ଟିକରା ବେଡ଼ାକେ ପାନି କେଲାୟ ଦେବି
କୁଟିକୁଟି ମେଛା ବେଲା

**ଧାଙ୍ଗିଡ଼ି:**

ଗାୟ ଚରିଗଲା କନାରି ବିନାରି
ଭଇଁସା ଚରିଲା କୁଣ୍ଡେ
ବେଚବି ପକାନା ମାରବି ମୁଣ୍ଡେ
ସୟଁ ସୟଁ କରି ଫୁଣ୍ଡେ

**ଧାଙ୍ଗଡ଼ା:**

ଧାନ୍‌କେ ରକାୟଲୁ ଗରଲାତାନେ
ଫଲ୍‌କେ ରକାୟଲୁ କୋନେ
ଟେଗଲା ମସକା ଭିତି ଯିବାୟ ଦାଦା
ଆମ୍ବତା ଗାଁଆର ମଣ୍ଡିତାନେ
ଗୀତଗୁଡ଼ିକ ମାଧ୍ୟମରେ ପ୍ରକୃତି ଗାନ ଓ ପ୍ରେମ ରସ ଚେତନା ଆଦିବାସୀଙ୍କ ମନରେ

Digitized by srujanika@gmail.com

ଆନନ୍ଦ ଭରି ଦେଇଥାଏ । ଗୀତ ମାଧ୍ୟମରେ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ପ୍ରକୃତିର ବିଭିନ୍ନ ରୂପ ବର୍ଣ୍ଣନା କରିବାରେ କାର୍ପଣ୍ୟ କରି ନଥାନ୍ତି । ଏଇ ଯେମିତି ଉପର ଗୀତରେ କେଉଁଠି କୁକୁଡାର ରାବ, ଜଙ୍ଗଲରେ ମଜୁରୁ (ମୟୂରୀ)ର ଡାକ ଓ ପୁଣି ଗାଈଟି ଗୋଠକୁ ଫେରୁଥିବାର ଦୃଶ୍ୟ ବର୍ଣ୍ଣନା, ସତରେ ପ୍ରକୃତି ବର୍ଣ୍ଣନାର ଏକ ଜ୍ୱଳନ୍ତ ଉଦାହରଣ । ଏହି ପ୍ରକୃତି ବର୍ଣ୍ଣନା ମାଧ୍ୟମରେ ଧାଙ୍ଗିଡ଼ିଟି ତାର ଧାଙ୍ଗଡ଼ା ପ୍ରତି ଆକର୍ଷିତ ହେଉଥାଏ ତ ପୁଣି କେତେବେଳେ ଅଭିମାନ କରୁଥାଏ ।

୨.

**ଧାଙ୍ଗିଡ଼ି:**

କାଉ ପରାଣକୁ ଏତେ ଚତୁର
ସୁଦେ ଫାନ୍ଦେ ପଡ଼ିଗଲି
ଗାଧେଇ ଯାଉଚି ନୂଆ ବନ୍ଧକୁ
ହଳଦି ବାଟିଲି ଚାରି ଜଣକୁ
ପିଡା ପକେଇଲି ବାଙ୍କେ
ଏଇ ମଞ୍ଚପୁରେ ରବା ପରିଯନ୍ତେ

ଆସିବି ପାକଲା ତମ ଘରକୁ
ଅରନ୍ ଦେଇକରି ରଖ ଆମକୁ
ରହିବି ତମର ହୋଇ
ପୀରତି ଲଗାଇ ଭିନଭିନ ନାଇଁ
ଦିନକାଲ ଯିବା ପାଇଁ
ଲଗେ ଜୁନାଗତ ଧୁରେ ପାଟନା
ଡଙ୍ଗରୀ ତଳେ ଜୀଉନା

**ଧାଙ୍ଗଡ଼ା:**

ସକାଳେ ଉଠିଲୁ ହଲ ଜୁଆଡିଲୁ
ବାଆରି ବଇଲେ ଲେଦା
କାମ ନଇଁକି କମାନି ନଇଁ
ଏ ଚୁଲି ପାଦରିକେ ଖେଦା

Digitized by srujanika@gmail.com

**ଧାଙ୍ଗିଡ଼ି:**

କରଞ୍ଜି କରଞ୍ଜି ବୁଟା କରଞ୍ଜି
କରଞ୍ଜି ଉପରେ ଝାଞ୍ଜି
ମୁଣ୍ଡି ଗୁଡାୟନି ବାଲିଫୁଲମନ୍ ଆସିବ ବୋଲି
ବିଲେଇକି ଦେଖାଇଲି ପାଞ୍ଜି

**ଧାଙ୍ଗଡ଼ା:**

ତେଙ୍ଗ ତାଣ୍ଡା ଲାଟି କସି
ସତେ ତେଙ୍ଗ ତାଣ୍ଡା ଲାଟି କସି
ଏ ମୋର ଭେଜା ଅଣ୍ଡି କେଟାକେଟି
ତୁମର୍ ପରା ରାନି ବିରୋଧୀ ରଲେ
ମୁଇଁ ସକାଲେ ଖୁଆତେ ବାସୀ

**ଧାଙ୍ଗିଡ଼ି:**

ଗାତାକେ ଚଳାଇଲୁ ହଲର ବେଲେ
ଆଉରି ମୋଟରକେ ଚଳାଇଲୁ କଲେ
ତୋକେ ଗାତା ହଲ ପାରା ଢୁକାୟବେତି
ଦୁଇଟା ଗଛର ତଲେ
ବାଉଁଶ ମାରିଲୁ ଜୁଲିକେ ଜୁଲି
କୁଞ୍ଜବନେ ବୁଲିବୁଲି
ପୁରୁସେନା ଗୋଟେକ୍ ସାନରେଲି ରାନୀ
ଏବର ହୋଇଗଲି ଜୁଲି

**ଧାଙ୍ଗଡ଼ା:**

ନାନା ରସବତୀ ଅୟବୋଲା ମାଲତୀ
ଖେଲୁ ଖେଲୁ ହେଲା ରାତି
ଘରେ ଯାଇକରି ଗୋଲ ଝାଗଡା ନାହୁଆ
ଆମକେ ନା ବୋଲା ଦୋଷୀ

Digitized by srujanika@gmail.com

୩:

**ଧାଙ୍ଗଡ଼ା:**

ସାକିଡ଼ି ଭିତରେ ମାଙ୍କିଡି ବସା
ତମକୁ କରିଲି ଆଶା
ସିରି ପରବତେ ମାଙ୍କିଡି ଦିଆ
ଥିରି ରିଆ ଥିରି ରିଆ
ତମ ବାଡିଆତେ ଚପା ମୁଙ୍କୁନି
ଘେତା ସଙ୍ଗେ ମାରିଦିଆ
ଲଗେ ପାନିଘାଟ ଛତର ବର
ଆସ୍‌ବି ବଲଲେ ସଉତ ଘର
ସଉତକୁ ଭାରି ଡ଼ର ।

**ଧାଙ୍ଗିଡ଼ି:**

ତଲେ ବାଙ୍ଗା ଭାଜି ଉପରେ ଖେଜା
ସଉତର ବଡ଼ ହେଜା
ଭାମ ତଳ ଭାଙ୍ଗି ବର୍ତ୍ତମାନ ହେଲି
ଭଗିଲି ଛ ମାସ ତତେ
ଅନ୍ୟ ନିନି ସଙ୍ଗେ ବରତ କଲୁ
ଛାଡି ଦେଲୁ ଧନ ମତେ ।

**ଧାଙ୍ଗଡ଼ା:**

ଗଏଧ ରସିଆ ସିଲୁଆଁ କେନ୍ଦୁ
ବାଏ ଟଣ୍ଡି ସରା ପାଚେ
ହାତ ଖେଟେ ନାହିଁ ଗଡ଼ ଖେଟେ ନାହିଁ
ଖାଇବାର ମନ ଆଚେ
ବାବୁରେ କୁମର ଶୁନ୍ ମୋର୍ ଉତ୍ତର
କେଉଁ ରାଜେ ତୁମ ଘର

Digitized by srujanika@gmail.com

**ଧାଙ୍ଗିଡ଼ି:**

ହାତେ ଖଞ୍ଜା ଖାଡୁ ଝାଇଁକ ଝଞ୍ଜରା
ନିତେ ଗଡ଼ ଖାଡୁ ମାଞ୍ଜା
ଶୋଇଲା ଶେଯରେ କଥା ଶିକାଇବି
ତୁଇ ନିତେ ପର୍ ଘର ନ ଯା

୪:

**ଧାଙ୍ଗଡ଼ା:**

ସୁବର୍ଣ୍ଣର ଚୂଡି ହଂସ ଗାର ପରି
ବାଟରଲି ମାଇଁ କଷି
ରସ ଧାଙ୍ଗିଡିକି ରସ କାଡିଦେବି
ଭଅଁଣ୍ଡି ପିଣ୍ଡାରେ ବସି

**ଧାଙ୍ଗିଡ଼ି:**

ତମ କଥା ଶୁନି ମନେମନେ ଗୁଣି
ମାଛକେ ତେନ୍ତୁଳି ପାନି
ଲୋକ ଆଇଲା ଦିନେ ବିରି
ଛନେ ନ ଦେଖିଲେ ତୋ ଶିରି ମୁଖ
ପରାଣ ଯାଉଛି ଝୁରି

**ଧାଙ୍ଗଡ଼ା:**

ବାଆଁଶ ବାଆଁଶ ବିଜା ବାଆଁଶ
ବାଆଁଶ ଉପରେ ଶଶୀ
ମୁଇଁ ପିଲାବେଳ ଗାଇନ ବଚନ ଦେବି
କାଟା କୁରଚିରେ ବସି
ପାମି ଦିଆ ବାଙ୍କା ବୁନ୍ଦ ବାକଟା
ହାତେ ପିନ୍ଧିଅଛି ରୂପା ବାଆଁଟା
ବେକରେ ଟୋପରେ ପାଟା

Digitized by srujanika@gmail.com

ଶିଶିରେ ଶଇଗୋ ଆଖି ଜୋପେଟା
ଜିକିରି ବନାଇବା କଟା

**ଧାଙ୍ଗିଡ଼ି:**
ଗଛକୁ ମାରିଲି ତିନି ଟେଙ୍ଗିଆ
ଗଛ ପରିଗଲା ବାର ଭଣ୍ଡିଆ
ପତର ପଡ଼ିଲା ଶଙ୍ଖା
ସତେ ବେନି ବାଇ ଧରବାସ କୋଲେ
ଜୁମା ଜୁମା ନିଦ ବେଲେ

**୫:**

**ଧାଙ୍ଗିଡ଼ି:**
ଆସିବି ପାକଲା ତୁମ ଗରକୁ
ଅରନ୍ ଜଲ ଦେଇ ରକ ଆମକୁ
ଆ ବେନି ବାଇ ଧର୍‌ବି କୋଲେ
ଜୁମୁକା ଜୁମର ବେଲେ

**ଧାଙ୍ଗଡ଼ା:**
କକାରୁ କୁମୁତା ଭୂମିରେ ଫଲେ
ତାଲ ନରିଆକି ଉପରେ ଜୁଲେ
ବନ୍ଧୁ ତ ନାଇନା ବୋଲେ
ବନ୍ଧୁ କୋଲେ ବସି ଛ ମାସ ହେଲା
ଉଷୁମ୍ ଲାଗ୍‌ଲା ବେଲେ

**ଧାଙ୍ଗିଡ଼ି:**
କୁମୁତା ବାଇଁଗନ ଭୂମିରେ ଫଲେ
ତାଲ ନରିଆ କି ଉପରେ ଜୁଲେ
ବେଲେ ଯୋଗେ କିନା ବେଟଗାଟ ହେଲୁ

Digitized by srujanika@gmail.com

ଛନକରି ମାୟା ସିନା
ରାଧନା ବାଟନା ବଡେ ଗେଞ୍ଜିକିନା
ଦାନ କୁଟା ବଡ଼ ଦୁକ
ଯାଉନି ଆନା ମୁଚକି ମାରା
ପାନି ଆନା ବଡ଼ ସୁକ
ବାଟର ଅମଲି ରଇଲା ମତି
କାଧା ମିଲେ ଚାରି କୁଡି
ତମେ ଜଙ୍ଗାବତି ଆମେ ମାଲତୀ
ସୁସାରେ କର ପୀରତି

**ଧାଙ୍ଗଡ଼ା:**

ଆସ ଆସ ମୋର ଆସ ପୋଏନା
ଖାସା ଦୁଦ ଦେବି ଗୁଡ ଦଏନା
ବସିବାକୁ ଦେବି ଶେଯ
ସନର ପିଚରା ପକାଇ ଦେବି
ତମ କଷା ଅଦ କନା
କାଇବାକୁ ଦେବି ମାଣ୍ଡିଆ ପେଜ
ଶୋଇବାକୁ ଦେବି ଶେଯ
ଆମ ମଡ଼ ମଡ଼ ତେତଲି ଚମଡ଼
ଆମଠାରୁ ତମେ ବଡ଼
ସତେ ହୋଇଯିବ ଲାଗିତ ମାଲ
ଯପା ସଙ୍ଗେ ଛିଣ୍ଡିପତ

**ଧାଙ୍ଗିଡ଼ି:**

କମନ ଭିତରେ କୁଟ କରପନ
ତିନି ବାକେ ସୁନା ବେକେ ଦରପନ
ଜପା ମକି ଗଲା ସୁଖ
ସିରିଜା ମିଶା ପିତଲ ଟାଙ୍ଗି

Digitized by srujanika@gmail.com

ଉଠିଲା ଗରଲି କାଷି
ଆରଦା ବାଟାନେ ବିଶର ରୋପିଲେ
କଚକଚି ଯିବା ଆସି

୬:

**ଧାଙ୍ଗଡ଼ା:**
ମାଙ୍ଗୁର ମାଚକୁ କଆଁ ଅମେଲା
ମୂଷା ମାଂସ ସଙ୍ଗେ କଚେ
ତମରି ଆମରି ବାସ ଚିଡିଯାଉ
ଫଲକା ତମରି ଗଚେ

**ଧାଙ୍ଗିଡ଼ି:**
ଗର ବାନ୍ଧି ଗଲି ପାଞ୍ଚ ପାଟିଆ
ମଞ୍ଜି କାଡି କୁଡ ପାଇଁ
ହଂସା ପୋଷିଲେ କି ପରୁଆ ପୋଷିଲେ
ଚାରା ଦେବା ଲୋଗ ନାଇଁ

**ଧାଙ୍ଗଡ଼ା:**
ଅଜରା ଗାଁଆର ପଜରା ପାନି
ଗୁମୁଣ୍ଡା ଗାଁଆର ସାବୁ
ତମେ ଛାଡିଗଲେ ବନ୍ଧୁ କୁଆଡେ ଯିବି
ମୁଇଁ ହେବି ଆବୁ ଆବୁ

**ଧାଙ୍ଗିଡ଼ି:**
ରାଜାର ଦୁଆରେ ମଏନା ପାଲକି
ଫୁଲ ମାଲ ଟେକାଟେକି
ତମେ ଆଇ ଡେରା ଝଲକି ମଲକି
ଆଜି ହେଲୁ ଦେକାଦେକି

Digitized by srujanika@gmail.com

**ଧାଙ୍ଗଡ଼ା:**

ଅଟାରେ ମାରିଲେ କଅଁମା ମାଇଁ
ମାଉଁସ ସୁଆଦ ପାଇଁ
ତମ ଗଲି ଦାଣ୍ଡେ ବୁଲି ଆସିଲି
ଖଣ୍ଡିକ ମୁଆଁସ ନାଇଁ

**ଧାଙ୍ଗିଡ଼ି:**

ଛାନି ଯୋତାଯୋତି ଛାବିଲି ବାତି
ସହର ଟିପର ଯୋତି
ଛାନି ଯୋତାଯୋତି ଚଟିଆ ବାସା
ତମକି କରିଲି ଆଶା

୭:

**ଧାଙ୍ଗଡ଼ା:**

ଦୁଆର ମୁହଁର ରସ ଡୁମରୀ
ଘୁମୁରିକି ଗଲା ବାସ
ତମି ଚାଲି ବାଡ଼ ଡେଇଁ ଆସ
କମି ନାରଙ୍ଗୀ ଚାଲ ବାଡ ଡେଇଁ ଆସ

**ଧାଙ୍ଗିଡ଼ି:**

ମୁଇଁ ଯାଇତିଲି କରେଲା ମୁଣ୍ଡି
ଘିନିଲି ଘାଘରି ଟାଣ୍ଡି
ନାଁ ଦେକରେଲେ ଜୀବନ ମାଣ୍ଡସି
ଦେଖିଲେ ନୁଅଁଇ ଛାଣ୍ଡି

**ଧାଙ୍ଗଡ଼ା:**

ପାନି ହାଣ୍ଡି ତଲେ ମରିଚ କଲା
ତର ଲାଗି ବାରି ମହତ ଗଲା

Digitized by srujanika@gmail.com

ଦାଣ୍ଡେ ପାଟେ ପରଘଟ ହେଲା
ଆସ ବନ୍ଧୁ ଧନ ଜଲାଏ ବସୁ
କୁଜି ମାତ ଡାନେ ବସୁ

**ଧାଙ୍ଗିଡ଼ି:**
ଗଡ଼ିଆ ବୋଲବାଏ ଶଗଡ ଶିଲି
ଦେଶିଆ ଭାଷାରେ ଗାତା
କୋଲେ ଧରିକରି ଚୁମନା ଦେବି
କରିବୁଲା ପଣ ଛାତା

**ଧାଙ୍ଗଡ଼ା:**
ଦାଣ୍ଡେ ଦାଣ୍ଡେ ଗଲେ ଦାଣ୍ଡର ବଇରି
ଗରେ ଥିଲେ ଶିରି ଜନା
ତୁମରି ଲାଗିରେ ପୁରୁନା ବନ୍ଧୁ
ଦାଣ୍ଡ ପାଟ ହେଲା ମନା

**ଧାଙ୍ଗିଡ଼ି:**
ରାତ ନିଶା କାଲେ ଚଦର ପଲଙ୍କ
ଥିଲେ ବନ୍ଧୁ ତମ କୋଲେ
ତେବିରି ଗାଲରେ ଚୁମନା ଦେବି
ଅତି ଶରଧାର ବେଲେ

**ଧାଙ୍ଗଡ଼ା:**
ହୁଲହୁଲି ପବନ ପାଏ ଘନଘନ
କଦଲୀ ମୁଣ୍ଡିଆ ଜନ
ତମେ ପାନି ହେଲେ ଆମେ ପବନ
କରୁବେ ଏକା ଜୀବନ

Digitized by srujanika@gmail.com

**ଧାଙ୍ଗିଡ଼ି:**

ତଲେ ମୁରମାରି ଉପରେ ଖାରି
ବୁଟାଏ ପାଚିଲା ବରି
ଥାଡମଲା ପରା ଶୁଖିଯିବା ଚିସ
କାକେ ଚିନ୍ତା କରି କରି

**ଧାଙ୍ଗଡ଼ା:**

ଫୁଲ ତଲେ ଫୁଲ ହଜାରେ ଫୁଲ
ଦେକଲା ମଞ୍ଜର ଶିଇଁଲା କଅଁଲ
ଖାଇଲେ ଗରୁଡ ପିତା
ଯେନେ ଗଲେ ନନୀ ଡମରି ଚିନ୍ତା
ଅରନ ପାନି ହେଲା ପିତା

ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକ ଗୀତ ଓ ଲୋକ ସାହିତ୍ୟରେ 'ଚଇତ୍ ପରବ୍ ଗୀତ' ବା 'କିନ୍ଦ୍ରୀ ଗୀତ'ର ସ୍ଥାନ ସ୍ୱତନ୍ତ୍ର । ଏହି ଗୀତ ବେଶ୍ ହୃଦୟସ୍ପର୍ଶୀ ଓ ରସପୂର୍ଣ୍ଣ । ଏହି ଗୀତ ସାଙ୍ଗକୁ ଧାଙ୍ଗଡ଼ାମାନେ ଢୋଲ, ମାଦଳ, ତୁଙ୍ଗୁତୁଙ୍ଗା, ତିଡିବିଡ଼ି, ମହୁରୀ ଆଦି ବାଦ୍ୟ ବଜେଇ ଧାଙ୍ଗିଡ଼ିମାନଙ୍କୁ ନାଚିବାକୁ ଉ ାହିତ କରିଥାନ୍ତି ।

(ତଥ୍ୟ ସହାୟତା: ମୁକୁନ୍ଦ ପ୍ରସାଦ ମହାଳିକ, ଝରିଗାଁ
ଉମାକାନ୍ତ ଯାନୀ, ରଜାମାଟୁ, ପାପଡାହାଣ୍ଡି)

# ପୁଷ୍ ପୁନେଇଁ ନୃତ୍ୟ ଓ ଗୀତ

## (the Puspuni folk song & dance)

'ପୁଷ୍ ପୁନେଇଁ' ହେଉଛି ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀମାନଙ୍କର ଏକ ପ୍ରମୁଖ ଉ ବ । ତେବେ ପରଜାମାନଙ୍କର ଏହା ଏକ ମୁଖ୍ୟ ଉ ବ । ଏହା ବ୍ୟତୀତ ଅନ୍ୟ ଆଦିବାସୀମାନେ ମଧ୍ୟ ଧୁମ୍‌ଧାମ୍‌ରେ 'ପୁଷ୍ ପୁନେଇଁ' ପାଳନ କରିଥାନ୍ତି ।

ପୂର୍ଣ୍ଣିମା ରାତିଠାରୁ ପୁଷ୍ ପରବ ଦୀର୍ଘ ୯ ଦିନ ଧରି ଚାଲେ । ଏହି ସମୟରେ ପରଜା ଗାଁ ଉ ବମୁଖର ହୋଇ ଉଠିଥାଏ । ନାଚ ଗୀତରେ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ମସ୍‌ଗୁଲ୍ ହୋଇ ପଡନ୍ତି । ପୁଷ୍ ପରବ୍ ଅବସରରେ ସନ୍ଧ୍ୟାରେ ଗାଁର ପରଜାମାନେ ଗୋଟିଏ ବଡ଼ କାଠ


Digitized by srujanika@gmail.com



ଗଣ୍ଡିରେ ଅଗ୍ନି ସଂଯୋଗ କରନ୍ତି । ଏହାକୁ **'ପୁଷ୍ ପୂନେଇଁ ଭୋଗି'** କହନ୍ତି । ଏହା ମାଧ୍ୟମରେ ପରଜାମାନେ ଅଗ୍ନି ଦେବତାଙ୍କୁ ପୂଜା କରନ୍ତି । ଏହି ଜଳନ୍ତା କାଠ ଗଣ୍ଡି ଚତୁଃପାର୍ଶ୍ୱରେ ପରଜାମାନେ ଘେରି ହୋଇ ବସନ୍ତି । ଗାଁରେ ଲନ୍ଦା ଓ ପେଣ୍ଡମ୍ ପ୍ରସ୍ତୁତ ହୋଇ ସାରିଥାଏ । ପରଜାମାନେ ଧରି ଆଣିଥିବା ଚୁଟିଆ ମୂଷା ଏବଂ ବିଭିନ୍ନ ପ୍ରକାର ପନିପରିବାକୁ ଏହି କାଠ ନିଆଁରେ ପୋଡି ଲନ୍ଦା ସାଙ୍ଗରେ ଖାଆନ୍ତି । 'ଚୁଟିଆ ପୁତ୍‌ଗା' ସାଙ୍ଗକୁ ଲନ୍ଦା ପିଇ ପରଜା ଧାଙ୍ଗଡା, ଧାଙ୍ଗିଡିମାନେ ନୃତ୍ୟଗୀତ କରନ୍ତି । ଏହା ରାତି ତମାମ୍ ଚାଲେ । ଏହି ଅବସରରେ 'ପୁଷ୍ ପୂନେଇଁ ଗୀତ'ର ଆସର ଜମି ଉଠେ । ଧାଙ୍ଗିଡ଼ିମାନେ ଗୀତ ବୋଲିବା ସହିତ ପରସ୍ପର ଅଣ୍ଟାରେ ହାତକୁ ଛନ୍ଦି ଏକ ତାଳରେ ପାଦ ପକାଇ ନାଚନ୍ତି । ଏହା ରାତି ତମାମ୍ ଚାଲେ । ପୁଷ୍ ପୂନେଇଁର ଜହ୍ନ ଆଲୁଅରେ ପରଜା ଧାଙ୍ଗଡା, ଧାଙ୍ଗିଡିମାନେ ନିଜନିଜର ଅନୁଭବକୁ ଏହି ନାଚ ଓ ଗୀତ ମାଧ୍ୟମରେ ପରସ୍ପରକୁ ବାଣ୍ଟିଥାନ୍ତି । ନାଚ, ଗୀତ ପରେପରେ ଧାଙ୍ଗଡା, ଧାଙ୍ଗିଡିମାନେ ସେମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ଜଣେ ମୁଖ୍ୟ ବା ନେତାଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ଏହି ଧାଙ୍ଗଡା ନେତାକୁ **'ମୁଲା ଧାଙ୍ଗଡା'** କହନ୍ତି । ନାଚ, ଗୀତ ପରେପରେ ମୁଲା ଧାଙ୍ଗଡାର ନେତୃତ୍ୱରେ ଧାଙ୍ଗଡାଧାଙ୍ଗିଡିମାନେ **'ପୁଷ୍ ଚୋରା'** କାର୍ଯ୍ୟକ୍ରମ କରନ୍ତି । ଏହା ରାତି ତମାମ୍ ଚାଲେ । 'ପୁଷ୍

Digitized by srujanika@gmail.com

ଚୋରା' ଅର୍ଥ ହେଉଛି, ମୁଲା ଧାଙ୍ଗଡାର ନେତୃତ୍ୱରେ ସମସ୍ତ ଧାଙ୍ଗଡା, ଧାଙ୍ଗିଡିମାନେ ରାତିରେ ଗାଁର ପରଜାମାନଙ୍କ ବାଡି, ବଗିଚାରେ ପଶି ବିଭିନ୍ନ ପ୍ରକାର ପନିପରିବା, ଆଳୁ, ମୂଳା, ବାଇଗଣ, କୋବି, କାନ୍ଦୁଲ, ମାଣ୍ଡିଆ ଆଦି ଚୋରି କରନ୍ତି । ଯାହାସବୁ ପନିପରିବା ସେମାନେ ଚୋରି କରି ଆଣିଥାନ୍ତି, ସେଥିରେ ପରଦିନ ଗାଁରେ ଏକ ସମୂହ ଭୋଜି ହୁଏ । ଏହି ସମୟରେ ନିଜନିଜର ବାଦବିବାଦ ଭୁଲି ପରସ୍ପର ମଧ୍ୟରେ ସୁଖ ବାଣ୍ଟନ୍ତି । ଏହାର ପରଦିନ ପରଜା ମହିଳାମାନେ ନିଜନିଜ ଘରେ ମାଣ୍ଡିଆ ଓ  ଅଳସିଚୁନାରେ ପ୍ରସ୍ତୁତ କରିଥିବା 'ପୁଷ୍ ପୂନି ପିଠା'କୁ ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି । ଏହି ଅବସରରେ ପରଜାମାନେ **'ଲାଣ୍ଡି'** ଦେବତାଙ୍କୁ ପୂଜା କରନ୍ତି । ଲାଣ୍ଡି ଦେବତା ହେଉଛନ୍ତି ଅଗ୍ନିର ଦେବତା । ଏହି ସମୟରେ ପରଜା ଧାଙ୍ଗଡା, ଧାଙ୍ଗିଡିମାନେ ଯେଉଁ ଗୀତ ବୋଲନ୍ତି ତାହାକୁ **'ଲାଣ୍ଡିଗୀତ'** କୁହାଯାଏ । ପରଜାମାନେ ବିଶ୍ୱାସ କରନ୍ତି, ଲାଣ୍ଡି ଦେବତା ବର୍ଷକୁ ଥରେ ଗାଁର ଯେକୌଣସି ସ୍ଥାନରେ ଆବିର୍ଭାବ ହୁଅନ୍ତି । ଚତୁର୍ଥ ଦିନ ପରଜାମାନେ ଗୀତ ଗାଇ ଓ ନାଚ କରି ଘରଘର ବୁଲନ୍ତି । ଧାଙ୍ଗିଡିମାନେ ଗୀତ ଗାଇବା ସାଙ୍ଗକୁ ନାଚ କରନ୍ତି ଏବଂ ଧାଙ୍ଗଡାମାନେ ଟଇଁଲା, ଟାମକ୍ ବଜେଇ ଧାଙ୍ଗିଡ଼ିମାନଙ୍କୁ ନାଚିବା ପାଇଁ ଉ   ।ହିତ କରିଥାନ୍ତି । ଧାଙ୍ଗଡ଼ା, ଧାଙ୍ଗିଡ଼ି ଗୀତ ଗାଇ ଓ ନାଚ କରି ଗାଁରୁ ପଇସା ସଂଗ୍ରହ କରିଥାନ୍ତି । ଧାଙ୍ଗିଡିମାନେ ସଂଗ୍ରହ କରିଥିବା ଟଙ୍କାରେ ଏକ ଭୋଜିର ଆୟୋଜନ



Digitized by srujanika@gmail.com



କରି ଧାଙ୍ଗଡାମାନଙ୍କୁ ଖାଇବାକୁ ନିମନ୍ତ୍ରଣ କରନ୍ତି ଏବଂ ସେହିଭଳି ଧାଙ୍ଗଡାମାନେ ମଧ୍ୟ ଭୋଜିର ଆୟୋଜନ କରି ଗାଁର ଧାଙ୍ଗିଡିମାନଙ୍କୁ ଖାଇବାକୁ ନିମନ୍ତ୍ରଣ କରନ୍ତି । ଏଭଳି ଏକ ଚମତ୍କାର ପରମ୍ପରା ପରଜା ସମାଜରେ ଦେଖିବାକୁ ମିଳେ । ଏହା ଫଳରେ ଗାଁରେ ଯୁବକ, ଯୁବତୀମାନଙ୍କ ମଧ୍ୟରେ ଅତି ଉତ୍ତମ ସମ୍ପର୍କ ଗଢ଼ି ଉଠେ । ଗାଁର ବୃଦ୍ଧ, ବୃଦ୍ଧା ମଧ୍ୟ ଏହି ପରମ୍ପରାକୁ ପାଳନ କରନ୍ତି । ଏମିତି ଚାରି, ପାଞ୍ଚ ଦିନ ପର୍ଯ୍ୟନ୍ତ ଧାଙ୍ଗଡା, ଧାଙ୍ଗିଡିମାନେ ଗାଁଗାଁ ବୁଲି ପଇସା ଭିକ୍ଷା ମାଗନ୍ତି ଓ ଭୋଜିଭାତ କରିବା ସହିତ ନାଚଗୀତରେ ମସ୍‌ଗୁଲ୍ ରହନ୍ତି ।

ଶେଷ ଦିନ ଗାଁର ସବୁ ପରିବାର ସେମାନଙ୍କର ଭାଗ 'ଲନ୍ଦା' (ମଦ) ଗାଁର ପୂଜାରୀ 'ଯାନୀ'ଙ୍କ ନିକଟରେ ଦାଖଲ କରନ୍ତି । ସମସ୍ତ ମଦକୁ ଏକତ୍ର ମିଶିକରି ପରଜାମାନେ ପାନ କରି ଆନନ୍ଦରେ ମାତି ଉଠନ୍ତି ।

ନବରଙ୍ଗପୁର ଅଞ୍ଚଳରେ ପୁଷ୍ ପୂନେଇଁର ଆଠ ଦଶ ଦିନ ପୂର୍ବରୁ ଗାଁ ଗାଁମାନଙ୍କରେ ଦେଶିଆ ନାଟ ପରିବେଷଣ କରାଯାଇଥାଏ । କିଛି ଆଦିବାସୀ ଯୁବକ ରଙ୍ଗୀନ୍ ପୋଷାକ, ମୁକୁଟ, ଶାଢ଼ି ପରିଧାନ କରି ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରି ଗାଁ ଗାଁ ବୁଲିଥାନ୍ତି । ରାମାୟଣ, ମହାଭାରତ ଆଦି ପୁରାଣଭିତ୍ତିକ ନୃତ୍ୟ ଏଥିରେ ସ୍ଥାନ ପାଇଥାଏ । ଏମାନେ ଦଳ

Digitized by srujanika@gmail.com

ଦଳ ହୋଇ ଗାଁମାନଙ୍କରେ ବୁଲି ଟଙ୍କା, ଚାଉଳ ମାଗି ବୁଲିଥାନ୍ତି । ଏମାନଙ୍କ ଦଳରେ କେତେ ଜଣ ବାଦ୍ୟ ପରିବେଷଣ କରୁଥିବାବେଳେ କିଛି ନୃତ୍ୟ କରନ୍ତି । ଆଉ କେତେଜଣ ଚାଉଳ, ଧାନ ଭାର ବୋହିକରି ସେମାନଙ୍କ ସାଙ୍ଗରେ ଚାଲନ୍ତି । ଏମାନେ ପନ୍ଦର ଦିନ ଧରି ପୂର୍ଣ୍ଣିମା ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଧାନ, ଚାଉଳ ମାଗନ୍ତି । ଯେଉଁ ଗାଁରେ ରାତି ହୁଏ, ସେଠାରେ ସମସ୍ତେ ରାତ୍ରୀ ଯାପନ କରନ୍ତି । ସେହି ଗାଁର ଲୋକେ ଏହି ନାଟୁଆ ଦଳର ସମସ୍ତ ସଦସ୍ୟଙ୍କ ପାଇଁ ଖାଇବାର ବ୍ୟବସ୍ଥା କରନ୍ତି ।

### ପୁଷ୍ ପୁନେଇଁ ଗୀତ ନଂ ୧:

'ଦାନୁରେ କରୁବା ମାଣ୍ଡିଆ କରୁବା
କାଇଁ ଦାନୁ କରୁବା
ପୁଷ୍ ହରୁବ୍ ଲାଗି ଆଚେ କରୁ ସରୁଦ
କାଇଁ କରୁ ସରୁଦ୍

ଦାନୁରେ କରୁନ୍ଦା ମାଣ୍ଡିଆ କରୁନ୍ଦା
କାଇଁ ଦାନୁ କରୁନ୍ଦା
ତୁମି ଆମି ମିଶଲା ଦିନ କରୁ ସରୁଦ
କାଇଁ କରୁ ସରୁଦ

ଦାବୁ ପିରି କାଟି ଆଣୁ ଦାବୁ ଦରାଣେ
କରିଆ ଶୁକୁଆ ପତାଇ ଆଣୁ
ମଦୁ ଦୁକାଣେ

ଚେମିହୁଲ୍ ମଲିହୁଲ୍ ଗାଡି ହୋଲିନି ଗାଇଁ
ଗାଡି ହୋଲିନି
ଯୁଆବେ କାଇ ଆମର୍ ବାଇ ରାତି ହୋଲିନି

Digitized by srujanika@gmail.com

# ପାନିଆ ଜୁନିଆ ଗୀତ:

## (Pania Junia; the Puspuni folk)

ପୁଷ୍ ପୂନେଇଁ ଅବସରରେ ନବରଙ୍ଗପୁର ଜିଲ୍ଲାରେ ପରଜା, କନ୍ଧ, ଭତରା, ଅମାନାତ୍ୟ ସମ୍ପ୍ରଦାୟର ଯୁବତୀ ଓ ବିବାହିତା ମହିଳାମାନେ ସନ୍ଧ୍ୟା ସମୟରେ ଗାଁ ଗାଁ ବୁଲି ଚାଉଳ, ପନିପରିବା, ବାଇଗଣ, କୋବି, ମୂଳା, ମାଣ୍ଡିଆ, ଗହମ, ଜନ୍ଦିରି, ଲିଆ, ପିଠା ଓ ସର୍ବୋପରି ଟଙ୍କା ମାଗିଥାନ୍ତି । ଏହି ଧାଙ୍ଗିଡ଼ି ଓ ବିବାହିତା ସ୍ତ୍ରୀଲୋକମାନେ ସନ୍ଧ୍ୟାବେଳେ ସମ୍ମିଳିତ ଭାବେ ଗୀତ ଗାଇ ଗାଇ ଘର ଘର ବୁଲି ଚାଉଳ, ଟଙ୍କା ଆଦାୟ କରନ୍ତି । ଏହି ଅବସରରେ ସେମାନେ ଯେଉଁ ଗୀତ ବୋଲିଥାନ୍ତି ତାକୁ 'ପାନିଆ ଜୁନିଆ' ଗୀତ କୁହାଯାଏ । କେବଳ ଆଦିବାସୀ ମହିଳାମାନେ ପାନିଆ ଜୁନିଆ ଗୀତ ବୋଲିଥାନ୍ତି । ଏଥିରେ କୌଣସି ପୁରୁଷମାନେ ସାମିଲ୍ ହୋଇ ନଥାନ୍ତି । ଏହି ଗୀତରେ କୌଣସି ବାଦ୍ୟଯନ୍ତ୍ରର ଆବଶ୍ୟକତା ପଡି ନଥାଏ ।

ପ୍ରତି ଯୁବତୀ ଗୋଟିଏ ଗୋଟିଏ ଚାଙ୍ଗୁଡି ଧରିଥାନ୍ତି । ପ୍ରତି ପରିବାର ପକ୍ଷରୁ ଏହି ଯୁବତୀମାନଙ୍କୁ ଚାଉଳ, ଧାନ ଓ ଅନ୍ୟାନ୍ୟ ପନିପରିବା ପ୍ରଦାନ କରାଯାଇଥାଏ । କେବଳ ଘର ଘର ବୁଲି ଚାଉଳ, ପନିପରିବା, ଟଙ୍କା ମାଗିବା ଉଦ୍ଦେଶ୍ୟରେ ଆଦିବାସୀ ଯୁବତୀମାନେ ଏହି ଗୀତ ବୋଲିଥାନ୍ତି । ପୁଷ୍ ପୂନେଇଁ ସମୟରେ ସନ୍ଧ୍ୟା ସମୟରେ ଗାଁ ଗାଁରେ ବୁଲୁଥିବା ଏହି ଆଦିବାସୀ ଯୁବତୀମାନଙ୍କୁ ଦେଖିଲେ ମନେହୁଏ, ସେମାନେ ହେଉଛନ୍ତି ପୃଥିବୀର ସବୁଠୁ ସୁଖୀ ମଣିଷ । ଜୀବନକୁ ଅତି ଚମତ୍କାର ଭାବେ ଉପଭୋଗ କରୁଥିବା ଏହି ଆଦିବାସୀ ଧାଙ୍ଗିଡ଼ିମାନେ ପୁଷ୍ ପୂନେଇ ସମୟରେ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇଥାନ୍ତି । ଏମାନେ ରାତି ରାତି ଗୀତ ଗାଇ ସବୁ କିଛି ଭୁଲି ଯାଆନ୍ତି ।

ନବରଙ୍ଗପୁର ଜିଲ୍ଲାର ଆଦିବାସୀ ସମାଜରେ 'ପାନିଆ ଜୁନିଆ' ଗୀତଟି ବେଶ୍ ଲୋକପ୍ରିୟ ହୋଇପାରିଛି । ବିଶେଷ କରି ଏହି ଗୀତ ମାଧ୍ୟମରେ ଯୁବତୀମାନେ ଚାଉଳ, ଟଙ୍କା ମାଗିବା ସହ ଯୁବକମାନଙ୍କ ସହ ବିଭିନ୍ନ ପ୍ରକାର ଥଟ୍ଟା, କେଏଲି କରିଥାନ୍ତି । ସେମାନଙ୍କୁ ମଧ୍ୟ ପ୍ରେମ ନିବେଦନ କରିଥାନ୍ତି । ଏହି ଗୀତଗୁଡିକ ଶୃଙ୍ଗାର ଓ ପ୍ରେମ ରସରେ ସମୃଦ୍ଧ । ପାପଡାହାଣ୍ଡି ବ୍ଲକ୍ ଅନ୍ତର୍ଗତ ରଜାମାଟ୍ଟ ପରଜା ଗାଁରୁ ସଂଗ୍ରହ କରାଯାଇଥିବା କିଛି ପାନିଆ, ଜୁନିଆ ଗୀତ ନିମ୍ନରେ ପ୍ରଦାନ କରାଗଲା ।

### ପାନିଆ ଜୁନିଆ ଗୀତ ନଂ୧:

'ପାନିଆ ଜୁନିଆ ମୋଟ୍‌କେ ଚାଉଲ ଦିଆ
ଦେଏଲେ ଦିଆ ନଦେଲ ନାଇଁ

Digitized by srujanika@gmail.com

ଯିବୁ ଆମର ପରାରେ,
ଧନ ଯିବୁ ଆମର ପରା

ଜନି ତ ଜନି କିଡ଼ା କାଏ ଜନି
ଜନି ତ ଜନି କିଡ଼ା କାଏ ଜନି
ଇ ଗାଁର୍ ଦାଙ୍ଗଡ଼ାମନ୍‌କେ ମେଘେ ଓକୋନି
ଗି ମେଘେ ଓକୋନି

ତାପା ତ' ତାପା ମାଚ୍ ମାରା ତାପା
ତାପା ତ' ତାପା ମାଚ୍ ମାରା ତାପା
ଇ ଗାଁର୍ ଦାଙ୍ଗଡ଼ାମନ୍‌କେ
ବନ୍ଧେ ନେଇ ତାପା
ଗି ବନ୍ଧେ ନେଇ ତାପା

ଲୋଟା ତ' ଲୋଟା ହଲ୍‌ଦି ବଟା ଲୋଟା
ଲୋଟା ତ ଲୋଟା ହଲ୍‌ଦି ବଟା ଲୋଟା
ଡାଣ୍ଡ୍ ଡାଣ୍ଡ୍ ବୁଲ୍‌ସି ଆଚେ
ଶାଲ ବାନ୍ଧା ଘୋଡା
ଗି ଶାଲ ବାନ୍ଧ ଘୋଡା

କର୍‌ସାଲି ପତର ଗି କର୍‌ସାଲି ପତର
ଦେଲେ ଦିଆ ନ ଦେଲେ ନାଇଁ
ଭଲ୍ କରି ପଚାର
ଗି ଭଲ୍ କରି ପଚାର

ଡିରିଗି ରାରାଗି ଡିରିଗି ରାରା
ମାଲ ଗୋଇଛିରି ପାରା

Digitized by srujanika@gmail.com

ରି ମାଲ୍ ଗୋଇଯିରି ପାରା
ଦେଇତେ ଦିଆ ଯାଇତେ ଯିବୁ
ବଡ଼େ ଦୁରିଆ
ରି ବଡ଼େ ଦୁରିଆ

ଶରିଗି ଲଦିଆ ରି ଶରଗି ଲଦିଆ
ଶରଗି ଲଦିଆ ରି ଶରଗି ଲଦିଆ
ତମର ଗରେ ଅଛି ବାବୁ,
ଦାନ ଗଦିଆ
ରି ଦାନ ଗଦିଆ
ଦେଇତେ ଦିଆ ଯାଇତେ ଯିବୁ
ବଡ଼େ ଦୁରିଆ
ରି ବଡ଼େ ଦୁରିଆ

ଚାଉଲ୍ ଚକ୍ନି ରି ଚାଉଲ୍ ଚକ୍ନି
ଚାଉଲ୍ ଚକ୍ନି ରି ଚାଉଲ୍ ଚକ୍ନି
ଇ ଗାଁର୍ ଦାଙ୍ଗଡାମାନ୍କେ ମେଘେ ଓକୋନି
ରି ମେଘେ ଓକୋନି
ପାନିଆ ଜୁନିଆ ମୋଟ୍କେ ଚାଉଲ ଦିଆ
ଦେଲେ ଦିଆ ନ ଦେଲେ ନାଇଁ
ଯିବୁ ଆମର୍ ପରା ରି ଯିବୁ ଆମର୍ ପରା"

## ଶବ୍ଦାର୍ଥ:

| | |
|---|---|
| ମେଘ | ନିଶ |
| ଓକୋନି | ଉକୁଣୀ |
| ଜନି | ଜହ୍ନି |

Digitized by srujanika@gmail.com

| | |
|---|---|
| କିଡ଼ା | ପୋକ |
| ତାପା | ମାଛଧରା ଘୋଡଣୀ (ପୋଲୁହ) |
| ଲୋଡା | ବାଟଣ ବଟା ଶିଳ |
| କରସାଲି | ଏକ ପ୍ରକାର ଜଙ୍ଗଲୀ ଗଛ |
| ମାଲ ଗୋଇଦିରି ପାରା | ଗଳି |
| ଶରଗି ଲଦିଆ | ଶାଳ ଗଛର ଗଣ୍ଡି |
| ଚକ୍‌ନି | ଛୋଟ ଦନା |

## ଭାବାର୍ଥ:

ଆମେ ଧାଙ୍ଗିଡ଼ିମାନେ
ପାନିଆ ଜୁନିଆ ମାଗି ଆସିଛୁ
ପୁଷ୍ ପୂନେଇଁରେ ଭୋଜି କରିବୁ
ଆମକୁ ଚାଉଳ, କାନ୍ଦୁଲ ଦିଅ
ଯାହା ବି ଦିଅ ଖୁସି ମନରେ ଦିଅ
ନ ଦେଲେ ନାହିଁ
ହେଲେ, ପୁଷ୍ ପୂନେଇଁରେ
ଆମର ପଡ଼ା ଆଡେ ଟିକେ ବୁଲି ଆସିବ
ନିମନ୍ତ୍ରଣ ରହିଲା

ହେ, ଧାଙ୍ଗଡ଼ାମାନେ
ତମ ବାଡିରେ ଜହ୍ନିକୁ ପୋକ ଖାଇଯାଉଛି
ହେଲେ ଆମକୁ ଦେଉନ?
ତମ ନିଶରେ ଉକୁଣି

ତାପା ତ ତାପା ମାଛମରା ତାପା
ସେଇ ମାଛ ମରା ଥାପାରେ
ଏଇ ଗାଁର ଧାଙ୍ଗଡ଼ାମାନଙ୍କୁ
ନେଇ ପୋଖରୀରେ ମାଡ

Digitized by srujanika@gmail.com

ହଳିଦି ବଟା ଶିଳ, ହଳଦି ବଟା ଶିଳ
ହେଇ, ଦେଖ ଧାଙ୍ଗଡା
ଗାଁରେ ବୁଲୁଛି ଶାଳବନ୍ଧା ଘୋଡା

କରସଲି ପତର ଠୋଲା କରସଲି ପତର ଠୋଲା
ଚାଉଳ ଗଣ୍ଡେ ଦିଅ କି ନଦିଅ
ହେଲେ ଭଲକରି ଟିକେ ପଚାର
ଧାଙ୍ଗଡ଼ା, ଆମକୁ ଟିକେ ଶରଧା କର

ତିରିରି ରାରାରି ମାଲ୍ ଗୋଇନ୍ଦିରି ଗଳି
ଚାଉଳ ଗଣ୍ଡେ ଦିଅ ଭଲା
ଆମେ ଯିବୁ ବହୁ ଦୂରରେ
ଆମେ ଯିବୁ ବହୁ ଦୂର

ଶାଳ ଗଛର ଗଣ୍ଡି ଗୋ,
ଶାଳ ଗଛର ଗଣ୍ଡି
ତମର ଘରେ ଅଛି ଧାନର ମଣ୍ଡି
ଧାନର ମଣ୍ଡି
ବେଗି ବେଗି ଦିଅ ଗୋ
ଆମେ ଯିବୁ ବହୁ ଦୂର

ଚାଉଳ ଦନାରେ ଚାଉଳ ଦନା
ଆମକୁ ଦିଅ ଗୋ, ବେଗି ଚାଉଳ
ଧାଙ୍ଗଡ଼ାମାନେ,
ନଦେଲେ,
ତମ ମୁଣ୍ଡରେ ଉକୁଣୀ

Digitized by srujanika@gmail.com

ପାନିଆ ଜୁନିଆ ଗୀତ ବିଶେଷକରି ପ୍ରେମ ଓ ଶୃଙ୍ଗାର ରସରେ ସମୃଦ୍ଧ । ଏହି ଗୀତ ମାଧ୍ୟମରେ ଧାଙ୍ଗିଡ଼ିମାନେ ଧାଙ୍ଗଡାମାନଙ୍କର ନିକଟତର ହୋଇଥାନ୍ତି ଏବଂ ପ୍ରେମ ନିବେଦନ କରିଥାନ୍ତି । ଚାଉଳ, ପନିପରିବା, ଟଙ୍କା ମାଗି ଆଣିବା ପରେ ଧାଙ୍ଗିଡ଼ିମାନେ ଗାଁର ବେରଣ ମୁଣ୍ଡ (ଠାକୁରାଣୀ ମଣ୍ଡପ) ନିକଟରେ ଭୋଜି କରି ଧାଙ୍ଗଡାମାନଙ୍କୁ ଖାଇବାକୁ ନିମନ୍ତ୍ରଣ କରନ୍ତି । ଧାଙ୍ଗିଡ଼ିମାନଙ୍କ ନିମନ୍ତ୍ରଣ ରକ୍ଷା କରି ଧାଙ୍ଗଡାମାନେ ଭୋଜି ଖାଇବାକୁ ଆସନ୍ତି । ଭୋଜି ଖାଇବା ପରେ ନାଚ, ଗୀତର ଆସର ଜମିଉଠେ । ଏହି ନାଚ, ଗୀତ ମାଧ୍ୟମରେ ଆଦିବାସୀ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ପୁଷ୍ ପୂନେଇଁକୁ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳିଥାନ୍ତି ।

## ପାନିଆ ଜୁନିଆ ଗୀତ ନଂ୨:

'ପାନିଆ ଜୁନିଆ ମୋଟ୍‌କେ ଚାଉଲ ଦିଆ
ଦେଏଲେ ଦିଆ ନଦେଲେ ନାଇଁ
ଯିବୁ ଆମର ପରାରେ,
ଧନ ଯିବୁ ଆମର ପରା

ପାକ୍‌ଲା ପାକ୍‌ଲା ବୋରି
ରି ପାକ୍‌ଲା ପାକ୍‌ଲା ବୋରି
ଇ ଗାଁର ଦାଙ୍ଗଡ଼ାମାନ୍‌କେ
ପବନ ନେଲା ଚୋରି
ରି ପବନ ନେଲା ଚୋରି

ତେନ୍ତିଲି ପତର ଦନା
ରି ତେନ୍ତିଲି ପତର ଦନା
ପେଜ୍ କାଇକେ ଆ ମଜିଆ ନନା
ମଣ୍ଡାଇ ଦେବୁ ଦନା
ରି ମଣ୍ଡାଇ ଦେବୁ ଦନା
ପାଚିଲା କୁମୁଣ୍ଡା ରି ପାଚିଲା କୁମୁଣ୍ଡା

Digitized by srujanika@gmail.com

ତମର ଗାଁର ଟୋକୀମାନେ
ସବୁ ତୁମୁଣ୍ଡରେ ସବୁ ତୁମୁଣ୍ଡ

ବାଂଗା ତୋ ବାଂଗା ତୁଲୁତୁଲିଆ ବାଂଗା
ବାଂଗା ତୋ ବାଂଗା ତୁଲୁତୁଲିଆ ବାଂଗା
ଜୋଏ ଅତରାଏ ବସିଲା ଆଚେ
ଆଇ ମାନ୍‌କେ ମାଙ୍ଗ ରି
ଆଇ ମାନ୍‌କେ ମାଂଗା

ମୁନ୍‌ଗା ଗାଚିଆ ଗରା
ରି ମୁନ୍‌ଗା ଚାଚିଆ ଗରା
ମୁନ୍‌ଗା ପତର ଝଡି ଜୋଡିଗଲେ
ଜୁତା କେ ଯତନ କର
ରି ଜୁତାକେ ଯତନ କର

ପନସ ଗାଚିଆ ଗରା
ରି ପନସ ଗାଚିଆ ଗରା
ପନସ ପତର ଝଡି ଜୋଡିଗଲେ
ଜୁତା କେ ଯତନ କର
ରି ଜୁତାକେ ଯତନ କର

ନ ଦୋକାନର ଚିଙ୍ଗିଡ଼ି ଚୋପା
ଦୁଇ ଦୋକାନର ପାଟ
ପାଟ ପିନ୍ଧିକରି ଆଇସି ଆଚେ
ନରଙ୍ଗପୁରିଆ ଚୋଟା
ରି ନରଙ୍ଗପୁରିଆ ଚୋଟା

Digitized by srujanika@gmail.com

ଡ଼ଂଗରେ ବୁଣିଲି ଡ଼ଂଗର ଧାନ
ପାଲି ପକାଇଲି ସନ
ରି ପାଲି ପକାଇଲି ସନ
ଯା' ଯା'ରେ ମୋର ଜୀବର ଧନ୍
କାନ୍‌କେ ଧରି ଆନ ରି
କାନ୍‌କେ ଧରି ଆନ

## ଶବ୍ଦାର୍ଥ:

| | |
|---|---|
| ବୋରି | କୋଳି |
| ତେନ୍ତିଲି | ତେନ୍ତୁଳି |
| ତୁମୁଣ୍ଡ | ଉଲଗ୍ନ |
| କୁମୁଣ୍ଡ | କଖାରୁ |
| ବାଂଗା | ବାଇଗଣ |
| ମୁନ୍‌ଗା | ସଜନା |
| ପନସ | ପଣସ |
| ଚିଙ୍ଗିଡ଼ିଚାପା | ଏକ ପ୍ରକାର ଗୋଡ ମୁଦି |
| ପାଲି | ପାର୍ଶ୍ୱ |
| ସନ | 'ସଣ', ଏକ ପ୍ରକାର ଘାସ ଜାତୀୟ ଗଛ |

## ଭାବାର୍ଥ:

ଆମେ ପାନିଆ ଜୁନିଆ ମାଗି ଆସିଛୁ
ପୁଷ୍ ପୁନେଇଁରେ ଭୋଜି କରିବୁ
ଆମକୁ ଚାଉଳ, କାନ୍ଦୁଲ ଦିଅ
ଯାହା ଦିଅ ଖୁସି ମନରେ ଦିଅ
ନ ଦେଲେ ନାହିଁ
ହେଲେ, ପୁଷ୍ ପୁନେଇଁରେ

Digitized by srujanika@gmail.com

ଆମର ପଡ଼ା ଆଡେ ଟିକେ ବୁଲି ଆସିବ

ଇ ଦେଖ ପାଚିଲା ପାଚିଲା କୋଳି
କି ଦେଖ !
ଏ ଗାଁରେ ଗୋଟିଏ ହେଲେ ଧାଙ୍ଗଡା ଦୃଶ୍ୟ
ହେଉ ନାହାନ୍ତି !
କ'ଣ ପବନ ସେମାନଙ୍କୁ
କୁଆଡେ ଉଡେଇ ନେଇଛି?

ତେନ୍ତୁଲି ପତର ଦନା ରେ
ତେନ୍ତୁଲି ପତର ଦନା
ଆ' ମୋର ମଝିଆ ନନା
ଖାଇବୁ ପେଜ ଦନା

ପାଚିଲା କଖାରୁ ପାଚିଲା କଖାରୁ
ଆମେସବୁ ଢଳଢଳ ଧାଙ୍ଗିଡ଼ିମାନେ
ପୂରାପୂରି ତୟାର
ଆସ ଉତ୍ତାର ଦେହରୁ କପଡା ଆମର

ସୁନ୍ଦର ସୁନ୍ଦର ବାଇଗଣ
ହେଇ ଯୋଉ ଧାଙ୍ଗଡା ସେଠି ବସିଛି
ଦିଅ ଆମକୁ ଚାଉଳ, ଟଙ୍କା
ଆଜି ପରା ଦିନରେ

ସଜନା ଗଛ ମୂଳେ ଘର
ଭାଙ୍ଗିଗଲେ ସଜନା ଗଛ
ଘର ଉପରେ ଯିବ ପଡି

Digitized by srujanika@gmail.com

ଧାଙ୍ଗିଡ଼ିମାନେ, ନିଜର ଜୁତାକୁ
ଯତ୍ନର ସହ ରଖିଥାଅ

ପଣସ ଗଛ ମୂଳେ ଘର
ଭାଙ୍ଗିଗଲେ ପଣସ ଗଛ
ଘର ଉପରେ ଯିବ ପଡି
ଧାଙ୍ଗିଡ଼ିମାନେ
ନିଜର ଜୁତାକୁ ଯତ୍ନର ସହ ରଖ

ନଅ ଦୋକାନର ବିଙ୍ଗୁଡି ଚାପା
ଦୁଇ ଦୋକାନର ପାଟ
ସେଇ ପାଟ ପିନ୍ଧିକି
ଦେଖ ଆସିଛି
ନବରଙ୍ଗପୁରିଆ ଚୋଠା

ଡ଼ଂଗରେ ବୁଣିଲି ଡ଼ଂଗର ଧାନ
ପାଖେ ପାଖେ ପୋତିଲି ସଣ
ଯା ଯାରେ ମୋର ଜୀବନ ଧନ
ତୋର କାନକୁ ମୋତି ଆଣିବି

## ଛେର୍‌ଛେରା ଗୀତ:

## (Chher Chhera; the Puspuni folk)

ପୁଷ୍ ପୁନେଇଁ ଅବସରରେ ଗାଁର ଛୋଟଛୋଟ ପିଲାମାନେ ମଧ୍ୟ ଘର ଘର ବୁଲି ଚାଉଳ, ଟଙ୍କା ମାଗିଥାନ୍ତି । ଏହି ଆଦିବାସୀ ପିଲାମାନେ ସାଧାରଣତଃ ଦିନବେଳା ଘର ଘର ବୁଲନ୍ତି । ସେମାନେ ଯେଉଁ ଗୀତ ଗାଇ ଚାଉଳ ମାଗନ୍ତି, ତାହାକୁ **'ଛେର୍ ଛେରା'** ଗୀତ କୁହାଯାଏ । ଛେର୍‌ଛେରା ଗୀତ ବୋଲିବା ବେଳେ ଏହି ପିଲାମାନେ ନିଜ ଦେହରେ ବିଭିନ୍ନ ରଙ୍ଗର ମାଟି,

Digitized by srujanika@gmail.com

ପାଉଁଶ ଆଦି ବୋଳି ହୋଇଥାନ୍ତି ଏବଂ ଜରି ପୋଷାକ ପିନ୍ଧି ଗାଁ ଗାଁ ବୁଲିଥାନ୍ତି । ଏହା ଛଡା ବୟସ୍କ ପୁରୁଷମାନେ ମଧ୍ୟ ଛେର୍‌ଛେରା ମାଗିଥାନ୍ତି । ମାତ୍ର ଯୁବତୀ କି ବିବାହିତା ମହିଳା ଛେର୍‌ଛେରା ପରିବର୍ତ୍ତେ 'ପାନିଆ ଜୁନିଆ' ମାଗିଥାନ୍ତି । ଛେର୍‌ଛେରା ମାଗିବା ଅବସରରେ ପିଲାମାନଙ୍କ ମଧ୍ୟରୁ କିଏ ପୁଲିସ, କିଏ ଚୋର, କିଏ ଫରେଷ୍ଟ ଗାର୍ଡ ଓ କିଏ ଆର୍.ଆଇ ଭୂମିକାରେ ଅଭିନୟ କରି ଗୀତ ବୋଲିଥାନ୍ତି । କିଛି ପିଲା ଟିଣ ଡବା, ପ୍ଲାଷ୍ଟିକ୍ ଖୋଳ, ଗିନି ଆଦିକୁ ବାଜା ଭାବେ ବ୍ୟବହାର କରିଥାନ୍ତି । ଏମାନେ ଘର ଘର ବୁଲି ଚାଉଳ, ଟଂକା ମାଗନ୍ତି । ସ୍ଥାନ ଓ କାଳ ଅନୁସାରେ ଛେର୍‌ଛେରା ଗୀତରେ ବିଶେଷ କିଛି ପରିବର୍ତ୍ତନ ଲକ୍ଷ୍ୟ କରି ହୁଏନି । ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହି ଗୀତ ତାର ସମାନତା ବଜାୟ ରଖି ପାରିଛି । 'ଛେର୍ ଛେର୍ କୁଲେକ୍ ଛେର୍' ପଦଟିକୁ ବାରମ୍ବାର ଘୋଷା ଭଳି ଗାନ କରାଯାଇଥାଏ । ପିଲାମାନେ ବଡ଼ ପାଟିରେ 'ଛେର୍ ଛେର୍ କୁଲେକ୍ ଛେର୍'କୁ ଉଚ୍ଚାରଣ କରିଥାନ୍ତି । ଏହି ସମୟରେ ପିଲାମାନେ ହୁଅନ୍ତୁ କି ପୁରୁଷ; ସମସ୍ତେ ବେଶ୍ ମଉଜ ମଜଲିସ କରି ସମୟତକ କଟେଇଥାନ୍ତି । ଗାଁ ଗାଁ ବୁଲି ଯାହା କିଛି ଚାଉଳ, ଟଙ୍କା ସଂଗ୍ରହ କରିଥାନ୍ତି, ସେଥିରେ ନିଜ ଗାଁର ବେରଣ ମୁଣ୍ଡ ନିକଟରେ ଏକ ବଡ଼ ଭୋଜିର ଆୟୋଜନ କରିଥାନ୍ତି । ବର୍ତ୍ତମାନ, ପିଲାମାନେ ଓ ପୁରୁଷମାନେ ବିଭିନ୍ନ ସହର, ବଜାର ବୁଲିବୁଲି 'ଛେର୍‌ଛେରା' ମାଗୁଥିବାର ନଜରକୁ ଆସୁଛି । କାରଣ ଏଠାରେ ବେଶି ମାତ୍ରାରେ ଟଙ୍କା ମିଳିବ ବୋଲି ସେମାନେ ଆଶା କରନ୍ତି । ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା କିଛି ଛେର୍‌ଛେରା ଗୀତ ନିମ୍ନରେ ପ୍ରଦାନ କରାଗଲା ।

### ଛେର୍‌ଛେରା ଗୀତ:

'ଛେର୍ ଛେର୍ କୁଲେକ୍ ଛେର୍
ଛେର୍ ଛେର୍ କୁଲେକ୍ ଛେର୍
ଛାନି ଉପରେ କୁମୁଣ୍ଡା
ମୋର ମାଇଜି ଡୁମୁଣ୍ଡା
ହାଣ୍ଡିକୁଣ୍ଡି ଡୁଣ୍ଡୁତାଣ୍
ଦେଖିବେରେ ଦେଖିବେ
ଛେର୍ ଛେର୍ କୁଲେକ୍ ଛେର...

Digitized by srujanika@gmail.com

ଛାନି ଉପରେ ଟୁଣ୍ଟୁରି
ମୋର ମାଇଜି ମୁଣ୍ଟୁରି
ଛାନି ଉପରେ ବରେଇ ଡୋର୍
ମୋର ମାଇଜି ପାଣ୍ଟେଇ ଚୋର୍
ଛେର୍ ଛେର୍ କୁଲେକ୍ ଛେର॰

ଉଲିକେ କୋଡ୍କା
ତଣ୍ଡାକେ ଖାସ୍
ଲପଲସି ଗଲା ଘାସ
ଆମ ଘରେ ନାଇଁ
ଧନପଦାସ ମନ ଡିଲେ ଭାରି ଆସ
ଛେର୍ ଛେର୍ କୁଲେକ୍ ଛେର୍॰

ଇ ଚାମୁଣ୍ଡାରେ କିଦିରି ଲାଉ
ଦ୍ୱାଇ ଚାମୁଣ୍ଡାରେ କାଉ
ତୋର୍ ଦଣ୍ଡାରି ଟିକଟାକ
ମୋର ଦଣ୍ଡାରି ନିକ
ରି ମୋର ଦଣ୍ଡାରି ନିକ
ଛେର୍ ଛେର୍ କୁଲେକ୍ ଛେର୍॰

ଲଦିଆ ଗଚର ବାଦିଆ ଠୋଲା
ପାନି କୁବକାବ କଲା
ଡୋକରି ହେଲେ କି ଧାଙ୍ଗିଡ଼ି ହେଲେ
ପେଜ ରାନ୍ଧି ଦେଲେ ହେଲା
ଛେର୍ ଛେର୍ କୁଲେକ୍ ଛେର୍॰

Digitized by srujanika@gmail.com

ଲଦିଆ ଗଚର ବଦିଆ କେନ୍ଦୁ
ଆଲେ ମାହାସାଡ ବାନ୍ଦୁ
ସତେ ମାହାସାତ୍ ବାନ୍ଦୁ
ଛେର୍ ଛେର୍ କୁଲେକ୍ ଛେର୍...

## ଶବ୍ଦାର୍ଥ:

| | |
|---|---|
| ଛାନି | ଛାତ/ଭାତି |
| କୁମୁଣ୍ଡ | କଖାରୁ |
| ମାଇଜି | ସ୍ତ୍ରୀ/ପ୍ରେମିକା |
| ତୁମୁଣ୍ଡ | କାମୁକ (sexy) |
| ଟୁଣ୍ଟୁରି | କୁନ୍ଦୁରି |
| ମୁଣ୍ଟୁରି | ଲଣ୍ଡା ମୁଣ୍ଡିଆ |
| ବରେଇ ଡୋର୍ | ଏକ ପ୍ରକାର ସୂତା |
| ପାଣ୍ଟେଇ | ଚପଳ |
| ଲସଲସି ଯିବା | ପାଚିଯିବ/ବଢିଯିବା |
| ଚାମୁଣ୍ଡ | ଛାତ/ଭାତି |
| ଲଦିଆ | କଅଁଳ |
| ଦଣ୍ଡାରି | କାଠି |
| ମାଆସାତ୍ | ମହାପ୍ରସାଦ |

## ଭାବାର୍ଥ:

ଛେର୍ ଛେର୍ କୁଲେକ୍ ଛେର୍
ଭାଡ଼ି ଉପରେ ଗଡୁଛି ଗୋଟି କଖାରୁ
ମୋର କନିଆ (ସ୍ତ୍ରୀ) ଅତି କାମୁକ ସ୍ୱଭାବର
ତାକୁ ଦର୍କାର ସୁସ୍ଥ ସବଳ ପୁରୁଷର ସଂଗ
ହାଣ୍ଡିକୁଣ୍ଡି ଢଣ୍ଢାଣ୍
ଯାହା କିଛି ଦବା କଥା ଦିଅ

Digitized by srujanika@gmail.com

ଛାତ ଉପରେ କୁନ୍ଦୁରି
ମୋ ସ୍ତ୍ରୀ ଲାଣ୍ଡିମୁଣ୍ଡି
ଛାତ ଉପରେ ବରେଇ ଡୋର
ମୋର ସ୍ତ୍ରୀ ଚପଲ ଚୋର
ପିଆଜ କିଆରୀରେ ଘାସ ବଢିଛି
ତାକୁ କୋଡ
ଆଖୁ କିଆରୀରେ ଘାସ ବଢିଛି, କୋଡ
ତମର କିଆରୀରେ ଘାସ ବହଳିଛି
ଏଣେ ଆମର ଘରେ ଖାଇବାକୁ
ଚାଉଳ ନାହିଁ

ଏପଟ ଭାଡିରେ ଓହଳିଛି ଲାଉ
ସେପଟ ଭାଡିରେ କାଉ
ତମ ଦଣ୍ଡାରି ଠିକ୍‌ଠାକ୍ ଅଛି
ହେଲେ ମୋ ଦଣ୍ଡାରି ଅଚଳ

କଅଁଳିଆ ଗଛର କଅଁଳିଆ ପତ୍ର
ପୋଖରୀରେ ପାଣି ଟବ୍‌ଟବ୍ କଲା
ବୁଢି ହେଉ କି ଯୁବତୀ
ଭାତ ରାନ୍ଧି ଦେଲେ ହେଲା

କଅଁଳିଆ ଗଛର କଅଁଳ କେନ୍ଦୁ
ଆରେ ଧାଙ୍ଗିଡ଼ି
ମହାପ୍ରସାଦ ଖାଇ
ମିତ ବସିବା, ମିତ ବସିବା

Digitized by srujanika@gmail.com

ଗୀତ ସଂଗ୍ରହ:


ପୂର୍‌ନି ଯାନୀ, ଶୁକ୍ରୀ ଯାନୀ, ତମୁନି ଯାନୀ, କନକ ଦେଇ ଯାନୀ

ଗ୍ରାମ: ରଜାମାଟୁ, ବ୍ଲକ୍: ପାପଡାହାଣ୍ଡି, ଜିଲ୍ଲା: ନବରଙ୍ଗପୁର

## ଲୋକ ଗୀତ: ସାଇଁଲୋଡ଼ି

### (Sainlodi; the traditional folk song & dance)

ଦିନ ତମାମ୍ କଠିନ ପରିଶ୍ରମ କଲାପରେ ସନ୍ଧ୍ୟା ସମୟରେ ମନକୁ ଟିକେ ହାଲ୍‌କା କରିବା ପାଇଁ ଗାଁରେ ଆଦିବାସୀ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚ ଗୀତର ଆୟୋଜନ କରିଥାନ୍ତି । ସନ୍ଧ୍ୟାରେ ଗାଁରେ ଯେମିତି ହେଲେ ଧାଙ୍ଗିଡ଼ିମାନେ ଅଣ୍ଟାରେ ହାତ ଛନ୍ଦି ପାଦକୁ ପାଦ ମିଶେଇ ନାଚିଲା ବେଳେ ଓ ଧାଙ୍ଗଡ଼ାମାନେ ଟଇଁଲା ବଜେଇ ନାଚରେ ସହଯୋଗ କରିଥାନ୍ତି । ବିବାହ, ଯାନିଯାତ୍ରା, କନ୍ୟା ମଙ୍ଗୁଳା, ଦଶାଘର, ଫସଲ ଅମଳ, ଫସଲ ବୁଣା, ଓ ଅନ୍ୟାନ୍ୟ ପର୍ବପର୍ବାଣୀମାନଙ୍କରେ ଆଦିବାସୀ ମହିଳା ଓ ପୁରୁଷମାନେ ଦଳଦଳ ହୋଇ ସାଇଁଲୋଡି ଗୀତ ପରିବେଷଣ କରନ୍ତି ଓ ଏହା ସାଥେସାଥେ ନୃତ୍ୟ ପରିବେଷଣ କରିଥାନ୍ତି । ଯୁବକ,



Digitized by srujanika@gmail.com



ଯୁବତୀମାନେ ଦୁଇ ଦଳ ହୋଇ ସଂଗୀତ ପ୍ରତିଯୋଗିତାରେ ମାତି ଉଠନ୍ତି । ଅନେକ ସମୟରେ ଦୁଇ ଦଳ ଯୁବତୀମାନଙ୍କ ମଧ୍ୟରେ ସାଇଁଲୋଡି ଗୀତ ପ୍ରତିଯୋଗିତା ହୋଇଥାଏ । ପୁଷ୍ ପୁନେଇଁ ଗୀତ, ବାଲି ଯାତରା ଗୀତ, ଓ ଚଇତ୍ ପରବ୍ ଗୀତ ଭଳି ନବରଙ୍ଗପୁର ଜିଲ୍ଲାର ସାଇଁଲୋଡି ମଧ୍ୟ ଏକ ପ୍ରକାର ଲୋକ ଗୀତ ।

ସାଇଁଲୋଡି ଗୀତ ମୁଖ୍ୟତଃ ଦୁଇ ଦଳ ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥାଏ । ବେଳେବେଳେ ଏହା ଦୁଇ ଦଳ ଯୁବତୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥାଏ । ଗୀତ ସାଥେସାଥେ ଯୁବତୀମାନେ ଦଳବଦ୍ଧ ଭାବେ ଅଣ୍ଟାରେ ହାତକୁ ଛନ୍ଦି ନାଚନ୍ତି । ଏହି ନୃତ୍ୟ ଓ ଗୀତରେ କୌଣସି ବାଦ୍ୟଯନ୍ତ୍ରର ଆବଶ୍ୟକତା ପଡି ନଥାଏ । ଗୋଡକୁ ଗୋଡ ଛନ୍ଦି ଝିଅ, ବୋହୂ, ଏମିତିକି ବୟସ୍କ ମହିଳାମାନେ ମଧ୍ୟ ଗୀତ ଗାଇ ନାଚି ଉଠନ୍ତି ।

ସାଇଁଲୋଡି ଗୀତ ସବୁ ସମ୍ପ୍ରଦାୟର ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ । କନ୍ଧ, ଗାଦବା, ଭତରା, ଅମାନାତ୍ୟ, ପରଜା ଏମିତିକି ଦେଶିଆ ଯୁବକ, ଯୁବତୀମାନେ ଏହି ସାଇଁଲୋଡି ଗୀତ ଓ ନୃତ୍ୟ ପରିବେଷଣ କରିଥାନ୍ତି । ତେବେ ସବୁଠୁ ଆଶ୍ଚର୍ଯ୍ୟ କଥା, ଭିନ୍ନଭିନ୍ନ ଆଦିବାସୀ ସମ୍ପ୍ରଦାୟରେ ସାଇଁଲୋଡି ବୋଲାଯାଉଥିଲେ ମଧ୍ୟ, ଏହାର ଆଙ୍ଗିକ ଓ ଆତ୍ମିକ ଗଠନରେ କୌଣସି ଭିନ୍ନତା ପରିଲକ୍ଷିତ ହୋଇ ନଥାଏ । ଏହି ସାଇଁଲୋଡି ଗୀତ ସବୁ ଆଦିବାସୀ

Digitized by srujanika@gmail.com

ସମ୍ପ୍ରଦାୟରେ ବୋଲଯାଇ ସୁଦ୍ଧା ତାର ଆକାର, ଗଠନ ଓ ରୀତି ବଜାୟ ରଖିପାରେ ।

ସାଇଁଲୋଡି ଗୀତର ବିଶେଷତ୍ୱ ହେଉଛି, ଏହାର କୌଣସି ଯତିପାତ ବା ଧାଡିର ସମାନତା ନାହିଁ । କେବଳ ସ୍ୱର ଓ ଲୟ ମାଧ୍ୟମରେ ଗୀତରେ ମଧୁରତା ଫୁଟି ଉଠେ । ପୌରାଣିକ ଉପାଖ୍ୟାନ, ଦେବାଦେବୀ ବନ୍ଦନା, ଲୋକକଥା, ପ୍ରେମ ଚେତନା, ଶୃଙ୍ଗାର ରସ, ହାସ୍ୟ ରସ ଆଦି ପ୍ରମୁଖ ପ୍ରସଙ୍ଗ ଏହି ଗୀତ ମାଧ୍ୟମରେ ଦଳବଦ୍ଧ ଯୁବତୀମାନଙ୍କ ଦ୍ୱାରା ପ୍ରକାଶ ପାଏ । ତେବେ ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ, ପ୍ରତି ଗୀତ ଆରମ୍ଭରେ ଗୋଟିଏ ସାଧାରଣ ଧାଡି **"ସାଇଁଲୋ, ମୋର ସାଇଁ କରୁନା"** ସବୁବେଳେ ବ୍ୟବହାର ହୋଇଥାଏ । ଏହି **"ସାଇଁଲୋ ମୋର ସାଇଁ କରୁନା"**ର ବାରମ୍ବାର ପ୍ରୟୋଗ ଗୀତମାନଙ୍କର ଗୁରୁତ୍ୱକୁ ବୃଦ୍ଧି କରିଥାଏ । ଏହି ଧାଡିଟି ସମସ୍ତ ଆଦିବାସୀ ସମ୍ପ୍ରଦାୟରେ ତାର ଗୁରୁତ୍ୱ ବଜାୟ ରଖିପାରେ । ଏଥିପାଇଁ ଏହି ଗୀତର ନାମକରଣ 'ସାଇଁଲୋଡି' ହୋଇଛି ବୋଲି ଗବେଷକଙ୍କ ମତ । ଆମେ ନବରଙ୍ଗପୁର ଜିଲ୍ଲାରୁ ଅନେକ ସାଇଁଲୋଡି ଗୀତ ସଂଗ୍ରହ କରିପାରିଛୁ । ତେବେ କିଛି ନମୂନା ପ୍ରଦାନ କରୁଛୁ ।

୧.

ସାଇଁଲୋ ମୋର ସାଇଁ କରୁନା
ଯେସୁର ବାଦଲ କଣ୍ଡସ କାଣ୍ଡସ ସାଇଁଲୋଡି
ଗୁମୁର ଗାମର କଲା ଲୋ
ଗୁମୁର ଗାମର କଲା
ଚଡ଼ା ଦୁଦ ଖିଆ ବଗାର ପିଲା
ଚଡ଼ା ଦୁଦ ଖିଆ ବଗାର ପିଲା
ଯେସୁ କେନେ ବାରିଗଲା
ସାଇଁଲୋ ମୋର ସାଇଁ କରୁନା
ଯେସୁ କେନେ ବାରିଗଲା

୨.

ତମ ଦୁଆରେ କି ଆମ ଦୁଆରେ
ଗୁଡ ଗୁଡାଇଲି ମାନ ସାଇଁଲୋଡି
ଗୁଡ ଗୁଡାଲି ମାନ

Digitized by srujanika@gmail.com

ମାନର ଉପରେ ଶଏ ବନ୍ଧନ
ବାପା ଦେଲା କନିଆ ଦାନ
ସାଇଁଲୋ ମୋର ସାଇଁ କରୁନା
ବାପା ଦେଲା କନ୍ୟା ଦାନ

୩.

ଜନର ପାକରେ ତରା ସାଇଁଲୋତି
ଜନର ପାକରେ ତରା ଲୋ
ଜନର ପାକରେ ତରା
ଜନ ପିନ୍ଧୁଅଛି ସେବତୀ ସୋରା
ଜନ ପିନ୍ଧୁଅଛି ସେବତୀ ସୋରା
ମାଙ୍ଗିଲେ ନ ଦେଲା ପରା
ସାଇଁଲୋ ମୋର ସାଇଁ କରୁନା
ମାଙ୍ଗିଲେ ନ ଦେଲା ପରା

୪.

ବାଡ଼େ ରପିଗଲୁ ଜନି ସାଇଁଲୋଡ଼ି
ବାଡ଼େ ରପିଗଲୁ ଜନି ଲୋ
ରାଣ୍ଡର ଜନିକୁ ବେସର କଲୁଲୋ
ରାଣ୍ଡର ଜନିକୁ ବେସର କଲୁ
ଯୁବା କାଳେ ସଜନୀ ଲୋ
ସାଇଁଲୋ ମୋର ସାଇଁ କରୁନା
ଯୁବା କାଳେ ସଜନୀ ଲୋ
ମଲି ଫୁଲର ବାସନା କରାପାନି
ଯାଇ ଫୁଲର ବାସନା
ସାଇଁଲୋ ମୋର ସାଇଁ କରୁନା

Digitized by srujanika@gmail.com

୫.

ବାଡ଼ର ଗୋଟ ଗୋଟିଆ ସାଇଁଲୋଡି
ବାଡ଼ର ଗୋଟ ଗୋଟିଆ ଲୋ
ବାଡ଼ର ଗୋଟ ଗୋଟିଆ
ସୁନା କଟି ସଂଗେ ରୂପା ଜୁଟିଆ
ସୁନା କଟି ସଂଗେ ରୂପା ଜୁଟିଆ
ଜୁତାକେ ମାରେ ଟଟିଆ
ସାଇଁଲୋ ମୋର ସାଇଁ କରୁନା
ଜୁଡ଼ାକେ ମାରେ ଟଟିଆ

୬.

ଆତି ମାଣ୍ଡି ଗଲା ଜବା ସାଇଁଲୋଡି
ଆତି ମାଣ୍ଡିଗଲା ଜବା ଲୋ
ଆତି ମାଣ୍ଡିଗଲା ଜବା
ତୁଲିଆ ବାଟରେ ଲଗେଇ ଦେଲା
ମାଳତୀ ଫୁଲର ଗବା
ସାଇଁଲୋ ମୋର ସାଇଁ କରୁନା
ମାଳତୀ ଫୁଲର ଗବା

୭.

ସୁକୁଲା ସାରୁ ପତର ସାଇଁଲୋଡି
ସୁକୁଲା ସାରୁ ପତରଲୋ
ସୁକୁଲା ସାରୁ ପତର
ରଜାର ଝିଅକୁ ଏତେ ମାତର
ରଜାର ଝିଅକୁ ଏତେ ମାତର
କାନରେ ତାଲ ପତର ଲୋ
ସାଇଁଲୋ ମୋର ସାଇଁ କରୁନା
କାନରେ ତାଲ ପତର

Digitized by srujanika@gmail.com

୮.

ଘରଗେ ଉଦିଆ ଲେଦିଆ ତରା ଘାଇଁଲୋତି
ଘରଗେ ଉଦିଆ ଲେଦିଆ ତରାଲୋ
ଘରଗେ ଉଦିଆ ଲେଦିଆ ତରା
ଆମର ବୁଢ଼ା ରଜା କି ବୁଦ୍ଧି କଲା
ଘାଏବ ମୂରତି ହେଲା
ଘାଇଁଲୋ ମୋର ଘାଇଁ କରୁନା
ଘାଏବ ମୂରତି ହେଲା

୯.

ଏନେ ପରବତ ତେନେ ପରବତ
ମଝିରେ ସୁବର୍ଣ୍ଣ ରଥ ଲୋ
ଏନେ ପରବତ ତେନେ ପରବତ
ମଝିରେ ସୁବର୍ଣ୍ଣ ରଥ ଘାଇଁଲୋତି
ମଝିରେ ସୁବର୍ଣ୍ଣ ରଥ
ସୁବର୍ଣ୍ଣ ରଥରେ ବିଜେ କରୁଅଛି
ଲକ୍ଷେ ଶିରୀ ଜଗନ୍ନାଥ ଲୋ
ଘାଇଁଲୋ ମୋର ଘାଇଁ କରୁନା
ଲକ୍ଷେ ଶିରୀ ଜଗନ୍ନାଥ

୧୦.

ଏନେ ପରବତ ତେନେ ପରବତ
ମଝିରେ ଶଙ୍ଖାରୀ ଘରଲୋ
ଏନେ ପରବତ ତେନେ ପରବତ
ମଝିରେ ଶଙ୍ଖାରୀ ଘର ଘାଇଁଲୋତି
ଶଙ୍ଖା ମୁଠେ ଦେଏରେ ଶଙ୍ଖାରୀ
ଦେଖିଯିବି ବାପ ଘର ଲୋ

Digitized by srujanika@gmail.com

ଯାଇଁଲୋ ମୋର ଯାଇଁ କରୁନା
ଦେଖିଯିବି ବାପ ଘର

୧୧.

ଏନେ ପରବତ ତେନେ ପରବତ
ମଝି ପରବତେ ରାଇ ଲୋ,
ଏନେ ପରବତ ତେନେ ପରବତ
ମଝି ପରବତେ ରାଇ, ଯାଇଁଲୋତି
ମଝିର ରାଇକେ ଚିତାଇ କାଇଲା
ନାଇଁ ତୋର ଯାନ ବାଇ
ଯାଇଁଲୋ ମୋର ଯାଇଁ କରୁନା
ନାଇଁ ତୋର ଯାନ ବାଇ

୧୨.

ତୋଅଙ୍ଗା ମାରା ତୋଅଙ୍ଗା ମାରା
ଏ ବନିଶର ତାଲେ ଯାଇଁଲୋତି
ଏ ବନିଶର ତାଲେ
କାଏ ତୋଙ୍ଗା, କାଏ ତୋଙ୍ଗା
ଏ ବନା ଭାଇ ଚାଆଲେ
ଶେମିଲି ଡ଼ଙ୍ଗା ପଲ୍‌କା ଭାଇ
ଏ ବନିଶର ତାଲେ

୧୩.

ତୋଙ୍ଗା ନିଛନକେ ଆଗେ ଦଦାରେ
ମୋର ନାଙ୍ଗରକେଲି
କେନ୍ ଗାଁରେ ଘାଟେ ଆଣିବୁ ଦଦାରେ
ମୋର ନାଙ୍ଗରକେଲି

Digitized by srujanika@gmail.com

ଆମ୍ଭେଁ ଗାଁର ଘାଟ ବଡେ ଗୁରୁଲା
ମୋର ନାଙ୍ଗରକେଲି
ଗୁରୁଲା ଗୁଚେଇ ଆରେ ଦଦାରେ
ମୋର ନାଙ୍ଗରକେଲି
ଗୁରୁଲା ଗୁଚେଇଲେ ଗୁଚିବ ନାଇଁ
ଲାଠି ଖେଟେଇଲେ ଖେଟିବ ନାଇଁ
ମୋର ନାଙ୍ଗରକେଲି

୧୪.
ଛିଟିକି ପତର ବୁଟିକି ଦୋନା ସାଇଁଲୋଡି
ଛିଟିକି ପତର ବୁଟିକି ଦୋନା ଲୋ
ଛିଟିକି ପତର ବୁଟିକି ଦୋନା
ପେଜ ଖାଇଆସା ମଜିଆ ନନା ଲୋ
ପେଜ ଖାଇଆସା ମଜିଆ ନନା
କଲାସେ ମଣ୍ଡାଇ ଦେବି
ସାଇଁଲୋ ମୋର ସାଇଁ କରୁନା
କଲାସେ ମଣ୍ଡାଇ ଦେବି

୧୫.
ଉଡ଼ାଧରେ ଲିଟଲାଟ ସାଇଁଲୋଡି
ଉଡ଼ାଧରେ ଲିଟଲାଟ ଲୋ
ଉଡ଼ାଧରେ ଲିଟଲାଟ
ଝଟ୍ ଝଟ୍ ଚଲା ବୋଉ ସୋମ୍ବାର ହାଟ
ଝଟ୍ ଝଟ୍ ଚଲା ବୋଉ ସୋମ୍ବାର ହାଟ
ଦଦା ଘେନିଦେବ ଡମକେ
ପିଟ୍ ରଙ୍ଗର ପାଟ
ସାଇଁଲୋ ମୋର ସାଇଁ କରୁନା
ପିଟ୍ ରଙ୍ଗର ପାଟ

Digitized by srujanika@gmail.com

(ଗୀତ ସଂଗ୍ରହ: ଚଞ୍ଚଳା ଅମାନାତ୍ୟ, କନକଦେଈ ଅମାନାତ୍ୟ, ରୁକୁଣୀ ଅମାନାତ୍ୟ
ଗ୍ରାମ: ଏକମ୍ବା, ବ୍ଲକ୍: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର)

ଏହା ବ୍ୟତୀତ ଆମେ କିଛି କନ୍ଧ ସମ୍ପ୍ରଦାୟର ଆଦିବାସୀଙ୍କଠାରୁ ଅନେକ 'ସାଇଁଲୋଡି' ଗୀତ ସଂଗ୍ରହ କରିଛୁ । କନ୍ଧମାନେ ବିଶେଷ କରି ଜନା (ମକା) କିଆରୀରେ ଫସଲ ଲହଡ଼ି ଭାଙ୍ଗୁଥିବାବେଳେ କିମ୍ବା ଜନା ଗଛରେ ପ୍ରଥମ ଫୁଲ ଧରୁଥିବାବେଳେ କିମ୍ବା ଜନା ଅମଳ ବେଳେ ଖୁସିରେ ଆତ୍ମହରା ହୋଇ ସାଇଁଲୋଡି ଗୀତ ଗାନ କରିଥାନ୍ତି । ଭଲ ଧାନ ଫସଲ ହେବା ଉଦ୍ଦେଶ୍ୟରେ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ମଧ୍ୟ ସାଇଁଲୋଡି ଗୀତ ଗାନ କରିଥାନ୍ତି । ବିଶେଷ କରି ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ଖୁସି ମନରେ ଥିଲାବେଳେ ସାଇଁଲୋଡି ଗୀତ ଗାଇ ନାଚିଥାନ୍ତି । ଏହି ଅବସରରେ କନ୍ଧ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ଦୁଇ ଦଳ ହୋଇ ଏହି ସଂଗୀତ ଆସର ଜମେଇଥାନ୍ତି । ଏହା ବ୍ୟତୀତ କନ୍ଧମାନେ ଅନ୍ୟାନ୍ୟ ପାରମ୍ପରିକ ଉ ବମାନଙ୍କରେ ମଧ୍ୟ ସାଇଁଲୋଡି ଗୀତ ଗାନ କରିଥାନ୍ତି । ଆମେ ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ କଦଳୀଉବା କନ୍ଧ ଗାଁରୁ କିଛି ସାଇଁଲୋଡି ଗୀତ ସଂଗ୍ରହ କରିଛୁ । ନିମ୍ନରେ ପ୍ରଦାନ କରୁଛୁ-

୧.

ସାଇଁଲୋ ମୋର ସାଇଁ କରୁନା
ଆଜି ଉଦିଗଲା କଏଁଲି ଜନ (ଜହ୍ନ)
କାଲିକେ ଖେଲିବା ମନ ଲୋ
ଆମ ଡାଣ୍ଡ ବାଟେ ଆ ଲୋ ଜନ
ମାରି ଦେଏବୁ ଚନ୍ଦନ
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା
ସନାକରା ପାନି
ଯାଇ ଫୁଲ ବାସନା

୨.

ଆସ ସାଇଁଲୋଡି ଖେଲି ତ ଯିବା
ଡାଣ୍ଡେ ରୁଣ୍ଡାରୁଣ୍ଡି ହେବା

Digitized by srujanika@gmail.com

ନାଇକ ଗରର ସିଂଗ ଦୁଆରେ
ଦେଉଲ ବାନ୍ଧଇ ଦେବା
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା
ସନାକରା ପାନି
ଯାଇ ଫୁଲ ବାସନା

୩.

ତେତିଲି ଗଚରେ ଅନ୍‌କା ଫଲେ
ଆସ୍‌ଲା ପବନ ହାଲେ ଲୋ
ନୂଆ ମାଇଜିକୁ ଆଣିଲି ବୋଲି
ଗୁଲା ପାଇ ଖଇ ବୁଲେ
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା
ସନାକରା ପାନି
ଯାଇ ଫୁଲ ବାସନା

୪.

ମୁଣ୍ଡ ଧୋଇଲି କି ବାଲ ଧୋଇଲି
ଚଅଁର ରକିଲି ରଙ୍ଗେ
କୋନ ବଂଶବୁତା ଚରାଇ ନେଲା
ସୋମ୍ବାର ଦିନର ସଙ୍ଗେ
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା
ସନାକରା ପାନି
ଯାଇ ଫୁଲ ବାସନା

Digitized by srujanika@gmail.com

୫.

ଲାଉ ଲାଉ ଲାଉ ଲାଉ ସାଇଁଲୋଡି
କୁଲାଏ କାଟିଲି ଲାଉ
କୁଲାର ଲାଉ ତୋ କୁଲାରେ ଥାଉ
ଟାଣ୍ଡ ବୁଲା ଛନେ ଯାଉ
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା
ସନାକରା ପାନି
ଯାଇ ଫୁଲ ବାସନା

୬.

ଡେକିଶାଲ ଲିପୁଥିଲି ସାଇଁଲୋଡି
ଡେକିଶାଲ ଲିପୁଥିଲି
ଆମର ବାଲିପୁଲ ଖବର ଶୁନି
ହାତ ଧୋଇବାକୁ ଗଲି
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା
ସନାକରା ପାନି
ଯାଇ ଫୁଲ ବାସନା

୭.

ସାଇଁଲୋଡି ଆପା ଚିଙ୍ଗୁଡି ଛାପା
ବଡ଼ ବାଇ କେନେ ଗଲା
ଆମର୍ ବଡ଼ ବାଇ ଗଲା ତ ଗଲା
ଖାଏ ଖାଏ ବାରତା ଯେ'
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା

Digitized by srujanika@gmail.com

ସନାକରା ପାନି
ଯାଇ ଫୁଲ ବାସନା

୮.

ଇଲା ଇଲା ଇଲା ଇଲା ସାଇଁଲୋଡି
ଦାନ କାଟିବାର ଇଲା
ବଉ ପାଇଦେଲା ବିଲେଇ ପିଲା
ଦଦାର କରମ୍ ତିଲା
ସାଇଁ ଲୋ ମୋର ସାଇଁ କରୁନା
ମଲୀ ଫୁଲ ବାସନା
ସନାକରା ପାନି
ଯାଇ ଫୁଲ ବାସନା

(ଗୀତ ସଂଗ୍ରହ: ରୁକ୍ମିଣୀ ଯାନୀ, ମାଣିକ ଯାନୀ, ବିମଳା ସାଆନ୍ତା, କଲା ସାଆନ୍ତା, ରତ୍ନା ସାଆନ୍ତା

ଗ୍ରାମ: କଦଳୀଜବା, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର)

## କାନ୍ଦୁଲ ଭଜା ଗୀତ:

ଚୈତ୍ର ମାସ ବେଳକୁ ପରଜା ସମ୍ପ୍ରଦାୟରେ କାନ୍ଦୁଲ ଭଜା ପର୍ବ ଅନୁଷ୍ଠିତ ହୋଇଥାଏ । ରୀତି ଅନୁଯାୟୀ, 'କାନ୍ଦୁଲ ଭଜା ପର୍ବ' ପୂର୍ବରୁ ପରଜାମାନେ କାନ୍ଦୁଲକୁ ବିଧିବଦ୍ଧ ଭାବେ ଭାଜି କରି କିମ୍ବା ଡାଲି କରି ଖାଆନ୍ତି ନାହିଁ । କାନ୍ଦୁଲ ଅମଳ ହୋଇଯିବା ପରେ ପ୍ରଥମେ ଗାଁର ଯାନୀ (ପୂଜାରୀ) ଘରେ କାନ୍ଦୁଲ ଭଜା ହୁଏ । ଏହା ପରେ ଯାଇ ଅନ୍ୟମାନେ କାନ୍ଦୁଲକୁ ଡାଲି କରନ୍ତି ।

କାନ୍ଦୁଲ ଭଜା ପର୍ବ ପାଳନ ଅବସରରେ ଗୁରୁମାଇ ଯେଉଁ ଗୀତ ଗାଏ, ତାହାକୁ 'କାନ୍ଦୁଲ ଭଜା ଗୀତ' କୁହାଯାଏ । ଏହି ଅବସରରେ ସେଠାରେ ଗାଁର ପୂଜାରୀ, ଚଲାଣ ଓ ଧାଙ୍ଗଡ଼ା, ଧାଙ୍ଗିଡ଼ି ଉପସ୍ଥିତ ଥାଆନ୍ତି । ଗୁରୁମାଇ କାନ୍ଦୁଲ ଭଜା ଗୀତ ବୋଲିବା ପରେ ଧାଙ୍ଗଡ଼ା,

Digitized by srujanika@gmail.com

ଧାଙ୍ଗିଡ଼ିମାନେ ସମବେତ ନୃତ୍ୟ ପରିବେଷଣ କରିଥାନ୍ତି ।

**କାନ୍ଦୁଲ ଭଜା ଗୀତ:**

"ତୋର୍ କଲା କାନ୍ଦୁଲ୍ ଭଜା
ତୋର୍ କଲା ବିଆଲ୍ ଭାଜା
ହେଲେ ଭାଜଲା ବିରି ମାଲ୍ ଯିବୁ
ଉଷୁନା ଧାନ ଗାଜା ହେବୁ
ବଲାର୍ ତାସ୍ ବଲାର ଭେଟ୍
ତଲେ ଦଦରା ବାନ୍ଧିବୁ
ଉପରେ ଗାଜା ଟେକିବୁ"

(ତଥ୍ୟ: ଖଗପତି ଯାନୀ (ଶିକ୍ଷକ), ରନେଇ ଯାନୀ (ଗୁରୁମାଈ)
ଗ୍ରାମ: ଯାନୀଗୁଡ଼ା, ବ୍ଲକ୍: ତେନ୍ତୁଳିଖୁଣ୍ଟି, ଜିଲ୍ଲା: ନବରଙ୍ଗପୁର)

## ଆଦିବାସୀ ସଂସ୍କୃତିରେ 'ଦେଶିଆ ନାଟ'
## (Country play)

ଆଦିବାସୀ ସଂସ୍କୃତିରେ 'ଦେଶିଆ ନାଟ' ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିପାରିଛି । ପୂର୍ବରୁ ଉପକୂଳ ଓଡ଼ିଶାରେ ଗଣ କବି ବୈଷ୍ଣବ ପାଣି କିମ୍ବା କେନ୍ଦ୍ରାପଡ଼ାର ନାଟ ଗୁରୁ ଗୋପାଳ ଦାଶଙ୍କ ଗୀତାଭିନୟ ଯେମିତି ଲୋକଙ୍କର ପ୍ରିୟ ହୋଇ ପଡିଥିଲା, ସେମିତି 'ଦେଶିଆ ନାଟ' ଆଦିବାସୀ ସଂସ୍କୃତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଆଜି କେଉଁଠି ଏକ ନିପଟ ଦେଶିଆ ଆଦିବାସୀ ଗାଁରେ 'ଦେଶିଆ ନାଟ' ହେଉଛି ବୋଲି ଖବର ମିଳିଲେ ଲୋକଙ୍କ ମନରେ ନାଟ ଦେଖିବା ଉ ।ହ ବହୁଗୁଣିତ ହୋଇଯାଏ । ଶୀଘ୍ର ଖାଇପିଇ ସଜବାଜ ହୋଇ ଆଦିବାସୀ ଧାଙ୍ଗଡା, ଧାଙ୍ଗିଡି, ଡୋକରା, ଡୋକରୀମାନେ ନାଟ ଦେଖିବାକୁ ବାହାରନ୍ତି । ଅନେକ ସମୟରେ ଦେଖାଯାଏ ନାଟ ହେଉଥିବା ସ୍ଥାନର ଚତୁର୍ପାର୍ଶ୍ୱରେ ଥିବା ରାସ୍ତାଗୁଡିକ ଦେଇ ଆଦିବାସୀ ଧାଙ୍ଗଡା, ଧାଙ୍ଗିଡିମାନଙ୍କ ସୁଅ ଛୁଟିଥାଏ । ପୂର୍ବକାଳରେ ବିଶେଷ କରି ପୂର୍ଣ୍ଣିମା ଏବଂ ଶୁକ୍ଳପକ୍ଷରେ ହିଁ ଆଦିବାସୀ ଗାଁଗୁଡିକରେ ଦେଶିଆ ନାଟର ଆୟୋଜନ କରାଯାଉଥିଲା । କାରଣ ପୂର୍ଣ୍ଣିମା କିମ୍ବା ପୂର୍ଣ୍ଣିମାର ପର କିଛି ଦିନରେ ଚନ୍ଦ୍ର ଆଲୋକରେ

Digitized by srujanika@gmail.com

ଆଦିବାସୀ ଗାଁଗୁଡିକରେ ସୁବିଧାରେ ଦେଶିଆ ନାଟ ପରିବେଷଣ କରାଯାଇଥାଏ ।

ବିଶେଷକରି ଆଦିବାସୀ ସମାଜରେ ସ୍ତ୍ରୀ ଲୋକମାନେ ନାଟ ଦେଖିବାକୁ ବେଶି ପସନ୍ଦ କରିଥାନ୍ତି । ଅପରପକ୍ଷେ, ଆଦିବାସୀ ବୃଦ୍ଧମାନେ ମଧ୍ୟ ଉ ।ହର ସହ ରାତି ସାରା ଅନିଦ୍ରା ରହି ଦେଶିଆ ନାଟର ମଜା ନେଇଥାନ୍ତି । ରାତି ଅଧରେ ଗାଉଁଲି ରାସ୍ତାରେ ଶହଶହ ଆଦିବାସୀ ଧାଙ୍ଗିଡିମାନଙ୍କୁ ସାଙ୍ଗ ହୋଇ ହାତଧରାଧରି ହୋଇ ଚାଲି ଯାଉଥିବାର ଦୃଶ୍ୟ ଦେଖିଲେ ଲାଗେ ଇଏ କ'ଣ ପ୍ରକୃତରେ ଓଡ଼ିଶା ନା ଲଣ୍ଡନ? ଏତେ ରାତିରେ ଝିଅମାନେ ବେଶ୍ ନିର୍ଦ୍ୱନ୍ଦ୍ୱରେ ନାଟ ଦେଖି ଯାଇପାରୁଛନ୍ତି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହି ସମୟରେ ଆଦିବାସୀ ଯୁବତୀମାନଙ୍କ ଉପରେ କୌଣସି ସାମାଜିକ କିମ୍ବା ପାରିବାରିକ ବନ୍ଧନ ନଥାଏ । ଏହି ଅବସରରେ ସେମାନେ ସମ୍ପୂର୍ଣ୍ଣ ମୁକ୍ତଭାବେ ସେମାନଙ୍କ ଜୀବନ ସାଥୀ ବାଛିବାର ସୁଯୋଗ ପାଇଥାନ୍ତି । ଧାଙ୍ଗଡା, ଧାଙ୍ଗିଡ଼ିମାନେ ସମ୍ପୂର୍ଣ୍ଣ ରାତି ଅନିଦ୍ରା ରହି 'ନାଟ' ଉପଭୋଗ କରିବା ପରେ ସକାଳକୁ ଘରକୁ ଫେରନ୍ତି ।

ଆଦିବାସୀ ଦେଶିଆ ନାଟକଗୁଡିକରେ ପୌରାଣିକ ବିଷୟବସ୍ତୁ ମୁଖ୍ୟ ସ୍ଥାନ ଗ୍ରହଣ କରିଥାଏ । ଏହାବ୍ୟତୀତ କିଛି କାଳ୍ପନିକ କଥାବସ୍ତୁ ଓ ସାମାଜିକ କାହାଣୀ ଏବେ ଆଦିବାସୀ ନାଟକରେ ସ୍ଥାନ ପାଇଲାଣି । ଆଦିବାସୀମାନଙ୍କ ମନୋରଞ୍ଜନରେ ନବରଙ୍ଗପୁର ଜିଲ୍ଲାରେ ଏହି 'ଦେଶିଆ ନାଟ'ର ଗୋଟିଏ ସ୍ୱତନ୍ତ୍ର ଭୂମିକା ରହିଛି । ଏବେ ସୁଦ୍ଧା (୨୦୦୮) ଜିଲ୍ଲାରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ନାଟ ଗୁରୁ ଅଛନ୍ତି । ଏମାନେ ଆଦିବାସୀ ଯୁବକମାନଙ୍କୁ ନାଟ ଶିକ୍ଷାଦାନ କରିଥାନ୍ତି । କିଛି କିଛି ନାଟଗୁରୁ ବିଭିନ୍ନ ଗାଁମାନଙ୍କରେ ପର୍ବପର୍ବାଣୀ ସମୟରେ ଉପସ୍ଥିତ ରହି ଗାଁର ଯୁବକମାନଙ୍କୁ ନାଟ ଶିଖେଇଥାନ୍ତି ।

ଜିଲ୍ଲାରେ କିଛି ଗାଁମାନଙ୍କରେ ପାରମ୍ପରିକ 'ଦେଶିଆ ନାଟ ଦଳ' ରହିଛି । ଜଣେ ଜଣେ ନାଟ ଗୁରୁଙ୍କ ନେତୃତ୍ୱରେ ଏହି ଦଳ ବିଭିନ୍ନ ଅଞ୍ଚଳରେ ନାଟକ ପରିବେଷଣ କରିଥାନ୍ତି । ମାତ୍ର ଆଉ କିଛି ଗାଁରେ ଯୁବକମାନେ ନାଟକ ପରିବେଷଣ କରିବାକୁ ଚାହିଁଲେ, ସେମାନେ ନାଟ ଗୁରୁମାନଙ୍କୁ ପାରିଶ୍ରମିକ ବଦଳରେ ଦୁଇ ତିନି ମାସ ପାଇଁ ଚୁକ୍ତି କରିଥାନ୍ତି । ନାଟ ଗୁରୁମାନେ ସମ୍ପୃକ୍ତ ଗାଁରୁ ଉପଯୁକ୍ତ ପାରିଶ୍ରମିକ ପାଇ ଯୁବକମାନଙ୍କୁ ନାଟ ଶିକ୍ଷା ଦାନ କରିଥାନ୍ତି ।

ଜିଲ୍ଲାର ପ୍ରମୁଖ ନାଟଗୁରୁ ଚଇତନ ବିଷୋୟୀଙ୍କର ନିକଟରେ ଦେହାନ୍ତ ହୋଇଯାଇଛି । ଦୁଇ ଶହରୁ ଉର୍ଦ୍ଧ୍ୱ ନାଟକ ରଚନା ଓ ନିର୍ଦ୍ଦେଶନା ଦେଇ ଜିଲ୍ଲାରେ ସେ ଅତି ପରିଚିତ ହୋଇ ପାରିଥିଲେ । କିଛି କାଳ୍ପନିକ ଓ ସାମାଜିକ ନାଟକ ସେ କଳ୍ପନା କରି ଲେଖିଥିବାବେଳେ ଆଉ କିଛି ନାଟକ ପୌରାଣିକ ଆଧାରରେ ଲେଖିଛନ୍ତି । ଦେଶିଆ ନାଟ କ୍ଷେତ୍ରରେ ତାଙ୍କର ବିପୁଳ

Digitized by srujanika@gmail.com

ଅବଦାନ ପାଇଁ ତାଙ୍କୁ 'ମଣ୍ଡେଇ' ସମ୍ମାନ ମଧ୍ୟ ପ୍ରଦାନ କରାଯାଇଛି । ନାଟଗୁରୁ ଚୈତନ ବିଷୋୟୀ ଅବିଭକ୍ତ କୋରାପୁଟ ଜିଲ୍ଲାର ଗ୍ରାମାଞ୍ଚଳରେ ନାଟ ଶିକ୍ଷା ଦାନ କରି ସମଗ୍ର ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କୁ 'ଓଡ଼ିଶା ସଂଗୀତ ନାଟକ ଏକାଡେମୀ' ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ତେବେ ତାଙ୍କ ବ୍ୟତୀତ ଅନ୍ୟ ବହୁ ନାଟଗୁରୁ ଏବେ ମଧ୍ୟ ସାଧନାରେ ମଗ୍ନ ଅଛନ୍ତି । ସେମାନଙ୍କ ମଧ୍ୟରୁ ମନ୍ତ୍ରୀଗୁଡା ଗାଁର ନାଟଗୁରୁ ତମ୍ବରୁଧର ବିଷୋୟୀ ଅନ୍ୟତମ । ତମ୍ବରୁଧର ନିଜେ ନାଟକ ରଚନା କରିବା ସହିତ ଗୀତ ଓ ନିର୍ଦ୍ଦେଶନା ପ୍ରଦାନ କରନ୍ତି । ସେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦେଶିଆ ନାଟକ ଲେଖିଛନ୍ତି । ତେବେ ତାଙ୍କର କେତୋଟି ହିଟ୍ ନାଟକ ମଧ୍ୟରେ ଗୁପ୍ତ ବନବାସ, ସ୍ୱର୍ଣ୍ଣଲତା ହରଣ, ଚନ୍ଦନ କସ୍ତୁରୀ ମିଳନ, ବିକଟାଳପୁର ବଧ, ଶିବ ହନୁମାନ ଯୁଦ୍ଧ, ଚନ୍ଦ୍ରକଳା ହରଣ, ପଦ୍ମିନୀ ସ୍ୱୟମ୍ବର ପ୍ରମୁଖ ଆଜି ବି ଲୋକଙ୍କୁ ଆକର୍ଷିତ କରି ରଖିଛି । ତାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଶିବ ହନୁମାନ ଯୁଦ୍ଧ ପାଇଁ ତମ୍ବରୁଧର ପଡୋଶୀ ରାଜ୍ୟ ଛତିଗଡରୁ ପୁରସ୍କୃତ ହୋଇଛନ୍ତି । ଛତିଶଗଡରେ ଅନୁଷ୍ଠିତ ଆଦିବାସୀ ଭାଷାରେ ୧୨ଟି ନାଟକ ମଧ୍ୟରୁ ତମ୍ବରୁଧର ବିଷୋୟୀଙ୍କ ନାଟକ ପ୍ରଥମ ସ୍ଥାନ ହାସଲ କରିଥିଲା । ଏହା ବ୍ୟତୀତ ଦେଶିଆ ନାଟ ପାଇଁ ସେ 'ମଣ୍ଡେଇ' ସମ୍ମାନ ବ୍ୟତୀତ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ।

ନାଟଗୁରୁ ତମ୍ବରୁଧର କହନ୍ତି; ବର୍ଷକୁ ସେ ୬/୭ଟି ନାଟକ ରଚନା କରିବା ସହିତ ସେଗୁଡିକର ନିର୍ଦ୍ଦେଶନା ଦିଅନ୍ତି । ବିଭିନ୍ନ ଗାଁର ଆଦିବାସୀମାନେ ନାଟଗୁରୁଙ୍କୁ ନିମନ୍ତ୍ରଣ କରି ନିଜ ଗାଁକୁ ନିଅନ୍ତି । ସେଠାରେ ସେ ରହି ସେହି ଗାଁର କଳାକାରମାନଙ୍କୁ ନାଟ୍ୟ ନିର୍ଦ୍ଦେଶନା ଦିଅନ୍ତି । ଆଦିବାସୀମାନଙ୍କର ବେଶ ପୋଷାକ, ଅଳଙ୍କାର ଓ ଆଲୋକସଜ୍ଜା ମଧ୍ୟ ଭିନ୍ନ । ସେମାନଙ୍କର ବାଦ୍ୟଯନ୍ତ୍ର ମଧ୍ୟରେ ରହିଛି ହାରମୋନିୟମ୍, କ୍ୟାସିଓ, ଢୋଲ୍କି, ସାଇଡ୍ ଡ୍ରମ୍, ଜେକ୍ ବାଜା, ଝୁମୁକା, ଟାମକ୍ ଆଦି ଉଭୟ ପାରମ୍ପରିକ ଓ ଆଧୁନିକ ବାଦ୍ୟଯନ୍ତ୍ର ।

'ଦେଶିଆ ନାଟ' ବେଳେ ଗାଁରେ ଏକ ପେଣ୍ଡାଲ୍ ପ୍ରସ୍ତୁତ କରାଯାଇଥାଏ ଏବଂ ଆଲୋକ ବ୍ୟବସ୍ଥା କହିଲେ ୪/୫ଟା ପେଟ୍ରୋମାକ୍ସ ଲାଇଟ୍‌କୁ ବୁଝାଯାଏ । ପୂର୍ବକାଳରେ ଜହ୍ନ ଆଲୁଅରେ ଦେଶିଆ ନାଟ ହେଉଥିଲା ବୋଲି କହନ୍ତି ଗୁରୁ ତମ୍ବରୁଧର । ତେବେ ତାଙ୍କ ବେଳକୁ ପେଟ୍ରୋମାକ୍ସ ଲାଇଟ୍‌ର ଆବିଷ୍କାର ହୋଇ ସାରିଥିଲା । ବର୍ତ୍ତମାନ ସମୟରେ ପେଟ୍ରୋମାକ୍ସ ଲାଇଟ୍ ପରିବର୍ତ୍ତେ ଜେନେରଟେର ଏମିତିକି ଅନେକ ଗାଁରେ ବିଜୁଳି ଶକ୍ତି ସାହାଯ୍ୟରେ ଆଲୋକ ବ୍ୟବସ୍ଥା କରାଗଲାଣି । ବିଭିନ୍ନ ଗାଁମାନଙ୍କରେ ନାଟକ ନିର୍ଦ୍ଦେଶନା ଦେଉଥିବାରୁ ତାଙ୍କ ଉପରେ ଅଧିକ କର୍ମଭାର ପଡୁଛି ବୋଲି କହନ୍ତି ଗୁରୁ ତମ୍ବରୁଧର । ତେବେ ଆଗାମୀ ପୀଢି ସୃଷ୍ଟି କରିବା

Digitized by srujanika@gmail.com

ଲକ୍ଷ୍ୟରେ ସେ କିଛି 'ଚେଲା ଗୁରୁ' ସୃଷ୍ଟି କରିଛନ୍ତି । ଗୁରୁ ଡ଼ମ୍ବୁରୁଧରଙ୍କର ପାଞ୍ଚ ଜଣ ଚେଲାଗୁରୁ ଅଛନ୍ତି । ଚେଲାଗୁରୁମାନେ ଆଦିବାସୀମାନଙ୍କୁ ଡ୍ରେସିଂ, ପେଣ୍ଟିଂ କରିବା ସହିତ ନିର୍ଦ୍ଦେଶନାରେ ଗୁରୁଙ୍କୁ ସହାୟତା କରନ୍ତି ।

ଗୋଟିଏ ଗୋଟିଏ ନାଟ ସମ୍ପୂର୍ଣ୍ଣ ବାବଦକୁ ନାଟଗୁରୁ ୪ରୁ ୫ ହଜାର ପାଉଣା ପାଆନ୍ତି । ତେବେ ଗୋଟିଏ ନାଟ ଶେଷ କରିବାକୁ ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ ବୋଲି କହନ୍ତି ଗୁରୁ ଡ଼ମ୍ବୁରୁଧର । ବର୍ଷକୁ ଅତି ବେଶୀରେ ୫/୬ଟି ନାଟକ ନିର୍ଦ୍ଦେଶନା ଦିଆଯାଇପାରିଥାଏ । ଏକ ଋତୁରେ ଅନେକ ଗାଁରେ ତାଙ୍କୁ ନାଟ ନିର୍ଦ୍ଦେଶନାର ଦାୟିତ୍ୱ ତୁଲେଇବାକୁ ପଡିଥାଏ । ତେଣୁ ପାଳି କରି ଗୋଟିଏ ଗାଁ ପିଛା ତାଙ୍କୁ ଦୁଇ ତିନି ଦିନ ଲେଖା ସମୟ ଦେବାକୁ ପଡିଥାଏ ବୋଲି ପ୍ରକାଶ କରନ୍ତି ଡମ୍ବୁରୁଧର ବିଷୋୟୀ । ଡମ୍ବୁରୁଧର କହନ୍ତି ନାଟ ହିଁ ତାଙ୍କ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ଥିବା ଦୀର୍ଘ ପଥ । ଏହି ନାଟ କଳାକୁ ବଞ୍ଚେଇ ରଖିବାକୁ ସେ ସବୁବେଳେ ଚେଷ୍ଟା କରିବେ ବୋଲି କହନ୍ତି ଗୁରୁ ଡ଼ମ୍ବୁରୁଧର ।

ବର୍ତ୍ତମାନ ଦେଶିଆ ନାଟ ପ୍ରତି ବହୁ ବିପଦ ଦେଖା ଦେଲାଣି । ଏବେ ଆଦିବାସୀ ଗାଁଗାଁରେ ଭିଡ଼ିଓ ସିଡ଼ି, ଭିସିପି ଆଦି ବେଶ୍ ଚାଲିଲାଣି । ଏହାକୁ ଆଖି ଆଗରେ ରଖି ନାଟକରେ ବହୁତ ପରିବର୍ତ୍ତନ କରାଯିବାକୁ ପଡୁଛି ବୋଲି ନାଟଗୁରୁ ବିଷୋୟୀ କହନ୍ତି । ଏବେ ନାଟକ ମଝିରେ ମଝିରେ ରେକର୍ଡ ଡ୍ୟାନ୍‌ସ ମଧ୍ୟ ହେଲାଣି ଏବଂ ଆଦିବାସୀମାନେ ଏହି ରେକର୍ଡ ଡ୍ୟାନ୍‌ସ ଦେଖିବାକୁ ପସନ୍ଦ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ପୂର୍ବ କାଳରେ ଆଦିବାସୀ ଦେଶିଆ ନାଟ ଆରମ୍ଭ ହେବା ପୂର୍ବରୁ ସାଧାରଣ ଅପେରା ଭଳି ରେକର୍ଡ ଡ୍ୟାନ୍‌ସ ଭଳି କିଛି ମନୋରଞ୍ଜନ କାର୍ଯ୍ୟକ୍ରମ ନ ହୋଇ ପ୍ରଥମେ ଦୁର୍ଗାଙ୍କ ବନ୍ଦନା ଗାନ କରାଯାଇଥାଏ । ଏହା ପରେ ଜଗନ୍ନାଥ ବନ୍ଦନା ଏବଂ ଗ୍ରାମ ଦେବୀଙ୍କ ବନ୍ଦନା ଗାନ କରାଯାଏ ଏବଂ ଏହା ପରେ ଯାଇ ନାଟ ଆରମ୍ଭ କରାଯାଏ । ଏବେ ଆଦିବାସୀମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ନାଟକ ମଝିରେ ଗୋଟେ ଅଧେ ରେକର୍ଡ ଡ୍ୟାନ୍‌ସ କରିବାକୁ ପଡୁଛି ବୋଲି ନାଟଗୁରୁ ବିଷୋୟୀ ପ୍ରକାଶ କରିଛନ୍ତି । ପ୍ରତି ଗାଁରେ ଏକ ଏକ ଆଖଡା ଘର ପ୍ରସ୍ତୁତ କରାଯାଇଥାଏ । ଏହିଠାରେ ନାଟଗୁରୁମାନେ ନାଟ ନିର୍ଦ୍ଦେଶନା ଦିଅନ୍ତି । ପ୍ରାୟ ୪/୫ ମାସ ଶିଖିଲା ପରେ ଗୋଟିଏ ନାଟକ ମଞ୍ଚସ୍ଥ ହେବାକୁ ଫିଟ୍ ହୋଇଥାଏ ବୋଲି ନାଟଗୁରୁ କହନ୍ତି । ତେବେ ଏହି ନାଟ ପରମ୍ପରା ତଥାପି ତାର ଲୋକପ୍ରିୟତା ଏପର୍ଯ୍ୟନ୍ତ ହରେଇନାହିଁ । ଯେଉଁମାନେ ଏହି ନାଟ ପରମ୍ପରାକୁ ବଞ୍ଚେଇ ରଖିବାକୁ ପ୍ରୟାସ କରିଛନ୍ତି ସେମାନେ ନମସ୍ୟ ।

Digitized by srujanika@gmail.com

ଯେଉଁ ଗ୍ରାମରେ ଦେଶିଆ ନାଟ ପରିବେଷଣ ହେବାକୁ ଥାଏ, ଏହାକୁ କେନ୍ଦ୍ର କରି ସେହି ଗାଁରେ ଗୋଟିଏ ଛୋଟ ବଜାର ସୃଷ୍ଟି ହୋଇ ଯାଇଥାଏ । ସେଠାରେ ଚା', ଜଳଖିଆ, ପାନ, ବରା, ପକୁଡ଼ି, ଚଣା, ମାଳି, ଚୁଡ଼ି ଓ ଅନ୍ୟାନ୍ୟ ପ୍ରସାଧନୀ ସାମଗ୍ରୀର ପସରା ମେଲି ଯାଇଥାଏ । ଯାତ୍ରା ଦେଖିବାକୁ ପାଖଆଖ ଅଞ୍ଚଳରୁ ସହସ୍ରାଧିକ ଲୋକଙ୍କ ସମାବେଶ ଘଟିଥାଏ ଏବଂ ଏହି ଦୋକାନ ବଜାର ମାଧ୍ୟମରେ ଲୋକମାନେ ଏକତ୍ରିତ ହେବା ସାଙ୍ଗକୁ ସେମାନଙ୍କ ମଧ୍ୟରେ ଏକ ବନ୍ଧୁ ମିଳନର ସୁଯୋଗ ସୃଷ୍ଟି ହୋଇଥାଏ ।

ବର୍ତ୍ତମାନ ଗୁରୁ ଚଇତନ ବିଷୋୟୀଙ୍କ ଅନୁପସ୍ଥିତିରେ 'ଦେଶିଆ ନାଟ'କୁ ବଞ୍ଚେଇ ରଖିବା ପାଇଁ ନବରଙ୍ଗପୁର ଜିଲ୍ଲାରେ ଗୁରୁ ଡ଼ମ୍ବୁରୁଧର ବିଷୋୟୀଙ୍କ ସମେତ ବହୁ ନାଟ ଗୁରୁଙ୍କ ଆବିର୍ଭାବ ଘଟିଛି । ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ମନ୍ତ୍ରୀଗୁଡା ଗାଁର ଆଉ ଜଣେ ଦେଶିଆ ନାଟ ଗୁରୁ କମଳସାଇ ମାଝୀ, ପାପଡାହାଣ୍ଡି ବ୍ଲକ୍‌ର ପାତ୍ରୀ ପଞ୍ଚାୟତ ଅନ୍ତର୍ଗତ ଖଇରାର ଦେଶିଆ ନାଟଗୁରୁ ଜଗବନ୍ଧୁ ଭାଟ, ଖରକିର ନାଟଗୁରୁ ପବିତ୍ର ନାଏକ, ମୈଦଳପୁରର ନାଟଗୁରୁ ଶ୍ୟାମଘନ ଦାସ, ତାବୁଗାଁ ବ୍ଲକ୍ ଅନ୍ତର୍ଗତ ଗିର୍ଲାର ଦେଶିଆ ନାଟଗୁରୁ ଭୀମସେନ ଦାସ, ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଡ଼ଙ୍ଗରଭେଜାର ନାଟଗୁରୁ ନରସିଂହ ପାଢୀ ପ୍ରମୁଖଙ୍କୁ ଏଇ ଗବେଷକଟି ବ୍ୟକ୍ତିଗତ ଭାବେ ଭେଟିବା ପରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ନାଟ୍ୟ ପରମ୍ପରା ସମ୍ପର୍କରେ ବହୁ ତଥ୍ୟ ହାସଲ କରିପାରିଥିଲା ।

ଆର୍ଥିକ ଅନାଟନ ଓ ଦାରିଦ୍ର୍ୟ ଏବେ ଏହି କଳାକାରଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ଅନେକ ସମୟରେ ବାଧ୍ୟ କରୁଛି । ପୃଷ୍ଠପୋଷକତା ଓ ପ୍ରୋ ାହନର ଅଭାବରୁ ଏମାନେ ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି । ଏମାନଙ୍କୁ ଉଚିତ୍ ପାରିଶ୍ରମିକ ମିଳୁ ନଥିବାରୁ ନାଟ ଗୁରୁଙ୍କ ସମେତ କଳାକାରମାନେ ମଧ୍ୟ ଏଥିପ୍ରତି ବୀତସ୍ପୃହ ହୋଇ ପଡିଲେଣି । କିଛି କିଛି ଗାଁରେ ରହିଥିବା ପାରମ୍ପରିକ କଳାକାରମାନେ ଏବେ ନାଟକ ଛାଡି ଦେବାକୁ ଆରମ୍ଭ କଲେଣି । ଚଳିବା ପାଇଁ ଅର୍ଥ ଅଭାବ କାରଣରୁ କଳାକାରମାନେ ଦେଶିଆ ନାଟ ଠାରୁ ଦୂରେଇ ଯିବାକୁ ଲାଗିଲେଣି । ବର୍ତ୍ତମାନ ପରିପ୍ରେକ୍ଷୀରେ 'ଦେଶିଆ ନାଟ'ର ଭାଗ୍ୟ ଓ ଭବିଷ୍ୟତ ଏକ ଘଡ଼ିସନ୍ଧି ମୂହୁର୍ତ୍ତ ଦେଇ ଗତି କରୁଥିବାବେଳେ ସମସ୍ତଙ୍କ ପାଇଁ ଏହାକୁ ବଞ୍ଚେଇ ରଖିବାର ପ୍ରୟୋଜନତା ବଢି ଯାଇଛି ।

(ତଥ୍ୟ: ନାଟଗୁରୁ ଡ଼ମ୍ବୁରୁଧର ବିଷୋୟୀ, କମଳସାଇ ମାଝୀ
ଗ୍ରାମ: ମନ୍ତ୍ରୀଗୁଡା, ବ୍ଲକ୍: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର)

Digitized by srujanika@gmail.com

# ଆଦିବାସୀଙ୍କ ପ୍ରମୁଖ ବାଦ୍ୟଯନ୍ତ୍ର

## (tribal musical instruments)


ଆଦିବାସୀମାନେ ବାର ମାସରେ ତେର ପରବ ପାଳନ କରିଥାନ୍ତି । ବର୍ଷତମାମ୍ ସେମାନେ କିଛି ନା କିଛି ପର୍ବ ପାଳନରେ ମସ୍‌ଗୁଲ୍ ଥାଆନ୍ତି । କୋରାପୁଟ ଅଞ୍ଚଳର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟରେ ଜୁନ୍, ଜୁଲାଇ ମାସରେ 'ଆଷାଢ଼ି ପରବ୍' ପାଳନ କରାଯାଇଥାଏ । ସେପ୍‌ଟେମ୍ବର-ଡିସେମ୍ବର ମାସ ବେଳକୁ 'ନୂଆଖିଆ' ଏବଂ 'ଦିଆଲି ପରବ୍' ପାଳନ କରାଯାଇଥାଏ । ଜାନୁୟାରୀ ମାସ ବେଳକୁ 'ପୁଷ୍ ପରବ୍' ପାଳନ କରନ୍ତି । ସେହିପରି ମାର୍ଚ୍ଚ-ଏପ୍ରିଲ୍ ବେଳକୁ 'ଚଇତ୍ ପରବ୍' ପାଳନ କରାଯାଇଥାଏ । ତେବେ 'ପୁଷ୍ ପରବ୍' ଏବଂ 'ଚଇତ୍ ପରବ୍' ହେଉଛି ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀଙ୍କର ପ୍ରମୁଖ ଦୁଇଟି ପର୍ବ । ମାର୍ଚ୍ଚ-ଏପ୍ରିଲ୍ ବେଳକୁ ଚଇତ୍ ପରବ୍ ପାଳନ ଅବସରରେ କୋରାପୁଟ ଜିଲ୍ଲାର ପରଜା ଓ କନ୍ଧମାନେ ମେଳିମେଳି ହୋଇ ବେଣ୍ଟ କରିବାକୁ ବାହାରି ପଡନ୍ତି ଏବଂ ଏହି ଉଦ୍ଦେଶ୍ୟରେ ଚଇତ୍ ପରବ୍ ପାଳନ ହୋଇଥାଏ । ଏହା ବ୍ୟତୀତ ପ୍ରତି ସନ୍ଧ୍ୟାରେ ପରଜା ଧାଙ୍ଗଡା ଧାଙ୍ଗିଡିମାନେ ଗାଁର ବେରଣ ମୁଣ୍ଡା ନିକଟରେ ନାଚଗୀତ ମଧ୍ୟ କରିଥାନ୍ତି ।

ଏସବୁ ପର୍ବପର୍ବାଣୀ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଆଦିବାସୀମାନେ ଅନେକ ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି । ଗାଁରେ ସନ୍ଧ୍ୟା ସମୟରେ ଧାଙ୍ଗଡାଧାଙ୍ଗିଡି ନାଚଗୀତ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ବାଦ୍ୟଯନ୍ତ୍ର ଆଦିବାସୀମାନେ ନିଜ ପାଖରେ ରଖିଥାନ୍ତି । ଆଉ କିଛି ବାଦ୍ୟଯନ୍ତ୍ର ପାଇଁ ସେମାନେ ଡମ୍ବ ଶ୍ରେଣୀର ଲୋକଙ୍କୁ ଡାକିଥାନ୍ତି । ସାଧାରଣତଃ ପର୍ବପର୍ବାଣୀମାନଙ୍କରେ ଡମ୍ବ, ପାଣ, ହରିଜନମାନେ ବାଦ୍ୟ ବଜେଇଥାନ୍ତି । ଆଦିବାସୀମାନେ ନାଚ, ଗୀତରେ ବ୍ୟବହାର କରୁଥିବା ବାଦ୍ୟଯନ୍ତ୍ରମାନଙ୍କ ମଧ୍ୟରେ ଡୁଙ୍ଗୁଡୁଙ୍ଗା, ମାଦଳ, ଢୋଲ, ଟାମକ୍, ଟଇଁଲା, ଶିଙ୍ଗ ବାଇଦ, ଝୁମୁକା, ଢାପ (ଚାଙ୍ଗୁ) , ତସା, ତିଡ଼ିବିଡ଼ି ଆଦି ପ୍ରମୁଖ ବାଦ୍ୟଯନ୍ତ୍ର ।

**ଡୁଙ୍ଗୁଡୁଙ୍ଗା** (a musical instrument):

ଏହି ବାଦ୍ୟଯନ୍ତ୍ରଟି ପରଜାମାନଙ୍କର ବହୁଳ ବ୍ୟବହୃତ ବାଦ୍ୟଯନ୍ତ୍ର । ଏହାର ଗଠନ ଶୈଳୀ ବୀଣା ସଦୃଶ । ଏଥିରେ ଗୋଟିଏ ଅର୍ଦ୍ଧବୃତ୍ତାକାର ଲାଉ ତୁମ୍ବା, କାଠ କିମ୍ବା ବାଉଁଶର ଦଣ୍ଡ,


Digitized by srujanika@gmail.com



ଏକ ସରୁ ପତଳା ତାର (wire) ବ୍ୟବହାର କରାଯାଇଥାଏ । ଗୋଟିଏ ଅର୍ଦ୍ଧ ବୃତ୍ତାକାର ଲାଉ ତୁମ୍ବାରେ ଚମଡା ଛାଉଣୀ କରାଯାଇଥାଏ । ଏହା ସହିତ ଏକ ଲମ୍ବା କାଠ କିମ୍ବା ବାଉଁଶର ଦଣ୍ଡକୁ ସଂଯୋଗ କରାଯାଇଥାଏ । ଏହି ଦଣ୍ଡର ଯେଉଁ ପାର୍ଶ୍ୱରେ ଲାଉ ତୁମ୍ବା ଲାଗିଥାଏ ତାହାର ବିପରୀତ ପାର୍ଶ୍ୱରେ ଦୁଇଟି ଛୋଟଛୋଟ କାଠି ପୋତାଯାଇଥାଏ । ଏହି କାଠି ସହିତ ଏକ ପତଳା ତାର ତୁମ୍ବାରେ ଲାଗିଥିବା ଚମଡା ପର୍ଯ୍ୟନ୍ତ ସଂଯୋଗ କରାଯାଇଥାଏ । ଏହି ତାରକୁ ହାତରେ ଟାଣି ପୁଣି ଛାଡି ଦେଲେ ସେଥିରୁ ତୁଂତୁଂ କରି ଏକ ମୋଟା ଶବ୍ଦ ନିର୍ଗତ ହୋଇଥାଏ । ଧାଙ୍ଗଡା, ଧାଙ୍ଗିଡିମାନେ ସନ୍ଧ୍ୟାରେ ନାଚଗୀତ କଲାବେଳେ ତୁଙ୍ଗୁତୁଙ୍ଗା ବାଜେ ।

**ମାଦଲ୍**(double membrane narrow drum):

ମାଦଲ ପରଜାମାନଙ୍କର ଅନ୍ୟ ଏକ ମୁଖ୍ୟ ବାଦ୍ୟଯନ୍ତ୍ର । ଏହା କାଠରେ ନିର୍ମିତ ହୋଇଥାଏ ।




Digitized by srujanika@gmail.com

ଗୋଟିଏ ମୋଟା କାଠ ଗଣ୍ଡିର ଭିତର ଅଂଶକୁ ଖୋଳି ତାକୁ ଏକଦମ୍ ଫମ୍ପା ବା ପୋଲା କରିଦିଆଯାଏ । ଏହି ପୋଲା କାଠର ଉଭୟ ପାର୍ଶ୍ୱରେ ଚମଡା ଛାଉଣୀ କରାଯାଏ । ମନେରଖିବାକୁ ହେବ ମାଦଳ ଏକ ସିଲିଣ୍ଡର ଆକୃତିର ଏବଂ ଏହାର ଉଭୟ ପାର୍ଶ୍ୱର ଗୋଲେଇ ସମାନ ବ୍ୟାସାର୍ଦ୍ଧବିଶିଷ୍ଟ । ମାଦଳର ଶବ୍ଦ ଅତି ଭାବଗମ୍ଭୀର । ପରଜାମାନେ ଗାଁରେ ନାଚଗୀତ କରୁଥିବାବେଳେ ତୁଙ୍ଗୁତୁଙ୍ଗା ସାଙ୍ଗକୁ ମାଦଳର ମଧ୍ୟ ବ୍ୟବହାର କରାଯାଇଥାଏ ।

**ଟାମକ୍** (single membrane drum):

ପ୍ରତି ପର୍ବପର୍ବାଣୀରେ ଟାମକ୍ ହିଁ ଏକ ପ୍ରମୁଖ ବାଦ୍ୟଯନ୍ତ୍ର । ଏହା ଏକ ଅର୍ଦ୍ଧ ଗୋଲକାକାର



ମାଟିହାଣ୍ଡି; ଯାହାର ମୁହଁଟିରେ ଚମଡା ଛାଉଣୀ କରାଯାଇଥାଏ । ଏହା ଦେଖିବାକୁ ତବଲା ଭଳି । ଅର୍ଦ୍ଧବୃତ୍ତାକାର କହିଲେ ଠିକ୍ ହେବନି ସାମାନ୍ୟ କୋନ୍ ଆକୃତିର ଏହି ମାଟି ହାଣ୍ଡିର ଉପର ପାର୍ଶ୍ୱରେ ଚମଡା ଛାଉଣୀ କରାଯାଇଥାଏ । ଚମଡାର ଠିକ୍ କେନ୍ଦ୍ର ସ୍ଥଳରେ କିରଣ ( କଳା ରଙ୍ଗର ଏକ ପ୍ୟାଚ୍) ଦିଆଯାଇଥାଏ । ଟାମକ୍ ସହିତ ଦୁଇଟି ପଟି (leather band) ଲାଗିକରି ରହିଥାଏ । ଏହି ପଟି ଦୁଇଟିକୁ ଅଣ୍ଟାରେ ବାନ୍ଧି ପରଜାମାନେ ଦୁଇ ଖଣ୍ଡ

Digitized by srujanika@gmail.com

କାଠି ସାହାଯ୍ୟରେ ଚମଡା ଉପରେ ପିଟନ୍ତି । ଟାମକ୍ ସହିତ ଦୁଇଟି ଦଉଡି ଅଣ୍ଟା ସହିତ ବନ୍ଧାଯାଏ ଏବଂ ଟାମକ୍‌ଟି ଠିକ୍ ଅଣ୍ଟା ସିଧା ତଳି ପେଟ ଉପରେ ରହେ । ବାଦକ ଟାମକ୍‌କୁ ଅଣ୍ଟାରେ ବାନ୍ଧି ଠିକ୍ ତଳି ପେଟର ଉପରେ ରଖି ଦୁଇ ହାତରେ ଧରିଥିବା କାଠି ସାହାଯ୍ୟରେ ପିଟେ ।

**ଟଇଁଲା** (a musical instrument):



ଟଇଁଲା ଦେଖିବାକୁ ତୁଙ୍ଗୁତୁଙ୍ଗା ଭଳି । ଏଥିରେ ଗୋଟିଏ ଅର୍ଦ୍ଧବୃତ୍ତାକାର ଲାଉ ତୁମ୍ବା, କାଠ କିମ୍ବା ବାଉଁଶର ଦଣ୍ଡ ଏବଂ ସରୁ ପତଳା ତାର ସ୍ଥାନରେ କିଛି ଟସର ସୂତା ବ୍ୟବହାର କରାଯାଇଥାଏ । କିନ୍ତୁ ଲାଉ ତୁମ୍ବାରେ ଚମଡା ଛାଉଣୀ କରାଯାଇଥାଏ । ତେବେ ଟଇଁଲାଟି ପରଜାମାନେ ବ୍ୟବହାର କରୁଥିବା ଅତି ପ୍ରିୟ ବାଦ୍ୟଯନ୍ତ୍ର । ଟଇଁଲାକୁ ନେଇ ପରଜା ସମାଜରେ ଅନେକ ମିଥ୍ ମଧ୍ୟ ପ୍ରଚଳିତ ରହିଛି ।

**ଢୋଲ** (double membrane drum):

ଏକ ଫମ୍ପା ସିଲିଣ୍ଡର ଆକୃତିର କାଠର ଦୁଇ ପାର୍ଶ୍ୱରେ ଚମଡା ଛାଉଣୀ କରାଯାଇଥାଏ । ଏହାର ଦୁଇ ପାର୍ଶ୍ୱରେ ବାଉଁଶର ଦୁଇଟି ମଣ୍ଡଳା ବା ରିମ୍ ଦିଆଯାଇଥାଏ । ଏହି ରିମ୍ ବା ମଣ୍ଡଳା ସହିତ ଚମଡା ଭିଡାଯାଇଥାଏ । ଏହା ମାଦଳ ଭଳି ମାତ୍ର, ମାଦଳ ଲମ୍ବା ଓ କମ୍ ବ୍ୟାସାର୍ଦ୍ଧବିଶିଷ୍ଟ ଫମ୍ପା କାଠରେ ନିର୍ମିତ ହୋଇଥିବାବେଳେ ଏହା ଅଧିକ ବ୍ୟାସାର୍ଦ୍ଧବିଶିଷ୍ଟ ଏବଂ କମ୍ ଲମ୍ବା । ଢୋଲ୍ ଲମ୍ବା ନୁହେଁ, ମାତ୍ର ଏହାର ଚମଡା ଛାଉଣୀର ବ୍ୟାସାର୍ଦ୍ଧ ଯଥେଷ୍ଟ ଅଧିକ । ଢୋଲରେ ମଧ୍ୟ ଦଉଡି କିମ୍ବା ଫିତା ଲାଗିଥାଏ । ଏହାକୁ କାନ୍ଧରେ ଗଳେଇ ଦିଆଯାଏ ଏବଂ ଢୋଲଟି ଠିକ୍ ପେଟ ଉପରେ ରହେ । ବାଦକ ଦୁଇ ଖଣ୍ଡ କାଠି ସହାୟତାରେ ଦୁଇ ହାତରେ ପିଟେ । ଗାଡି ଟାୟାରକୁ କାଟି ଢୋଲର କାଠି ପ୍ରସ୍ତୁତ କରାଯାଇଥାଏ । କିମ୍ବା

Digitized by srujanika@gmail.com



କୋୟା ସଂପ୍ରଦାୟର ନୃତ୍ୟରେ ବ୍ୟବହୃତ ଦୀର୍ଘାକୃତି ଢୋଲ



ଆଦିବାସୀମାନେ ବ୍ୟବହାର କରୁଥିବା ସାଧାରଣ ଢୋଲ

Digitized by srujanika@gmail.com

ଚମଡାରେ ମଧ୍ୟ ଏହାର କାଠି ଦୁଇଟିକୁ ପ୍ରସ୍ତୁତ କରାଯାଇଥାଏ । ଅନ୍ୟ ଆଦିବାସୀମାନେ ବ୍ୟବହାର କରୁଥିବା ଢୋଲ ତୁଳନାରେ କୋୟମାନଙ୍କର ଢୋଲର ଆକାର ଖୁବ୍ ଦୀର୍ଘ ।

## ଡିଡ଼ିବିଡ଼ି (single membrane drum)



ଡିଡ଼ିବିଡ଼ି ହେଉଛି ଟାମକ୍‌ର ଛୋଟ ରୂପ । ଏହାର ଗଠନ ଓ ଆକାର ଟାମକ୍ ଭଳି, ମାତ୍ର ଟାମକ୍‌ଠାରୁ ଏହା ଛୋଟ । ଡିଡ଼ିବିଡ଼ିକୁ ତଳେ ଥୋଇ ବାଦକ ବଜାଏ ।

Digitized by srujanika@gmail.com


**ଶିଙ୍ଗବାଇଦ** (single membrane horn drum):



ଏହା ଟାମକ୍ ଭଳି, ମାତ୍ର ଏଥିରେ ଲମ୍ବା ଲୁହା ଛଡକୁ ଶିଙ୍ଗ ଆକୃତିର କରାଯାଇ ଖଞ୍ଜା ଯାଇଥାଏ । ଗଠନ ଦୃଷ୍ଟିରୁ ଏହା ଟାମକ ସଦୃଶ । ଏଥିରେ ଲୁହାର ଶିଙ୍ଗ ଲାଗିଥିବାରୁ ଏହାକୁ ଶିଙ୍ଗ ବାଇଦ କୁହାଯାଏ ।

**ନାଙ୍ଗରାବାଜା**

(single membrane drum)



ଏହି ବାଦ୍ୟଯନ୍ତ୍ରଟି ଆକାରରେ ଅତି ବିଶାଳକାୟ । ଏହା ଅର୍ଦ୍ଧ ଗୋଲକାକାର ଏବଂ ଗୋଟିଏ ପାର୍ଶ୍ୱରେ ଚମଡା ଛାଉଣୀ ହୋଇଥାଏ । ଏହା ଟାମକ୍ ଆକୃତିର ମାତ୍ର ଅତି ବିଶାଳକାୟ । ଏକ ବିଶାଳ ଅର୍ଦ୍ଧବୃତ୍ତାକାର ମାଟି ହାଣ୍ଡିର ସମଗ୍ର ପରିଧି ଉପରେ ଚମଡା ଛାଉଣି କରାଯାଇଥାଏ । ଏହି ବାଦ୍ୟଯନ୍ତ୍ରଟିରୁ ଅତି ଗୁରୁଗମ୍ଭୀର ଶବ୍ଦ ନିର୍ଗତ

Digitized by srujanika@gmail.com

ହୋଇଥାଏ । ଏହି ବାଦ୍ୟଯନ୍ତ୍ରଟି ପୁଷ୍ ପୁନେଇ, ଦିଆଲି ପର୍ବ ଭଳି ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ । ଏହାକୁ ଗୋଟିଏ ସ୍ଥାନରେ ରଖାଯାଇ ଚମଡା ଉପରେ ନିର୍ଧୁମ ପ୍ରହାର କରାଯାଏ । ଏଥିରୁ ଅତି ଗୁରୁଗମ୍ଭୀର ଶବ୍ଦ ନିର୍ଗତ ହୁଏ । ଏଥିରେ ବ୍ୟବହୃତ ଦୁଇ ଖଣ୍ଡ କାଠିକୁ **'କାଣ୍ଡି'** କୁହାଯାଏ ।

## ମହୁରୀ (a musical instrument)

ପରଜାମାନଙ୍କ ଦଶାଘର ସମୟରେ ଏବଂ ବିଭାଘର ସମୟରେ ମହୁରୀ ବାଦ୍ୟର ଆବଶ୍ୟକତା ପଡିଥାଏ । ଡମ୍ବ କିମ୍ବା ହରିଜନ ଶ୍ରେଣୀର ଲୋକେ ମହୁରୀ ବଜେଇଥାନ୍ତି । ମହୁରୀ କାଠରେ ନିର୍ମିତ ହୋଇଥାଏ । ଏହାର ଅଗ୍ରଭାଗ କାହାଳୀ ସଦୃଶ ଏବଂ ପିତଳରେ ନିର୍ମିତ ହୋଇଥାଏ ।




ଏହାର ପଶ୍ଚାତ୍ ଭାଗ ଲମ୍ବା ଓ ପୋଲା ବାଉଁଶ କାଠିରେ ନିର୍ମିତ । ଏହି ପୋଲା ବାଉଁଶରେ ଆଠରୁ ଦଶଟି ଛୋଟଛୋଟ ଗର୍ତ୍ତ କରାଯାଇଥାଏ । ମହୁରୀକୁ ପାଟିରେ ଫୁଙ୍କିବା ବେଳେ ଏଥିରେ ଥିବା ଗର୍ତ୍ତରେ ଆଙ୍ଗୁଳିକୁ ଏପଟସେପଟ କରି ବିଭିନ୍ନ ପ୍ରକାର ସ୍ୱର ସୃଷ୍ଟି କରାଯାଏ । ବାଉଁଶ ନଳୀର ପଛ ପଟକୁ ଯେଉଁ ଅଂଶଟି ଥାଏ ତାହାକୁ **ଶଶି** କୁହାଯାଏ । ଏହା ସାଧାରଣତଃ ଗୋଟିଏ ସିଲଭର ପଇସାରେ ନିର୍ମିତ ହୋଇଥାଏ ଏବଂ ଏହାର ପଛକୁ ତାଳପତ୍ରର **କୋଲ** ଦିଆଯାଇଥାଏ । ଏହି **କୋଲ**କୁ ପାଟିରେ ପୁରେଇ ଫୁଙ୍କିଲେ ଯାଇ ଶବ୍ଦ ନିର୍ଗତ ହୋଇଥାଏ ।

Digitized by srujanika@gmail.com

**ବାଁସି**(flute)

ପରଜାମାନେ ବଂଶୀର ବ୍ୟବହାର ମଧ୍ୟ କରିଥାନ୍ତି । ପରଜା ଯୁବକଟିଏ ବଂଶୀ ବଜେଇ



ପରଜା ଯୁବତୀଟିକୁ ଆକର୍ଷିତ କରିବାରେ ଅନେକ ଦୃଷ୍ଟାନ୍ତ ରହିଛି । ଏହା ବାଉଁଶ କିମ୍ବା କାଠରେ ନିର୍ମିତ । ନଳୀ ଆକୃତିର ଏବଂ ଏହି ବାଦ୍ୟଯନ୍ତ୍ରରେ କିଛି ଛିଦ୍ର ରହିଥାଏ । ପାଟିରେ ଫୁଙ୍କି ଏଥିରୁ ସ୍ୱର ନିର୍ଗତ କରାଯାଏ ।

**ଢ଼ାପୁ**(single membrane drum)




ଏହା ଦେଖିବାକୁ ଚାଲୁଣି ଭଳି ଏକ ପାଖିଆ ବାଦ୍ୟ । କାଠର ଏକ ବୃତ୍ତାକାର ରିମ୍‌ର କେବଳ

Digitized by srujanika@gmail.com

ଗୋଟିଏ ପାର୍ଶ୍ୱରେ ଛେଳିର ଚମଡା ଛାଉଣୀ କରାଯାଇଥାଏ । ଏହାକୁ ବେକରେ ଝୁଲେଇ ଦୁଇ ଖଣ୍ଡ ବାଡି ସାହାଯ୍ୟରେ ପିଟାଯାଏ । ଅନେକେବେଳେ ଏହାକୁ ବାମ ହାତ ଓ ଅଣ୍ଟା ମଧ୍ୟରେ ରଖି ବାଦ୍ୟ ପରିବେଷଣ କରାଯାଇଥାଏ ।

**ତସା**(single membrane drum):

ସିମେଣ୍ଟ ବୁହା କଡେଇ କିମ୍ବା ସେହି ଆକୃତିର କାଠ କଡ଼େଇରେ ସମ୍ମୁଖ ଭାଗରେ ଚମଡା ଢଙ୍କାଯାଇ ଏହି ବାଦ୍ୟଯନ୍ତ୍ରଟି ପ୍ରସ୍ତୁତ କରାଯାଇଥାଏ । ବେକରେ ଝୁଲେଇବା ପାଇଁ ଏଥିରେ



ଏକ ଡୋରି ଲାଗିଥାଏ । ଏହାକୁ ତସା କହନ୍ତି । ଛତା କାଠିରେ ଦୁଇଟି କାଠି ପ୍ରସ୍ତୁତ କରାଯାଇଥାଏ, ଯାହା ଦ୍ୱାରା ଏହା ଉପରେ ପିଟିଲେ ଶବ୍ଦ ନିର୍ଗତ ହୋଇଥାଏ । ଏହାକୁ ତସା ଖାଡି କୁହାଯାଏ । ଛତା କାଠିରେ ପିଟା ଯାଉଥିବାରୁ ଏହାର ଶବ୍ଦ ଠଣ୍ ଠଣ୍ ଶୁଭିଥାଏ ।

Digitized by srujanika@gmail.com

## ଝୁମୁକା (a musical instrument)



ଏହା ଟିଣରେ ପ୍ରସ୍ତୁତ । ଟିଣରେ ତିଆରି ଦୁଇଟି ଗୋଲାକୃତି କୁମ୍ଭି ଭିତରେ କିଛି ଲୁହା ଗୁଲି ଭର୍ତ୍ତି କରାଯାଇଥାଏ । ଏହାକୁ ଧରିବା ପାଇଁ ବେଣ୍ଟ ଲାଗିଥାଏ । ଏହା ଝଣଝଣ ଶବ୍ଦ କରିଥାଏ ।

## ଧୁତୁରା (a musical instrument)



ଧୁତୁରା ହେଉଛି, ଗଣ୍ଡ, କନ୍ଧ ଓ ପରଜାମାନେ ବ୍ୟବହାର କରୁଥିବା ଅତି ଚମତ୍କାର ପାରମ୍ପରିକ ବାଦ୍ୟ ଯନ୍ତ୍ର । ଏହା କେବଳ ଏକ ନିଦା କାଠ ଗଣ୍ଡିରୁ ନିର୍ମିତ ହୋଇଥାଏ । ଏଥିରେ ଚମଡା ଛାଉଣି କରାଯାଇ ନଥାଏ । ଏକ କାଠ ଗଣ୍ଡିକୁ ଖୋଦେଇ କରି ଏକ କୁଲା ଆକୃତିର ବାଦ୍ୟ ଯନ୍ତ୍ର ପ୍ରସ୍ତୁତ କରାଯାଏ । ଏହା ହିଁ ଧୁତୁରା । ଏଥିରେ ଏକ ଦଉଡି/ଫିତା ଲଗାଯାଇଥାଏ । ଏହି ଫିତାକୁ ଅଣ୍ଟାରେ ବାନ୍ଧି ଗଣ୍ଡ ଧାଙ୍ଗଡ଼ାଟି ଦୁଇ ଖଣ୍ଡ ମୋଟା କାଠି

Digitized by srujanika@gmail.com

ସାହାଯ୍ୟରେ ଏହା ଉପରେ ପିଟିଥାଏ । କାଠ ହଣା ଚଢ଼େଇ କାଠରେ ଥଣ୍ଟ ପିଟୁଥିବା ଭଳି ଶବ୍ଦ ଏଥିରୁ ନିର୍ଗତ ହୋଇଥାଏ । ବିଶେଷକରି ମଇଁଷି ବେକରେ ବନ୍ଧାଯାଇଥିବା କାଠ ଘଣ୍ଟିର ଠକ୍‌ଠାକ୍ ଠକ୍‌ଠାକ୍ ଶବ୍ଦ ଭଳି ଏହା ହୋଇଥାଏ ।

**ଚିଟ୍‌କଲି** (a musical instrument)



ଚିଟ୍‌କଲି ହେଉଛି ଗିନି ଭଳି କାଠରେ ନିର୍ମିତ ଏକ ଛୋଟ ବାଦ୍ୟଯନ୍ତ୍ର । ଏହାକୁ ଆଦିବାସୀ ଯୁବତୀମାନେ, ବିଶେଷକରି ଗଣ୍ଡ ଯୁବତୀମାନେ ଦାଶକାଠିଆ ଭଳି ଗୋଟିଏ ହାତରେ ଧରି ବଜେଇଥାନ୍ତି ।

**ଖଟ୍‌ଲା** (a musical instrument)



ଖଟ୍‌ଲା, ନବରଙ୍ଗପୁର ଅଞ୍ଚଳର ଆଦିବାସୀ ବ୍ୟବହାର କରୁଥିବା ଏକ କାଠ ନିର୍ମିତ ବାଦ୍ୟଯନ୍ତ୍ର । ଏହା ଦେଖିବାକୁ ଧୁତୁରା ଭଳି ଏବଂ ଏହା ଏକ ନିଦା କାଠ ଗଣ୍ଡିରୁ ନିର୍ମିତ ହୋଇଥାଏ । ଏଥିରେ ଚମଡାର ଆବଶ୍ୟକ ହୋଇ ନଥାଏ । କେବଳ କାଠ ଗଣ୍ଡିକୁ ଖୋଦେଇ କରି ଏକ କୁଲା ଆକୃତିର କରାଯାଏ । ଏହାର ମଧ୍ୟ ଭାଗରେ ହାତ ପଶିଲା ପରି ଦୁଇଟି

Digitized by srujanika@gmail.com

ଗର୍ତ୍ତ କରାଯାଇଥାଏ । ଏହି ଦୁଇଟି ଗର୍ତ୍ତରେ ହାତ ଗଳେଇ ବାଦ୍ୟଯନ୍ତ୍ରଟିକୁ ପେଟ ସାମନାରେ ରଖି ଦୁଇ ଖଣ୍ଡ କାଠି ସହାୟତାରେ ବାଦକଟି ବଜେଇଥାଏ । ଏଥିରେ ଏକ ଦଉଡି/ଫିତା ଲଗାଯାଇ ନଥାଏ । ମୋଟ ଉପରେ କହିବାକୁ ଗଲେ, ଏହି ବାଦ୍ୟଯନ୍ତ୍ରଟି ଦୁଇଟି ଗର୍ତ୍ତ ଥିବା ଏକ କାଠ ପଟା । ଏହା ମଧ୍ୟ ଧୁତୁରା ଭଳି କାଠ ହଣା ଚଢ଼େଇ କାଠରେ ଥଣ୍ଟ ପିଟୁଥିବା ଭଳି ଶବ୍ଦ ଏଥିରୁ ନିର୍ଗତ ହୋଇଥାଏ । ବିଶେଷକରି ମଇଁଷି ବେକରେ ବନ୍ଧାଯାଇଥିବା କାଠ ଘଣ୍ଟିର ଠକ୍‌ଠାକ୍ ଠକ୍‌ଠାକ୍ ଶବ୍ଦ ଭଳି ଏହା ହୋଇଥାଏ ।

**ଝିକା** (a musical instrument)




ଏହା ଏକ କାଠ ନିର୍ମିତ ବାଦ୍ୟଯନ୍ତ୍ର । ନବରଙ୍ଗପୁର ଅଞ୍ଚଳର ଆଦିବାସୀମାନେ ଏହି ବାଦ୍ୟଯନ୍ତ୍ରଟିର ବହୁଳ ବ୍ୟବହାର କରିଥାନ୍ତି । ସନ୍ଧିପଦ ଜୀବ ଭଳି ଏହି ବାଦ୍ୟଯନ୍ତ୍ରଟି କେତେ ଖଣ୍ଡ କାଠ ପଟାର ସମାହାରରେ ନିର୍ମିତ ହୋଇଥାଏ । ଏହି ଛୋଟଛୋଟ କାଠ ପଟାକୁ ପରସ୍ପର ସହ ସୁତା କିମ୍ବା ହୁଗୁଳା ନଟ୍ ବୁଲ୍‌ଟ ଦ୍ୱାରା ସଂଯୋଗ କରାଯାଇଥାଏ । କାଠ ପଟାଗୁଡିକର ସଂଯୋଗସ୍ଥଳ ହୁଗୁଳା ହୋଇଥିବାରୁ ଏହା ସହଜରେ ସଂକୋଚିତ ଓ ସଂପ୍ରସାରିତ ହୋଇଥାଏ । ଏହାକୁ ସଂକୋଚନ ଓ ସଂପ୍ରସାରଣ କଲାବେଳେ ଏଥିରୁ ଠକ୍ ଠକ୍ କରି ଶବ୍ଦ ନିର୍ଗତ ହୋଇଥାଏ ।

**ଶିଂଗା**

(a musical instrument):

'ଶିଂଗା' ହେଉଛି ମଇଁଷି ଶିଙ୍ଗ କିମ୍ବା ଧାତୁ ନିର୍ମିତ ଶିଙ୍ଗ ଆକୃତିର ଏକ ବାଦ୍ୟ । ଏଥିରୁ ଶଙ୍ଖ ଭଳି ଗମ୍ଭୀର ଧ୍ୱନି ନିର୍ଗତ ହୋଇଥାଏ । ଉଭୟ ସୁଖ ଓ ଦୁଃଖ ସମୟରେ ଏହାକୁ ବଜାଯାଇଥାଏ । ଏହି ବାଦ୍ୟ ବଜାଇଲେ ଗାଁ ଲୋକେ ଏକତ୍ରିତ ହୋଇଥାନ୍ତି । ଗାଁକୁ କୌଣସି ବିପଦ ମାଡି

Digitized by srujanika@gmail.com



ଆସିଲେ କିମ୍ବା ଜଙ୍ଗଲରେ କୌଣସି ଦୁରୁଆ ବାଘ ହାବୁଡ଼ରେ ପଡ଼ିଛି କିମ୍ବା ପର୍ବପର୍ବାଣୀ ସମୟରେ ଶିଙ୍ଗା ବଜାଯାଏ । ବେଣ୍ଟ ଯାତ୍ରା ସମୟରେ ଜଣେ ଦୁରୁଆ ଯୁବକ ଆଗେଆଗେ ଶିଙ୍ଗା ବଜେଇ ଚାଲେ ଓ ତା ପଛେପଛେ ଅନ୍ୟ ଯୁବକମାନେ ବେଣ୍ଟ (ଶିକାର) କରିବାକୁ ଜଙ୍ଗଲ ଅଭିମୁଖେ ବାହାରନ୍ତି ।

## କିଡ଼ିଙ୍ଗ

(a musical instrument):

କିଡ଼ିଙ୍ଗ ବା ଢୋଲ ହେଉଛି ବଣ୍ଡାମାନେ ବ୍ୟବହାର କରୁଥିବା ଏକ ପ୍ରମୁଖ ବାଦ୍ୟଯନ୍ତ୍ର । ଏହି ବାଦ୍ୟଯନ୍ତ୍ରଟି ସିଲିଣ୍ଡର ଆକୃତିର ଏକ ଫମ୍ପା ମାଟିପାତ୍ର । ଏହାର ଡାହାଣ ପାର୍ଶ୍ୱସ୍ଥ ମୁହଁଟି ବଡ଼ ଓ ବାମ ପାଖର ମୁହଁଟି ସାନ ହୋଇଥାଏ । ବାମ ପାର୍ଶ୍ୱର ମୁହଁକୁ ଛେଳି ଚମଡ଼ା **(ଜାଙ୍ଗ୍‌ଜାଙ୍ଗ୍)** ଦ୍ୱାରା ଏବଂ ଡାହାଣ ପାର୍ଶ୍ୱର ମୁହଁକୁ ଗୋରୁ ଚମଡ଼ା **(ତୁଙ୍ଗ୍‌ତୁଙ୍ଗ୍)** ଦ୍ୱାରା ଛାଉଣୀ କରାଯାଇଥାଏ । ଜାଙ୍ଗ୍‌ଜାଙ୍ଗ୍‌କୁ ହାତରେ ଏବଂ ତୁଙ୍ଗ୍‌ତୁଙ୍ଗ୍‌କୁ ବାଡ଼ିରେ ପିଟାଯାଇଥାଏ । ଏହାକୁ ବେକରେ ଝୁଲାଇ ପେଟ ଉପରେ ରଖି ଦୁଇ ହାତରେ ବଜା ଯାଇଥାଏ । ଟାମ ହେଉଛି ଟାମକ୍ । ଏହା ଛୋଟ ମାଟି ହାଣ୍ଡି ଓ ଗୋରୁ ଚମଡ଼ାରୁ ପ୍ରସ୍ତୁତ ହୋଇଥାଏ । ଏହାର ଗୋଟିଏ ମୁହଁ ଥାଏ ।

## ପିନେ

(a musical instrument ):

'ପିନେ' ହେଉଛି ମଇଁଷି ଶିଙ୍ଗରୁ ପ୍ରସ୍ତୁତ ଏକ ବାଦ୍ୟଯନ୍ତ୍ର । ବଣ୍ଡା ଜନଜାତିର ଏହା ଏକ ପ୍ରିୟ

Digitized by srujanika@gmail.com

ବାଦ୍ୟଯନ୍ତ୍ର । ମଇଁଷି ଶିଙ୍ଗର ଅଗ୍ରଭାଗକୁ ସାମାନ୍ୟ କାଟି କଣା କରାଯାଏ । ଏହି କଣା ବାଟେ ଖୁବ୍ ଜୋରରେ ଫୁଙ୍କିଲେ ଏଥିରୁ ଶଙ୍ଖ ଧ୍ୱନି ଭଳି ଶବ୍ଦ ନିର୍ଗତ ହୋଇଥାଏ । ଏହାକୁ ବଣ୍ଡାମାନେ ନିଜେ ତିଆରି କରିଥାନ୍ତି । ମୁଖ୍ୟତଃ ଚଇତ ପରବ ବେଳେ ବଣ୍ଡାମାନେ ଶିକାର କରିବାକୁ ଗଲାବେଳେ ଏହି ବାଦ୍ୟ ଯନ୍ତ୍ରକୁ ବଜେଇ ଥାନ୍ତି । ଦୁରୁଆମାନଙ୍କ ଭଳି ବଣ୍ଡାମାନେ ଏହାକୁ ଉଭୟ ସୁଖ ଓ ଦୁଃଖ ସମୟରେ ବଜାଇଥାନ୍ତି । ଏହି ବାଦ୍ୟ ବଜାଇଲେ ଗାଁ ଲୋକେ ଏକତ୍ରିତ ହୋଇଥାନ୍ତି । ଗାଁକୁ କୌଣସି ବିପଦ ମାଡି ଆସିଲେ କିମ୍ବା ଜଙ୍ଗଲରେ କୌଣସି ବଣ୍ଡା ବାଘ ହାବୁଡରେ ପଡିଛି କିମ୍ବା ପର୍ବପର୍ବାଣୀ ସମୟରେ 'ପିନେ' ବଜାଯାଏ ।

## ଗୁନୁଙ୍ଗ୍

(a musical instrument ):

'ଗୁନୁଙ୍ଗ' ହେଉଛି ବାଉଁଶ କିମ୍ବା ଲୁହାରେ ନିର୍ମିତ ଏକ ପାରମ୍ପରିକ ବଣ୍ଡା ବାଦ୍ୟଯନ୍ତ୍ର । ୮/୧୦ ଆଙ୍ଗୁଳି ଲମ୍ବର ଏକ ସରୁ ବାଉଁଶ ପାତିଆକୁ ମଝିରୁ କାଟି ତିନି କେନିଆ ତ୍ରିଶୁଳ ଆକାରର କରାଯାଏ । ଏହାର ପଛ ପଟରେ ଏକ ସୁତା ଲଗାଯାଇଥାଏ । ତ୍ରିଶୁଳ ପରିଥିବା ଏହି ଗୁନୁଙ୍ଗର ଅଗ୍ରଭାଗକୁ ବାମ ହାତରେ ଧରି ମଧ୍ୟ ଭାଗକୁ ଓଠରେ କାମୁଡି ଡାହାଣ ହାତରେ ସୁତାକୁ ଟାଣିଲେ କମ୍ପନ ସୃଷ୍ଟି ହୋଇଥାଏ ଏବଂ ଏଥିରୁ ଏକ ସୁମଧୁର ସ୍ୱର ସୃଷ୍ଟି ହୋଇଥାଏ । ସେହିପରି ଲୁହାରେ ମଧ୍ୟ ଗୁନୁଙ୍ଗ ତିଆରି କରାଯାଇଥାଏ । ଏଥିରେ ମଝି ଦଣ୍ଡଟି ସରୁ ହୋଇଥାଏ ଏବଂ ଅଗ୍ରଭାଗଟି ସାମାନ୍ୟ ବକ୍ର ହୋଇଥାଏ । ଏଥିରେ ସୁତା ଲାଗି ନଥାଏ । ଏହି ଗୁନୁଙ୍ଗର ଲମ୍ବି ଥିବା ବେଣ୍ଟକୁ ବାମ ହାତରେ ଧରି ଅଗ୍ରଭାଗକୁ ଓଠରେ କାମୁଡି ସରୁ ବକ୍ର ଦଣ୍ଡକୁ ଡାହାଣ ହାତ ଆଙ୍ଗୁଳିରେ କମ୍ପନ କଲେ ମଧୁର ସ୍ୱର ବାହାରିଥାଏ । ଏହାକୁ ଧାଙ୍ଗଡା, ଧାଙ୍ଗିଡିମାନେ ଧାଙ୍ଗଡା, ଧାଙ୍ଗିଡ଼ି ବସାରେ ଥିଲାବେଳେ ବଜାଇଥାନ୍ତି ।

## ତୁନରକୁପ

(a musical instrument):

'ତୁନରକୁପ' ବାଉଁଶ କିମ୍ବା କାଠରୁ ନିର୍ମିତ ହୋଇଥାଏ । ଗୋଟିଏ ବାଉଁଶ ପବକୁ ଦୁଇ ମୁଣ୍ଡରୁ କଟାଯାଏ, ଯେଉଁଥିରେ ଦୁଇଟି ଗଣ୍ଠି ଦୁଇ ପାର୍ଶ୍ୱରେ ଥାଏ ଏବଂ ଉଭୟ ପାର୍ଶ୍ୱ ବନ୍ଦ ଥାଏ । ଏହି ବାଉଁଶ ଖଣ୍ଡର ମଝିରେ ଏକ ଗାତ ଖୋଳାଯାଇଥାଏ । ସେହିପରି ଆଉ ଖଣ୍ଡେ କାଠ ଗଣ୍ଡିକୁ ଖୋଳି ମଧ୍ୟ ଭାଗକୁ ଫାଙ୍ଗା କରାଯାଏ ଏବଂ ଏହାର ଉଭୟ ପାର୍ଶ୍ୱ ବନ୍ଦ ଥାଏ ।

Digitized by srujanika@gmail.com

ବାଉଁଶ ଉପର ପାର୍ଶ୍ୱରେ କରାଯାଇଥିବା ଲମ୍ବା ଗାତ ପରି ଏକ ଗାତ କରାଯାଇଥାଏ । ଏହି ଗାତର ଉପରେ ଦୁଇ ଖଣ୍ଡ ବାଡି ସହାୟତାରେ ଆଘାତ କଲେ ଏଥିରୁ ଏକ ଶବ୍ଦ ନିର୍ଗତ ହୋଇଥାଏ । ଏହାକୁ ବଣ୍ଡାମାନେ କ୍ଷେତ ଜଗିଲାବେଳେ ବ୍ୟବହାର କରିଥାନ୍ତି ।

## ନେପ

(bell):

'ନେପ' ହେଉଛି ପିତଳ ନିର୍ମିତ ଏକ ଗୋଲାକାର ଘଣ୍ଟି । ଏହାକୁ ସବୁ ସମୟରେ ବଜେଇବା ମନା । ବଣ୍ଡାମାନେ ଏହାକୁ କେବଳ ପୁଷ୍ ପୁନେଇଁ (ସୁମେଗେଲିରାକ୍), ମାଘ ପରବ୍ (ସୁସୁଗିଗେ), ଚଇତ ପରବ (ଗିଆଗଗିଗେ) ଅବସରରେ ବଜାଇଥାନ୍ତି ।

## ଗୁଜୁଡ୍ ଡୁଡୁ

(sound producing a long stick):

ନାଚ ସମୟରେ କୋୟା ଯୁବତୀମାନେ ହାତରେ କାଠ କିମ୍ବା ବାଉଁଶର ଏକ ଲାଠି ଧରିଥାନ୍ତି, ଏହାକୁ ମଧ୍ୟ 'ଗୁଜୁଡ୍ ଡୁଡୁ' କୁହାଯାଏ । 'ଗୁଜୁଡ୍ ଡୁଡୁ' ହେଉଛି ବାଉଁଶ ବା କାଠ ନିର୍ମିତ କୋୟା ବାଦ୍ୟଯନ୍ତ୍ର ଏବଂ ଏହାର ଅଗ୍ରଭାଗରେ ଘୁଙ୍ଗୁରର ଏକ ମାଳ ଖଞ୍ଜା ଯାଇଥାଏ । ଏହାକୁ ନୃତ୍ୟ ସମୟରେ ବ୍ୟବହାର କରାଯାଉଥିବା ଏକ ନୃତ୍ୟ ଦଣ୍ଡ ବୋଲି ବୁଝାଯାଇଥାଏ । କୋୟା ଯୁବତୀମାନେ ଏହି ନୃତ୍ୟ ଦଣ୍ଡକୁ ଭୂମିରେ ପିଟିଲେ ସେଥିରୁ ଝଣଝଣ ଶବ୍ଦ ଉତ୍ପନ୍ନ ହୋଇଥାଏ । କୋୟା ଯୁବକର ଢୋଲ, ଯୁବତୀର 'ଗୁଜୁଡ୍ ଡୁଡୁ' ଓ ଗୀତର ସମ୍ମିଶ୍ରଣରେ ଏକ ସୁନ୍ଦର ନୃତ୍ୟ ଓ ସଂଗୀତମୟ ପରିବେଶ ସୃଷ୍ଟି ହୋଇଥାଏ । କୋୟାମାନେ ଢୋଲରେ ବିଭିନ୍ନ ତାଳ, ବୋଲ୍ ଦେଇ ବାଜା ବଜାନ୍ତି ଓ ଧାଙ୍ଗିଡ଼ିମାନେ ବାଦ୍ୟର ତାଳେତାଳେ ପାଦ ପକେଇ ନୃତ୍ୟ କରନ୍ତି ।



Digitized by srujanika@gmail.com

## *References*

*-Orissa District Gazetteers, Koraput -R.C.S. Bell, Published by Orissa Govt. Press, Cuttack (1945)*

*-Tribal Dances of India, Edited by Dr. Robin D. Tribhuwan & Mrs. Preeti R. Tribhuwan, Discovery Publishing house, New Delhi, 1999*

*-Paraja Life & Culture -Ranjan Pradhan, Published by Prajnan Parimita, Kendrapada, Orissa (2007)*

*-Orissa District Gazetteers, Koraput (1966) -N. Senapati & N.K. Sahu*

*-The souvenirs PARAB -District Council of Culture, Koraput*

*-Tourism & Culture of Nabarangapur District -Ranjan Pradhan, Published by Prajnan Parimita, Kendrapada, Orissa (2007)*

*-Tribal Dance and Songs -S. G. Deogaonkar and Shailaja Deogaonkar, Concept Publishing Company (2003)*

*-Dance of Govinda -Ashok K. Banker, Harper Collins Publishers India (2011)*

*-The Royal Ballet -Zoe Anderson, Published by Faber and Faber*

*-The Indian Classical Dance -Shovana Narayan, Published by New dawn press group, New Delhi (2005)*

*-India's Dances -Reginald Massey, Published by Shakti Malik, Abhinav Publications, Hauz Khas, New Delhi (2004)*

*-Dance Dialects of India -Ragini Devi, Published by Motilal Banarsidass, New Delhi (1972)*

*-Folk Dance of Orissa -Dhirendra Nath Pattanaik, Published by Orissa Sangita Natak Akademi (2000)*

*-Tradition of Indian Folk Dance -Kapila Vatsyayan Published by Clarion Books, New Delhi (2010)*

*-Rhythmic Rhapsodies (Folk Dance of Eastern India) -Gouri Basu, Priyanka Mookerjee Published by Eastern Zonal Cultural Centre, Kolkata (2006)*

Digitized by srujanika@gmail.com



## ରଂଜନ ପ୍ରଧାନଙ୍କ 'ଆଦିବାସୀ ନାଚ ଓ ଗୀତ' ଏକ ଅମୂଲ୍ୟ କୃତୀ

ଓଡ଼ିଶାର ସାଂସ୍କୃତିକ ପରଂପରା ବହୁବର୍ଣ୍ଣୀ । ସାମାଜିକ ବିବିଧତା ଭିତ୍ତିରେ ସାଂସ୍କୃତିକ ଭିନ୍ନତା ଏହାର ବୈଶିଷ୍ଟ୍ୟ । ଭିନ୍ନଭିନ୍ନ ସମୟରେ ଭିନ୍ନଭିନ୍ନ ସଂସ୍କୃତି ଓ ସଭ୍ୟତା ଏହି ମାଟିକୁ ଆଗମନଜନିତ ବିବିଧ ସାଂସ୍କୃତିକ ମଞ୍ଚ ଗଠିତ ହୋଇପାରିଛି । ଏହି ସାଂସ୍କୃତିକ ପ୍ରବାହର ମୂଳ ସ୍ରୋତକୁ ଖୋଜିବାକୁ ଗଲେ ଆମକୁ ପ୍ରାଚୀନ ଜନଜାତିଙ୍କ ନିକଟକୁ ଫେରିଯିବାକୁ ହେବ । ସେମାନଙ୍କ ସାଂସ୍କୃତିକ ଗ୍ରନ୍ଥୀକୁ ଫିଟାଇଲେ ବହୁ ପରଂପରାର ଉ   ଖୋଲିଯାଏ । ପ୍ରକୃତି ଉପରେ ନିର୍ଭରଶୀଳ, ପରଂପରା ପ୍ରତି ଏକନିଷ୍ଠ ଓ ସରଳ ଆଦିବାସୀଙ୍କ ସାଂସ୍କୃତିକ ପଛଭୂମି ଉପରେ ଓଡ଼ିଶାର ସାଂସ୍କୃତିକ ପରଂପରା କ୍ରମ ବିକଶିତ ହୋଇଛି ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଜନଜାତି ସଂସ୍କୃତିର ଅନ୍ୟତମ ବିଭବ ପ୍ରଦର୍ଶନ କଳାକୁ ଲକ୍ଷ୍ୟ କଲେ ଏହାର ସମୃଦ୍ଧ ଓ ମୌଳିକ ଦିଗଟି ବାରିହୁଏ । ଦୁଃଖକଷ୍ଟର ଚୌହଦି ମଧ୍ୟରେ ଜୀବନକୁ ଉପଭୋଗ କରିବା ଓ ବଞ୍ଚିବା ମୂଳରେ ପ୍ରଦର୍ଶନ କଳାର ପରିପ୍ରକାଶ ଏକ ମୁଖ୍ୟ ମାଧ୍ୟମ । ସାରା ଦିନର କ୍ଳାନ୍ତି ଓ ଅନୁଭୂତି, ସାରା ଜୀବନର ଅପାସୋରା ସ୍ମୃତି ସହ ଆଦିଗନ୍ତ ପ୍ରକୃତି ଓ ସନ୍ନିହିତ ପରିବେଶକୁ ନେଇ ଜନଜାତିର ଜଗତ ଏବଂ ସଂଗୀତ ରୁଦ୍ଧିମନ୍ତ ହୋଇଛି । ଜନଜାତି ସାଂସ୍କୃତିକ ଜଗତରେ ସୃଜନଶୀଳତାର ଗଭୀର ସ୍ୱାକ୍ଷର ସମଗ୍ର

Digitized by srujanika@gmail.com

ପରିବେଶରେ ଅନୁରଣିତ ହେବା ନିତି ପ୍ରତିଦିନର ଘଟଣା । କିନ୍ତୁ ଏହି ପ୍ରଦର୍ଶନ ଲୋକକଳା ସେମାନଙ୍କର ଅବସର ବିନୋଦନର ସାମଗ୍ରୀ ହୋଇ ରହିଯାଇନି । ସେମାନଙ୍କର ସାମାଜିକ ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ ଏହି ନୃତ୍ୟ ଓ ସଂଗୀତ କଳା । କିଶୋରୀ, କିଶୋରମାନଙ୍କର ଜୀବନାଭୂତିର ଆବେଗ, ଭାବପ୍ରବଣତା, ପ୍ରେମର ସନ୍ଦେଶ, ପରିବେଶ ଓ ପରଂପରା ସଂପର୍କିତ ଜ୍ଞାନକୌଶଳ, ବିବାହ, ମୃତ୍ୟୁ ଓ ଜନ୍ମ ପରି ବିଶେଷ ମୁହୂର୍ତ୍ତମାନଙ୍କର ଆନନ୍ଦ, ବିରହଜନିତ ସୁଖଦୁଃଖର ଫେଣ୍ଟାଫେଣ୍ଟି ଭାବ, ବୈବାହିକ ଜୀବନ, ଦାୟିତ୍ୱବୋଧ, ଦେବଦେବୀଙ୍କ ମାହାତ୍ମ୍ୟ ଆଦି ଏହି ପ୍ରଦର୍ଶନ କଳା ମାଧ୍ୟମରେ ପ୍ରକାଶ ପାଇଥାଏ ।

ବୟସ, ଲିଙ୍ଗ ନିର୍ବିଶେଷରେ ସେମାନଙ୍କର ସଂଗୀତ, ନୃତ୍ୟାନୁଷ୍ଠାନରେ ଅଂଶଗ୍ରହଣ ମଧ୍ୟ ଅନ୍ୟତମ ଆକର୍ଷଣ । ଗୁରୁ ପରଂପରା ନାହିଁ । ଆକଟ ନାହିଁ । ସମୟ, ଲିଂଗ, ବୟସଭେଦ ନାହିଁ । ବାଜା ବାଜିଲେ ଆସର ଜମେ । ସମୟ ସୁବିଧା ଅନୁସାରେ ମନର ଆବେଗକୁ ରୋକି ନପାରି ଯୁବକ, ଯୁବତୀ ନାଚଗୀତରେ ମସ୍‌ଗୁଲ୍ ହୋଇ ସମୟ କାଟି ଦିଅନ୍ତି ।ବାଦ୍ୟଯନ୍ତ୍ରର କୋରସ୍ ସାଙ୍ଗକୁ ସଂଗୀତର ଲହର ପରିବେଶକୁ ଉଷ୍ମ କରିଦିଏ । ଯୁବକ, ଯୁବତୀର ମନ ମିଳିଯାଏ । ନୂତନ ସଂସାର, ନୀଡ ରଚନା ପାଇଁ ରାସ୍ତା ଫିଟିଯାଏ ।

ଜନଜାତି ନୃତ୍ୟଗୀତ ବହୁବର୍ଣ୍ଣା । ବିବାହରେ, ଜନ୍ମ ଉ ବରେ, ପୂଜା ପାର୍ବଣରେ, ଅବସର ସମୟରେ ପ୍ରତ୍ୟକ ବିଧାନ ପାଇଁ ସ୍ୱତନ୍ତ୍ର ନୃତ୍ୟଗୀତ ରହିଛି । ଆଦିବାସୀଙ୍କ ନୃତ୍ୟଗୀତ ଏକ ଗୋଷ୍ଠୀଗତ କାର୍ଯ୍ୟକ୍ରମ । ଜନଜାତି ନୃତ୍ୟ ସଂଗୀତର ଧାରା ଋତୁଚକ୍ରରେ ଜୀବିକା ନିର୍ବାହର ବିବିଧ ପର୍ଯ୍ୟାୟରେ ସଂପାଦିତ ହୁଏ । ଏହାକୁ ନେଇ ନୃତ୍ୟର ଆସର ଜମେ । ଶସ୍ୟ ଅମଳ ପରେ ସାମାଜିକ କର୍ମାନୁଷ୍ଠାନର ପାଳି ପଡେ । ଅମଳ ପରେ ଅଭାବ ନଥିବାରୁ ଆଦିବାସୀ ଯୁବକ, ଯୁବତୀ ଗୀତ ଗାଇ ଓ ନାଚି ଜୀବନକୁ ଉପଭୋଗ କରିବାକୁ ଆଗେଇ ଆସନ୍ତି ।ମାତ୍ର, ସମୟ ବିଦଳିବା ସହିତ ଆଦିବାସୀଙ୍କ ସଂସ୍କୃତିରେ ବହୁତ ପରିବର୍ତନ ଘଟିଲାଣି । ଇଲେକେଟ୍ରୋନିକ୍ସ ଯନ୍ତ୍ରପାତିର ବହୁଳତା ହେତୁ କଳା କ୍ଷେତ୍ର ମଧ୍ୟ ପ୍ରଭାବିତ ହେଉଛି । ଏକଦା ଜନଜାତି ସଂସ୍କୃତିକୁ ପାଥେୟ କରି ମହାଭାରତୀୟ ସଂସ୍କୃତି ପୁଷ୍ଟ ହୋଇଥିଲା । ଲୋକ ସଂସ୍କୃତି ନଗର ସଂସ୍କୃତିରେ ପରିବର୍ତ୍ତିତ ହୋଇଥିଲା । ଜନଜାତି ପରଂପରାରୁ ଆସି ଅନେକ ପ୍ରଦର୍ଶନ କଳା, ପରଂପରା ମହାସ୍ରୋତରେ ସାମିଲ୍ ହୋଇଛନ୍ତି । ଜନଜାତି ବିଲକ୍ଷଣମାନ ଥିଲେ ମଧ୍ୟ ସେସବୁ ନଗର ରୂପ ପରିଗ୍ରହଣ କରି ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ଲାଗିଛି । ଛଉ ନୃତ୍ୟ ଆଦିବାସୀ ପରଂପରାରୁ ଉଦ୍‌ଭବ ହୋଇ ସୁଦ୍ଧା ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଲାଭ କରିପାରିଛି । ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ନୃତ୍ୟ, ପରଭା ନୃତ୍ୟ ପ୍ରମୁଖ ଏହି ପର୍ଯ୍ୟାୟକୁ ଉନ୍ନୀତ ହେବାରେ ଲାଗିଛି । ସଂପ୍ରତି କୋରାପୁଟ ଅଞ୍ଚଳର ଢେମ୍‌ସା ନୃତ୍ୟରେ ଅନେକ ଲୋକ

Digitized by srujanika@gmail.com

ବିଲକ୍ଷଣ ପ୍ରକାଶ ପାଇବାରେ ଲାଗିଛି । ଏହା ସହରୀ ଜନତାର ସମାଦର ଲାଭ କରିବାରେ ସକ୍ଷମ ହୋଇଛି ।

ଯୁଗ ବଦଳିବା ସହିତ ଜନଜାତି ସଂସ୍କୃତିରେ ଅନେକ ଅବକ୍ଷୟ ଦେଖ ଦେଲାଣି । ଏବେ ଆଦିବାସୀ ଗାଁର ଧାଂଗଡା, ଧାଂଗିଡି ସନ୍ଧ୍ୟାବେଳେ ଗାଁରେ ନାଚ କରିବାକୁ ମନ ବଳାଉ ନାହାନ୍ତି । ପାଠ ପଢି ଉଚ୍ଚ ଶିକ୍ଷିତ ହେବାପରେ ଆଦିବାସୀ ଯୁବକଟିଏ ସହରମୁହାଁ ହୋଇ ନିଜର ପରଂପରାକୁ ଭୁଲିଯିବାକୁ ବସିଛି । ପରିବର୍ତ୍ତନ ସ୍ୱାଭାବିକ । ତାକୁ ପ୍ରତିହତ କରିବାର କ୍ଷମତା କାହାର ନାହିଁ । ଯୁଗ ଲକ୍ଷଣକୁ ନେଇ ଏହା ଗତିଶୀଳ । ଲୋକନାଟ୍ୟ ପରଂପରାକୁ ନୂତନ ରୂପ ଦେବାରେ ହବିବ୍ ତନଭିର ଭଳି ଜଣେ କଳା ସଂରକ୍ଷକଙ୍କ ଆବଶ୍ୟକତା ରହିଛି । ବଣ ଜଂଗଲରୁ ଏହି ନୃତ୍ୟକୁ ଆଣି ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇବାର ଆବଶ୍ୟକତା ରହିଛି । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ· ଗିରିଧାରୀ ଗମାଙ୍ଗଙ୍କ ସଉରା ସଂଗୀତ କଳାର ପ୍ରସାର କୌଶଳ ମଧ୍ୟ ବେଶ୍ ଅଭିନବ ମନେହୁଏ । ଆସାମ, ନାଗାଲାଣ୍ଡ, ମଣିପୁର, ହିମାଚଳପ୍ରଦେଶ, ଗୁଜୁରାଟର ବିଭିନ୍ନ ଆଦିବାସୀ ନୃତ୍ୟଶୈଳୀ ଖୁବ୍ ଆମୋଦଦାୟକ । ସେହିସବୁ ପ୍ରଦେଶମାନଙ୍କରେ ଜନଜାତି ନୃତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ପ୍ରୟାସ ଯଥେଷ୍ଟ ଅଧିକ । ଆମ ଓଡ଼ିଶାରେ ଜନଜାତି ନୃତ୍ୟ ବେଶ ସମୃଦ୍ଧି ଥିବା ସତ୍ତ୍ୱେ ପ୍ରୟାସର ଅଭାବରୁ ଏହା ବିଶ୍ୱ ସ୍ତରରେ ପରିଚିତ ହେବାରେ ବିଳମ୍ବ ଘଟୁଛି । କିଛି ବର୍ଷ ତଳେ ସର୍ବଭାରତୀୟ ଜନଜାତି ନୃତ୍ୟ ପ୍ରତିଯୋଗିତା ମୁମ୍ବାଇରେ ହେଉଥିବାବେଳେ ଓଡ଼ିଶାରୁ ଲୋଧା ସଂପ୍ରଦାୟର ଝିଅମାନଙ୍କ ଦ୍ୱାରା ଅନୁଷ୍ଠିତ ଛଉ ନୃତ୍ୟ ଏବଂ ଗଜପତି ଜିଲ୍ଲାର ସଉରା ନୃତ୍ୟ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇ ଓଡ଼ିଶାର ଗୌରବ ବୃଦ୍ଧି କରିବାରେ ସହାୟକ ହୋଇଥିଲା ।

ଜନଜାତି ନୃତ୍ୟ ସଂଗୀତ ନିଜ ଭିତରେ ସୀମିତ । ଏହା ବିଶେଷକରି ଅନ୍ତର୍ମୁଖୀ । ଏହି ଜନଜାତି ନୃତ୍ୟ ସଂସ୍କୃତିକୁ ବଣମୂଲକରେ ସୀମିତ ନ ରଖି ଏହାକୁ ସମଗ୍ର ବିଶ୍ୱସ୍ତରରେ ପହଞ୍ଚାଇବାର ଉଦ୍ୟମ ହେବା ଆବଶ୍ୟକ । ବଜାର ସଂସ୍କୃତିର ପ୍ରତିଯୋଗିତାରେ ଏବେ ଏହି ଜନଜାତି ନୃତ୍ୟ, ସଂଗୀତକୁ ମଧ୍ୟ ସାମିଲ୍ କରାଯିବା ଉଚିତ୍ । କିଛି ମିଶ୍ରଣ ଓ ଅନୁକରଣକୁ ଆପଣେଇ ଜନଜାତି ନୃତ୍ୟରେ ପରିବର୍ତ୍ତନ ଆଣିପାରିଲେ ଏହା ଆଧୁନିକ ସମାଜର ସମାଦର ଲାଭ କରିପାରିବ । ନୃତ୍ୟ ସଂଗୀତର ଉଦ୍ଦେଶ୍ୟ ହେଉଛି ଅନ୍ୟମାନଙ୍କୁ ଆକର୍ଷିତ କରିବା ଓ ଆନନ୍ଦ ପ୍ରଦାନ କରିବା, ମାତ୍ର ଏହି ଆକର୍ଷଣ ଅନ୍ତର୍ମୁଖି ନହୋଇ ବାହାର ଦୁନିଆକୁ ପ୍ରସାରିତ ହେବା ଆବଶ୍ୟକ ।

କୋରାପୁଟର ସଂସ୍କୃତି ନିଆରା ଓ ମୌଳିକ । ଏଠାରେ ଓଡ଼ିଶାର ପ୍ରାୟ ସମସ୍ତ ପ୍ରକାର ଜନଜାତି ବସବାସ କରି ଆସୁଛନ୍ତି । ଏହି କ୍ଷେତ୍ର ଏକ ଭାଷା କ୍ଷେତ୍ର ଏବଂ କଳାକ୍ଷେତ୍ର । ଆଜି

Digitized by srujanika@gmail.com

ବି ନାଟକର ଆଦିପର୍ବ ଏଠାରେ ପ୍ରତ୍ୟକ୍ଷ ଅନୁଭୂତ ହୁଏ । କୋରାପୁଟର 'ଦେଶିଆ ନାଟ'ର ଦର୍ଶକମାନଙ୍କୁ ଅଫୁରନ୍ତ ଆନନ୍ଦ ଯୋଗେଇବାରେ ସମର୍ଥ ହୋଇଥାଏ । ଗୀତ କୁଡିଆ ପରଂପରା କୋରାପୁଟ ମାଟିର ଅନନ୍ୟ ସଂପଦ । ସଂଗୀତ ଏଠି ଜୀବନ୍ତ । ନୃତ୍ୟ ଏଠି ଚପଳଛନ୍ଦା । ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଆଦିବାସୀ ସଂପ୍ରଦାୟର ନୃତ୍ୟ ଓ ସଂଗୀତକୁ ନେଇ ଗବେଷକ ଶ୍ରୀମାନ୍ ରଂଜନ ପ୍ରଧାନ ନିଜର ସାଧନା ଜାରି ରଖିଛନ୍ତି । କୋରାପୁଟ ଅଞ୍ଚଳର ଜନଜାତିଙ୍କ ନୃତ୍ୟ ଓ ଗୀତକୁ ନେଇ ଶ୍ରୀ ପ୍ରଧାନଙ୍କ 'ଆଦିବାସୀ ନାଚ ଓ ଗୀତ' ଗବେଷଣା କାର୍ଯ୍ୟଟି ଜନଜାତି ସାହିତ୍ୟ ଭଣ୍ଡାର ପାଇଁ ଏକ ଅମୂଲ୍ୟ ସଂପଦ ହୋଇ ରହିବ । ପେସାରେ ସାମ୍ବାଦିକ ହୋଇଥିବା ସତ୍ତ୍ୱେ ନିଶା ତାଙ୍କର ସଂସ୍କୃତିକୁ ପରଖିବା । କୋରାପୁଟ ଅଞ୍ଚଳର ଏକ ଦୀର୍ଘ ଅଭିଜ୍ଞତା ଶ୍ରୀ ପ୍ରଧାନଙ୍କୁ ଜନଜାତିଙ୍କ ସଂପର୍କରେ ଗବେଷଣା କରିବାକୁ ବେଶ୍ ସହାୟକ ହୋଇପାରିଛି । ପୂର୍ବରୁ ପରଜାମାନଙ୍କ ସଂପର୍କରେ ଏକ ପ୍ରାଞ୍ଜଳ ଅଧ୍ୟୟନ କରିବାରେ ସଫଳ ହୋଇପାରିଥିବା ଶ୍ରୀ ପ୍ରଧାନ ମଧ୍ୟ କୋରାପୁଟ ଜନଜାତି ଲୋକସାହିତ୍ୟକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛନ୍ତି । ଶ୍ରୀ ପ୍ରଧାନ କୋରାପୁଟ ଅଞ୍ଚଳର ବିଭିନ୍ନ ଜନଜାତି ଲୋକ କାହାଣୀ ଓ ଲୋକ ଗୀତ ସଂଗ୍ରହ କରି ଜନଜାତି ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସହାୟକ ହୋଇପାରିଛନ୍ତି । ତାଙ୍କର ଏହି ଜନଜାତି ଗବେଷଣା ଯାତ୍ରାର ସଫଳ କାମନା କରୁଛି ।

ଡ. ପରମାନନ୍ଦ ପଟେଲ୍
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର



Digitized by srujanika@gmail.com



ନୃତ୍ୟପାଇଁ ଅପେକ୍ଷାରତ ଜଣେ ଭତରା ଯୁବତୀ

Digitized by srujanika@gmail.com



ନୃତ୍ୟପାଇଁ ଅପେକ୍ଷାରତ ଜଣେ ଦୁରୁଆ ଯୁବତୀ



ଜଣେ ଯୋଡି ନାଗରା ବାଦକ

Digitized by srujanika@gmail.com




କୋରାପୁଟ ଅଂଚଳର ପ୍ରସିଦ୍ଧ ଲାଠିଯାତ୍ରା



କୋରାପୁଟ ଅଂଚଳର ପ୍ରସିଦ୍ଧ ଲାଠିଯାତ୍ରା

Digitized by srujanika@gmail.com



କୋରାପୁଟ ଅଂଚଳର ପ୍ରସିଦ୍ଧ ଲାଠିଯାତ୍ରା



ଗଣ୍ଡନାଚର ଏକ ଦୃଶ୍ୟ

Digitized by srujanika@gmail.com



କୋରାପୁଟ ଅଂଚଳର ପ୍ରସିଦ୍ଧ କାଳିସୀ ନାଚ




କୋରାପୁଟ ଅଂଚଳର ପ୍ରସିଦ୍ଧ କାଳିସୀ ନାଚ

Digitized by srujanika@gmail.com



କୋରାପୁଟ ଅଂଚଳର ପ୍ରସିଦ୍ଧ ଢେମ୍‌ସା ନାଚ



ନବରଙ୍ଗପୁରର ଆରାଧ୍ୟ ଦେବୀ ମା'ଭଣ୍ଡାର ଘରଣୀଙ୍କ
ନିକଟକୁ ଆସୁଥିବା ବିଭିନ୍ନ ଗ୍ରାମର ଲାଠି ଶୋଭାଯାତ୍ରା

Digitized by srujanika@gmail.com

# ଲେଖକଙ୍କ ଅନ୍ୟାନ୍ୟ ବହି



୧· ମାଟିଗୀତ (କବିତା ସଂକଳନ)

୨· ତନୁଜା ବଳକୁ ନେଇ ଯେତେସବୁ ବେକାରିଆ ଗପ (ଗପ ସଂକଳନ)

୩· ଭିଟାମିନ୍ (ଗପ ସଂକଳନ)

୪· ନବରଙ୍ଗପୁର ଜିଲ୍ଲାର ସଂସ୍କୃତି ଓ ପର୍ଯ୍ୟଟନ (ଫିଚର ସଂକଳନ)

୫· ବଣ ଡ଼ଙ୍ଗରର ଗପ-ପ୍ରଥମ ଭାଗ, (କୋରାପୁଟିଆ ଆଦିବାସୀ ଲୋକ ଗପ ସଂଗ୍ରହ)

୬· ବଣ ଡ଼ଙ୍ଗରର ଗପ-ଦ୍ୱିତୀୟ ଭାଗ, (କୋରାପୁଟିଆ ଆଦିବାସୀ ଲୋକ ଗପ ସଂଗ୍ରହ)

୭· ପରଜା ଜୀବନ ଓ ସଂସ୍କୃତି (ଗବେଷଣାଧର୍ମୀ ପୁସ୍ତକ)

୮·Tales from hill and jungle
(tribal folk tales of koraput region in English)

୯· ଆଦିବାସୀ ନାଚ ଓ ଗୀତ (ଗବେଷଣାଧର୍ମୀ ପୁସ୍ତକ)

୧୦· ଭାଗବତ ଟୁଂଗି (କବିତା ସଂକଳନ)

୧୧· ତୁମା ଦେବତା ଓ ଅନ୍ୟାନ୍ୟ ଗପ (ଗପ ସଂକଳନ)

**ଲେଖକଙ୍କୁ ଆପଣ ଫୋନ୍ କରିପାରିବେ ;**

**୯୪୩୭୨୧୩୮୫୪**

**ଆପଣ ମେଲ୍ କରିପାରିବେ ;**

ranjan_pragyan@rediffmail.com
pradhanranjan37@yahoo.com

Digitized by srujanika@gmail.com





Digitized by srujanika@gmail.com



a creative odisha publication

Ranjan Pradhan's

# ଆଦିବାସୀ ନାଚ ଓ ଗୀତ



Digitized by srujanika@gmail.com